# ଧରିତ୍ରୀ
DHARITRI

ରାୟଗଡ଼ା, ମଙ୍ଗଳବାର, ନଭେମ୍ବର ୨୦ /୨୦୧୮ (୧୬ ପୃଷ୍ଠା) | Rayagada, Tuesday, November 20 / 2018 | ★

୮ମ ଭାଗ ୨୮୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




## ବିବାହକୁ ଅପେକ୍ଷା କରନ୍ତୁ ଶୁଭେଚ୍ଛୁ: ଆଲିଆ

ମୋ ବିବାହ ଦେଖିବାକୁ ଶୁଭାକାଂକ୍ଷୀମାନେ ଏତେ ତରବର ନ ହୋଇ ଅପେକ୍ଷା କରନ୍ତୁ ବୋଲି ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ପ୍ରକାଶ କରିଛନ୍ତି।

୧୦

୧୩

## ନିର୍ବାଚନ ବର୍ଷରେ ଆର୍ଥିକ ନୀତି ଜାରି ରହିବ

ନିର୍ବାଚନ ବର୍ଷରେ ଦେଶରେ ଆର୍ଥିକ ନୀତି ଜାରି ରହିବ। ଏହା ବଦଳିବ ନାହିଁ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ସ୍ପଷ୍ଟ କରିଛନ୍ତି।








# ବଳରାମପୁରରେ ହେବନି ବିୟର ବଟଲିଂ ପ୍ଲାଣ୍ଟ

ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ)

- ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଅଞ୍ଚଳବାସୀ ଆଶ୍ୱସ୍ତ
- ଦମନକାରୀଙ୍କୁ ଶକ୍ତ ଚାପୁଡ଼ା
- ନିଆଯିବ କାର୍ଯ୍ୟାନୁଷ୍ଠାନ

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ବଳରାମପୁର ନିକଟରେ ପ୍ରସ୍ତାବିତ ବିୟର ବଟଲିଂ ପ୍ଲାଣ୍ଟକୁ ବାତିଲ କରିଦିଆଯାଇଛି। ସେଠାରେ ଆଉ ସେହି ପ୍ଲାଣ୍ଟ ହେବନାହିଁ। ତାହାକୁ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତର କରାଯିବ। ଉତ୍ତରାଞ୍ଚଳ ଆର୍‌ଡିସିଙ୍କ ରିପୋର୍ଟକୁ ଅନୁଧ୍ୟାନ କରିବାପରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏଭଳି ପଦକ୍ଷେପ ସ୍ଥାନୀୟ ବାସିନ୍ଦାଙ୍କ ମନରେ ଆଶ୍ୱସ୍ତି ଭରି ଦେଇଛି। କାରଣ ବିୟର ବଟଲିଂ ପ୍ଲାଣ୍ଟ ପାଇଁ ହୋଇଥିବା ଗଛକଟାକୁ ଗ୍ରାମବାସୀ ପ୍ରବଳ ବିରୋଧ କରିଥିଲେ। କିନ୍ତୁ ପ୍ରଶାସନିକ ଚାପ ପ୍ରୟୋଗ କରାଯାଇ ଗ୍ରାମବାସୀଙ୍କ ବିରୋଧକୁ ଦମନ କରିବା ପାଇଁ ଚେଷ୍ଟା କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଉପରୋକ୍ତ ନିଷ୍ପତ୍ତି ଦ୍ୱାରା ଦମନକାରୀଙ୍କୁ ଶକ୍ତ ଚାପୁଡ଼ା ଲାଗିଛି। ଏପରି କି ଘଟଣାରେ ସମ୍ପୃକ୍ତ ଥିବା ଅଧିକାରୀଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତି ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ଅନ୍ୟପକ୍ଷରେ ଆରଡିସି ଡି.ଭି. ସ୍ୱାମୀ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ଚିଠି ଲେଖି ଗଛକଟା ସ୍ଥାନରେ ଅଧିକ ଗଛ ଲଗାଇବାକୁ ଉଲ୍ଲେଖ କରିଛନ୍ତି।

ବିୟର ବଟ୍‌ଲିଂ ପ୍ଲାଣ୍ଟ ନିର୍ମାଣ ପାଇଁ ଗଛକଟାକୁ ନେଇ ଗତ ଶନିବାର ବଳରାମପୁର ଗ୍ରାମରେ ଅଶାନ୍ତି ସୃଷ୍ଟି ହୋଇଥିଲା। ପୂର୍ବରୁ ମଧ୍ୟ ଅନେକ ଥର ପ୍ଲାଣ୍ଟ ନିର୍ମାଣ ପାଇଁ ପ୍ରଶାସନକୁ ଗ୍ରାମବାସୀଙ୍କ ବିରୋଧର ସମ୍ମୁଖୀନ ହେବାକୁ ପଡିଥିଲା। ତେବେ ଏ ସମ୍ପର୍କିତ ଏକ ମାମଲାର ଶୁଣାଣି ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ଆସନ୍ତା ୨୦ତାରିଖରେ ହେବାର ଥିଲା। ଏହି ଶୁଣାଣି ପୂର୍ବରୁ ପ୍ରଶାସନିକ ଅଧିକାରୀମାନଙ୍କ ଗଛକଟା ନିଷ୍ପତ୍ତିକୁ ସ୍ଥାନୀୟ ବାସିନ୍ଦା ଗ୍ରହଣ କରିପାରି ନ ଥିଲେ। ଏଭଳିସ୍ଥଳେ ପ୍ରଶାସନିକ ଚାପ ପ୍ରୟୋଗ କରାଯାଇ ଶହ ଶହ ଗଛକୁ କାଟିଦିଆଗଲା। ଏହି ଖବର ପାଇବାପରେ ମୁଖ୍ୟମନ୍ତ୍ରୀ ପ୍ରଥମେ ଘଟଣାର ଆରଡିସି ତଦନ୍ତ ନିର୍ଦ୍ଦେଶ ଦେବାସହ ଗଛକଟା ବନ୍ଦ କରିବାକୁ କହିଥିଲେ। ଆର୍‌ଡିସିଙ୍କ ପକ୍ଷରୁ ତୁରନ୍ତ ତଦନ୍ତ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ଏହାପରେ ମୁଖ୍ୟମନ୍ତ୍ରୀ କାଳବିଳମ୍ବ ନ କରି ପ୍ରକଳ୍ପ ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତିକୁ ସବୁ ମହଲରେ ସ୍ୱାଗତ କରାଯାଇଛି।

ମୁଖ୍ୟମନ୍ତ୍ରୀ ଘଟଣାକୁ ନେଇ ଅଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଜଣାପଡିଛି। ଆର୍‌ଡିସି ସ୍ଥାନୀୟ ଜଙ୍ଗଲ ବିଭାଗ ଅଧିକାରୀ,

☞ ପୃଷ୍ଠା–୪

# ଗଛକଟା ଏଡ଼ାଇବାକୁ ଚାଲ୍

ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ)

- ଶାସକ, ବିରୋଧୀଙ୍କ ହଟ୍ଟଗୋଳ
- ଅଧାଦିନ ବରବାଦ
- କେନ୍ଦ୍ର ବିରୋଧକୁ ଅସ୍ତ୍ର କଲା ଶାସକ
- ଅକଳରେ ପଡ଼ିଲେ ବିରୋଧୀ



ଢେଙ୍କାନାଳ ଜିଲା ବଳରାମପୁରଠାରେ ବିୟର ଫ୍ୟାକ୍ଟ୍ରି ନିର୍ମାଣ ପାଇଁ ଶହ ଶହ ଗଛ ଭୂଲୁଣ୍ଠିତ କରିଦିଆଗଲା। ଏହାକୁ ସ୍ଥାନୀୟ ବାସିନ୍ଦା ବିରୋଧ କରିବାରୁ ସରକାର ନିଷ୍ପତ୍ତି ବଦଳାଇବାକୁ ବାଧ୍ୟ ହୋଇଛନ୍ତି। ଏହି ପ୍ରସଙ୍ଗକୁ ନେଇ ବିରୋଧୀ ସୋମବାର ବିଧାନସଭାରେ ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିଥିଲେ। ବିରୋଧୀ ଦଳ ପକ୍ଷରୁ ଦିଆଯାଇଥିବା ମୁଲତବୀ ପ୍ରସ୍ତାବ ଆଲୋଚନା ପାଇଁ ବାଚସ୍ପତି ରାଜି ହୋଇଥିଲେ। ତେବେ ଶାସକ ଦଳ ହଠାତ୍ ନିଜର ରଣନୀତି ବଦଳାଇ ଦେଇଥିଲେ। କାଳେ ସରକାର ଅଡୁଆରେ ପଡିଯିବେ ତାହା ପୂର୍ବରୁ ଆଲୋଚନା ଭଣ୍ଡୁର ପାଇଁ ଷଡ଼ଯନ୍ତ୍ର ହୋଇଥିଲା ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। କାହା ଇଙ୍ଗିତରେ ଗଛ କଟାଗଲା ତାହାର କୈଫିୟତ ତଲବ ପୂର୍ବରୁ ଶାସକ ଦଳ ବିରୋଧୀଙ୍କ ରଣନୀତିକୁ ପ୍ରତିହତ କରିବା ପାଇଁ କେନ୍ଦ୍ର ବିରୋଧକୁ ଢାଲ କରିଥିଲା। ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ମନସ୍ଥ କରିଥିବା ବିରୋଧୀଙ୍କୁ ବିଜେଡି ରଣନୀତି ଅଡୁଆରେ ପକାଇ ଦେଇଥିଲା। ଅନ୍ୟ ଉପାୟ ନ ପାଇ ମାଇଲେଜ ନେବାକୁ ବିରୋଧୀ ଭାଜପା ଓ କଂଗ୍ରେସ ମଧ୍ୟ ନିଜର ରଣନୀତି ବଦଳାଇ ଦେଇଥିଲେ।

ଅନୁସୂଚିତ ଜାତି (ଏସସି) ବର୍ଗର ଛାତ୍ରୀଛାତ୍ରଙ୍କୁ କେନ୍ଦ୍ରରୁ ମିଳୁଥିବା ମାଟ୍ରିକ ପରବର୍ତ୍ତୀ ମେଧାବୃତ୍ତି (ପୋଷ୍ଟ ମାଟ୍ରିକ ସ୍କଲାରଶିପ୍)ରେ ଏବଂ କେନ୍ଦ୍ରୀୟ ଅନୁଦାନ ହ୍ରାସ କରିବା ଏବଂ ସଚିବାଳୟରେ ସିବିଆଇ ପ୍ରବେଶ କରିବା ଘଟଣାକୁ ନେଇ ସୋମବାର ବିଧାନସଭା ହୁଲସ୍ଥୂଲ ହୋଇଥିଲା। ଉଭୟ ଶାସକ ଓ ବିରୋଧୀ ନିଜ ନିଜର ପ୍ରସଙ୍ଗକୁ ନେଇ ବିଧାନସଭାରେ ଗର୍ଜନ କରିଥିଲେ। ଏଥିଯୋଗୁ ଅଧାଦିନ ଗୃହକାର୍ଯ୍ୟ ବରବାଦ ହୋଇଗଲା। ବିରୋଧୀ ଓ ଶାସକ ଦଳଙ୍କ ହଟ୍ଟଗୋଳରେ ବିଧାନସଭା କମ୍ପିଲା। ପରିସ୍ଥିତି ଅସମ୍ଭାଳ ହେବାରୁ ବାଚସ୍ପତି ପ୍ରଦୀପ ଅମାତ ଗୃହକୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ସୋମବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ସଭାକାର୍ଯ୍ୟ ଚଳାଇବା ପାଇଁ ବାଚସ୍ପତି ଗୃହକୁ ପ୍ରବେଶ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ଶାସକ ଦଳ ସଭ୍ୟ ମହେଶ ସାହୁ ଏସ୍‌ସି ବର୍ଗଙ୍କ ପାଇଁ ରାଜ୍ୟକୁ ମିଳୁଥିବା ପୋଷ୍ଟ ମାଟ୍ରିକ ମେଧାବୃତ୍ତି ଅନୁଦାନ କେନ୍ଦ୍ର ସରକାର ହ୍ରାସ କରିଥିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲେଖିଥିବା ଏକ ଚିଠି ଦେଖାଇଥିଲେ। ସେ ଅଭିଯୋଗ କରିଥିଲେ ଯେ, କେନ୍ଦ୍ରର ମୋଦି ସରକାର ରାଜ୍ୟର ଅନୁସୂଚିତ ଜାତିଙ୍କ ପାଇଁ ଆସୁଥିବା ଅନୁଦାନକୁ କାଟି ଦେଇଛନ୍ତି। ପୂର୍ବରୁ ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ଯଥାକ୍ରମେ ୯୦ ଏବଂ ୧୦ ପ୍ରତିଶତ ହିସାବରେ ଅନୁଦାନ ଦେଉଥିଲେ। ମାତ୍ର ମୋଦି ସରକାର ଆସିବା ପରେ ଏହାକୁ ଠିକ୍ ଓଲଟା କରାଯାଇଛି। ରାଜ୍ୟ ସରକାର ୮୦ ପ୍ରତିଶତ ଖର୍ଚ୍ଚ ଭରଣା କରୁଥିବାବେଳେ କେନ୍ଦ୍ର ସରକାର ୨୦ ପ୍ରତିଶତ ଦେଉଛନ୍ତି। ତେବେ ସେହି ୨୦ ପ୍ରତିଶତ ଅର୍ଥ ମଧ୍ୟ ଠିକ୍ ସମୟରେ ରାଜ୍ୟକୁ ମିଳୁନାହିଁ। ବୃତ୍ତି ପାଇବାରେ ଏସ୍‌ସି ପିଲାମାନେ ହଇରାଣ ହେଉଛନ୍ତି। ଏଭଳି ଅଭିଯୋଗ ଆଣି ସେ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ୍ ଦେବା ସହିତ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତାଙ୍କୁ ସମର୍ଥନ ଜଣାଇ ଶାସକ ଦଳର ଅନ୍ୟ ସଦସ୍ୟ ସମୀର ରଞ୍ଜନ ଦାସ, ସୁଧୀର ସାମଲ, ଅମର ଶତପଥୀ, ପ୍ରୀତିରଞ୍ଜନ ଘଡାଇ,

☞ ପୃଷ୍ଠା–୪

# ମାଓବାଦୀଙ୍କ ବନ୍ଦ ଡାକରା: ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ମାଲକାନଗିରି, ୧୯।୧୧ (ଡି.ଏନ.ଏ.)

ପୋଲିସର ମିଥ୍ୟା ଗୁଳି ବିନିମୟ ଘଟଣାକୁ ବିରୋଧ କରି ମାଓବାଦୀ ସଙ୍ଗଠନ ମଙ୍ଗଳବାର ମାଲକାନଗିରି ଜିଲା ବନ୍ଦ ଡାକରା ଦେଇଛି। ଏହାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜିଲା ସଦର ମହକୁମାଠାରେ ସହର ମଧ୍ୟରେ ପ୍ରବେଶ କରୁଥିବା ସମସ୍ତ ଯାନବାହନକୁ କଡ଼ାକଡ଼ି ଭାବେ ଯାଞ୍ଚ କରାଯାଉଛି। ଜିଲାର ମାଓବାଦୀ ଉପଦ୍ରୁତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି। ପ୍ରତ୍ୟେକ ଥାନାକୁ ଆଲର୍ଟ ରହିବାକୁ ନିର୍ଦ୍ଦେଶ ହୋଇଛି। ମାଓବାଦୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଜିଲା ସୀମାନ୍ତବର୍ତ୍ତୀ ଅଞ୍ଚଳରେ ତଲାସୀ ଅଭିଯାନକୁ ବ୍ୟାପକ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ଅକ୍ଟୋବର ୧୨ରେ ମାଲକାନଗିରି ଜିଲାର ସ୍ୱାଭିମାନ ଅଞ୍ଚଳ ଅନ୍ତର୍ଗତ ପଣସପୁଟ ନିକଟରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ମାଓବାଦୀ ନେତ୍ରୀ ମୀନାଙ୍କ ମୃତ୍ୟୁ ହୋଇଥିଲା। ଏଥିସହ ନଭେମ୍ବର ୧୨ରେ ସିନ୍ଦୂରପାଲି ନିକଟରେ ହୋଇଥିବା ଗୁଳି ବିନିମୟ ଘଟଣାରେ କମ୍ରେଡ କୀର୍ତ୍ତି, ସୁଶୀଳା ଓ ସୁନୀଙ୍କ

☞ ପୃଷ୍ଠା–୪






# ■ ପଞ୍ଜୁକ ଆରମ୍ଭରୁ ବିଭ୍ରାଟ
# ସନ୍ଧ୍ୟାରେ ବାହାରିଲା ଅବଢ଼ା

ପୁରୀ ଅଫିସ, ୧୯।୧୧

- ମହାପ୍ରଭୁଙ୍କ ବେଶ ସଜାରେ ୫ ଘଣ୍ଟା
- ପାଳିଆ ପୁରସ୍କାର ପାଇଁ ଅସହଯୋଗ
- ସନ୍ଧ୍ୟାରେ ହେଲା ସକାଳ ଧୂପ
- ସିଂହାରୀ ସେବାୟତଙ୍କ ସହ ଆଲୋଚନା କଲେ ନୀତି ପ୍ରଶାସକ



ପଞ୍ଚୁକ ଆରମ୍ଭରୁ ଶ୍ରୀମନ୍ଦିର ନୀତିକାନ୍ତିରେ ବିଭ୍ରାଟ ଦେଖାଦେଇଛି। ସିଂହାରୀ ସେବକଙ୍କ ଅସହଯୋଗ ଯୋଗୁ ପଞ୍ଚୁକର ପ୍ରଥମ ବେଶ ବଢିବାରେ ଅହେତୁକ ବିଳମ୍ବ ହୋଇଛି। ସକାଳ ଧୂପ ଅପରାହ୍ନରେ ସରିଥିବା ବେଳେ ସନ୍ଧ୍ୟାରେ ବାହାରିଛି ମହାପ୍ରସାଦ। ଦୂରଦୂରାନ୍ତରୁ ଆସିଥିବା ଭକ୍ତ ଏବଂ ହବିଷିଆଳି ମହାପ୍ରସାଦ ନ ପାଇ ତିକ୍ତ ଅନୁଭୂତି ନେଇ ଫେରିଛନ୍ତି।

ରବିବାର ରାତି ୧୧ଟା ୫୦ରେ ପହୁଡ଼ ନୀତି ସମ୍ପନ୍ନ ହୋଇଥିଲା। ସୋମବାର ଥିଲା କାର୍ତ୍ତିକ ମାସର ବଡ଼ ଏକାଦଶୀ ଓ ପଞ୍ଚୁକର ପ୍ରଥମ ଦିନ। ଏଥିଲାଗି ନିର୍ଦ୍ଧାରିତ ସମୟ ମଧ୍ୟରେ ଅର୍ଥାତ୍ ଭୋର ୪ଟା ୩୦ରେ ଦ୍ୱାର ଫିଟା ଯାଇଥିଲା। ଏହାପରେ ଭିତର ଶୋଧ ହୋଇ ୫ଟା ୧୫ରେ ମଙ୍ଗଳ ଆଳତି ବଢିଥିଲା। ସକାଳ ୭ଟା ସୁଦ୍ଧା ଅବକାଶ ନୀତି ଶେଷ ହୋଇ ଆରମ୍ଭ ହୋଇଥିଲା ଲକ୍ଷ୍ମୀନାରାୟଣ ବେଶ ପ୍ରସ୍ତୁତି। ୩ ଜଣ ସିଂହାରୀ ସେବକ ମହାପ୍ରଭୁଙ୍କ ଏହି ବେଶ କରାଇଥିଲେ। ଏହି ବେଶ ସମ୍ପନ୍ନ ଲାଗି ଘଣ୍ଟାଏରୁ ଦୁଇଘଣ୍ଟା ସମୟ ଲାଗିଥାଏ। ୩ ପାଳିଆ ସେବକ ବେଶ କରୁଥିବା ବେଳେ ସେମାନଙ୍କୁ ଆଉ ୩/୪ ସେବକ ସହଯୋଗ କରିଥାନ୍ତି। କିନ୍ତୁ ସୋମବାର ସହଯୋଗ କରିବା ପାଇଁ କେହି ନ ଥିଲେ। ଫଳରେ ଏହି ବେଶ ସରିବା ପାଇଁ ପ୍ରାୟ ୫ ଘଣ୍ଟା ସମୟ ଲାଗିଥିଲା। ଅପରାହ୍ନ ପ୍ରାୟ ୧ଟାରେ ଏହି ବେଶ ସରିଥିଲା। ବେଶରେ ବିଳମ୍ବ ଯୋଗୁ ଦିନତମାମ୍ ନୀତି ବିଳମ୍ବରେ ଚାଲିଥିଲା। ଅପରାହ୍ନ ପ୍ରାୟ ୩ଟା ୧୫ରେ ବଢିଥିଲା ସକାଳ ଧୂପ। ୪ଟା ୨୫ରେ ବାଲଧୂପ ବଢି ସନ୍ଧ୍ୟା ୬ଟା ୫ରେ ପ୍ରଥମ ଭୋଗ ମଣ୍ଡପ ଉଠିଥିଲା।

ପଞ୍ଚୁକର ପ୍ରଥମ ଦିନରେ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ସକାଳୁ ଶ୍ରୀମନ୍ଦିରକୁ ଭକ୍ତଙ୍କ ସୁଅ ଛୁଟିଥିଲା। ଶ୍ରୀମନ୍ଦିର ପ୍ରଶାସନ ଏବଂ ପୋଲିସ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଶୃଙ୍ଖଳିତ

☞ ପୃଷ୍ଠା–୪

## ଆଜିର ସମ୍ପାଦକୀୟ

ଡିଜିଟାଲ ଯୁଦ୍ଧ

## ଆଜିର ମନ୍ତବ୍ୟ

“କଂଗ୍ରେସ ଏମିତି ଏକ ଦଳ ଯାହାକି ଗୋଟିଏ ପରିବାର ପାଇଁ ଉତ୍ସର୍ଗୀକୃତ ଏବଂ ଦେଶର ବିକାଶ ଲାଗି ଅନିଚ୍ଛୁକ।

–ସ୍ମୃତି ଇରାନୀ, କେନ୍ଦ୍ରମନ୍ତ୍ରୀ

## କିଛି ତଥ୍ୟ

ଚଳିତ ମାର୍କେଟିଂ ବର୍ଷର ନଭେମ୍ବର ସୁଦ୍ଧା ଦେଶରେ ଚିନି ଉତ୍ପାଦନ ୧୫% ହ୍ରାସ ଘଟି ୧.୧୬ ନିୟୁତ ଟନ୍ ରହିଛି।

–କୃଷି ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE | 19.11.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 54 | 98 | 108 |
| CTC | 52 | 96 | 106 |
| DKL | 56 | 101 | 111 |
| BDK | 55 | 100 | 110 |
| BLS | 55 | 100 | 110 |
| ANG | 60 | 106 | 116 |

*Conditions Apply

Eggs Retail Price- 51/-Dozen

Issued in the Interest of Consumers

ଗ୍ରାମାଞ୍ଚଳ ଶିକ୍ଷାର ବିକାଶ ପାଇଁ ଅଣ୍ଟା ଭିଡିଲେ ସରପଞ୍ଚ

# ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦ ଅର୍ଥ ଶିକ୍ଷା ପାଇଁ ବିନିଯୋଗ ହେଉ

ମାଲକାନଗିରି,୧୯।୧୧(ଡି.ଏନ.ଏ.)

ମାଲକାନଗିରି ଜିଲା ପଡିଆ ବ୍ଲକର ତଣ୍ଡାପାଲ୍ଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ତଣ୍ଡାପାଲ୍ଲି, ମାଟାପାକା,ନିଲିଗୁଡା, ଶିଖାପାଲି ଓ ଗୋରାଖଣ୍ଟା ପଞ୍ଚାୟତର ସରପଞ୍ଚମାନେ ମାଲକାନଗିରି ଜିଲାରେ ଗ୍ରାମାଞ୍ଚଳର ବିକାଶ ପାଇଁ ଅଭିନବ ପ୍ରୟାସ କରିଛନ୍ତି । ତଣ୍ଡାପାଲ୍ଲି ସରପଞ୍ଚ ନନ୍ଦକୁମାର ଆଜ୍‌ମିରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମସ୍ତ ସରପଞ୍ଚ, ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ, ଅଙ୍ଗନୱାଡି କର୍ମୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି , ଶିକ୍ଷା ବିକାଶ ଅଭିଯାନର ଅଧ୍ୟକ୍ଷ ଦୁର୍ଗା ତ୍ରିପାଠୀ, ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦର ସଦସ୍ୟ ସୁବାଷ ବାନାର୍ଜୀ ଉପସ୍ଥିତ ଥିଲେ । ଗ୍ରାମାଂଚଳରେ ପ୍ରାଥମିକ ଶିକ୍ଷାର ବିକାଶ କିଛି ଅଂଶରେ ହୋଇଥିଲେ ମଧ୍ୟ ଛାତ୍ରୀଛାତ୍ର ମାନେ ସ୍ୱଳ୍ପ ପାଠ ପଢି ବିଦ୍ୟାଳୟ ଛାଡୁଥିବା ଏବଂ ଅବିଭାବକ ମାନେ ସେମାନଙ୍କ ପିଲାମାନଙ୍କୁ ବିଦ୍ୟାଳୟ ଛାଡୁ ନ ଥିବା ଯୋଗୁ ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ ହୋଇ ପାରୁନାହିଁ । ଏଥିପାଇଁ ପଡିଆ ବ୍ଲକ ସଦର ମହକୁମାରୁ ଦୀର୍ଘ ୩୫ କିମି ଧରି ଏକ ସଚେତନତା ଶୋଭାଯାତ୍ରା ବିଭିନ୍ନ ଗ୍ରାମ ପରିକ୍ରମା କରିବ । ପିଲାଙ୍କୁ ବିଦ୍ୟାଳୟ ଛାଡିବା ନେଇ ଅବିଭାବକମାନଙ୍କୁ ସଚେତନ କରିବା ଏହି ଶୋଭାଯାତ୍ରାର ମୂଳ ଲକ୍ଷ୍ୟ । ଏହି ଶୋଭାଯାତ୍ରାରେ ମଧ୍ୟ ଶିକ୍ଷା ସଚେତନତା ରଥ ପରିକ୍ରମା କରିବ । ବିଭିନ୍ନ ଅଞ୍ଚଳରେ ସଭାସମିତି କରାଯିବ । ରାଜ୍ୟ ସରକାର ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦ ଦ୍ୱାରା ମାଲକାନଗିରି ଜିଲାକୁ ଯେଉଁ ୧୪ ଲକ୍ଷ ଟଙ୍କା ଅନୁଦାନ ଦେଇଛନ୍ତି ସେହି ଅର୍ଥ କେବଳ ଆଦିବାସୀଙ୍କ କଳା,ସଂସ୍କୃତି ଓ ନାଚ ଗୀତ ଖର୍ଚ୍ଚ ନ କରି


ବୈଠକରେ ସରପଞ୍ଚଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି ।

ଅଧା ଅନୁଦାନ ଏହି ଶିକ୍ଷା ବିକାଶ କାର୍ଯ୍ୟକ୍ରମରେ ଖର୍ଚ୍ଚ କରିବା ପାଇଁ ବୈଅଠକରେ ଉପସ୍ଥିତ ସମସ୍ତ ବ୍ୟକ୍ତି ଦାବି କରିଥିଲେ । ଏ ସମ୍ପର୍କରେ ଜିଲା ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷ ଏବଂ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଡିସେମ୍ବର ପ୍ରଥମ ସପ୍ତାହରେ ଏହି କାର୍ଯ୍ୟକ୍ରମ ସୀମାନ୍ତ ଛତିଶଗଡ ପଡିଆ ବ୍ଲକରୁ ଆରମ୍ଭ ହେବ । ଏଥିରେ ମାଟାପାକା ସରପଞ୍ଚ ବିନାୟକ ମାଡକାମି , ଗୋରାଖୁଣ୍ଟା ସରପଞ୍ଚ ଏରା ପଡିଆମି, ନିଲିଗୁଡା ସରପଞ୍ଚ ବୁଦୁରା କାର୍ତାମି, ଶିଖ୍‌ପାଲ୍ଲି ସରପଞ୍ଚ ମୁକେ ମାଡକାମି, ପୂର୍ବତନ ସରପଞ୍ଚ ମୁକା ମାଡକାମି, ସିଆରସିସି ସିତ୍ କୁମାର ବିଶ୍ୱାସ, ତଣ୍ଡାପାଲ୍ଲି ପିଇଓ ଅଶୋକ ସରକାରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।






ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

# ପ୍ରତି ଗାଁ ପାଇଁ ପ୍ରକଳ୍ପ

## ମଞ୍ଜୁର ହେଲା ୪ କୋଟି ୨୮ ଲକ୍ଷ


ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଗ୍ରାମବାସୀ ।

ଚିତ୍ରକୋଣ୍ଡା,୧୯।୧୧

ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ମିନି ଷ୍ଟାଡିୟମଠାରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଜୁ ଯୁବ ବାହିନୀ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚିତ୍ରାକୋଣ୍ଡା ବିଧାୟକ ଡମ୍ବରୁ ଶିଶା, ମାଲକାନଗିରି ଜିଲାପାଳ ମନୀଷ ଅଗ୍ରୱାଲ, ପ୍ରକଳ୍ପ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା, ଜିଲା ଲୋକ ସମ୍ପର୍କ ଅଧିକାରୀ ମାନସ ମିଶ୍ର, ତହସିଲଦାର ପଦ୍ମନାଭ ଦୋରା, ଅତିରିକ୍ତ ତହସିଲଦାର ଚନ୍ଦ୍ରମଣି ସାଇଁ, ଜିଲା ଆଦିବାସୀ ସେଲ ସଭାପତି ଆଡବା ରାବା, ପଦ୍ମିନୀ ମୁଦୁଲି, ଜିଲା ସମ୍ପାଦକ ପ୍ରଭାକର ପ୍ରଧାନଙ୍କ ସମେତ ଗ୍ରାମ ବାସୀ ଯୋଗ ଦେଇଥିଲେ । ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଚିତ୍ରକୋଣ୍ଡା ଅଞ୍ଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ବ୍ଲକର ୧୯୬ ଟି ଗ୍ରାମ ପାଇଁ ୧୯୬ଟି ମଞ୍ଜୁର ହୋଇଥିଲା । ଏହି ପ୍ରକଳ୍ପ ଗୁଡିକ ଲାଗି ୪ କୋଟି ୨୮ ଲକ୍ଷ ମଞ୍ଜୁର କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ଉପଦେଷ୍ଟା କେ.ଶ୍ରୀନିବାସ ରାଓ, ହେମନ୍ତ ଭୂୟାଁ , ବିଧାୟକ ପ୍ରତିନିଧି ଅମିତ ଅଗ୍ରୱାଲ, ଏମପି ପ୍ରତିନିଧି ପୀତାମ୍ବର ଖେମୁଡୁ, ବିଜୁ ଜନତା ଦଳ ବ୍ଲକ ସଭାପତି ହରି ମୋହନ ଖିଲ, ବରିଷ୍ଠ ସଦସ୍ୟ ଶୁକ୍ରା ମୁଦୁଲି, ବ୍ଲକ ସମ୍ପ୍ରସାରଣ ଅଧିକାରୀ ଚିତରଞ୍ଜନ ବେହେରା, ଧିରାଜ ଖଣ୍ଡାଗିରି, ପର୍ଶୁରାମ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ଏସଡିପିଓ ମାନସ ରଞ୍ଜନ ବାରିକ ଓ ଥାନା ଅଧିକାରୀ ରାମ ପ୍ରସାଦ ବାଗ ନିୟୋଜିତ ଥିଲେ ।

# ମଧ୍ୟାହ୍ନ ଭୋଜନ ପରେ ହାତ ଧୋଇବାକୁ ୧ କିମି ଯାଉଛନ୍ତି ଛାତ୍ରୀଛାତ୍ର

ପାଣ୍ଡ୍ରିପାଣି,୧୯।୧୧



କୁରୁମପାଲିଗୁଡା ପ୍ରଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ଜଳକଷ୍ଟ ଭୋଗୁଛନ୍ତି । ବ୍ୟବହାର ପାଇଁ ପ୍ରାୟ ୧ କିମି ଦୂରରୁ ସେମାନେ ପାଣି ଆଣୁଥିବା ଜଣାପଡିଛି । ମାଲକାନଗିରି ସଦର ବ୍ଲକ ବୀରଲକ୍ଷ୍ମଣପୁର ପଞ୍ଚାୟତ ଅନ୍ତର୍ଗତ କୁରୁମପାଲିଗୁଡା ପ୍ରାଥମିକ ବିଦ୍ୟାଳୟ ୨୦୦୯ରେ ସ୍ଥାପିତ ହୋଇଛି । ଏହି ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ମଧ୍ୟରେ ୩୨ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରଛନ୍ତି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବଳରାମ କାର୍ଷାନୀ ଓ ସହକାରୀ ଶିକ୍ଷକ ଗୌରାଙ୍ଗ ଖିଲ ଶିକ୍ଷାଦାନ କରୁଛନ୍ତି । ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରୋଷେଇ ଓ ବାସନ କୁସନ ସଫା ପାଇଁ ପ୍ରାୟ ଏକ କିଲୋମିଟର ଦୂର ଢେପଗୁଡାରୁ ପାନୀୟଜଳ ଆଣୁଥିବା ପାଚିକା ଚନ୍ଦ୍ରମା ଗୋଲରି କହିଛନ୍ତି । ଛାତ୍ରୀଛାତ୍ରମାନେ ମଧ୍ୟାହ୍ନ ଭୋଜନ ପରେ ହାତ ଏବଂ ଥାଳି ଧୋଇବା ଓ ପାନୀୟଜଳ ସଂଗ୍ରହ ପାଇଁ ଢେପଗୁଡାକୁ ଯାଇଥାନ୍ତି । ବିଦ୍ୟାଳୟରେ ଥିବା ଗୋଟିଏ ନଳକୂପଟି ୩ମାସ ହେବ ଅଚଳ ହୋଇପଡିଛି । ବିଦ୍ୟାଳୟ ବାହାରେ ଗୋଟିଏ ନଳକୂପ ରହିଛି, ମାତ୍ର ସେଥିରୁ ଗୋଟିଏ ଗରା ପାଣି ବାହାରୁଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କହିଛନ୍ତି । ନଳକୂପ ସମ୍ପର୍କରେ ବୀରଲକ୍ଷ୍ମଣପୁର ସରପଞ୍ଚ ସଂଯୁକ୍ତା ଖିଲଙ୍କୁ ଜଣାଇଛନ୍ତି । ଏଯାଏ କିଛି ସୁଫଳ ମିଳିନାହିଁ । ତେବେ ଏନେଇ ସରପଞ୍ଚ ଖିଲଙ୍କୁ ପଚାରିବାରୁ ସେ କହିଲେ ଯେ, ଖୁବ୍ ଶୀଘ୍ର ନୂଆ ନଳକୂପ ଖୋଳାଯିବ ।

ରାଜ୍ୟସ୍ତରୀୟ ସୁରଭି

# କସ୍ତୁରିବା ଗାନ୍ଧୀ ବାଳିକା ବିଦ୍ୟାଳୟ ଛାତ୍ରୀ ପୁରସ୍କୃତ


ରାଜ୍ୟସ୍ତରୀୟ ସୁରଭିରେ ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ରମାନେ ।

ମାଲକାନଗିରି,୧୯।୧୧(ଡି.ଏନ.ଏ.)

ରାଜ୍ୟ ସ୍ତରରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲାର କସ୍ତୁରିବା ଗାନ୍ଧୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉଚ୍ଚକୋଟିର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ଏହି ଛାତ୍ରୀମାନେ ହେଲେ ଦିପିକା ମଣ୍ଡଳ, ରୂପା ମଣ୍ଡଳ, ରସ୍ମିତା ହାଲଦାର, ପିପାସା ବାଲା, ଅରୁଣ କିସ୍‌କୁ, ଇର୍ମା ମାଢି । ମାଲକାନଗିରିରେ ପହଞ୍ଚିବା ପରେ ଛାତ୍ରୀମାନଙ୍କ ପାରିଦର୍ଶିତା ପାଇଁ ସେମାନଙ୍କୁ ଜିଲାପାଳ ମନିଷ ଅଗ୍ରୱାଲ, ଜିଲା ପ୍ରକଳ୍ପ ପ୍ରଶାସକ ମାନସ କୁମାର ଜେନା ଶୁଭେଚ୍ଛା ଜଣାଇଥିଲେ । ଶକୁନ୍ତଳା ମାଝି, ଶଙ୍କର ମାହାଳିବ, ହେମନ୍ତ ପଟ୍ଟନାୟକ, ସମରେନ୍ଦ୍ର ମହାପାତ୍ର , ସୀତାରାମ ଗୌଡ , ସୋରଜ ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଆଭାରାଣୀ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା ।



ଶାରୀରିକ ଅସୁସ୍ଥତା ଯୋଗୁ ଆର୍‌ଜେଡି ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବ ଡିସେମ୍ବର ୨୦ରେ ଭିଡିଓ କନ୍‌ଫରେନ୍ସିଂରେ କୋର୍ଟରେ ହାଜର ହେବେ। ଏନେଇ ଦିଲ୍ଲୀର ଏକ କୋର୍ଟ ସୋମବାର ସୂଚନା ଦେଇଛନ୍ତି। ସ୍ୱତନ୍ତ୍ର ବିଚାରପତି ଅରୁଣ ଭରଦ୍ୱାଜ ଏସମ୍ପର୍କିତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଆଇଆରସିଟିସି ଦୁର୍ନୀତି ମାମଲାରେ ଲାଲୁଙ୍କ ବିରୋଧରେ ସିବିଆଇ ପକ୍ଷରୁ ଯାଞ୍ଚ ଜାରି ରହିଛି।

## ବାତିଲ ହେଲା ବିଅର ପ୍ଲାଣ୍ଟ





### ପ୍ରଧାନମନ୍ତ୍ରୀଙ୍କ ଜାପାନ ଗସ୍ତ କାର୍ଯ୍ୟକ୍ରମ

# ଲାଙ୍ଗୁଏଜ ଇଣ୍ଟରପ୍ରିଟର ଭୂମିକା ତୁଲାଇଥିଲେ ନବରଙ୍ଗପୁରର ସଞ୍ଜୟ

ନବରଙ୍ଗପୁର,୧୯।୧୧(ବି.ପ୍ର.)

ଗତ ଅକ୍ଟୋବର ୨୯ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜାପାନ ଗସ୍ତ ବେଳେ ଟୋକିଓଠାରେ ଜାପାନ ଏକ୍ସଟରନାଲ ଟ୍ରେଡ ଅର୍ଗାନାଇଜେସନ(ଜେଟ୍ରୋ) ଓ ଜାପାନର ବିଜନେସ ନ୍ୟୁଜ ମିଡିଆ ନିକ୍କେଇ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଜାପାନ ଏକ୍ସଟରନାଲ ଟ୍ରେଡ (ଜେଟ୍ରୋ)ର ଚେୟାରମ୍ୟାନ ହିରୋୟୁକି ଇଶିଗେ ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଭିତରେ ଆଲୋଚନା ହୋଇଥିଲା । ପରେ ପ୍ରଧାନମନ୍ତ୍ରୀ ମୋଦି ବିଭିନ୍ନ କାର୍ଯ୍ୟକ୍ରମରେ ଡିଜିଟାଲ ମେକଇନ୍ ଇଣ୍ଡିଆ, ଭାରତ-ଜାପାନ ଓ ଆଫ୍ରିକା ମଧ୍ୟରେ ପାର୍ଟନରସିପ ଉପରେ ଆଲୋଚନା କରିଥିଲେ ।ଆଲୋଚନା ସମୟରେ ଲାଙ୍ଗୁଏଜ ଇଣ୍ଟରପ୍ରିଟର ଭାବେ ଭୂମିକା ତୁଲାଇଥିଲେ ନବରଙ୍ଗପୁରର ସଞ୍ଜୟ କୁମାର ପଣ୍ଡା । ପୂର୍ବରୁ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଜାପାନ ଗସ୍ତ ସମୟରେ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଜାପାନୀ ପ୍ରତିନିଧିଙ୍କ ସହ ସଞ୍ଜୟ କୁମାର ପଣ୍ଡା ।

ସଞ୍ଜୟ ଏହି ଦାୟିତ୍ୱ ତୁଲାଇଥିଲେ।

ନବରଙ୍ଗପୁର ସହରର ନବକିଶୋର ପଣ୍ଡା ଓ ସରୋଜିନୀ ସାହୁଙ୍କ ପୁଅ ହେଉଛନ୍ତି ସଞ୍ଜୟ । ମାମୁଁଅଜା ମହେଶ୍ୱର ପାତ୍ରଙ୍କ ପାଖରେ ଚାଟଶାଳିରୁ ସଞ୍ଜୟଙ୍କ ପାଠପଢା ଆରମ୍ଭ । ଲକ୍ଷ୍ମଣନାୟକ ବିଦ୍ୟାପୀଠରେ ୩ୟ ଶ୍ରେଣୀରୁ ସଞ୍ଜୟ ପାଠ ପଢିଥିଲେ। ୭ମରୁ ରାଜା ଚୈତନ୍ୟ ଦେବ ହାଇସ୍କୁଲରେ ପଢିଥିଲେ। ଜୟପୁର ବିକ୍ରମ ଦେବ ମହାବିଦ୍ୟାଳୟରେ ବିଏସି ପଢିଥିଲେ। ପରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଜାପାନୀଜ ଭାଷା ଉପରେ ସ୍ନାତକୋତ୍ତର କରିଥିଲେ।ଟିସିଏସରେ କିଛି ଦିନ ଚାକିରି କରିବା ପରେ ବ୍ୟାଙ୍କ ଅଫ ଟୋକିଓ ମିତସୁବିସି ଠାରେ ଚାକିରି କରୁଥିଲେ । ଏବେ ସେ ଦିଲ୍ଲୀଠାରେ ଆଇ.ଜେ.କାକେହାସି ନାମକ ନିଜସ୍ୱ କମ୍ପାନୀ କରି ଏଥିରେ ମ୍ୟାନେଜିଂ ଡାଇରେକ୍ଟର ଅଛନ୍ତି । ଭାରତ ଓ ଜାପାନ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବସାୟ ସଂଯୋଗ ସ୍ଥାପନ ନେଇ ସେ କାର୍ଯ୍ୟ କରୁଛନ୍ତି। ତାଙ୍କ ସ୍ତ୍ରୀ ହେଉଛନ୍ତି ଲକ୍ଷ୍ନୌର ଓମ ପ୍ରକାଶ ବାଜପାୟୀଙ୍କ ଝିଅ ବିଜୟା ବାଜପାୟୀ । ସେ ସିଆଇଆଇ ଠାରେ ନିର୍ଦ୍ଦେଶିକା ଭାବେ କାର୍ଯ୍ୟ ତୁଲାଉଥିଲେ । ସଂଜୟ ନିଜସ୍ୱ କମ୍ପାନୀ କରିବା ପରେ ଚାକିରି ଛାଡି ତାଙ୍କୁ ସହଯୋଗ କରୁଛନ୍ତି। ସଞ୍ଜୟଙ୍କ ପିତା ନବ କିଶୋର ଅବସର ପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ଓ ମା' ସରୋଜିନୀ ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷୟତ୍ରୀ । ନବରଙ୍ଗପୁର ଭଳି ଏକ ଉପାନ୍ତ ଅଞ୍ଚଳର ଶିକ୍ଷା ଲାଭ କରି ସଞ୍ଜୟ ଯେଉଁ କୃତିତ୍ୱ ପାଇଛନ୍ତି ତାହା ଜିଲାବାସୀଙ୍କ ପାଇଁ ଏକ ବଡ ଗୌରବ ଓ ଅନ୍ୟଙ୍କ ପାଇଁ ପ୍ରେରଣାର ଉତ୍ସ ।

# ମାଓବାଦୀଙ୍କ ମୃତଦେହ ଉଦ୍ଧାର

ମାଲକାନଗିରି,୧୯।୧୧ (ଡି.ଏନ.ଏ)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ସୁକୁମା ଜିଲାର ଏକ ଜଙ୍ଗଲରୁ ଜଣେ ମାଓବାଦୀଙ୍କ ମୃତଦେହ ମିଳିଥିବା ସୁକୁମା ପୋଲିସ ପ୍ରକାଶ କରିଛି। ସୋମବାର ସକାଳେ ସୁକୁମା ଡିଆରଜି ଓ ଓପିଏସ ଯବାନମାନଙ୍କ ତରଫରୁ ଫୁଲଦାଗାଡି ଥାନା କୁଡଲପାରା ଗ୍ରାମାଞ୍ଚଳ ଜଙ୍ଗଲରେ ସର୍ଚ୍ଚ ଅପରେସନ ବେଳେ ଜଣେ ମାଓବାଦୀଙ୍କ ମୃତଦେହ ଠାବ କରିଥିଲେ। ତାଙ୍କ ପରିଚୟ ମିଳି ପାରିନାହିଁ। ସୂଚନାଯୋଗ୍ୟ ଯେ, ନିକଟରେ ମାଓବାଦୀ ଓ ପୋଲିସ ଗୁଳି ବିନିମୟରେ ୫ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ଅନେକ ଆହତ ଅବସ୍ଥାରେ ଛତ୍ରଭଙ୍ଗ ଦେଇଥିଲେ । ସେହି ସମୟର ଘଟଣାରେ ଆହତ ହୋଇ ପରେ ମୃତ୍ୟୁବରଣ କରିଥିବା ମାଓବାଦୀଙ୍କ ଏହି ମୃତଦେହ ବୋଲି ଅନୁମାନ କରାଯାଉଛି।

### ■ ରାଷ୍ଟ୍ରୀୟ କିଶୋର ସ୍ୱାସ୍ଥ୍ୟ ଦୁଇଦିନିଆ କର୍ମଶାଳା

# କିଶୋରୀ କିଶୋରଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ

ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)

୧୦ରୁ ୧୯ ବର୍ଷ ବୟସ୍କ କିଶୋରୀକିଶୋରମାନଙ୍କ ସ୍ୱାସ୍ଥ୍ୟ ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଗୁରୁତ୍ୱ ଦେଉଛି। ଏଥିପାଇଁ ଶ୍ରଦ୍ଧା କ୍ଲିନିକ୍, ସାପ୍ତାହିକ ଆଇରନ ଏବଂ ଫଲିକ୍ ଏସିଡ୍ ବଟିକା ବଣ୍ଟନ କରାଯାଉଛି। କିଶୋରୀଙ୍କ ମାସିକ ଋତୁଚକ୍ର ଜନିତ ସ୍ୱଚ୍ଛତା, କିଶୋରଙ୍କ ସ୍ୱାସ୍ଥ୍ୟ ଦିବସ ଏବଂ ସହଯୋଗୀ ଶିକ୍ଷାଦାନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି ବୋଲି ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍) ନିର୍ଦ୍ଦେଶିକା ଶାଳିନ ପଣ୍ଡିତ କହିଛନ୍ତି।

ରାଷ୍ଟ୍ରୀୟ କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଉପରେ ସୋମବାରଠାରୁ ଦୁଇଦିନିଆ ଆଞ୍ଚଳିକ କର୍ମଶାଳା ଆରମ୍ଭ ହୋଇଛି। ଏଥିରେ ନିର୍ଦ୍ଦେଶିକା ପଣ୍ଡିତ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଛନ୍ତି। କର୍ମଶାଳାରେ ସୁସ୍ଥ କୈଶୋର ସୁସ୍ଥ ଭବିଷ୍ୟତ ସମ୍ପର୍କରେ ପଣ୍ଡିତ କହିଲେ, ୨୦୧୧ ଜନଗଣନା ଅନୁଯାୟୀ ଦେଶର ଜନସଂଖ୍ୟାର ୨୦.୯ ପ୍ରତିଶତ ୧୦ରୁ ୧୯ବର୍ଷ ବୟସର କିଶୋର ଅଛନ୍ତି। ଓଡ଼ିଶାର ମୋଟ ଜନସଂଖ୍ୟାର ୨୦ ପ୍ରତିଶତ ଅର୍ଥାତ୍ ୮୨.୭୪ ଲକ୍ଷ କିଶୋର ରହିଛନ୍ତି। ୨୦୧୫-୧୬ ବର୍ଷରୁ ରାଜ୍ୟରେ କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି। ଏଥିରେ ସେମାନଙ୍କୁ ପୁଷ୍ଟି, ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ, ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଏବଂ ନିରାକରଣ ସହିତ କୈଶୋର ଅବସ୍ଥାରେ ବିଭିନ୍ନ ଆଘାତ ଓ ନିରାକରଣ, ଅଣସଂକ୍ରମିତ ରୋଗରୁ ରକ୍ଷା ପାଇବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ପଣ୍ଡିତ କହିଛନ୍ତି।

ଗୋଷ୍ଠୀ କ୍ଷେତ୍ରରେ କିଶୋର ସ୍ୱାସ୍ଥ୍ୟ ଦିବସ ପାଳନ, ଋତୁସ୍ରାବଜନିତ ପରିଷ୍କାର ପରିଚ୍ଛନ୍ନତା, ସାପ୍ତାହିକ ଆଇରନ




ରାଷ୍ଟ୍ରୀୟ କିଶୋର ସ୍ୱାସ୍ଥ୍ୟମିଶନର ଦୁଇ ଦିନିଆ କର୍ମଶାଳାରେ ଉପସ୍ଥିତ ଅତିଥି।

ଏବଂ ଫଲିକ୍ ଏସିଡ ବ୍ୟବହାର ସହିତ ସାଙ୍ଗସାଥୀ ବା କୌତୂହଳବଶତଃ ମାଦକ ଦ୍ରବ୍ୟ ବ୍ୟବହାରରୁ ଦୂରେଇ ରହିବା ଉପରେ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱ ଦେଇଛି। କିଶୋରମାନଙ୍କ ଅବସ୍ଥାକୁ ଦୃଷ୍ଟିରେ ରଖି ଏସବୁ ପାଇଁ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ରାଜ୍ୟର ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ କିଶୋର ସ୍ୱାସ୍ଥ୍ୟ ସମ୍ପର୍କରେ ପରାମର୍ଶ ଦେବା ପାଇଁ ଶ୍ରଦ୍ଧା କ୍ଲିନିକ୍ କାର୍ଯ୍ୟ କରୁଛି। ରାଜ୍ୟରେ ୨୩୦ ଶ୍ରଦ୍ଧା କ୍ଲିନିକ୍ ଏବଂ ୧୦୪ ସମ୍ବନ୍ଧିତ ହେଲ୍‌ପ ଲାଇନ୍ କାର୍ଯ୍ୟକ୍ଷମ ଥିବା ପଣ୍ଡିତ କହିଛନ୍ତି।

ସମ୍ମାନିତ ଅତିଥି ଭାବେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ କିଶୋର ସ୍ୱାସ୍ଥ୍ୟ ଡିଭିଜନ ସହକାରୀ କମିଶନର ଡ. ଜାୟା ଅଲ୍ଲି ରିଜଭି ଯୋଗଦେଇ ଦେଶର କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଗୁରୁତ୍ୱ ଓ କାର୍ଯ୍ୟକାରିତା ସମ୍ପର୍କରେ କହିଥିଲେ। ଏହି କର୍ମଶାଳାରେ ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଓଡ଼ିଶାର କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପଦାଧିକାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ଡ. ବି.କେ ବ୍ରହ୍ମା ଏବଂ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡ. ଲିଙ୍ଗରାଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଉପକୂଳରେ କୁହୁଡ଼ି ସମ୍ଭାବନା


ଭୁବନେଶ୍ୱର,୧୯।୧୧(ବ୍ୟୁରୋ)

ଉପକୂଳ ଜିଲାରେ ପ୍ରବଳ କୁହୁଡ଼ି ହେବାର ସମ୍ଭାବନା ରହିଛି। ମଙ୍ଗଳବାର ପାହାନ୍ତାରୁ କେତେକ ସ୍ଥାନରେ କୁହୁଡ଼ି ଦେଖାଦେବ। ଏହା ସକାଳ ୯ଟା ଯାଏ ରହିବ। ଏଥିସହିତ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ପାଗ ଶୁଖିଲା ରହିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ରାଜ୍ୟରେ ହାଲକା ଶୀତ ଜାରି ରହିଛି। ଦାରିଙ୍ଗବାଡ଼ିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୧୨.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୧୨.୮, ଅନୁଗୋଳ ୧୬, ଝାରସୁଗୁଡ଼ା ୧୭.୫, କେନ୍ଦୁଝର ୧୭, ସୁନ୍ଦରଗଡ଼ ୧୬, ହୀରାକୁଦ ୧୭.୮, ତାଳଚେର ୧୮, କୋରାପୁଟ ୧୬.୬ ଏବଂ ସୋନପୁରରେ ୧୬.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।




### ■ ଆସିଲା ମହାବଳ ବ୍ୟବଚ୍ଛେଦ ରିପୋର୍ଟ

# ପାକସ୍ଥଳୀରେ ଥିଲା ଝିଙ୍କ କାଠି



■ ଫାଇନାଲ ରିପୋର୍ଟ ପରେ ଜଣାପଡ଼ିବ ମୃତ୍ୟୁର କାରଣ

■ ବାଘୁଣୀ ସୁନ୍ଦରୀ ସୁସ୍ଥ ନେଇ ଜାରି ହେଲା ଭିଡିଓ

ବନ୍ତଲା, ୧୯।୧୧ (ଡି.ଏନ.ଏ.)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ବାଘ ବଂଶ ବୃଦ୍ଧି ପାଇଁ ମଧ୍ୟପ୍ରଦେଶର କାହ୍ନାରୁ ଅଣାଯାଇଥିବା ମହାବଳ ମହାବୀରର ଗତ ୧୪ ତାରିଖରେ ମୃତ୍ୟୁ ଘଟିଥିଲା। ବେକରେ ହୋଇଥିବା ଘା' ସଂକ୍ରମଣ ଯୋଗୁ ମହାବଳର ମୃତ୍ୟୁ ହୋଇଥିବା ପ୍ରାଥମିକ ଭାବେ କୁହାଯାଇଥିଲା। ତେବେ ସୋମବାର ବିଭାଗୀୟ କର୍ତ୍ତୃପକ୍ଷ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ସମ୍ପର୍କରେ ସୂଚନା ଦେଇଛନ୍ତି। ବ୍ୟବଚ୍ଛେଦ ବେଳେ ମହାବୀର ପାକସ୍ଥଳୀରୁ ୮ରୁ ୧୦ଟି ଝିଙ୍କ କାଠି ମିଳିଥିବା ବେଳେ ମଳରେ ବାର୍‌ହା ଲୋମ ବାହାରିଥିଲା। ତେବେ ମୃତ୍ୟୁର ପ୍ରକୃତ କାରଣ ଓ କିପରି କ୍ଷତ ହୋଇଥିଲା ସେ ନେଇ ଫାଇନାଲ ରିପୋର୍ଟ ମିଳିବା ପରେ ଜଣାପଡ଼ିବ ବୋଲି ଅତିରିକ୍ତ ପ୍ରଧାନମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ଡ.ସୁଦର୍ଶନ ପଣ୍ଡା ସୂଚନା ଦେଇଛନ୍ତି।

ଡ. ପଣ୍ଡା କହିଛନ୍ତି ଯେ, ବ୍ୟବଚ୍ଛେଦ କରିଥିବା ୪ ଜଣ ପ୍ରାଣୀ ଡାକ୍ତରଙ୍କ ରିପୋର୍ଟ ଅନୁଯାୟୀ କ୍ଷତ ସଂକ୍ରମଣ ଓ ଭିନ୍ନ ଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଅକାମୀ ହେବାରୁ ମହାବଳ ମହାବୀରର ମୃତ୍ୟୁ ଘଟିଛି। ତେବେ ମୃତ ମହାବଳର ଟିସୁ ଓ ଅର୍ଗାନ୍ ସାମ୍ପୁଲ ବିଭିନ୍ନ ଲାବୋରେଟୋରିକୁ ପଠାଯାଇଛି। ସେଠାରୁ ଫାଇନାଲ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଓ କ୍ଷତ କିପରି ହେଲା ସେ ସମ୍ପର୍କରେ ଜଣାପଡ଼ିବ। ଅନ୍ୟପକ୍ଷରେ ବାଘୁଣୀ ସୁନ୍ଦରୀ ରାଇଗୁଡ଼ା ଏନ୍‌କ୍ଲୋଜର ମଧ୍ୟରେ ସୁସ୍ଥ ଅଛି। କିନ୍ତୁ ବାଘୁଣୀ ଅସୁସ୍ଥ ଥିବା ସମ୍ପର୍କରେ ଗୁଜବ ସୃଷ୍ଟି ହେବା ସହିତ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି। ଏପରି ନ କରିବାକୁ ଡ. ପଣ୍ଡା ଅନୁରୋଧ କରିଥିଲେ। ଏଥିସହିତ ବାଘୁଣୀର ଭିଡିଓ ଓ ଫଟୋ ଜାରି କରିଥିଲେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


କୁନା
ପରିବାରବର୍ଗ


ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

automobile

**SALE**

46000 km. run, July 2014, Dizire ZXI, white colour. 7873464034. D-9539

real estate

**SALE**

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 8093465134. D-64352

Bhubaneswar AIIMS Hospital, DOON/ NMIT College front gharabari plot. 9437298164. D-64351

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64378

ଭୁବନେଶ୍ୱର ମହାବୀର Engineering କଲେଜ back sideରେ ସ୍ଥିତିବାନ ପ୍ଲଟ ମିଳୁଛି। 8338932027. D-64365

Ready to move residential gharabari plot Balianta sqft.- 449. 9040226821, 7008218696. D-9506

One acre industry land at Athgarh with boundary wall out house. 9437284700. D-9540

2000 sqft. West facing land, Bijoybihar, 2.5 kms. from Rabi Talkies Square, Bhubaneswar for sale. Contact: 9438179821. D-58010

astrology

Lab certified ରାଶିରତ୍ନ, ୧-୧୪ ମୁଖୀ ରୁଦ୍ରାକ୍ଷ, ଯନ୍ତ୍ର, ଅନ୍ୟ। 91+8093050401. D-9371

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

Vide affidavit dated 17 Nov, 18 sworn before the Notary Public, Khordha, I have changed my name from Lizalin Dash to Lizalin Mishra for all purposes. D-9545

By an affidavit sworn before the Notary Public of Jajpur Court, Dist.- Jajpur, Odisha on Dt.- 11.09.2018, I Snehalata Pani, Wife of Ashok Kumar Pani, resident of Bhubaneswar, Odisha declare that both the names Snehalata Pani and Sneha Pani belong to one and the same person that is myself only. D-9548

By virtue of an affidavit in the Court of Executive Magistrate, Khaira I, Dayanidhi Nayak, S/o- Gajendra Nayak, At- Kakudia, PO.- Sarugaon. Dist.- Balasore declare that in some of the Certificate, my name has been mentioned Daitari Nayak instead of Dayanidhi Nayak. Daitari & Dayanidhi Nayak are one and same person. I will be responsible if any discrepancies arise in future. D-9550

Now Matrimonial ads. only on Wednesday & Sunday
Book 1 Get 1 FREE


୧୧ତମ ଜନ୍ମବାର୍ଷିକୀ ଶୁଭେଚ୍ଛା
(କୁନା)
**ଦେବଜିତ ପ୍ରସାଦ**
ପ୍ଲଟ ନମ୍ବର- ୭୪୦, ରୋଜଭବନ, ଜାଗମରା, ଭୁବନେଶ୍ୱର- ୩୦
ଆଜି ତୋର ଏକାଦଶ ଜନ୍ମବାର୍ଷିକୀ ଅବସରରେ ଭଗବାନ ଶ୍ରୀ ସାଇ ତୋତେ ଅପାର କରୁଣା ଓ ଆଶୀର୍ବାଦ ଦେଇ ତୋର ଚଲାପଥ ପୁଷ୍ପିତ ଓ ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ। ଅନେକ ଶୁଭାଶିଷ ସହ: ଜେଜେମା, ଆଈ, ପାପା, ମାମା, କାହ୍ନା, ମୁନା, ଲିଟୁନ୍, ଦାଦା, ଖୁଡୀ, ମାମୀ ନାନା, ମାନସ ଅଙ୍କଲ, ଲିଲି ନାନା, ମାମୁ, ମାଈଁ ଓ ପରିବାରବର୍ଗ। ଧ-୯୪୯୧


## ବିମୁଦ୍ରୀକରଣର ସିଏଜି ରିପୋର୍ଟ ବଜେଟ ଅଧିବେଶନରେ ଉପସ୍ଥାପନ ଆଶା କ୍ଷୀଣ

**ନୂଆଦିଲ୍ଲୀ,୧୯।୧୧**

ବିବାଦୀୟ ବିମୁଦ୍ରୀକରଣ ଉପରେ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି)ଙ୍କ ରିପୋର୍ଟ ବଜେଟ ଅଧିବେଶନ ପୂର୍ବରୁ ପ୍ରସ୍ତୁତ ହୋଇଯିବ। ତେବେ ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏହାକୁ ସଂସଦରେ ଉପସ୍ଥାପନ କରି ନ ପାରନ୍ତି। କାରଣ ବଜେଟ ଅଧିବେଶନ ପୂର୍ଣ୍ଣକାଳୀନ ହେବ ନାହିଁ। ଏହି ଅଧିବେଶନରେ ସରକାର କେବଳ କାମଚଳା ବଜେଟ୍ ଉପସ୍ଥାପନ କରିବେ। ସୂଚନାଥାଉ କି, ଗତ ସପ୍ତାହରେ ୬୦ ଜଣ ଅବସରପ୍ରାପ୍ତ ଅଧିକାରୀ ସିଏଜିଙ୍କୁ ପତ୍ର ଲେଖି ବିମୁଦ୍ରୀକରଣ ସଂକ୍ରାନ୍ତରେ ରିପୋର୍ଟ ପ୍ରକାଶ କରିବାରେ ବିଳମ୍ବକୁ ନେଇ ଅଭିଯୋଗ କରିଥିଲେ। ସରକାର ଅପଦସ୍ଥ ହେବାର ସମ୍ଭାବନା ଦୃଷ୍ଟିରୁ ଚାପରେ ପଡି ସିଏଜି ରିପୋର୍ଟ ପ୍ରକାଶ କରିବାରେ ବିଳମ୍ବ କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ। ବିମୁଦ୍ରୀକରଣର ୨୦ ମାସ ଭିତରେ ରିପୋର୍ଟ ଆସିବ ବୋଲି ପୂର୍ବତନ ସିଏଜି ଶଶିକାନ୍ତ ଶର୍ମା କହିଥିଲେ।

## ଯୁବକଙ୍କୁ ହତ୍ୟା
### କାରଣ ଅସ୍ପଷ୍ଟ, ତଦନ୍ତ ଜାରି

**ବାଲେଶ୍ୱର ଅଫିସ,୧୯।୧୧**

ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ଅଧୀନ ଗୁଡ଼୍ ପଞ୍ଚାୟତ ବାଘମୁଣ୍ଡା ଗ୍ରାମର କନ୍ଦାଇ ଛକ ନିକଟରେ ସପନ ଦଳେଇ (୩୦) ନାମକ ଯୁବକଙ୍କୁ ସୋମବାର ପୂର୍ବାହ୍ନରେ ଧାରୁଆ ଅସ୍ତ୍ର କିମ୍ବା ପଥରରେ ଛେଚି ହତ୍ୟା କରାଯାଇଛି। ରାସ୍ତାକଡରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ପଡିଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ଅପରାହ୍ନରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଇଛି। ପାରିପାର୍ଶ୍ୱିକ ଅବସ୍ଥାରୁ ଉକ୍ତ ଯୁବକଙ୍କୁ ହତ୍ୟା କରାଯାଇଥିବା ପୋଲିସ ଅନୁମାନ କରୁଛି।

ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ସଦର ଥାନା ଅଧୀନ ଇଞ୍ଚୁଡ଼ିଆ ଗ୍ରାମର ସପନ ଦଳେଇ ରାଜମିସ୍ତ୍ରୀ ହେଲପର ଭାବେ କାର୍ଯ୍ୟ କରନ୍ତି। ପ୍ରତିଦିନ ଭଳି ସୋମବାର ପୂର୍ବାହ୍ନ ୯ଟାରେ ସେ କାମ କରିବାକୁ ଘରୁ ବାହାରିଥିଲେ। କାମ ସରିବା ପରେ ଦୁଇସାଥିଙ୍କ ସହ ଅପରାହ୍ନ ୩ଟାରେ ଏକ ମୋଟରସାଇକେଲ ଯୋଗେ ଆସି କନ୍ଦାଇ ଛକ ନିକଟରେ ଥିବା ଏକ ହାଣ୍ଡିଆ ଭାଟିରେ ପହଞ୍ଚିଥିଲେ। ସେଠାରେ ତିନି ଜଣ ହାଣ୍ଡିଆ ପିଇବା ପରେ କୌଣସି କାରଣରୁ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏକ ଧାରୁଆ ଅସ୍ତ୍ର କିମ୍ବା ପଥରରେ ସପନଙ୍କ ମୁଣ୍ଡର ପଛ ଓ ଆଗରେ ପ୍ରହାର କରାଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୋଲିସ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଯଥାଶୀଘ୍ର ହତ୍ୟାକାରୀ ଗିରଫ କରାଯିବ ବୋଲି ପୋଲିସ କହିଛି। ଏନେଇ ରାତି ସାଢ଼େ ୮ଟା ପର୍ଯ୍ୟନ୍ତ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡିଛି।


# ମନେ ପଡ଼ନ୍ତି

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**

**ସ୍ୱର୍ଗତା ଆଶା ପଟ୍ଟନାୟକ**
ତିରୋଧାନ: କାର୍ତ୍ତିକ ଶୁକ୍ଳପକ୍ଷ ଦ୍ୱାଦଶୀ
ଦାଣ୍ଡିମାଳସାହି, ପୁରୀ
ଚାହୁଁ ଚାହୁଁ ୫ବର୍ଷ ବିତିଗଲା। ତୁମର ଅନାବିଳ ନିଷ୍କପଟ ସ୍ନେହ, ଶ୍ରଦ୍ଧା, ପ୍ରେରଣା ଆମର ପାଥେୟ ହୋଇରହିଛି। ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପରିବାରବର୍ଗ। ଧ-୬୩୭୪୩

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**

**ସ୍ୱର୍ଗତା ମନୋରମା ଦାଶ**
ଜନ୍ମ: ୨୦।୦୯।୧୯୪୧
(ଧିରପୁର, ନିମାପଡ଼ା)
ମୃତ୍ୟୁ: ୦୧।୧୧।୨୦୧୭
(ସାରଙ୍ଗଯୋଡ଼ି, ସାକ୍ଷୀଗୋପାଳ)
କାର୍ତ୍ତିକ ଗରୁଡ଼ ଦ୍ୱାଦଶୀ, ତୁଳସୀ ବିବାହ
ଚାହୁଁ ଚାହୁଁ ବର୍ଷେ ବିତିଗଲା। ଏତେ ଶୀଘ୍ର ଛାଡିଯିବାକୁ ବିଶ୍ୱାସ ହିଁ ନଥିଲା। କାଲି ପରି ଲାଗୁଛି ତମେ ଥିଲ, କେତେ ଆନନ୍ଦ ଥିଲା ସତେ। ଯେଉଁଠି ଥାଅ ଭଲ ଥାଅ, ଆମକୁ ଅମୃତ ଦୃଷ୍ଟିରେ ଚାହିଁଥାଅ। ତମ ଅମର ଆତ୍ମାର ସଦ୍‌ଗତି ପ୍ରଭୁ ଶ୍ରୀଜଗନ୍ନାଥ କରନ୍ତୁ, ଏତିକି ଆମର ପ୍ରାର୍ଥନା। ଶୋକସନ୍ତପ୍ତ: ସ୍ୱାମୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ନାତୁଣୀଜ୍ୱାଇଁ, ଅଣନାତି ଓ ପରିବାରବର୍ଗ। ଧ-୬୪୦୨୩

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**

**ସ୍ୱର୍ଗତ ଓମ୍‌ପ୍ରକାଶ ମହାନ୍ତି**
ଡମପଡ଼ା, ବାଙ୍କୀ
ତିରୋଧାନ: କାର୍ତ୍ତିକ ଶୁକ୍ଳପକ୍ଷ ଦ୍ୱାଦଶୀ
ପଞ୍ଚୁକ ୧୨।୧୧।୨୦୧୬
ଋତୁଚକ୍ରର ଆବର୍ତ୍ତନରେ ହଜିଯାଇଛି ଦୁଇବର୍ଷ। ଆଜି ତୁମେ ଛାଡିଯାଇଥିବା ପ୍ରତ୍ୟେକ ସ୍ମୃତିରେ ତୁମର ଅନୁପସ୍ଥିତି ଅନୁଭବ କରୁଛୁ। ତୁମର ସ୍ନେହ, ଭଲପାଇବା ଆଉ ପରିବାର ପ୍ରତି ତୁମର ଦାୟିତ୍ୱବୋଧ ସବୁ ମନେପଡୁଛି। ଆଜି ଏହି ପବିତ୍ର ଦିବସରେ ତୁମର ଅମର ଆତ୍ମାର ଶାନ୍ତି ଓ ମୁକ୍ତି ପାଇଁ ପ୍ରାର୍ଥନା କରୁଛୁ। ତୁମର ଟିକି, ସୋନୁ, ଲକି। ଧ-୯୫୪୯

**12th Death Anniversary**

**Late Pravin Pattanaik**
(Bubul)
DOB: 25.11.1986
DOD: 20.11.2006
A decade and a couple years are gone. We are away from you, O' our illustrious Son! Fresh and sweet are your moments of glee to shine with your mettle God made you flee. You are ever alive in our hearts and will be dancing and fluterring in wind like a mirthful tree. D-9546

**ଦ୍ୱାଦଶାହ ଉପଲକ୍ଷେ**

**୰ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ**
ଆବିର୍ଭାବ :-୦୭/୧୧/୧୯୪୫
ତିରୋଧାନ : ୦୯/୧୧/୨୦୧୮
ନିମସାହି, ହୋଟେଲ ଲର୍ଡସ୍ ପାଖ, କଟକ
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ଆମ୍ଭର ପ୍ରାର୍ଥନା ।
ଝିଅ : ଅମିତା, ଅନିତା
ଜ୍ୱାଇଁ : ବିବେକାନନ୍ଦ, ଅମ୍ବର
ଶୋକସନ୍ତପ୍ତ ପରିବାରବର୍ଗ
ଧ-୯୫୪୭

**ଶ୍ରଦ୍ଧାଞ୍ଜଳି**
**ପ୍ରଥମ ଶ୍ରାଦ୍ଧବାର୍ଷିକୀ**

**୰ସରୋଜ ରଞ୍ଜନ ପରିଡା**
ଗ୍ରାମ: ଗୁଆଳି, ସାଲେପୁର, କଟକ
ଆବିର୍ଭାବ : ୨୦.୦୮.୧୯୭୯
ତିରୋଧାନ : ୦୧.୧୧.୨୦୧୭
ଏତେ କମ୍ ବୟସରେ ତୁମେ ଆମମାନଙ୍କୁ ଶୋକ ସାଗରରେ ଭସାଇ ଚାଲିଗଲ। ତୁମର ସ୍ନେହ, ଶ୍ରଦ୍ଧା, ପରୋପକାରିତା ଆମମାନଙ୍କୁ ସର୍ବଦା ମାର୍ଗଦର୍ଶନ କରୁଥାଉ। ତୁମେ ସ୍ୱର୍ଗରେ ଥାଇ ଆମମାନଙ୍କୁ ସେହି ପ୍ରେରଣା ଦେଉଥାଅ। ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା କରୁଛୁ।
-: ଶୋକ ସନ୍ତପ୍ତ :-
ମା-ରେଣୁ, ପତ୍ନୀ- ରୂପାଲୀନ୍,କୁନା(ମନୁ), ବବି, ଅମରେଶ, ବିପୁଲ, ଲିକୁନ୍, ମାନି, ମନ୍ଟୁ, ବିଟୁ, ତୁମକି, ଶୁଭମ୍, ଦୀପମ୍, ସିପୁ, ଟୁଲୁ, ପପୁ, ଦାଦା, ଖୁଡୀ, ଶାଶୁ, ଶଶୁର, ଜେଜେମା, ଆଈ ଏବଂ ବନ୍ଧୁ ଓ ପରିବାର ବର୍ଗ
ଧ-୯୫୪୫


## ଆକାଶିଆ କାଠଗଣ୍ଡି ସହ ଟ୍ରକ୍ ଜବତ

**ଝରିଗାଁ, ୧୯।୧୧(ସ୍ୱ.ପ୍ର)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଧାମନାଗୁଡା ଠାରୁ ଏକ ଟ୍ରକ(ନଂ.ଓଡି୦୬ଏ ୭୨୩୦)ରେ ୨୦ ଖଣ୍ଡ ଆକାଶିଆ କାଠ ଗଣ୍ଡି ବୋଝେଇ ହୋଇ ଚୋରା ଚାଲାଣ ହେଉଥିବା ସମୟରେ ଝରିଗାଁ ବନବିଭାଗ ଦ୍ୱାରା ଜବତ କରାଯାଇଛି। ମେଦନା ଫରେଷ୍ଟର ଗୋବିନ୍ଦ ଚନ୍ଦ୍ର ନାୟକ ଟ୍ରକଟିକୁ ଅଟକାଇ ଝରିଗାଁ ରେଞ୍ଜର ଅଫିସକୁ ଆଣିଛନ୍ତି। ଧାମନାଗୁଡା ଠାରୁ କାଠଗଣ୍ଡି ବୋଝେଇ ଟ୍ରକ୍ ବାହାରିଥିଲା। ସେହି ସମୟରେ ମେଦନା ଫରେଷ୍ଟର ଖବରପାଇ ଘଟଣା ସ୍ଥଳେ ପହଞ୍ଚି ଜବତ କରିଥିଲେ।

### ଚନ୍ଦାହାଣ୍ଡି ଘାଟିରେ ବସ ଓଲଟିବା ଘଟଣା
## ସରକାରୀ ସହାୟତା ଅପେକ୍ଷାରେ ଗୁରୁତର ଶିକ୍ଷକ

**ନବରଙ୍ଗପୁର,୧୯।୧୧(ବି.ପ୍ର)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚନ୍ଦାହାଣ୍ଡି ଘାଟିରେ ବସ ଓଲଟିବା ପରେ ଏଥିରେ ରାଇଘର ବ୍ଲକ ଉଦୟପୁର ସ୍କୁଲର ଶିକ୍ଷକ ଗୋପାଳ ଦାସ ଗୁରୁତର ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ନବରଙ୍ଗପୁର ଓ ପରେ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା। ତେବେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରିବାର ଲୋକ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ତାଙ୍କ ଚିକିତ୍ସା ବ୍ୟୟବହୁଳ ହୋଇ ପଡିଥିବାରୁ ପରିବାର ଲୋକ ସରକାରୀ ସହାୟତା ଅପେକ୍ଷାରେ ରହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଗଛକଟା ଏଡ଼ାଇବାକୁ...

ଅତନୁ ସବ୍ୟସାଚୀ ନାୟକ, ପୂର୍ଣ୍ଣଚନ୍ଦ୍ର ସେଠୀ, ବିଜୟ ମହାନ୍ତି, ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ନିଜ ଆସନ ନିକଟରେ ଛିଡ଼ାହୋଇ ଜୋରଦାର ପ୍ରତିବାଦ କରିଥିଲେ। ମୋଦି ସରକାର ହାଏ.. ହାଏ.. ଦଳିତ ମାରଣ ନୀତି ଚଳିବ ନାହିଁ.. ଚଳିବ ନାହିଁ.. ଯଦି ଚଳିବ ରାସ୍ତାଘାଟରେ ଲଢ଼େଇ ହେବ ଶ୍ଲୋଗାନମାନ ଦେଇ ବିଧାନସଭାକୁ କମ୍ପାଇ ଦେଇଥିଲେ। ଶାସକ ଦଳଙ୍କ ଏଭଳି ଉଗ୍ର ରୂପ ଦେଖି କଂଗ୍ରେସ ଓ ଭାଜପା ସଦସ୍ୟମାନେ ମଧ୍ୟ ଆକ୍ରମଣାତ୍ମକ ମୁଦ୍ରାକୁ ଚାଲି ଆସିଥିଲେ। ଉଭୟ ଦଳ ରାଜ୍ୟ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଘେରିଥିଲେ। କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି, ଅଂଶୁମାନ ମହାନ୍ତି, ଦେବେନ୍ଦ୍ର ଶର୍ମା, ଭୁଜବଳ ମାଝୀ, ପ୍ରଫୁଲ୍ଲ ମାଝୀ, ଚନ୍ଦ୍ରଶେଖର ମାଝୀ ପ୍ରମୁଖ ଗୃହର ମଧ୍ୟଭାଗକୁ ଅସି ପ୍ରବଳ ପାଟି ତୁଣ୍ଡ କରିଥିଲେ। ସଚିବାଳୟରେ ସିବିଆଇ କାହିଁକି ପଶିଲା। ଏନେଇ ଏକ ଖବର ଗଣମାଧ୍ୟମରେ ପ୍ରକାଶ ପାଇଛି । ସରକାର ତୁରନ୍ତ ଏହାର ସ୍ପଷ୍ଟୀକରଣ ଦିଅନ୍ତୁ। ଏଭଳି ଦାବିକରି ଗୃହର ମଧ୍ୟଭାଗରେ ହଟ୍ଟଗୋଳ କଲେ। ଅନ୍ୟପକ୍ଷରେ ଭାଜପା ସଦସ୍ୟ ପ୍ରଦୀପ ପୁରୋହିତ, ରବି ନାୟକ, ଗୋବିନ୍ଦ ଦାସ ପ୍ରମୁଖ ନିଜ ଆସନ ନିକଟରେ ଛିଡ଼ାହୋଇ ପ୍ରତିବାଦ କଲେ। ଶାସକ ଓ ବିରୋଧୀ ସଦସ୍ୟଙ୍କ ହୋହଲ୍ଲାରେ ବିଧାନସଭା ଅଚଳ ହୋଇଯାଇଥିଲା। ବାଚସ୍ପତି ଗୃହ କାର୍ଯ୍ୟ ଚଳାଇ ନ ପାରି କେବଳ ସଦସ୍ୟମାନଙ୍କୁ ଅସହାୟ ହୋଇ ଚାହିଁ ରହିଥିଲେ। ପରିସ୍ଥିତିରେ କୌଣସି ସୁଧାର ନ ଆସିବାରୁ ବାଧ୍ୟହୋଇ ବାଚସ୍ପତି ଗୃହକୁ ଅପରାହ୍ନ ୩ଟା ଯାଏଁ ମୁଲତବୀ ଘୋଷଣା କରିଦେଇଥିଲେ। ଗୃହକାର୍ଯ୍ୟ ମୁଲତବୀ ପରେ ଶାସକ ଦଳର ସଦସ୍ୟମାନେ ବିଧାନସଭା ପରିସରରେ ଥିବା ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇ କେନ୍ଦ୍ର ସରକାରଙ୍କ ଦଳିତ ମାରଣ ନୀତିକୁ ପ୍ରତିବାଦ କରିଥିଲେ।

ବିଧାନସଭା ବାହାରେ ଗୃହ ବନ୍ଦ ହେବା ସମ୍ପର୍କରେ ସୂଚନା ଦେଇ ବିରୋଧୀ ଦଳ ନେତା କହିଲେ ଯେ, ଢେଙ୍କାନାଳ ଜିଲା ବଳରାମପୁରଠାରେ ବିୟର୍ ଫ୍ୟାକ୍ଟ୍ରି ନିର୍ମାଣ କରିବା ପାଇଁ ହଜାର ହଜାର ଗଛ କଟାଯାଇଛି ଏନେଇ ମୁଲତବୀ ପ୍ରସ୍ତାବ ଆଲୋଚନା କରିବା ସକାଶେ କଂଗ୍ରେସ ପ୍ରସ୍ତାବ ଦେଇଥିଲା। ଏହାକୁ ଆଲୋଚନା କରିବା ପାଇଁ ବାଚସ୍ପତି ଅନୁମତି ଦେଇଥିଲେ। ତେବେ ଗୃହକୁ ଅପରାହ୍ନ ୩ଟାଯାଏଁ ମୁଲତବୀ କରିବାର ଉଦ୍ଦେଶ୍ୟ କ'ଣ ? ଆଲୋଚନାକୁ ଡରି ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

ବିଜେଡିର ବରିଷ୍ଠ ନେତା ଅରୁଣ ସାହୁ କହିଛନ୍ତି କେନ୍ଦ୍ରର ଭାଜପା ପରିଚାଳିତ ସରକାର ଦଳିତ ଓ ଆଦିବାସୀ ବିରୋଧୀ। ରାଜ୍ୟରେ ଏସସି ଓ ଏସଟି ୪୦ ପ୍ରତିଶତ । କେନ୍ଦ୍ର ସରକାର ପୋଷ୍ଟ ମାଟ୍ରିକ ସ୍କଲାରଶିପ୍‌ର ୮୦ ଭାଗ ଦେଉଥିବା ବେଳେ ରାଜ୍ୟ ସରକାର ୨୦ ପ୍ରତିଶତ ଦେଉଥିଲେ। ୨୦୧୭-୧୮ ଏବଂ ୨୦୧୮-୧୯ରେ ଅନୁଦାନରେ ପରିବର୍ତ୍ତନ କରି ରାଜ୍ୟ ସରକାରଙ୍କ ଉପରେ ୯୦ ପ୍ରତିଶତ ଲଦି ଥିବାବେଳେ କେନ୍ଦ୍ର ମାତ୍ର ୧୦ ପ୍ରତିଶତ ଦେଉଛି। ଗତ ଦୁଇ ବର୍ଷ ହେବ କେନ୍ଦ୍ର ୨୦ ପ୍ରତିଶତ ଶେୟାର ଭାବେ ୮୪ କୋଟି ଟଙ୍କା ଦେଇ ନାହିଁ।

ଭାଜପା ସଦସ୍ୟ ପ୍ରଦୀପ ପୁରୋହିତ ଅଭିଯୋଗକୁ ବିରୋଧ କରି କହିଲେ ସବୁ ରାଜ୍ୟ ପାଇଁ କେନ୍ଦ୍ର ସରକାର ଗୋଟିଏ ନୀତି କରିଛନ୍ତି। ଢେଙ୍କାନାଳ ଜିଲାରେ ଗଛ କଟାକୁ ନେଇ ଆମେ ମୁଲତବୀ ପ୍ରସ୍ତାବ ଦେଇଥିଲୁ । ସରକାର ସବୁବେଳେ ଆଲୋଚନା ପାଇଁ ପ୍ରସ୍ତୁତ ଥିବା କହୁଥିବା ବେଳେ ବିଜେଡିର ସଦସ୍ୟମାନେ ଗୃହରେ ଜାଣିଶୁଣି ଆଲୋଚନାକୁ ଭଣ୍ଡୁର କରିବାକୁ ହଙ୍ଗାମା କରୁଛନ୍ତି ବୋଲି ପୁରୋହିତ କହିଛନ୍ତି।

## ମାଓବାଦୀଙ୍କ ବନ୍ଦ ଡାକରା: ସୁରକ୍ଷା...

ସହ ଅନ୍ୟ ୨ ଜଣ ସାଧାରଣ ଲୋକଙ୍କ ମୃତ୍ୟୁ ହୋଇଥିଲା ବୋଲି ଆନ୍ଧ୍ର ଓଡ଼ିଶା ବର୍ଡର ସ୍ପେଶାଲ ଜୋନାଲ କମିଟିର ଜଗବନ୍ଧୁ ଗଣମାଧ୍ୟମ ପାଇଁ ଜାରି କରିଥିବା ଏକ ପତ୍ରରେ ଉଲ୍ଲେଖ କରିଥିଲେ। ଏହି ୨ ଘଟଣାକୁ ମାଓବାଦୀ ସଙ୍ଗଠନ ମିଥ୍ୟା ଏନ୍‌କାଉଣ୍ଟର ବୋଲି ଅଭିହିତ କରି ମଙ୍ଗଳବାର ମାଲକାନଗିରି ଜିଲା ବନ୍ଦ ଡାକରା ଦେଇଛି।

## ସନ୍ଧ୍ୟାରେ ବାହାରିଲା...

ଦର୍ଶନ ପାଇଁ ମନ୍ଦିର ଭିତରେ ଅସ୍ଥାୟୀ ବ୍ୟାରିକେଡ ଏବଂ ପୋଲିସ ବ୍ୟବସ୍ଥା କରାଯାଇଥିଲା। ପଞ୍ଚୁକର ପ୍ରଥମ ବେଶ(ଲକ୍ଷ୍ମୀନାରାୟଣ)ରେ ହୋଇଥିଲା ଅହେତୁକ ବିଳମ୍ବ। ଏଥିଯୋଗୁ ଦୂରଦୂରାନ୍ତରୁ ଆସିଥିବା ବହୁ ଭକ୍ତ ପୂର୍ଣ୍ଣାଙ୍ଗ ବେଶ ଦର୍ଶନ କରିପାରି ନ ଥିବା ବେଳେ ଅନେକେ ମହାପ୍ରସାଦ ପାଇପାରି ନ ଥିଲେ।

ଏ ସମ୍ପର୍କରେ ନୀତି ପ୍ରଶାସକ ପ୍ରଦୀପ ଦାଶ କୁହନ୍ତି, ପ୍ରତିବର୍ଷ ୩ ଜଣ ସିଂହାରୀ ପାଳିଆ ସେବାୟତ ବେଶ କରନ୍ତି। ୫ରୁ ୬ ଜଣ ସେମାନଙ୍କୁ ସହଯୋଗ କରିଥାନ୍ତି। ସିଂହାରୀ ନିଯୋଗ ବି ସହଯୋଗ କରିଥାଏ। ଜଗମୋହନ ମରାମତି ସମୟରେ ପାଳିଆ ସେବକଙ୍କୁ ଦୁଇଗୁଣା ପାଳିଆ ପୁରସ୍କାର ଦିଆଯାଉଥିଲା। ଜଗମୋହନ କାମ ଶେଷ ହୋଇଥିବାରୁ ଅଗଷ୍ଟ ମାସରୁ ଏହାକୁ ବନ୍ଦ କରାଯାଇଛି। ବନ୍ଦ ରହିଥିବା ପାଳିଆ ପୁରସ୍କାର ଦିଆଯାଉ ନ ଥିବାରୁ ପ୍ରତିବର୍ଷ ସହଯୋଗ କରୁଥିବା ସିଂହାରୀ ସେବକ ସହଯୋଗ କରି ନ ଥିଲେ। ୩ ପାଳିଆ ସେବକ ବେଶ କରିବାରୁ ବିଳମ୍ବିତ ହୋଇଥିଲା। ସନ୍ଧ୍ୟାରେ ସେମାନଙ୍କ ସହ ଆଲୋଚନା କରାଯାଇଛି। ନୀତିରେ ସହଯୋଗ କରିବା ଲାଗି ଅନୁରୋଧ କରାଯାଇଛି। ସେମାନେ ମଧ୍ୟ ନୀତିରେ ସହଯୋଗ କରିବା ଲାଗି ପ୍ରତିଶ୍ରୁତି ଦେଇଛନ୍ତି। ପାଳିଆ ପୁରସ୍କାର କେବେ ଦିଆଯିବ ପ୍ରଶ୍ନରେ ମୁଖ୍ୟ ପ୍ରଶାସକ ଏ ନେଇ ନିଷ୍ପତ୍ତି ନେବେ ବୋଲି ନୀତି ପ୍ରଶାସକ କହିଥିଲେ।

## ବଳରାମପୁରରେ...

ଜିଲାପାଳ ଏବଂ ଅନ୍ୟ କେତେଜଣ ଅଧିକାରୀଙ୍କୁ ପଚରାଉଚରା କରିଥିବା ଭିନ୍ନ ଏକ ସୂତ୍ରରୁ ଜଣାପଡିଛି। ରାଜ୍ୟ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ବିୟର ବଟ୍‌ଲିଂ ପ୍ଲାଣ୍ଟ ସ୍ଥାନାନ୍ତରିତ କରିବାକୁ ନିର୍ଦ୍ଦେଶ ଦେଇସାରିଛନ୍ତି। ରିପୋର୍ଟ ଅନୁଧ୍ୟାନ ପରେ ଯିଏ ଦୋଷୀ ତା' ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗଛ କଟାଯାଇଥିବା ସ୍ଥାନରେ ବୃକ୍ଷରୋପଣ ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ବୋଲି ବେହେରା କହିଛନ୍ତି। ଇତିମଧ୍ୟରେ ବିରୋଧୀଙ୍କ ପକ୍ଷରୁ ସରକାରଙ୍କୁ କଡା ସମାଲୋଚନା କରାଯାଇଛି। ବିରୋଧୀ ଦଳ ନେତା ନରସିଂହ ମିଶ୍ର କାହା ନିର୍ଦ୍ଦେଶରେ ଗଛ କଟାଗଲା ବୋଲି ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ଭାଜପାର ଏକ ପ୍ରତିନିଧି ଦଳ ମଙ୍ଗଳବାର ବଳରାମପୁର ଗସ୍ତ କରିବେ ବୋଲି ଜଣାପଡିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ରବି ଶତ୍ରୁ ମନୋଭାବାପନ୍ନ ଶନିଙ୍କ ନକ୍ଷତ୍ରସ୍ଥ ହେତୁ ପରିବାରର କିଛି ବ୍ୟତିକ୍ରମକୁ ନେଇ ଚିନ୍ତାପ୍ରକଟ କରିବେ। ପରିବାରରେ ପରସ୍ପର ପଡୁ ନ ଥିବା ପୁଅ ବୋହୂଙ୍କ କଥା ମନକୁ ବେଶି ଆନ୍ଦୋଳିତ କରିପାରେ। ବନ୍ଧୁଙ୍କୁ ଦେଇଥିବା ଅର୍ଥକୁ କେନ୍ଦ୍ରକରି କିଛି ସମସ୍ୟା ଦେଖାଦେଇପାରେ। ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଦେଶାନୁସାରେ ହଠାତ୍ ଯାତ୍ରା କରିବାକୁ ପଡିପାରେ।

**ବୃଷ**
ଚନ୍ଦ୍ର ଧନାଧିପତି ବୁଧଙ୍କ ନକ୍ଷତ୍ରରେ ଆର୍ଥିକ ଅଭିବୃଦ୍ଧି କରାଇବ। ବିଭିନ୍ନ ପ୍ରକାର ଘରୋଇ ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇ ଏକପ୍ରକାର ବ୍ୟତିବ୍ୟସ୍ତ ହୋଇ ପାରନ୍ତି। ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରିବେ। ନିର୍ମାଣ, ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**ମିଥୁନ**
ମଙ୍ଗଳ ଅଷ୍ଟମାଧିପ ଶତ୍ରୁ ଶନିଙ୍କ ନକ୍ଷତ୍ରରେ ରହି ଶତ୍ରୁତା ସାଙ୍ଗକୁ ଆକସ୍ମିକ ଯାତ୍ରା କରାଇପାରେ। ଅସୁବିଧାବଶତଃ ଅତ୍ୟାବଶ୍ୟକ କାମଗୁଡିକ ଅଟକି ରହିଥିବା କାରଣରୁ ସେହିକଥା ଭାବି ଭାବି ଅନ୍ୟମନସ୍କ ରହିପାରନ୍ତି। ଯାନବାହନ, ଜମିଜମା, ଗୃହସୀମା, ମାଲିମକଦ୍ଦମା, ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗି ରହିବ।

**କର୍କଟ**
ବକ୍ରୀ ବୁଧ ସ୍ୱନକ୍ଷତ୍ରସ୍ଥ ଯୋଗୁ ନିକଟ ସମ୍ପର୍କୀୟଙ୍କ ବିବାଦର ସମାଧାନ ପାଇଁ ପଥ ପରିଷ୍କାର କରିବ। କର୍ମକ୍ଷେତ୍ରରେ ଅପେକ୍ଷାକୃତ ଅସୁବିଧା ଭୋଗିବେ ଏବଂ କାରଣ ନ ଥାଇ ମଧ୍ୟ ଦୋଷୀ ସାବ୍ୟସ୍ତ ହେବେ। ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ। ଗୃହ, ଯାନ ବାହନ ତଥା ଯାନ୍ତ୍ରିକ ଜିନିଷର ମରାମତି ପାଇଁ ବ୍ୟଗ୍ରତା ପ୍ରକାଶ କରିପାରନ୍ତି।

**ସିଂହ**
ସ୍ୱସ୍ଥାନହନ୍ତା ବୃହସ୍ପତି ମାରକାଧିପତି ଶନିଙ୍କ ନକ୍ଷତ୍ରରେ ଅବସ୍ଥାନ କରି ବ୍ୟବସାୟ, ଯାତ୍ରାରେ ଦ୍ୱନ୍ଦ୍ୱ ସୃଷ୍ଟି କରିପାରନ୍ତି। ପରିବାର ଭିତରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି। ସାହିତ୍ୟ, କଳାରେ ଉଚ୍ଚ ପ୍ରଶଂସା ମିଳିବ। କୌଣସି ସାଙ୍ଗଠନିକ କାମ, ରାଜନୈତିକ କ୍ଷେତ୍ର ପାଇଁ ଦିନଟି ବହୁତ ଭଲ।

**କନ୍ୟା**
ଶନି ମୁଣ୍ଡ ନ ଥିବା ଗ୍ରହ କେତୁ ନକ୍ଷତ୍ରରେ ରହି ବୁଝାମଣା ଓ ବିଚାରଧାରାକୁ ଓଲଟପାଲଟ କରିଦେଇପାରେ। ଅତି ଭଲ ସମ୍ପର୍କ ଥିବା ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। କାର୍ଯ୍ୟକ୍ଷେତ୍ରରେ ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ ଏବଂ ମଧ୍ୟାହ୍ନରେ ଟେନସନ୍ ଦୂର ହେବ। ଗୃହ, ମାଲିମକଦ୍ଦମା ସମ୍ପର୍କିତ ଆଲୋଚନା ବିଗିଡ଼ି ଯାଇପାରେ।

**ତୁଳା**
ରାହୁ ପରମମିତ୍ର ଶନିଙ୍କ ଗୃହରେ ନିଜର ଉଦ୍ଦେଶ୍ୟ ପୂରଣ ପାଇଁ ବିଭିନ୍ନ ପ୍ରକାରର ଉପାୟ ଚିନ୍ତା କରାଇପାରନ୍ତି ତଥାପି ଚିତ୍ରା ନକ୍ଷତ୍ର ସକାଶେ ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡିପାରେ। ସାହିତ୍ୟ, କ୍ରୀଡା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ବ୍ୟବସାୟ, ପରିବହନ, ଆଲୋଚନା ଓ କଚେରି ମାମଲା କ୍ଷେତ୍ରରେ ଶୁଭଫଳ ପାଇବେ।

**ବିଛା**
ତୃତୀୟ ଭାବରେ କେତୁଗ୍ରହ ଜମା ପଡୁ ନ ଥିବା ରବିଙ୍କ ନକ୍ଷତ୍ରରେ ବନ୍ଧୁ ସମ୍ପର୍କକୁ କ୍ଷୁଣ୍ଣ କରିପାରନ୍ତି। ଫଳତଃ ଆପଣ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ, ସେଥିରେ ମଧ୍ୟ କିଛି ସତ୍ୟତା ରହିଛି ବୋଲି ବୁଝିବାକୁ ହେବ। ଅବଶ୍ୟ ଆଜି ଘରକୁ ଫେରିବା ସମୟରେ କିଛି ମୂଲ୍ୟବାନ ଜିନିଷ ଆଣିପାରନ୍ତି।

**ଧନୁ**
ଚନ୍ଦ୍ରଙ୍କ ଅବସ୍ଥିତି ପାରିବାରିକ ଜୀବନକୁ ସରସ ସୁନ୍ଦର କରାଇବାରେ ସହାୟକ ହେବ। ଘର ଅପେକ୍ଷା ବାହାର ଲୋକମାନେ ଆପଣଙ୍କ ପକ୍ଷ ସମର୍ଥନ କରିବେ। ବ୍ୟବସାୟରେ ସାଧାରଣ ସମସ୍ୟା ପାଇଁ ବିଶେଷ ଅସୁବିଧା ହେବନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ମକର**
ରାଶିରେ କେତୁ ପ୍ରଭାବରେ ଭଲ କଥାକୁ ମଧ୍ୟ ଓଲଟା ଦୃଷ୍ଟିରେ ଦେଖିପାରନ୍ତି। ସୁଯୋଗର ସଦ୍‌ବ୍ୟବହାର କରିପାରିଲେ ଆଶା ପୂରଣ ହେବାରେ କୌଣସି ଅସୁବିଧା ରହିବ ନାହିଁ। ସେବା ଓ ସାହାଯ୍ୟ ମାଧ୍ୟମରେ ନିଜ ପାଇଁ ନୂତନ ସୁଯୋଗ ସକାଶେ ରାସ୍ତା ଉନ୍ମୋଚନ କରିବେ। ବାଣିଜ୍ୟ, ବ୍ୟବସାୟରେ ଅନ୍ୟମାନଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**କୁମ୍ଭ**
ବଳବାନ୍ ମଙ୍ଗଳଙ୍କ ପ୍ରଭାବରେ କର୍ମକ୍ଷେତ୍ରରେ ପ୍ରାଧାନ୍ୟ ବୃଦ୍ଧି ପାଇବ। ଗତକାଲିଠାରୁ ଆପଣ ଯାହା ଚିନ୍ତା କରୁଛନ୍ତି ତାହା ସହଜରେ ସମ୍ପନ୍ନ କରିବାରେ କୌଣସି ଅସୁବିଧା ହେବନାହିଁ। ବ୍ୟବସାୟରେ ସମସ୍ୟାକୁ ସୁଧାରି ନେବେ ଓ ନୂତନ ବାଣିଜ୍ୟ ଯୋଡିବା ପାଇଁ ଚିନ୍ତା କରିବେ। ଉପରିସ୍ଥ ଅଫିସରଙ୍କ କ୍ରୋଧ କାମରେ ପ୍ରତିବନ୍ଧକ ସୃଷ୍ଟି କରିବ।

**ମୀନ**
ରାଶି ପାଇଁ ଗ୍ରହସ୍ଥିତି ଅନୁକୂଳ ରହିଥିବାରୁ କୌଣସି କାମ ଅଟକି ରହିବ ନାହିଁ। ପାରିବାରିକ କ୍ଷେତ୍ରରେ କୌଣସି ନୂତନ ଯୋଜନାର ଅଗ୍ରଗତି ମନକୁ ଉଚ୍ଚାଟ କରିବ। ପୂର୍ବ ଭାଦ୍ରପଦର ସମସ୍ୟା ବଢିବା କାରଣରୁ ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ। ବହୁତ ଖଟଣି ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି।

ଆଜି କାର୍ତ୍ତିକ ଶୁକ୍ଳପକ୍ଷର ଗରୁଡ଼ ଦ୍ୱାଦଶୀ ଓ ତୁଳସୀ ବିବାହ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ବାଙ୍କଚୂଡ଼ା ବେଶ ଓ ଗରୁଡ଼ ଉତ୍‌ଥାପନ, ମଙ୍ଗଳବାର ନଭେମ୍ବର ୨୦ ତାରିଖ, ରାଶି ନକ୍ଷତ୍ର-ରେବତୀ/ମୀନ, ମକର ରାଶିର ଘାତବାର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୮ ।୫୨ମି. ଗତେ ଘ୧୦ ।୧୬ମି. ମଧ୍ୟେ, ଘ୧୧ ।୪୦ମି. ଗତେ ଘ୧ ।୦୫ମି. ମଧ୍ୟେ ଅମୃତବେଳା। ଦିବା ଘ୧୦ ।୪୦ମି. ଗତେ ଘ୧୧ ।୪୦ମି. ମଧ୍ୟେ ମାହେନ୍ଦ୍ରବେଳା। ଘ୨ ।୧୩ମି. ଗତେ ଘ୩ ।୪୭ମି. ମଧ୍ୟେ, ଦିବା ଘ୨ ।୧୭ମି. ଗତେ ଘ୩ ।୪୦ମି. ମଧ୍ୟେ ରାହୁକାଳ।



ଯୁବତୀମାନଙ୍କ ଦ୍ୱାରା ବ୍ୟବହୃତ ସାନିଟାରୀ ନାପକିନ୍ସ ଓ ଟ୍ୟାମ୍ପୁନ୍ସରୁ ପ୍ରସ୍ତୁତ ହେଉଛି ଡ୍ରଗ୍ସ। କଥାଟା ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ଇଣ୍ଡୋନେସିଆରେ ଏହିଭଳି ଭାବରେ ଡ୍ରଗ୍ସ ପ୍ରସ୍ତୁତ ହୋଇ ମାର୍କେଟକୁ ଛଡାଯାଉଛି। ଇଣ୍ଡୋନେସିଆ ନାସ୍‌ନାଲ୍ ଡ୍ରଗ୍ସ ଏଜେନ୍ସି ମୁତାବକ, ସାନିଟାରୀ ପ୍ୟାଡ୍‌ରୁ ପ୍ରସ୍ତୁତ ଡ୍ରଗ୍ସ ପିଇଲେ ପ୍ରଚୁର ନିଶା ଧରିଥାଏ। ଏଥିପାଇଁ ଏହି ଡ୍ରଗ୍ସ ଚାହିଦା ବଢୁଛି। ଗତ ସପ୍ତାହରେ ଦେଶର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଏଭଳି ଡ୍ରଗ୍ସ କାରଖାନାକୁ ଠାବ କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ଗିରଫ ମଧ୍ୟ କରାଯାଇଛି।




## ■ ହକି ବିଶ୍ୱକପ୍: କମିଶନରେଟ ପୋଲିସର ପ୍ରସ୍ତୁତି

# ଖେଳାଳିଙ୍କ ପାଇଁ ୪ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା

ଭୁବନେଶ୍ୱର,୧୯।୧୧ (ବ୍ୟୁରୋ)

- ■ଷ୍ଟାଡିୟମକୁ ଦର୍ଶକ ନେଇପାରିବେନି ବୋତଲ, ପ୍ଲାଷ୍ଟିକ୍ ସାମଗ୍ରୀ
- ■ସହରକୁ ଭାରିଯାନ ପ୍ରବେଶ ଉପରେ କଟକଣା
- ■ନିର୍ଦ୍ଧାରିତ ପାର୍କିଂ ସ୍ଥଳରେ ରହିବ ଗାଡ଼ି

ଆସନ୍ତା ୨୭ ତାରିଖରେ ପୁରୁଷ ହକି ବିଶ୍ୱକପ୍‌ର ଉଦ୍‌ଘାଟନ ଉତ୍ସବ। ଆଉ ୮ ଦିନ ବାକି ରହିଥିବାବେଳେ ଇତିମଧ୍ୟରେ ଭୁବନେଶ୍ୱରକୁ ଅତିଥି ଓ ଖେଳାଳିଙ୍କ ଆଗମନ ଆରମ୍ଭ ହୋଇଛି। ତେବେ ସହରରେ ଶୃଙ୍ଖଳା ରକ୍ଷା ସହ ଦୃଢ଼ ସୁରକ୍ଷା ବ୍ୟବସ୍ଥା ପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଖେଳାଳି, ଅତିଥି ଓ ଦର୍ଶକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏକ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛି କମିଶନରେଟ୍ ପୋଲିସ। ଏଥିପାଇଁ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି, ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ କରି ୪ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଛନ୍ତି।

ପ୍ରଥମ ହେଉଛି ଖେଳାଳିଙ୍କ ସୁରକ୍ଷା। ଖେଳାଳିମାନେ ରହୁଥିବା ହୋଟେଲ ସମେତ ଷ୍ଟାଡିୟମ ଓ ଅନ୍ୟ ଯେକୌଣସି ସ୍ଥାନକୁ ଯିବା ଆସିବା ସମୟରେ ସେମାନଙ୍କୁ କିପରି ଆବଶ୍ୟକ ସୁରକ୍ଷା ପ୍ରଦାନ କରାଯିବ ତାହାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଦ୍ୱିତୀୟରେ ଉଦ୍‌ଘାଟନୀ ଉତ୍ସବ ଓ ମ୍ୟାଚ୍ ସମୟରେ ଦର୍ଶକଙ୍କ ସୁରକ୍ଷା। ସେମାନେ ଷ୍ଟାଡିୟମ ଭିତରକୁ ପଶିବା ଠାରୁ ଆରମ୍ଭ କରି ଖେଳ ସରିବା ପର୍ଯ୍ୟନ୍ତ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମଧ୍ୟ ଷ୍ଟାଡିୟମ ଭିତରେ ଓ ବାହାରେ ସୁରକ୍ଷା ବ୍ୟବସ୍ଥା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ତୃତୀୟରେ ମୋବିଲିଟି ପ୍ଲାନ୍ (ଟ୍ରାଫିକ ବ୍ୟବସ୍ଥା)ରେ କେତେକ କଟକଣା ଲାଗୁ କରାଯାଇଛି। ଖେଳ ଚାଲୁଥିବା ସମୟରେ କୌଣସି ଭାରିଯାନ ସହର ଭିତରକୁ ପଶି ପାରିବ ନାହିଁ। କମିଶନରେଟ ପୋଲିସ ପକ୍ଷରୁ ନିର୍ଦ୍ଧାରିତ ପାର୍କିଂ ସ୍ଥାନରେ କାର୍, ବାଇକ୍ ଓ ଅନ୍ୟ ଗାଡ଼ି ରହିବ। ସହରର ଉତ୍ତର ଦିଗରୁ ଆସୁଥିବା ଗାଡ଼ି ଜନତା ମଇଦାନରେ ପାର୍କିଂ କରାଯିବ। ସେଠାରୁ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା ଥିବା ସିଟି ବସ୍‌ରେ ଷ୍ଟାଡିୟମ ନିକଟକୁ ଯିବାଆସିବା କରିବେ। ଦକ୍ଷିଣ ପଟୁ ଆସୁଥିବା ଗାଡ଼ିଗୁଡିକ ବେହେରା ସାହି କିମ୍ବା ପୁରୁଣା ଏଜି କଲୋନୀ ପାର୍କିଂ ସ୍ଥଳରେ ରହିବ। ଖଣ୍ଡଗିରି ଆଡୁ ଆସୁଥିବା ଦର୍ଶକ ଯାନଗୁଡିକୁ ନୟାପଲ୍ଲୀ ରାବଣପୋଡ଼ି ପଡିଆ, ଦୁର୍ଗାପୂଜା ପଡ଼ିଆ ଓ ନାବାର୍ଡ ଗ୍ରାଉଣ୍ଡରେ ପାର୍କିଂ କରି ଚାଲି ଚାଲି ଷ୍ଟାଡିୟମକୁ ଆସିବେ।

ଚତୁର୍ଥରେ ରହିଛି ସମ୍ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥା। ଏଥିପାଇଁ ସହରରେ ପ୍ରାୟ ୭୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବା ସହ ୨ଶହ ଅଫିସର ଓ ୫୦ ଜଣ ଡିଏସ୍‌ପି ଓ ଏସ୍‌ପି ର୍‍ୟାଙ୍କ୍‌ର ଅଫିସର ଦାୟିତ୍ୱରେ ରହିବେ। ସେହିପରି ପିସିଆର୍ ଭ୍ୟାନ୍ ସଂଖ୍ୟାକୁ ମଧ୍ୟ ବଢାଇ ଦିଆଯିବ। ଏବେ ୩୩ଟି ପିସିଆର ଭ୍ୟାନ୍ ରହିଥିବାବେଳେ ଆଉ ନୂଆ ୧୭ଟିକୁ ମିଶାଇ ମୋଟ ୫୦ଟି ପିସିଆର ପଇଁତରା ମାରିବ। କୌଣସି ସ୍ଥାନରେ କିଛି ବିଶୃଙ୍ଖଳା ଘଟିଲେ ତୁରନ୍ତ ପଦକ୍ଷେପ ନିଆଯିବ। ଏଥିସହ ସହରର ୧୬ଟି ସ୍ଥାନରେ 'ମେ ଆଇ ହେଲ୍ପ ୟୁ' ରହିବ। ଏଥିରେ କ୍ରୀଡ଼ା ବିଭାଗ ଓ କମିଶନରରେଟ ପୋଲିସର କର୍ମଚାରୀମାନେ ଉପସ୍ଥିତ ରହି ଦର୍ଶକ ଓ ଖେଳାଳିଙ୍କୁ ସହଯୋଗ ଯୋଗାଇ ଦେବେ। ସମସ୍ତଙ୍କ ମଧ୍ୟରେ କିପରି ସମନ୍ୱୟ ରହିବ ସେଥିପାଇଁ ଜଣେ ବରିଷ୍ଠ ପୋଲିସ ଅଧିକାରୀ ତଦାରଖ ଦାୟିତ୍ୱରେ ରହିବେ। ସବୁଠାରୁ ବଡ଼ କଥା ହେଲା ବାହାରୁ ଷ୍ଟାଡିୟମ ଭିତରକୁ ପାଣି ବଟଲ କିମ୍ବା ପ୍ଲାଷ୍ଟିକ୍ ସାମଗ୍ରୀ ନେଇ ଯାଇପାରିବେ ନାହିଁ। ଏଥିପାଇଁ ଷ୍ଟାଡିୟମ ଭିତରେ ପିଇବା ପାଣିର ବ୍ୟବସ୍ଥା କରାଯାଇଥିବା କମିଶନର ମହାନ୍ତି ସୂଚନା ଦେଇଛନ୍ତି।

## ବାଇକ୍‌ରେ ମିଲ୍‌କୁ ଧାନ ଯିବା ଘଟଣା: ୮ ସରକାରୀ କର୍ମଚାରୀ ନିଲମ୍ବିତ

ବରଗଡ଼ ଅଫିସ୍,୧୯।୧୧

ସୂଚନା ଅଧିକାର ଆଇନ ବଳରେ ଧରାପଡ଼ିଥିବା ଧାନ କିଣାବିକା ଅନିୟମିତତା ଘଟଣାରେ ବରଗଡ଼ ଜିଲା ପ୍ରଶାସନ ପକ୍ଷରୁ ସୋମବାର ୮ଜଣ ସରକାରୀ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ନିଲମ୍ବିତ କର୍ମଚାରୀଙ୍କ ମଧ୍ୟରେ ୪ଜଣ ୟାର୍ଡ଼ ଇନଚାର୍ଜ ଏବଂ ୪ଜଣ ପ୍ୟାକ୍ସର ସମ୍ପାଦକ ରହିଛନ୍ତି। ସେମାନେ ହେଲେ ବରଗଡ଼ ଆରଏମସି ଅଧୀନ କୁମ୍ଭାରୀ(ବରମକେଲା)ର ୟାର୍ଡ଼ ଇନଚାର୍ଜ ଟଙ୍କଧର ମେହେର, ଅଡ଼ଗାଁ ୟାର୍ଡ଼ ଇନଚାର୍ଜ ରବି ନାରାୟଣ ବାରିକ, ଗୋବିନ୍ଦପୁର ୟାର୍ଡ଼ ଇନଚାର୍ଜ ଗୋକୁଳା ଆଚାର୍ଯ୍ୟ ଏବଂ ସରସରା ୟାର୍ଡ଼ ଇନଚାର୍ଜ ଶଙ୍କର ପ୍ରଧାନ। ସେହିପରି କୁମ୍ଭାରୀ ପ୍ୟାକ୍ସର ସମ୍ପାଦକ ଗୌରଚନ୍ଦ୍ର ବୁଧିଆ, ଅଡ଼ଗାଁ ପ୍ୟାକ୍ସ ସମ୍ପାଦକ ରାଜକୁମାର ପ୍ରଧାନ, ଗୋବିନ୍ଦପୁର ପ୍ୟାକ୍ସ ସମ୍ପାଦକ ଆନନ୍ଦ ଚନ୍ଦ୍ର ରଥ ଏବଂ ସରସରା ପ୍ୟାକ୍ସ ସମ୍ପାଦକ ଟଙ୍କଧର ସାହୁଙ୍କୁ ମଧ୍ୟ ଏହି ଘଟଣାରେ ନିଲମ୍ବିତ କରାଯାଇଛି।

ସୂଚନାଯୋଗ୍ୟ, ଗତ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟାରେ ଉପରୋକ୍ତ ୟାର୍ଡ଼ ଗୁଡ଼ିକରେ ପ୍ୟାକ୍ସ ଧାନ କିଣିଥିବାବେଳେ ଅଫିସ୍ କାଗଜାତ୍‌ରେ ବାଇକ୍‌ର ରେଜିଷ୍ଟ୍ରେଶନ ନମ୍ବର ଦର୍ଶାଇ ସେହି ନମ୍ବର ଗାଡ଼ିରେ ମଣ୍ଡିରୁ ମିଲକୁ ଧାନ ପରିବହନ କରାଯାଇଛି ବୋଲି ସୂଚନା ଅଧିକାର ଆଇନ ବଳରେ ଜଣାପଡ଼ିଥିଲା । ଏ ନେଇ ଫର୍ ସଂସ୍ଥା ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଗତ ୧୬ତାରିଖରେ ଫେରାଦ ହୋଇ ତଦନ୍ତ ଦାବି କରିଥିବାବେଳେ ଉକ୍ତ ପ୍ରସଙ୍ଗକୁ ନେଇ ବିରୋଧୀ କଂଗ୍ରେସ ବିଧାୟକମାନେ ବିଧାନସଭାରେ ମଧ୍ୟ ହଟ୍ଟଗୋଳ କରିଥିଲେ। ଘଟଣାକୁ ଗୁରୁତ୍ୱର ସହିତ ନେଇ ଜିଲାପାଳ ୩ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦେବା ପାଇଁ ଶନିବାର ବରଗଡ଼ ଅତିରିକ୍ତ ଜିଲାପାଳ ତପିରାମ ମାଝି ଏବଂ ଏଆରସିଏସ୍ ଦିବାକର ଭୋଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତର ପ୍ରାଥମିକ ପର୍ଯ୍ୟାୟରେ ଅଭିଯୋଗ ନେଇ କିଛି ପ୍ରାମାଣିକ ତଥ୍ୟ ମିଳିବା ପରେ ଅତିରିକ୍ତ ଜିଲାପାଳ ମାଝି ଉପରୋକ୍ତ ୟାର୍ଡ଼ ଇନଚାର୍ଜ ଏବଂ ଏଆରସିଏସ୍ ଭୋଇ ସମ୍ପୃକ୍ତ ପ୍ୟାକ୍ସ ସମ୍ପାଦକମାନଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି।

## ନିଦରୁ ଉଠିଲେ ମହାପ୍ରଭୁ
### ଆରମ୍ଭ ହେଲା ଶୁଭ କାଳ

**ପୁରୀ ଅଫିସ,୧୯।୧୧:** ରଥଯାତ୍ରା ପରେ ହରିଶୟନ ଏକାଦଶୀରେ ନିଦ୍ରା ଯାଇଥିଲେ ମହାପ୍ରଭୁ। ଚାରି ମାସ ପରେ କାର୍ତ୍ତିକ ଶୁକ୍ଳ ଏକାଦଶୀରେ ମହାପ୍ରଭୁ ନିଦରୁ ଉଠିଛନ୍ତି। ଏହି କାର୍ତ୍ତିକ ଶୁକ୍ଳ ଏକାଦଶୀକୁ ହରି ଉତ୍ଥାପନ ଏକାଦଶୀ କୁହାଯାଏ। ଶ୍ରୀମନ୍ଦିରରେ ସୋମବାର ହରି ଉତ୍ଥାପନ ନୀତି ସମ୍ପନ୍ନ ହୋଇଛି। ଠାକୁରଙ୍କ ଏହି ଶୟନ ଚାରିମାସକୁ ଚତୁର୍ମାସ୍ୟା ବୋଲି କୁହାଯାଏ। ଏହି ସମୟରେ ଶୁଭ କାର୍ଯ୍ୟ କରାଯାଏ ନାହିଁ। ମହାପ୍ରଭୁ ନିଦରୁ ଉଠିବା ପରେ ସୋମବାରଠାରୁ ଆରମ୍ଭ ହୋଇଛି ଶୁଭ କାଳ ଓ ଶୁଭ କର୍ମ। ମହାପ୍ରଭୁଙ୍କ ପ୍ରତିନିଧି ଭାବେ ଶ୍ରୀନାରାୟଣ, ବଳଭଦ୍ରଙ୍କ ପ୍ରତିନିଧି ଶ୍ରୀବାସୁଦେବ ଏବଂ ଦେବୀ ସୁଭଦ୍ରାଙ୍କ ପ୍ରତିନିଧି ଭାବେ ମା' ଭୁବନେଶ୍ୱରୀ ଶୟନ ଯାଇଥିଲେ।

## ଦରମା ପାଇବାରେ ବିଳମ୍ବ: ଅତିରିକ୍ତ ଡ୍ୟୁଟି କରିବେନି ଜେଟ୍ ପାଇଲଟ

**ମୁମ୍ବାଇ,୧୯।୧୧:** ଆସନ୍ତା ୩୦ ତାରିଖ ସୁଦ୍ଧା ଦରମା ପ୍ରଦାନ କରା ନ ଗଲେ ଜେଟ୍ ଏୟାରୱେଜର ପାଇଲଟମାନେ ଆସନ୍ତା ମାସରୁ ଅତିରିକ୍ତ ଡ୍ୟୁଟି କରିବେ ନାହିଁ ବୋଲି କମ୍ପାନୀକୁ ସ୍ପଷ୍ଟ ଭାବେ ଜଣାଇ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ମାମଲାରେ ଆଜି ପର୍ଯ୍ୟନ୍ତ ନରମ ମନୋଭାବ ପୋଷଣ କରି ଆସୁଥିବା ନ୍ୟାଶନାଲ ଏଭିଏଟର୍ସ ଗିଲ୍ଡ(ନାଗ୍) ମଙ୍ଗଳବାର ବୈଠକରେ ବସି ଜେଟ୍ ଏୟାରୱେଜ ପାଇଲଟଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିବ ବୋଲି ଜଣାପଡ଼ିଛି। ସୂଚନାଥାଉ କି, ଗତ ତିନୋଟି ତ୍ରୈମାସରେ ନରେଶ ଗୋଏଲଙ୍କ ମାଲିକାନାରେ ଥିବା ଜେଟ୍ ଏୟାରୱେଜ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛି।




# CLASSIFIED DISPLAY

Hurry up limited seats available

**ADMISSION TO DMLT / DMRT COURSE**

PARAMEDICAL WING, IPT, SALIPUR

| Name of the course | Duration | Intake | Eligibility |
|---|---|---|---|
| Diploma in Medical Laboratory Technology **(DMLT)** | 2 years | 40 | Must have passed +2 Science with Physics, Chemistry & Biology |
| Diploma in Medical Radiation Technology **(DMRT)** | 2 years | 40 | |

*Interested candidate may contact please:*
**9437228009, 7205507776, 9439062736**
Sd./- Principal













For Franchisee enquiries, please contact Milon Mohapatra, Mob: 70777 21612 • For Trade enquiries, Call +91 70777 21602 • For Clean Home products trade enquiries, Call +91 90739 09475

Prestige Xclusive

**BHUBANESWAR: Bapujinagar:** Post Office Lane, Ph: 0674 -2597141, Mob : 9937138998 • **Pani Tanki Lane**, Ph: 0674 2597685. **10 Janpath:** Ph: 0674 2573408, 8280056821; **IRC Village:** I.D. Market, Mob: 9861404879; **Raghunathpur:** Nandankanan Road, Ph-8280056821. **PURI**: Behind Gundicha Temple, Ph-7978547991. **CUTTACK**: **Dolmundai:** Haripur Road, Ph: 0671 2411580; Mob: 8018706736; **CDA:** Markat Nagar, Ph: 0671-2366774, Mob: 8280079702. **KENDRAPARA**: Kakat Chhak, Ph: 06727 221241; Mob: 9040562233. **JAGATSINGHAPUR:** Central Market, 06724221090/ 06724221080. **DHENKANAL:** I.G. Super Market; Mob: 9090305696; **SAMBALPUR, Golbazaar:** Mob: 9338194750; **BOLANGIR**: A.B.S.S. Road, Ph: 06652 232419; Mob: 9437331171, 9437241863. **BARGARH:** NH-6, Main Road, Ph-9937171761/ 9556446300, 06646230124 **BERHAMPUR, One Way Traffic Road**: Mob: 9437358402; **JEYPORE:** Main Road, Ph: 06854 231221, Mob: 7008402905. **RAYAGADA:** Main Road, Ph-9439239394/ 8249517365. **SUNDARGARH:** Private Bus Stand, Mob: 9438076828, 9438575757, **ROURKELA:** Apna Kitchen- 9777457774;

*PRESTIGE PRIORITY RETAILER :-* **BHUBANESWAR:** Reeta, Ph: 0674-2597111, Utkal Light House, Ph: 9937019272; **CUTTACK :** Union Sales Emporium, Ph:2307878. *AUTHORISED DISTRIBUTORS:-* **BHUBANESWAR:** Manorama Trading Co., Ph No.9437279239; Rath Distributors, Ph.No.9338547101 (For Chimney & Cleaning Solutions); **JATINI:** Kanha Agencies, Ph. No.9437090516; **CUTTACK:** Mahavir Enterprise, Chauliganga, Ph. No.9937092599; **TALCHER:** Sidharth Enterprises, Hatatota, Ph. No.9437003384; **ROURKELA:** Shah Distributor, Ph-0661-2506904, 9438712456; **SAMBALPUR:** Gayatri Traders, Ph-9937074072,9437925273; **BALASORE:** Satyabhama Sales, Ph. No.7008096876); **BHADRAK:** Akhandalamani Enterprise, Ph No.9437436221,9437960230; **MAYURBHANJ:** Cooling Point Ph No.9437161333; **KEONJHAR:** Hridhaan Enterprises , Ph. No.9777642632; Ganjam & Phulbani – Sri Sitaram Enterprises, Ph. No.9437216521; **BALANGIR & KALAHANDI-** Ably Info Solutions Ph No. 9437025475. **AUTHORISED DEALERS :-** **BHUBANESWAR:** Royal Care, Ph 9937057177. Anu Agency, Ph 9437034488. Swosti Agency ,Ph. 9439433333. Spectra Vision, Ph.-9937722277.Crockery Plaza, Ph. 0674-2534631. Maa Santoshi Agency, Ph. 9778289266. Kitchen Gallery, Ph-9437185026. Gharsansar ,Ph 9437040438. Shreeji ,Ph. 9861085294. Kitchen King, Ph 9938475829. SB Enterprises, Ph 9861155551; Shree Balaji Distributors, Ph 7008715226; Shri Jaganath Enterprises, Ph.9861150572. Baba Enterprises-99178550816. Swana Electronics , Ph.9938274127. Sai Associates-7381065641.Sonamona VarietyStore , Ph.9437287620.Situ Plastic, Ph. 9861772109.S.R.Electronics, Ph.-6861155300. Kitchen Queen, Ph.7894082707.Karan Electricals, Ph.-9778337345. A.S.Enterprises, Ph.8249658303.Das & DAS Home Appliances & Fan , Ph.8895014877.Galaxy Enterprises,Ph.9937133040.Utkal Sales, Ph9853150619. **CUTTACK:** Janata General Store ,Ph-2419948, Arbind Plastic, Ph 8763923528. Patra Electronics, Ph. 2631222. **SALEPUR:-** Sanjay Electronics NX, Ph. 9777777329. **ANGUL:** Saralia Trading Co. Ph-9439471222,Shree Agency-Ph 9437013144.**TALCHER-** Beauty Palace-9437118065, Home Maker-9776173777; **DHENKANAL:** Beauty House-9777190558. **NTPC:** Pani Enterprise, Ph 9437056860. **PARADEEP:** Krishna Enterprise, Ph. 9937451474. **KENDRAPARA :-** Purnamasi Electrical ,Ph. 9937070448. UMARKOT:- Balaji Metal Store ,Ph 9437524982. **ROURKELA:-** Prestige, Ph-2642265. City Super Bazar ,Ph-9437047413. Khemka General Store, Ph-2502396. Suruchi Bazar, Ph-9861117222. Pawan Store, Ph-9861040291. Garg Enterprises, Ph 9437046546. BK Enterprises, Ph 9861339753. **RAJGANGPUR-** Pradeep Store, Ph-9437244015. Kitchen Plaza, Ph. 9937109583. SUNDARGARH- Laxmi Steel, Ph-9776164771. Satyam Enterprises, Ph. 9937425413; **KANTABANJI:-**Ganapati Electricals,Ph.9938669100. **BARIPADA:** Aerovision, Ph 9861828643. **AUTHORISED SERVICE CENTRE: Cuttack:** TTK Prestige Ltd (RSC) Plot No 864/2677. Near Pala Mandap, Near By Shibani Glass House Ph 0671-2367499; **Bhubaneswar:** Ph -9776322880. **Rourkela:** Ph. 9853522686. **Berhampur :** Ph. 0680-2228066. **Sambalpur:** Ph. 8895149244. **Bolangir:** Ph 06652-234443. **Angul:** Ph. 9437903195. **Balasore:** Ph. 9937393936, **Jeypore:** Ph. 9438445339, 06854-232339; **Jajpur Road:** Ph 9658464643;

# ଡିଜିଟାଲ ଯୁଦ୍ଧ

ବିଶ୍ୱରେ ପ୍ରତି କ୍ଷେତ୍ରରେ ନିରନ୍ତର ପରିବର୍ତ୍ତନ ଘଟିଚାଲିଛି। ଦିନ ଥିଲା ଲୋକେ ରେଡିଓ ଶୁଣୁଥିଲେ। ଟେଲିଭିଜନ ଆସିବା ପରେ ରେଡିଓର ଆଦର କମିଲା। ଇଣ୍ଟରନେଟ୍‌ର ବହୁଳ ପ୍ରସାର ଯୋଗୁ ଏବେ ସବୁକିଛି ଡିଜିଟାଲମୁହାଁ। ଯେଉଁମାନେ ନୂଆ ଯୁଗର ପ୍ରଯୁକ୍ତିବିଦ୍ୟା ସହ ଖାପଖାଇ ଚାଲିପାରୁଛନ୍ତି ସେମାନେ ଆଗକୁ ମାଡ଼ୁଛନ୍ତି। ପୁରୁଣାକାଳିଆ ଚିନ୍ତାଧାରାରେ ରହୁଥିବା ବ୍ୟକ୍ତି ଓ ସଂସ୍ଥା ଧୀରେଧୀରେ ପଛରେ ପଡ଼ିଯାଉଛନ୍ତି। ଏହି ପ୍ରଚ୍ଛଦପଟରେ ଭାରତକୁ ଦେଖିଲେ କୁହାଯାଉଛି ଯେ, ଏହି ଦେଶ 'ଡିଜିଟାଲ ଇଣ୍ଡିଆ' ହେବାକୁ ଯାଉଛି। ନଗଦକୁ ଛାଡ଼ି ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ସେହିଭଳି ବାୟୋମେଟ୍ରିକ୍ସ ଜରିଆରେ ପରିଚୟ ଓ ସୂଚନା ସଂଗ୍ରହ ହେଉଛି। ଜନମଙ୍ଗଳକାରୀ ଯୋଜନାରେ ଲୋକଙ୍କ ନିକଟରେ ଅର୍ଥ ପହଞ୍ଚାଇବା ଲାଗି ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର (ଡିବିଟି) ବ୍ୟବସ୍ଥା ଆପଣାଯାଉଛି। ସେହି ଧାରାରେ ଦେଖିଲେ, ପୃଥିବୀରେ ଅପରାଧୀଙ୍କ କାର୍ଯ୍ୟକଳାପରେ ଅନେକ ପରିବର୍ତ୍ତନ ଦେଖାଦେଲାଣି। ସୋସିଆଲ ମିଡିଆ ମାଧ୍ୟମରେ ଗୋଟିଏ କୋଣରେ ବସି ଅନ୍ୟ ଏକ କୋଣର ବ୍ୟକ୍ତିଙ୍କୁ ପ୍ରବର୍ତ୍ତାଇ ଆତଙ୍କବାଦୀ ଆକ୍ରମଣ ଘଟାଯାଇପାରୁଛି। କହିବାକୁ ଗଲେ ଆତଙ୍କବାଦୀଙ୍କ କ୍ଷେତ୍ରରେ ଯୋଗାଯୋଗ ପାଇଁ ଶାରୀରିକ ଉପସ୍ଥିତି ଜରୁରୀ ହୋଇ ରହିନାହିଁ। ଫେସ୍‌ବୁକ୍ ଭଳି ଡିଜିଟାଲ ମଞ୍ଚ ଯୋଗୁ ଅପରାଧୀମାନେ ସେମାନଙ୍କ ଚାହିଦା ମୁତାବକ ଲୋକଙ୍କୁ ଠାବ କରିପାରୁଛନ୍ତି। ଉଦାହରଣ ସ୍ୱରୂପ, ସୋସିଆଲ ମିଡିଆରୁ ଆତଙ୍କବାଦର ମୌଳିକ ଚିନ୍ତାଧାରାରେ ପ୍ରଭାବିତ ହୋଇ ଜଣେ ଡ୍ରାଇଭର ୨୦୧୬ ଜୁଲାଇରେ ଫ୍ରାନ୍ସର ଏକ ସହରରେ ଚାଲିଥିବା ଉତ୍ସବ ସମୟରେ ଦେଖଣାହାରିଙ୍କ ଉପରେ ଟ୍ରକ୍ ଚଢ଼ାଇ ଦେଇଥିଲେ। ସେଥିରେ ୮୦ ଜଣ ଲୋକ ପ୍ରାଣ ହରାଇଥିଲେ। ଏତେ ସଂଖ୍ୟକ ଲୋକଙ୍କ ପ୍ରାଣ ନେବା ପାଇଁ ସେ ଯେଉଁ ଗଣହତ୍ୟା କଲେ ତାହା ଅଭିନବ ଆକ୍ରମଣର ଏକ ନୂଆ ଧାରା ସୃଷ୍ଟି କରିଥିଲା। ଆଜିର ଇଣ୍ଟରନେଟ୍ ଯୁଗରେ କୌଣସି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିବାକୁ ହେଲେ ବେଶି ଲୋକଙ୍କ ଆବଶ୍ୟକତା ଜରୁରୀ ନୁହେଁ। ଭାରତରେ ଆତଙ୍କବାଦ ନିପାତର ଦ୍ୱାହି ଦେଇ ବିମୁଦ୍ରୀକରଣ ଭଳି ପଦକ୍ଷେପ ନିଆଗଲା। ତେବେ ଆଜିର ଆତଙ୍କବାଦ ଜଗତରେ ଅର୍ଥ ଅନ୍‌ଲାଇନ୍ ମାଧ୍ୟମରେ ହସ୍ତାନ୍ତର କରାଯାଉଛି। ବ୍ୟାଗ୍‌ରେ ନୋଟ୍ ବୋହି ରାସ୍ତା ଯୋଗେ ପହଞ୍ଚାଇବାର ପ୍ରୟୋଜନ ରହି ନାହିଁ।

ଏବେ ଡିଜିଟାଲ ଯୁଦ୍ଧର ଯୁଗ। ଠକେଇ ହେଉ ବା ଆତଙ୍କବାଦ ଏହିସବୁର ଢାଞ୍ଚା ବଦଳିଲାଣି। ଭାରତରେ ଏବେ ଗୋଇନ୍ଦା ବିଭାଗ ଓ ସୁରକ୍ଷା ବଳ ଏହି ଯୁଗ ସଙ୍ଗେ ଖାପ ଖୁଆଇପାରୁ ନାହାନ୍ତି। ଓଡ଼ିଶାରେ ପୋଲିସ ମୁଖ୍ୟ 'ବ୍ଲୁ ହ୍ୱେଲ' ଭଳି ଅନ୍‌ଲାଇନ୍ ଖେଳକୁ ଏଠାରେ ବସି ଅଟକାଇବାର ଅବାଞ୍ଛିତ ଯୋଜନା କରିବା ମଧ୍ୟ ଦେଖିବାକୁ ମିଳିଛି। ଭାରତରେ ବିଶେଷକରି ଜମ୍ମୁ-କଶ୍ମୀରରେ ଯୁବକମାନଙ୍କୁ ପ୍ରବର୍ତ୍ତାଇବା ପାଇଁ ସୀମା ଆରପଟୁ ଅନେକ ସଙ୍ଗଠନ କାର୍ଯ୍ୟ କରୁଛନ୍ତି। ଏବେ କଶ୍ମୀର ଉପତ୍ୟକାର ଜଣେ ମହିଳା ଆତଙ୍କବାଦୀ ସାଜିଥିବା ଘଟଣା ପ୍ରଥମଥର ସାମ୍ନାକୁ ଆସିଛି। ଫେସ୍‌ବୁକ୍ ଜରିଆରେ କଶ୍ମୀରୀ ଯୁବକଙ୍କୁ ଜେହାଦ ପ୍ରତି ଆକର୍ଷିତ କରୁଥିବା ଅଭିଯୋଗରେ ଶାଜିଆ ନାମ୍ନୀ ମହିଳାଙ୍କୁ ଗିରଫ କରାଯାଇଛି। ଏହା ପୂର୍ବରୁ ଆତଙ୍କବାଦୀଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଉଥିବା ଅଭିଯୋଗରେ ଆୟସିଆ ଜାନ୍ ନାମ୍ନୀ ଜଣେ ମହିଳାଙ୍କୁ ଶ୍ରୀନଗର ନିକଟରୁ ଗିରଫ କରାଯାଇଥିଲା। ଶାଜିଆ ସିଧାସଳଖ ଆତଙ୍କବାଦୀ ସଙ୍ଗଠନ ଜୈଶ-ଇ-ମହମ୍ମଦ (ଜେଇଏମ୍) ପାଇଁ କାମ କରୁଥିଲେ ବୋଲି ଜମ୍ମୁ-କଶ୍ମୀର ପୋଲିସ ପ୍ରକାଶ କରିଛି। ସେ ନିଜକୁ ପୋଲିସ ଇନ୍‌ଫର୍ମର ପରିଚୟ ଦେଇ ଭାରତର ବରିଷ୍ଠ ଅଧିକାରୀମାନଙ୍କୁ ଆତଙ୍କବାଦୀଙ୍କୁ ଧରାଇ ଦେବାର ପ୍ରତିଶ୍ରୁତି ଦେଉଥିଲେ। କିଛିମାସ ତଳେ ଶାଜିଆଙ୍କ ଅଭିଯୋଗ କ୍ରମେ ଦୁଇ ଜଣ ଯୁବକଙ୍କୁ ଧରାଯାଇ ପରେ ଛାଡ଼ି ଦିଆଯାଇଥିଲା। ଏହା ଦ୍ୱାରା ପୋଲିସକୁ ଭକୁଆ ବନାଇ ସେ ନିଜ ଲକ୍ଷ୍ୟରେ ଆଗେଇ ଚାଲିଥିଲେ। ସେ ଜେଇଏମ୍ ଇଙ୍ଗିତରେ ପୋଲିସଠାରୁ ତଥ୍ୟ ହାସଲ ପାଇଁ ନିଜକୁ ଇନ୍‌ଫର୍ମର ଭାବେ ଅଭିନୟ କରୁଥିବା ପରେ ଜଣାପଡ଼ିଛି। ପୋଲିସର ବେପରୁଆ କାର୍ଯ୍ୟକଳାପ ଯୋଗୁ ଶାଜିଆ ଇନ୍‌ଫର୍ମର ସାଜି ଦେଶର ସୁରକ୍ଷା ବଳର ଗତିବିଧି ଓ ଯୁଦ୍ଧକୌଶଳ ସଂକ୍ରାନ୍ତ ସୂଚନା ସମ୍ପୃକ୍ତ ଆତଙ୍କବାଦୀ ସଙ୍ଗଠନକୁ ଦେଉଥିଲେ।

ଇଣ୍ଟରନେଟ୍ ମାଧ୍ୟମରେ ବଡ଼ ବଡ଼ ଦେଶ ହାକର୍‌ଙ୍କୁ ଭଡ଼ାରେ ରଖୁଥିବା ଦେଖିବାକୁ ମିଳିଲାଣି। ଫଳରେ ସେମାନେ ଟାର୍ଗେଟ୍ କରୁଥିବା ଏକ ବ୍ୟବସ୍ଥାକୁ ଅତି ସହଜରେ ଅକାମୀ କରିବାର କ୍ଷମତା ରଖିଛନ୍ତି। ଏଠାରେ ମନେପଡ଼େ ଉତ୍ତର କୋରିଆ ଦ୍ୱାରା 'ମାଲ୍‌ୱେର' ସାଇବର ଭାଇରସ୍ ବିଶ୍ୱବ୍ୟାପୀ କିଭଳି କମ୍ପ୍ୟୁଟରଗୁଡ଼ିକୁ ଅଚଳ କରିଦେଇଥିଲା। ଭାରତୀୟ ସୁରକ୍ଷା ଓ ଗୋଇନ୍ଦା ବ୍ୟବସ୍ଥାକୁ ପୁରୁଣାକାଳିଆ ଯୁଗରୁ ଊର୍ଦ୍ଧ୍ୱକୁ ଉଠିବାକୁ ପଡ଼ିବ। ବନ୍ଧୁକ ମାଧ୍ୟମରେ ଶତ୍ରୁଙ୍କୁ ନିପାତ କରାଯିବା ଲାଗି ଚିନ୍ତା କରାଯାଉଥିବା ବେଳେ ତୀର ଧରି ଛିଡ଼ା ହେବା ଭଳି ପଦକ୍ଷେପ ନିଆଗଲେ ପଛରେ ପଡ଼ିଯିବା ଥୟ। ଭାରତ ସାଇବର ୱାର ଭଳି ପରିସ୍ଥିତି ପାଇଁ ପ୍ରସ୍ତୁତ ନ ହୋଇ ବିମୁଦ୍ରୀକରଣ ଦ୍ୱାରା ଆତଙ୍କବାଦ ଅଟକାଇ ହେବ ବୋଲି ଭାବି ବସିଛି। ନୂଆ ଯୁଗର ଯୁଦ୍ଧ ପାଇଁ ସବୁ କ୍ଷେତ୍ରରେ ପ୍ରୟାସ କରା ନ ଗଲେ ଆଗକୁ ପରିସ୍ଥିତି ଭୟାବହ ହେବ।

## ଚିରନ୍ତନୀ

ବିଶ୍ୱ ହେଲା ନିକଟତମ
ଅତିହିଁ ପ୍ରିୟ, ପ୍ରାସ
ଉଠିଲା ପୂରି ସକଳ କ୍ଷତ
ସକଳ ଅବକାଶ।
(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | | | | | C | | |
| | 9 | | | D | | 1 | | 8 | B | 2 | | | | A |
| A | | E | 7 | 6 | | | | C | 4 | | | | D | 3 |
| C | | D | | | | E | 0 | | 1 | | A | | 5 | |
| 8 | | | 4 | | | | B | | | 3 | 6 | 9 | | 0 |
| 2 | 4 | | C | | | | A | | | | | D | | |
| | D | 5 | | 7 | | | 4 | | | | E | | | |
| | C | A | | | | 0 | | | | 1 | | | E | |
| 6 | | | 8 | | | | 2 | | 3 | | | | | 7 |
| | E | | | 4 | | | | B | 6 | | D | | | 1 |
| | | | A | 5 | | | | | | | | | | B |
| | | | | | 3 | 2 | | | | D | 4 | 5 | 8 | |
| | | | | | | 8 | | A | | | | | | D |
| | | 6 | | | | | 3 | | 2 | 7 | | | | E |
| | 2 | | | E | | 7 | | 9 | | 6 | | | C | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 9 | B | 1 | D | 8 | E | 3 | 5 | 2 | 0 | 4 | C | A | 6 |
| 3 | 8 | D | A | 6 | 7 | 9 | 2 | 4 | E | C | B | 1 | 5 | 0 |
| 2 | C | 0 | 3 | 5 | E | 1 | 8 | 6 | 7 | D | A | 9 | 4 | B |
| 5 | 6 | A | 0 | 9 | 4 | 7 | B | C | 8 | 1 | 3 | E | D | 2 |
| E | 1 | 4 | B | C | 2 | D | 0 | A | 6 | 5 | 9 | 7 | 8 | 3 |
| 8 | B | 1 | 4 | 3 | 9 | A | 6 | 2 | C | E | 7 | 5 | 0 | D |
| 9 | 0 | 3 | C | A | 5 | 8 | 7 | 1 | 4 | 6 | D | 2 | B | E |
| 6 | 5 | C | 7 | E | D | B | 9 | 3 | 0 | 2 | 8 | 4 | 1 | A |
| A | D | 2 | 8 | 0 | 1 | C | 4 | E | 3 | B | 5 | 6 | 9 | 7 |
| 4 | 7 | E | 2 | B | 6 | 5 | D | 0 | A | 9 | 1 | 3 | C | 8 |
| 0 | 4 | 7 | E | 1 | A | 3 | C | B | 5 | 8 | 6 | D | 2 | 9 |
| D | A | 6 | 5 | 2 | 3 | 0 | 1 | 8 | 9 | 4 | E | B | 7 | C |
| 1 | 2 | 9 | 6 | 8 | B | 4 | E | 7 | D | A | C | 0 | 3 | 5 |
| C | 3 | 5 | D | 4 | 0 | 6 | A | 9 | B | 7 | 2 | 8 | E | 1 |
| B | E | 8 | 9 | 7 | C | 2 | 5 | D | 1 | 3 | 0 | A | 6 | 4 |

ଗତକାଲିର ଉତ୍ତର

# କଥାରେ ଧନୀ, କାମରେ ଶୂନ୍



ପ୍ରଦୀପ୍ତ ନାୟକ

ଏକବିଂଶ ଶତାବ୍ଦୀର ସବୁଠାରୁ ବଡ଼ ସମସ୍ୟା ହେଉଛି ବେକାରି। ମଣିଷ ଯେତେ ଆଗକୁ ମାଡ଼ିଚାଲିଛି, ଯେତେ ନୂତନ ଜ୍ଞାନକୌଶଳ ଉଦ୍ଭାବନ ହେଉଛି, ବେକାରି ସମସ୍ୟା ସେତେ ଉତ୍କଟ ହେଉଛି। ଉଦାରୀକରଣ ଅର୍ଥନୈତିକ ବ୍ୟବସ୍ଥା କେବଳ କର୍ମନିଯୁକ୍ତି ନୁହେଁ, ମଣିଷ ତଥା ସମାଜର ପ୍ରତ୍ୟେକ କାର୍ଯ୍ୟଧାରାକୁ ଅସ୍ଥିର ଓ ସ୍ଥାଣୁ କରିଦେଇଛି। ଶିକ୍ଷାର ବିକାଶ ଲାଭ କଲା ବେଳକୁ କୋଟି କୋଟି ସଂଖ୍ୟାରେ ଉନ୍ନତ ଜ୍ଞାନକୌଶଳରେ ଶିକ୍ଷିତ ବେକାର ଯୁବତୀଯୁବକ ଘର, ବାହାର, ବଜାରରେ ଘୂରିବୁଲୁଛନ୍ତି। ଏକ ବେସରକାରୀ ସଂସ୍ଥା ସେଣ୍ଟର ଫର୍ ମନିଟରିଙ୍ଗ ଇଣ୍ଡିଆନ ଇକୋନୋମି (ସିଏମ୍‌ଆଇଇ) ଆଧାରରେ ଦେଶରେ ୩ କୋଟି ୧ ଲକ୍ଷ ଯୁବତୀଯୁବକ କାମଧନ୍ଦା ନ ପାଇ ବେକାର ଅଛନ୍ତି।

କେନ୍ଦ୍ରରେ ତଥା ରାଜ୍ୟରେ ଶାସନ କରୁଥିବା ସରକାରମାନଙ୍କର ଶାସନ ନୀତି କର୍ମନିଯୁକ୍ତି ସୃଷ୍ଟି କରିବା ବଦଳରେ ଆଧୁନିକୀକରଣ ନାମରେ ନିଯୁକ୍ତିର ବାଟ ବନ୍ଦ କରିଦିଆଯାଉଛି। ୨୦୧୭ ମସିହାର ପ୍ରଥମ ୪ମାସରେ ୧୫ଲକ୍ଷ ପଦବୀ ଉଚ୍ଛେଦ ହୋଇଛି। ଏହା କେବଳ ବହୁରାଷ୍ଟ୍ରୀୟ ଏକଚାଟିଆ ପୁଞ୍ଜିପତି, ଖଣିମାଲିକ ଓ ବୃହତ୍ ବ୍ୟବସାୟୀ ପରିବାରମାନଙ୍କୁ ସୁହାଉଛି। ଆମ ଦେଶର ଏକଭାଗ ପରିବାର ହାତରେ ୭୨ଭାଗ ସମ୍ପତ୍ତି ଠୁଳ ଥିବାବେଳେ ୨୮ଭାଗ ସମ୍ପତ୍ତି ରହିଛି ୭୨ଭାଗ ଲୋକଙ୍କ ହାତରେ। ଧନଶାଳୀ ୧ଭାଗ ପରିବାରର ସମ୍ପତ୍ତିର ଅଭିବୃଦ୍ଧିକୁ ହିସାବ କରି ସରକାର ବାର୍ଷିକ ଅର୍ଥନୈତିକ ସର୍ଭେ ରିପୋର୍ଟରେ ପିଲାଙ୍କ ପାଟିରେ ଚକୋଲେଟ ଦେବା ଭଳି ମିଥ୍ୟା ପ୍ରହେଳିକା ସୃଷ୍ଟି କରୁଛନ୍ତି, କ'ଣ ନା ଘୋଡ଼ା ଦୌଡ଼ିଲା ଭଳି ଆମର ଅର୍ଥନୀତି ଦୌଡ଼ୁଛି। ନବେ ଦଶକ ପରଠାରୁ ସରକାର ବିଭିନ୍ନ ବିଭାଗ, ସ୍କୁଲ୍, କଲେଜ, ବ୍ୟାଙ୍କ, ବୀମା, ପରିବହନ, ଡାକ, ତାର ଓ ଗବେଷଣା ଅନୁଷ୍ଠାନମାନଙ୍କରେ ସିଧାସଳଖ ନିଯୁକ୍ତିର ଦ୍ୱାର ବନ୍ଦ କରିଛନ୍ତି ତଥା ପଦବୀ କାଟ୍ କରିଛନ୍ତି। ନିର୍ବାଚନ ବୈତରଣୀ ପାର୍ ହୋଇ ଶାସନ ଗାଦି ମାଡ଼ିବସିବା ନିମନ୍ତେ ପ୍ରତିବର୍ଷ ନୂଆ ନୂଆ ଯୋଜନା ପ୍ରଣୟନ କରି ନିଯୁକ୍ତି ନାମରେ ପ୍ରହସନ ସୃଷ୍ଟିକରି ଶିକ୍ଷିତ ବେକାର ଯୁବତୀଯୁବକଙ୍କୁ ଉପହାସ କରୁଛନ୍ତି। ଶିକ୍ଷାର ମୂଲ୍ୟବୋଧକୁ ଶାସକ ଦଳର ନେତାମାନେ ନିଜ ପାଦର ଧୂଳିଠାରୁ ବି ହୀନ କରିଦେଇଛନ୍ତି। ପି.ଏଚ୍‌ଡ଼ି, ଏମ୍.ଏ., ଏମ୍.ବି.ଏ., ଇଞ୍ଜିନିୟରିଂ ଡିଗ୍ରୀଧାରୀ ବେକାରମାନେ ପିଅନ, ରେଲୱେ ଗ୍ୟାଙ୍ଗମ୍ୟାନ ପଦବୀ ପାଇଁ ଆବେଦନ କରୁଛନ୍ତି। ନିର୍ମାଣ ଶିଳ୍ପରେ ଶ୍ରମିକଭାବରେ କାମ କରୁଛନ୍ତି। ଦରିଆ ପାରି ମଧ୍ୟପ୍ରାଚ୍ୟକୁ ଯାଇ ମାଟିକାମ, ବଗିଚାକାମ, ଖଣିକାମ, କୃଷିକାମ ଇତ୍ୟାଦି କରୁଛନ୍ତି।

ନିକଟରେ ଓଡ଼ିଶା ସରକାର ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେବା ନାମରେ 'ବିଜୁ ଯୁବ ବାହିନୀ' ଗଠନ କରି ସେଥିରେ ୮୦୦୦ ବେକାରଙ୍କୁ ନିଯୁକ୍ତି ଦେଇଛନ୍ତି। ସରକାରୀ ବାବୁମାନଙ୍କ ବିଚକ୍ଷଣ ବ୍ୟବସ୍ଥାରେ ସରକାରୀ ପାଣ୍ଠିରେ ଦଳୀୟ ପ୍ରଚାର କରାଯାଉଥିବା ଅଭିଯୋଗ ହେଉଛି। ୨୦୦୦/୪୦୦୦ଟଙ୍କା ଭାତିଆ ପାଉଥିବା ସେହି ଯୁବବାହିନୀ କୁଆଡ଼େ ଲୋକମାନଙ୍କୁ ମାନବିକ ମୂଲ୍ୟବୋଧ ଶିଖାଇବେ, ନେତୃତ୍ୱ ସୃଷ୍ଟି କରିବେ ଏବଂ 'ମୁଁ ହିରୋ' ହେବେ। ଏ କାମ ତ ଏନ୍‌ଜିଓମାନଙ୍କ ଜରିଆରେ ସରକାର କରିପାରିଥାନ୍ତେ। ଏପରି କରିବାର କାରଣ କ'ଣ? ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପଞ୍ଚାୟତିରାଜ, ପୋଲିସ, ଅର୍ଥ, ପରିବହନ, ମହିଳା ଓ ଶିଶୁ ଇତ୍ୟାଦି ବିଭାଗଗୁଡ଼ିକୁ ସମ୍ପୂର୍ଣ୍ଣ ସ୍ଥାଣୁ କରିଦେଇ ବିଭିନ୍ନ ସରକାରୀ ସ୍କିମ୍ ପ୍ରଣୟନ ଜରିଆରେ ଅଫିସ ଦପ୍ତର କାମ ଚଳାଇବା ପାଇଁ ସ୍ୱଳ୍ପ ବେତନରେ ସରକାର ଠିକା ନିଯୁକ୍ତି ଦେଉଛନ୍ତି। ସ୍ଥାୟୀ ନିଯୁକ୍ତି ପାଇଁ ଦାବି ଅଥବା କୋର୍ଟ କଚେରି ନ କରିପାରିବା ନିମନ୍ତେ ସେମାନଙ୍କଠାରୁ ରାଜିନାମା କରାଇ ରଖାଯାଇଛି। ମଝିରେ ମଝିରେ ସେମାନଙ୍କୁ ପିଠିରେ ଲାତ ମାରି ବାହାର କରିଦିଆଯାଉଛି। ବର୍ଷସାରା ସଚିବାଳୟ ସମ୍ମୁଖରେ ରାଜରାସ୍ତା ବନ୍ଦ କରି ସେମାନେ ଦାବିପୂରଣ ନିମନ୍ତେ ଆନ୍ଦୋଳନ କରୁଥିବା ଦେଖାଯାଉଛି। କମ୍ପ୍ୟୁଟର ଅପରେଟ କରିବା, ଗାଡ଼ି ଡ୍ରାଇଭ୍ କରିବା, ଆଇନ୍‌ଶୃଙ୍ଖଳା ପରିସ୍ଥିତି ରକ୍ଷା କରିବା ଇତ୍ୟାଦି ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ କରୁଥିବା ହୋମ୍‌ଗାର୍ଡମାନଙ୍କୁ ପୂର୍ଣ୍ଣ ସରକାରୀ କର୍ମଚାରୀ କରା ନ ଯାଇ ସାମାନ୍ୟ କେତେଟା ଟଙ୍କା ଦେଇ ସେମାନଙ୍କୁ ୮ ଘଣ୍ଟା ଖଟାଯାଉଛି। ସରକାରୀ ଅଫିସରେ ପ୍ରାଇଭେଟ୍ ସିକ୍ୟୁରିଟିରେ କାମ ଚଳାଯାଉଛି। ଅର୍ଥାତ୍ ଆବଶ୍ୟକ ପୋଲିସ କର୍ମଚାରୀ ନିଯୁକ୍ତ କରାଯାଉ ନାହିଁ। ଉପରେ ବର୍ଣ୍ଣିତ ସ୍କିମ୍ କର୍ମଚାରୀମାନଙ୍କୁ ମାସିକ ୫୦୦ ଟଙ୍କାରୁ ଆରମ୍ଭ କରି ୩୦୦୦ଟଙ୍କା ମଧ୍ୟରେ କିଛି ସ୍କିମ୍‌ରେ ୬୦୦୦/୭୦୦୦ ଟଙ୍କା ଭାତିଆ ମିଳୁଛି। ଏପରି କ୍ଷେତ୍ରରେ ସାଧାରଣ ଜନତା ସମ୍ପୃକ୍ତ ସ୍କିମ୍ କର୍ମଚାରୀମାନଙ୍କଠାରୁ ବିଭିନ୍ନ ସରକାରୀ ସେବା ପାଇବେ କିପରି? ସେମାନେ ସର୍ବସାଧାରଣଙ୍କ ପ୍ରାପ୍ୟକୁ ବାଟମାରଣା ନ କଲେ ତାଙ୍କର ପିଲାଛୁଆ ଏ ମହରଗ ଦୁନିଆରେ ଚଳିବେ କିପରି? ସରକାର ପ୍ରକାରାନ୍ତରେ ସେମାନଙ୍କୁ ବିଭିନ୍ନ ଅସତ୍ ଉପାୟ ଅବଲମ୍ବନ କରିବାକୁ ବାଧ୍ୟ କରୁନାହାନ୍ତି କି?

ସରକାରୀ ଆକଳନରୁ ଜଣାପଡ଼ିଛି ଯେ, ପ୍ରତିବର୍ଷ ୧ ଲକ୍ଷ ୫୦ ହଜାର ସାଧାରଣ ଦରିଦ୍ର ଲୋକ କର୍ମସଂସ୍ଥାନ ଅନ୍ୱେଷଣରେ ଓଡ଼ିଶା ଛାଡ଼ୁଛନ୍ତି। ପ୍ରାୟ ୩୦୦୦ ରେଜିଷ୍ଟ୍ରିଭୁକ୍ତ ଠିକାଦାର ଏହି ଶ୍ରମିକମାନଙ୍କୁ ସ୍ଥାନାନ୍ତର କରୁଛନ୍ତି, କିନ୍ତୁ ବେସରକାରୀଭାବେ ଜଣାପଡ଼ିଛି ଯେ, ଏହି ସଂଖ୍ୟା ୨୦ ଲକ୍ଷରୁ ଅଧିକ। ବଲାଙ୍ଗୀର, କନ୍ଧମାଳ, ଗଞ୍ଜାମ, ଗଜପତି ପ୍ରଭୃତି ଜିଲାରୁ ଏହି ଶ୍ରମିକମାନେ କାମ କରିବାକୁ କେରଳ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ତାମିଲନାଡୁ, କର୍ଣ୍ଣାଟକ, ଗୁଜରାଟ ଇତ୍ୟାଦି ରାଜ୍ୟଗୁଡ଼ିକରେ ଇଟାଭାଟି, ଚା ବଗିଚା, ନିର୍ମାଣ ସଂସ୍ଥା, ସୂତାକଳ ଏବଂ ଅନ୍ୟାନ୍ୟ କଳକାରଖାନାରେ ଅନ୍ତତଃ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ କାର୍ଯ୍ୟ କରୁଛନ୍ତି। ମାଲିକ, ଠିକାଦାର ଓ ମଧ୍ୟସ୍ଥମାନଙ୍କ ଦ୍ୱାରା ଠକେଇ, ନିର୍ଯାତନା ଓ ଶୋଷଣର ଶିକାର ହେଉଛନ୍ତି। କେତେକ କ୍ଷେତ୍ରରେ ସେମାନଙ୍କର ମୃତ୍ୟୁ ହୋଇଯାଉଛି ଓ ଘରଲୋକ ତା'ର ଟେର୍ ପାଉନାହାନ୍ତି। ଗତ ୨୦୧୪ରୁ ୨୦୧୭ ମଧ୍ୟରେ ୧୧୨ ଜଣ ନିରୀହ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ଶ୍ରମ ବିଭାଗ ସେହି ସ୍ଥାନାନ୍ତରକୁ ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। କେତେ ସଂଖ୍ୟାରେ ଶ୍ରମଜୀବୀ ସ୍ଥାନାନ୍ତର ହେଉଛନ୍ତି ସେମାନଙ୍କର ନାମ ପଞ୍ଜୀକରଣ ମଧ୍ୟ କରିବାରେ ସରକାର ବିଫଳ ହୋଇଛନ୍ତି। ହଜାର ହଜାର ଝିଅ ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ପ୍ରଭୃତି ସହରକୁ ଚାକିରି କରିବାକୁ ଯାଇ ଆଉ ଫେରୁନାହାନ୍ତି। ସେମାନେ ସେଠାରେ ଯୌନଶୋଷଣର ଶିକାର ହୋଇ ବିକ୍ରି ହୋଇଯାଉଛନ୍ତି।

ନିକଟରେ ଜାତିସଂଘ ଦ୍ୱାରା ପ୍ରସ୍ତୁତ 'ମାନବ ବିକାଶ ସୂଚକାଙ୍କ' ହିସାବରୁ ଏକ ନିଛକ ଏବଂ ଭୟଙ୍କର ତଥ୍ୟ ଲୋକଲୋଚନକୁ ଆସିଛି। ଦେଶରେ ଅଚ୍ଛେ ଦିନ୍ ଆସିଛି ସ୍ଲୋଗାନ ଦେଉଥିବା ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଅମଳରେ ଦେଶର ୭୫.୫ ଭାଗ କର୍ମଚାରୀ କୌଣସି ସମ୍ମାନଜନକ ପଦପଦବୀରେ ଉପଯୁକ୍ତ ପ୍ରାପ୍ୟ ପାଇ କାମ କରୁନାହାନ୍ତି। ସେମାନଙ୍କର ପିଲାଛୁଆ, ପରିବାର ଆଜିର ଚାକଚକ୍ୟଭରା ସମାଜରେ ଆବଶ୍ୟକ ଶିକ୍ଷାଦୀକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟପୋଷାକ ପାଇବାରେ ସମ୍ପୂର୍ଣ୍ଣ ଅସମର୍ଥ। ଏହି ରିପୋର୍ଟରେ ଆହୁରି କୁହାଯାଇଛି ଯେ, ସମଗ୍ର ବିଶ୍ୱରେ ଏହି ହାର ୪୨.୫। ଏହା ଆମ ପଡ଼ୋଶୀ ଚାଇନାରେ ୩୩ ଭାଗ ଥିଲାବେଳେ ପାକିସ୍ତାନରେ ୫୯.୭, ବାଂଲାଦେଶରେ ୫୭.୫ ଓ ସିଂହଳରେ ୩୭.୧ ଭାଗ ରହିଛି। ଏପରିସ୍ଥଳେ ଲଜ୍ଜାଜନକ ଭାବରେ ଆମ ସରକାର କହୁଛନ୍ତି ଯେ, ଆମେ ଧନଶାଳୀ ରାଷ୍ଟ୍ରରେ ପରିଣତ ହୋଇଯାଇଛୁ। ଜାପାନ ପରେ ଚାଇନାକୁ ଟପିବାରେ ଆମର ମାତ୍ର ଅଳ୍ପ ବାଟ ବାକି ଅଛି। ଏପରି ବୃଥା ଆସ୍ଫାଳନରେ ସରକାର ନିର୍ବାଚନ ବୈତରଣୀ ପାର୍ ହୋଇଯାଇପାରନ୍ତି, ମାତ୍ର ଦେଶବାସୀଙ୍କର କିଛି ଉନ୍ନତି ହେବାର ଆଶା ନାହିଁ।

ଟିକରପଡ଼ା, କାକଟପୁର, ପୁରୀ,
ମୋ-୯୪୩୭୦୫୩୩୨୯

# ଯଥାର୍ଥ ସଫଳତା



ସୁଧିରାଜ ରାଉତ

ବାନ୍ଧବୀ ଫୋନ କଲେ କେତେବେଳେ ସମୟ ହେବ ମୁଁ ଆସନ୍ତି, ଝିଅର ଜାତକ ଟିକେ ଭଲକରି ଦେଖନ୍ତେ। କ'ଣ ତା' ଭାଗ୍ୟରେ ଅଛି, ପରୀକ୍ଷା ଫଳ ଯାହା ଭାବିଥିଲୁ ତାହା ହେଲା ନାହିଁ। ୮୯% ରଖିଲା, ୯୦% ବି ଛୁଇଁଲା ନାହିଁ। ସେ କାହିଁକି ସର୍ବଦା ଏମିତି ଅସଫଳ ହେଉଛି? ଭଲ ଭାବେ ସୂର୍ଯ୍ୟ ଉଠି ନ ଥାନ୍ତି ସକାଳୁ ସକାଳୁ ଏ ଫୋନ ମୋତେ ପ୍ରଶ୍ନ କରୁଥିଲା- କ'ଣ ହୋଇଛି ଆମ୍ଭମାନଙ୍କର? ଆଜିର ଶିକ୍ଷା ଆଉ ସଫଳ ହେବାର ପ୍ରତିଯୋଗିତା ପିଲାଟିକୁ କୁଆଡ଼େ ନେଉଛି? ମନେ ପଡ଼ୁଥିଲା ଚାଇନା ଦେଶର ସେହି ଅବିସ୍ମରଣୀୟ ଘଟଣା।

ଚାଇନା ଭଳି ବିଶାଳ ସାମ୍ରାଜ୍ୟ ଆଗରେ ବଡ଼ ସମସ୍ୟା ହୋଇ ଠିଆ ହେଲା- ତା'ର ଉତ୍ତର ପିଢ଼ି କିଏ ହେବ। ରାଜା ନିଃସନ୍ତାନ, ବୃଦ୍ଧ, ଜରାଜୀର୍ଣ୍ଣ। ବୃଦ୍ଧ ରାଜା ଜଣେ ଯୁବକ ବାଛିବାକୁ ଚାହାନ୍ତି ଯିଏ ଯଥାର୍ଥରେ ରାଜା ହେବାକୁ ଯୋଗ୍ୟ। ଖୋଜିବାର ସୁନ୍ଦର ଉପାୟଟିଏ ମିଳିଗଲା। ସାରା ରାଜ୍ୟରେ ଡେଙ୍ଗୁରା ଦିଆଗଲା ସବୁ ଯୁବକ ନିର୍ଦ୍ଦିଷ୍ଟ ସ୍ଥାନରେ ଉପସ୍ଥିତ ହେବାକୁ। ରାଜା ଯୁବକମାନଙ୍କ ମଧ୍ୟରୁ ଯୁବରାଜ ବାଛିବେ। ହଜାର ହଜାର ଯୁବକ ଉପସ୍ଥିତ ହେଲେ, ରାଜା ସଭିଙ୍କୁ ଗୋଟିଏ ଲେଖା ମଞ୍ଜି ଦେଇ କହିଲେ- ଠିକ୍ ବର୍ଷେ ପରେ ଆପଣମାନେ ଏ ମଞ୍ଜିରୁ ସୃଷ୍ଟ ଗଛକୁ ନେଇ ଏଠି ପହଞ୍ଚିବେ। ଉକ୍ତ ଗଛକୁ ଦେଖି ମୁଁ ବାଛିବି ଏ ରାଜ୍ୟର ରାଜା। ଠିକ୍ ବର୍ଷେ ପରେ ସୁନ୍ଦର ସୁନ୍ଦର କୁଣ୍ଡରେ ହୃଷ୍ଟପୁଷ୍ଟ ଗଛ ସବୁ ଧରି ହଜାର ହଜାର ଯୁବକ ଏକତ୍ରିତ ହେଲେ। ରାଜା ସଭିଙ୍କ ଗଛ ସବୁ ଦେଖି ହସି କହୁଥାନ୍ତି- ବାଃ ବହୁତ ସୁନ୍ଦର। ଜଣେ ଯୁବକ ଏକ ଗଛ ବିହୀନ କୁଣ୍ଡଧରି ଉପସ୍ଥିତ ହୋଇ ବିନମ୍ର ସ୍ୱରରେ କହିଲେ ମହାରାଜ- ମୋର ସମସ୍ତ ଯତ୍ନ ସତ୍ତ୍ୱେ ଆପଣ ଦେଇଥିବା ମଞ୍ଜିରୁ ଗଛ ହେଲା ନାହିଁ। ରାଜା ସବୁ ଯୁବକଙ୍କ ଗଛ ଦେଖି ସାରିବା ପରେ ନିକଟରେ ନିର୍ମିତ ମଞ୍ଚ ଉପରକୁ ଉଠି ଘୋଷଣା କଲେ, ''ଯେଉଁ ଯୁବକଙ୍କ ଯତ୍ନ ସତ୍ତ୍ୱେ ମଞ୍ଜିରୁ ଗଛ ହୋଇନାହିଁ ଆସନ୍ତାକାଲି ତାଙ୍କର ରାଜ୍ୟାଭିଷେକ ହେବ।'' ସମସ୍ତେ ଏ ଘୋଷଣାରେ ଆଶ୍ଚର୍ଯ୍ୟ ହେଲେ। କିଛି ସମୟ ନୀରବ ରହି ମହାରାଜା କହିଲେ, ''ମୁଁ ଯେଉଁ ମଞ୍ଜି ସବୁ ଦେଇଥିଲି, ତାକୁ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସିଝାଇ ଶୁଖାଇ ଦେଇଥିଲି। ସିଝା ମଞ୍ଜିରୁ ଏତେ ସୁନ୍ଦର ଗଛ ଦେଖି ମୁଁ ହତବାକ୍। ମୁଁ ଜାଣେ ନାହିଁ ଜୀବନକୁ ସୁନ୍ଦର, ଯୋଗ୍ୟ କରିବାକୁ ସଫଳତାର ଆବଶ୍ୟକତା ଅଛି କି ନାହିଁ। କିନ୍ତୁ ଏହା ନିଶ୍ଚୟ ଯେ, ସୁନ୍ଦର ଓ ଯୋଗ୍ୟ ଜୀବନ ପାଇଁ ସାଧୁତାର ଆବଶ୍ୟକତା ରହିଛି। ମୋ ପ୍ରିୟ ଦେଶବାସୀ! ମୁଁ ତୁମମାନଙ୍କୁ ଜଣେ ସାଧୁ ଓ ଯୋଗ୍ୟ ରାଜା ଦେଇ ଯାଉଛି।'' ଉକ୍ତ ଯୁବକ ଚାଇନାର ସ୍ୱର୍ଣ୍ଣ ଯୁଗର ପ୍ରତିଷ୍ଠାତା ଥିଲେ।

ସଫଳତା ନାମରେ ଆଜି ଆମେ ପିଲାଙ୍କଠାରୁ ଛଡ଼େଇ ଦେଇଛୁ ତା'ର ଆବେଗ, ଆନନ୍ଦ, ସ୍ୱାଧୀନତା। ନିଜଠାରୁ, ପ୍ରକୃତିଠାରୁ, ସାଙ୍ଗସାଥୀଠାରୁ ବିଚ୍ଛିନ୍ନ କରି ଏକ ମତୁଆଲା ନିଶାରେ ତାକୁ ଗଢ଼ି ଚାଲିଛୁ ସମ୍ବେଦନହୀନ ପଶୁଭାବେ। ପଶୁମାନଙ୍କ ପାଇଁ ବି କିଛି ମୁକ୍ତ ସମୟ ଅଛି, ଆଜି କିନ୍ତୁ ଆମ ପିଲାମାନେ ସଫଳତାର ହରଡ଼ଘଣାରେ ୨୪ ଘଣ୍ଟା ଖଟୁଥିବା ଗୋଟିଏ ଗୋଟିଏ ପୋଢ଼ ବା ବଳଦ।

ଯେଉଁ ସଫଳତା ପାଇଁ ଆମେ ଏତେ କିଛି କରୁଛୁ, ତାହା ଅନିଶ୍ଚିତ ଏବଂ ମରିଚିକାମୟ! ଘଟଣାଟିଏ ଅବଦୁଲ କଲାମଙ୍କ ଜୀବନରୁ- ଆକାଶରେ ଉଡୁଥିବା ଉଡାଜାହାଜକୁ ଦେଖି ଭାବିଥିଲେ ବଡ଼ ହେଲେ ପାଇଲଟ ହେବେ। ମେଧାବୀ ଥିଲେ, ଶ୍ରେଣୀରେ ସର୍ବଦା ପ୍ରଥମ ହେଉଥିଲେ। ସମୟ ଆସିଲା ପାଇଲଟ ପରୀକ୍ଷା ଦେଲେ। ପରୀକ୍ଷା ବହୁତ ଭଲ ହୋଇଥିଲା, ନିଶ୍ଚିତ ଥିଲେ ପ୍ରଥମ ନ ହେଲେ ଦ୍ୱିତୀୟ ହେବେ। ସିଟ୍ ଥିଲା ବାରଟି ଆଉ ସେ ହେଲେ ତେର ନମ୍ବର। ପରୀକ୍ଷାରେ କେବେ ଅସଫଳ ହୋଇ ନ ଥିବା କଲାମ ମର୍ମାହତ ହେଲେ। ପରୀକ୍ଷାରେ ସମସ୍ତ ଉତ୍ତର ଠିକ୍ ଥିଲା, ତେବେ କିଭଳି ତେର ନମ୍ବର ହେଲେ? ତେର ନମ୍ବର ହେଲେ ନା ଅନ୍ୟମାନଙ୍କୁ ସଫଳତା ଦେବା ପାଇଁ ତାଙ୍କୁ ତେର ନମ୍ବରକୁ ଠେଲି ଦିଆଗଲା, ଏହା ବୁଝିବା ଆମ୍ଭମାନଙ୍କ ପାଇଁ କଷ୍ଟକର ନୁହେଁ। କଲାମ ଏହି ଘଟଣାରେ ଏଭଳି ମର୍ମାହତ ହେଲେ ଯେ ଆତ୍ମହତ୍ୟା ଭାବନା ତାଙ୍କ ମନରେ ଆସିଲା। ଘଟଣାକ୍ରମରେ ଋଷି ଶିବାନନ୍ଦଙ୍କ ନିକଟରେ ପହଞ୍ଚି ସମସ୍ତ କଥା କହିଲେ। ଋଷି ସ୍ପଷ୍ଟ ଶବ୍ଦରେ କହିଲେ, ''ପୁତ୍ର! ତୁମେ ଯାହା ହେବାକୁ ଆସିଛ ତାହା ହୋଇଉଠ, ଯାହା ହେବାକୁ ଆସିନାହଁ ତା' ପାଇଁ ଦୁଃଖ କରନାହିଁ।'' ଏହି ପଦକ କଥାରେ କଲାମ ଯାହା ହେବାକୁ ଆସିଥିଲେ ହୋଇଉଠିଲେ। ଆମେ କେବେ ଚିନ୍ତା କରିଛୁ କି ଆମ ପିଲାମାନେ କିଛି ହେବାକୁ ଆସିଛନ୍ତି?

କଲାମ ପାଇଲଟ ପାଇଁ ଅସଫଳ ହେଲେ କିନ୍ତୁ ତାଙ୍କ ଭିତରେ ଥିବା ଶିଖିବାର ନିଶା ତାଙ୍କୁ ଅଗ୍ନିର ଜନକ କରି ଗଢ଼ିତୋଳିଲା। କଲାମ ଅଗ୍ନି ପରୀକ୍ଷାରେ ଦୁଇଥର ଅସଫଳ ହୋଇସାରିଥାନ୍ତି ସେଦିନ ଥାଏ ତୃତୀୟ ପରୀକ୍ଷା। କେନ୍ଦ୍ରରୁ ଏବଂ ସବୁ ସ୍ଥାନରୁ ବହୁତ ଚାପ ଥାଏ। ଜରୁରୀ କାମ ସାରି ଭୋର ତିନିଟାରେ ଫେରୁଥାନ୍ତି ଭୁବନେଶ୍ୱରରୁ ବାଲିଆପାଳ। ଆଉ ଅଳ୍ପ ଦୂର ଥାଏ କ୍ଷେପଣାସ୍ତ୍ର ଘାଟି, ଦେଖିଲେ ପୋଖରୀ ଭର୍ତ୍ତି କଇଁ, ଡ୍ରାଇଭରକୁ ଗାଡ଼ି ରଖିବାକୁ କହିଲେ। ସୂର୍ଯ୍ୟ ଉଠି ନ ଥାନ୍ତି, ଚାରିଆଡ଼େ ନୀରବତା, ପତଳା କୁହୁଡ଼ି ଚାଦର ତଳୁ ହସୁଥିଲା କଇଁ ଫୁଲ। ଅନେକ ସମୟ କଇଁମାନଙ୍କ ସହ କଥା ହୋଇ ଫେରିଲେ କଲାମ। ଅଗ୍ନି ପରୀକ୍ଷା ହେଲା, ଭାରତ ରଚନା କଲା ବିଶ୍ୱରେ ନୂଆ ଇତିହାସ। କଲାମ ସେଦିନ ତାଙ୍କ ଡାଏରୀରେ ଲେଖିଥିଲେ- 'ଅଗ୍ନିର ସଫଳ ଉଡାଣ ପାଇଁ କ'ଣ କଇଁ ଫୁଲମାନେ ଦାୟୀ ନୁହନ୍ତି?' ଯେଉଁ ଦିନ ଆମ ସଫଳତା ସବୁ ଆମକୁ ଡେଇଁଯାଇ କହିପାରିବ- ହଁ ଏହି ସଫଳତା ପାଇଁ ସମସ୍ତେ, ସମଗ୍ର ବିଶ୍ୱ ଦାୟୀ, ସେହିଦିନ ତାହା ହେବ ଯଥାର୍ଥ ସଫଳତା।

ଇନ୍ଦ୍ରାବତୀ, ନବରଙ୍ଗପୁର, ମୋ-୯୮୬୧୯୬୯୬୭୮

## ଏଇ ଭାରତରେ

ଦୁନିଆରେ ଯେତେ ସମ୍ପ୍ରଦାୟ ରହିଛି ସେମାନଙ୍କ ଚାଲିଚଳନ, ରୀତିନୀତି ଓ କଥାବାର୍ତ୍ତା ଭିନ୍ନ। ପ୍ରଥା, ପରମ୍ପରା ମଧ୍ୟ ଭିନ୍ନ ପ୍ରକାର। ସେଭଳି ସମ୍ପ୍ରଦାୟ ସଭ୍ୟ ଜଗତଠାରୁ ବହୁ ଦୂରରେ ରହିଥାଆନ୍ତି। କାରଣ ଶିକ୍ଷାଦୀକ୍ଷାର ଅଭାବ ଯୋଗୁ ସେମାନେ ପ୍ରାଚୀନ ପରମ୍ପରାକୁ ମାନି ଚଳିଥାଆନ୍ତି। ପ୍ରକୃତିକୁ ପୂଜା କରନ୍ତି। ସଭ୍ୟ ଶିକ୍ଷିତ ଲୋକଙ୍କୁ ଦେଖିବା ମାତ୍ରେ ଲାଜ ଓ ଭୟରେ ଦୌଡି ପଳାଇଥାଆନ୍ତି। ଏମିତି ସମ୍ପ୍ରଦାୟ ଅଛି, ଯେଉଁଠି ପରିବାରରେ କୌଣସି ବ୍ୟକ୍ତି ମୃତ୍ୟୁବରଣ କଲେ ଆତ୍ମୀୟ ସ୍ୱଜନମାନେ କାନ୍ଦିବା ବଦଳରେ ହସିଥାଆନ୍ତି। ପୁଣି ଆଉ କେଉଁ ଆଦିବାସୀ ସମ୍ପ୍ରଦାୟରେ ପିଲା ଜନ୍ମହେଲେ ପରିବାର ସଦସ୍ୟମାନେ ଖୁସିହେବା ବଦଳରେ କାନ୍ଦିଥାଆନ୍ତି।

ଆମ ଭାରତବର୍ଷର ଝାଡ଼ଖଣ୍ଡ, ଓଡ଼ିଶା, ବିହାର, ମଧ୍ୟପ୍ରଦେଶରେ ମୁଖ୍ୟତଃ ବାସକରନ୍ତି ସାନ୍ତାଳ ଜନଜାତିର ଲୋକ। ଘନ ଜଙ୍ଗଲ ଭିତରେ ଥାଏ ଏମାନଙ୍କର ବସ୍ତି। ପୃଥିବୀରେ ବାସ କରୁଥିବା ସବୁଠୁ ପ୍ରାଚୀନ ଜନଜାତିଗୁଡିକ ମଧ୍ୟରୁ ଏହା ଅନ୍ୟତମ। ଏହି ଜନଜାତିର ପରମ୍ପରା ଅନ୍ୟ ଜନଜାତିଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଘରେ ସନ୍ତାନ ଜନ୍ମହେଲେ ସାନ୍ତାଳ ସମ୍ପ୍ରଦାୟର ଲୋକମାନେ ମିଳିତଭାବେ କ୍ରନ୍ଦନ କରିଥାଆନ୍ତି। ଏମାନଙ୍କ ମତରେ ଜନ୍ମ ହୋଇଥିବା ସନ୍ତାନ ଭବିଷ୍ୟତରେ ନିଶ୍ଚୟ ମୃତ୍ୟୁବରଣ କରିବ। ସେଥିପାଇଁ ସେମାନେ ଦୁଃଖ କରନ୍ତି। ଏଭଳି ଦୁନିଆକୁ ସେ କାହିଁକି ଆସିଲା ବୋଲି ଚିନ୍ତାକରି ସେମାନେ କାନ୍ଦିଥାଆନ୍ତି। ତେବେ ଏହି ଜନଜାତିର ଲୋକମାନେ ବିବାହ ଉତ୍ସବକୁ ଖୁବ୍ ଆନନ୍ଦର ସହିତ ପାଳନ କରନ୍ତି। ସଭିଏଁ ମିଳିମିଶି ଭୋଜିଭାତ କରିବା ସହିତ ମହୁଲି ପିଇ ନାଚଗୀତରେ ମତୁଆଲା ହୋଇଯାଆନ୍ତି। ବାସ୍ତବିକ୍ ଏଭଳି ପ୍ରଥା ପରମ୍ପରା ଦେଖିଲେ ବିସ୍ମିତ ହେବାକୁ ପଡ଼େ।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ନଭେମ୍ବର ୧୯୯୩

- ଜାପାନର ପୂର୍ବତନ ବୈଦେଶିକ ମନ୍ତ୍ରୀ ସାବୁରୋ ଓନିତାଙ୍କୁ ୧୯୯୨ର ଇନ୍ଦିରା ଗାନ୍ଧୀ ପୁରସ୍କାର(ମରଣୋତ୍ତର) ପ୍ରଦାନ।
- ୧୯୯୧ ଲୋକସଭା ନିର୍ବାଚନ ବେଳେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଶରଦ ପାୱାର କେତେକ ଦୁର୍ନୀତିମୂଳକ କାର୍ଯ୍ୟରେ ଲିପ୍ତ ଥିଲେ ବୋଲି ଯେଉଁ ଅଭିଯୋଗ ହୋଇଥିଲା, ସେଥିରୁ ତାଙ୍କୁ ସୁପ୍ରିମକୋର୍ଟ ସମ୍ପୂର୍ଣ୍ଣ ମୁକ୍ତ କରିଦେଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ପୂଜାପାର୍ବଣକୁ ପଲିଥିନମୁକ୍ତ କରାଯାଉ

ମହାଶୟ,

ଏବେ ଦୁର୍ଗାପୂଜା ଓ କାଳୀପୂଜା ଗଲା- ଆଗକୁ ଡଙ୍ଗାଭସା, ମାଣବସା ଗୁରୁବାର ଆଦି ଆସୁଛି। ଆମର ପ୍ରତ୍ୟେକ ପର୍ବପର୍ବାଣି ପ୍ରକୃତି ଓ ପରିବେଶ ସହିତ ଓତପ୍ରୋତ ଭାବେ ଜଡିତ। କିନ୍ତୁ ବର୍ତ୍ତମାନ ସମୟରେ ପ୍ରାକୃତିକ ଜିନିଷର ବ୍ୟବହାର ପରିବର୍ତ୍ତେ ଆମେ କୃତ୍ରିମ ତଥା ପ୍ଲାଷ୍ଟିକ ଜିନିଷର ବହୁଳ ବ୍ୟବହାର କରୁଛେ। ଧରିତ୍ରୀରେ ପ୍ରକାଶିତ ପ୍ଲାଷ୍ଟିକ ପ୍ରଦୂଷଣ ପରମାଣୁ ବୋମାଠାରୁ ଅଧିକ ଭୟଙ୍କର ପଢ଼ି ବହୁତ ତଥ୍ୟ ଜାଣିହେଲା। ଧରିତ୍ରୀ ଦ୍ୱାରା ଆରମ୍ଭ କରାଯାଇଥିବା ପ୍ଲାଷ୍ଟିକ ଫ୍ରି କାର୍ଯ୍ୟକ୍ରମକୁ ଅଧିକରୁ ଅଧିକ ବ୍ୟାପକ କରିବା ପାଇଁ ସମସ୍ତ ପୂଜା କମିଟିକୁ ସାମିଲ କରାଗଲେ ପ୍ଲାଷ୍ଟିକ ଫ୍ରି ଅଭିଯାନ ସଫଳ ହୋଇପାରିବ। ପ୍ରତ୍ୟେକ ମନ୍ଦିର, ମଠ ଓ ପୂଜାମଣ୍ଡପ ପଲିଥିନମୁକ୍ତ ହେଉ। ସାଜସଜ୍ଜା ପାଇଁ ଥର୍ମୋକୁଲ୍, କୃତ୍ରିମ ସୋଲ ବ୍ୟବହାର ନ କରି ଖୋଟ, କାଗଜ, କତା ଇତ୍ୟାଦି ବ୍ୟବହାର କରାଯାଉ। ପ୍ରସାଦ ପାଇଁ ଥର୍ମୋକୁଲ ପ୍ଲେଟ୍, ଡିସ୍ପୋଜେବୁଲ୍ ଗ୍ଲାସ୍, ପାଣି ପାଉଚ୍ ଆଦି ବ୍ୟବହାର ବନ୍ଦ କରି ପତ୍ର ଠୁଙ୍ଗା, ମାଟିପାତ୍ର, ଷ୍ଟିଲ ଗ୍ଲାସ୍ ବ୍ୟବହାର କରାଯାଉ।

ଆଦିତ୍ୟ କୁମାର ଦାଶ, ଗୋଡିପଡା, ନୟାଗଡ଼

### ଯିଏ ମଦ ବନ୍ଦ କରିବ ତାକୁ ଭୋଟ ଦିଅ

ରାଜ୍ୟ ସରକାରଙ୍କ ରାଜକୋଷକୁ ଅଧିକ ଟିକସ ଆସିବା ପାଇଁ ମଦ ବ୍ୟବସାୟକୁ ସରକାର ଦିନକୁ ଦିନ ବୃଦ୍ଧି କରିବାରେ ଲାଗିଛନ୍ତି। ମଦ କାରଖାନା ପାଇଁ ବ୍ୟାପକ ଗଛ କଟାଯାଉଛି। ସରକାର 'ମା'କୁ ସମ୍ମାନ, ଗାଁକୁ କାମ' ନାରା ଦେଇ ଶାସନ କରୁଥିବା ବେଳେ ଆଜି ମା'ମାନେ ନିର୍ଯାତିତା। ରାଜ୍ୟରେ ଦିନକୁ ଦିନ ବଳାତ୍କାର, ଯୌତୁକ ନିର୍ଯାତନା ବୃଦ୍ଧି ପାଉଛି। ଏଥିପାଇଁ ମୁଖ୍ୟତଃ ମଦ ଦାୟୀ। ଏଣୁ ଆଗାମୀ ନିର୍ବାଚନରେ ଯେଉଁ ଦଳ ରାଜ୍ୟରେ ମଦ ବନ୍ଦ କରିବା ପାଇଁ ଇସ୍ତାହାରରେ ପ୍ରକାଶ କରିବ ସେହି ଦଳକୁ ଭୋଟ ଦେବା ଦେବା ଲାଗି ମହିଳା ତଥା ସଚେତନ ନାଗରିକ ଶପଥ ନିଅନ୍ତୁ।

ନିରଞ୍ଜନ ନାୟକ, ଦଶରଥପୁର, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ହାଇତିରେ ଦୁର୍ନୀତି ବିରୋଧୀ ଆନ୍ଦୋଳନରେ ୬ ଲୋକଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ୫ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଆନ୍ଦୋଳନକାରୀ ରାଷ୍ଟ୍ରପତି ଜୋବେନଲ୍ ଗୋଇସ୍‌ଙ୍କ ଇସ୍ତଫା ଦାବି କରୁଥିବାବେଳେ ସୁରକ୍ଷାବଳଙ୍କ ସହିତ ମୁହାଁମୁହିଁ ହୋଇଥିଲେ। ଭେନଜୁଏଲାର ଏକ ତୈଳ ପରିଯୋଜନାରେ ଦୁର୍ନୀତି ହୋଇଥିବା ଅଭିଯୋଗ ନେଇ ଏହି ଆନ୍ଦୋଳନ ହେଉଥିବା କୁହାଯାଉଛି।



# ସିଜିଡି ପ୍ରକଳ୍ପର ଶିଳାନ୍ୟାସ କରିବେ ମୋଦି



- ଗୁରୁବାର ହେବ ଶୁଭାରମ୍ଭ
- ମୋଟ୍ ୬୩ ଭୌଗୋଳିକ କ୍ଷେତ୍ରରେ ପ୍ରକଳ୍ପ
- ଓଡ଼ିଶାର ୭ ଭୌଗୋଳିକ କ୍ଷେତ୍ର ସାମିଲ

ଭୁବନେଶ୍ୱର,୧୯।୧୧

ନବମ ଓ ଦଶମ ସିଟି ଗ୍ୟାସ୍ ବିତରଣ ପ୍ରକଳ୍ପ(ସିଜିଡି) ଅଧୀନରେ ଦେଶର ମୋଟ୍ ୬୩ ଭୌଗୋଳିକ କ୍ଷେତ୍ର ସମେତ ଓଡ଼ିଶାର ୭ କ୍ଷେତ୍ରର ଶିଳାନ୍ୟାସ ଓ ବିଡିଂ ପର୍ଯ୍ୟାୟ ଗୁରୁବାର ଶୁଭାରମ୍ଭ ହେବ। ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲାଇଭ୍ ଷ୍ଟ୍ରିମିଂ ଦ୍ୱାରା ପ୍ରକଳ୍ପଗୁଡ଼ିକୁ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମ ଅବସରରେ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ହର୍ଷବର୍ଦ୍ଧନ, ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଓଡ଼ିଶାର ପ୍ରକଳ୍ପ ହେବାକୁ ଥିବା ଭୌଗୋଳିକ କ୍ଷେତ୍ର ମଧ୍ୟରେ ସୁନ୍ଦରଗଡ-ଝାରସୁଗୁଡା, ଯାଜପୁର-କେନ୍ଦୁଝର, ଅନୁଗୋଳ -ଢେଙ୍କାନାଳ, ବାଲେଶ୍ୱର-ଭଦ୍ରକ -ମୟୂରଭଞ୍ଜ, ବରଗଡ-ଦେବଗଡ-ସମ୍ବଲପୁର, ଗଞ୍ଜାମ - ନୟାଗଡ - ପୁରୀ ଏବଂ ଜଗତ୍‌ସିଂହପୁର-କେନ୍ଦ୍ରାପଡା ଭଳି ଜିଲା ରହିଛି। ଓଡ଼ିଶାର ବିଭିନ୍ନ ଭୌଗୋଳିକ ଅଞ୍ଚଳରେ ହେବାକୁ ଥିବା କାର୍ଯ୍ୟକ୍ରମରେ ରାଉରକେଲାରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ବ୍ରହ୍ମପୁରଠାରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ର ମନ୍ତ୍ରୀ ରାମ କ୍ରିପାଳ ଯାଦବ, ଯାଜପୁରରୋଡଠାରେ କେନ୍ଦ୍ର ଜନଜାତି ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ସୁଦର୍ଶନ ଭଗତ ଯୋଗଦେବେ ବୋଲି ଏକ ଖବରଦାତା ସମ୍ମିଳନୀରେ ପ୍ରକଳ୍ପ ଦାୟିତ୍ୱ ଭାର ନେଇଥିବା କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟର ବିଭିନ୍ନ ସହରରେ ପ୍ରଦୂଷଣ ହ୍ରାସ କରିବା ପାଇଁ ପାଇପ୍ ଲାଇନ୍ ଜରିଆରେ ଗ୍ୟାସ ସଂଯୋଗକୁ ୧୮ ଲକ୍ଷରୁ ଏକ କୋଟିକୁ ବୃଦ୍ଧି କରାଯିବ ବୋଲି କେନ୍ଦ୍ର ପେଟ୍ରୋଲିୟମ ଏବଂ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଉର୍ଜା ସଙ୍ଗମ କାର୍ଯ୍ୟକ୍ରମ ଦ୍ୱାରା ଏଭଳି ପଦକ୍ଷେପକୁ ପ୍ରୋତ୍ସାହିତ କରାଯାଉଛି। ଓଡ଼ିଶାର ଭୌଗୋଳିକ କ୍ଷେତ୍ର ମଧ୍ୟରୁ ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଯାଜପୁର, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ବରଗଡ, ଦେବଗଡ, ସମ୍ବଲପୁର ଜିଲ୍ଲାର କାର୍ଯ୍ୟ ଭାରତ ଗ୍ୟାସ୍ ରିସୋର୍ସେସ ଲିମିଟେଡକୁ ଦିଆଯାଇଛି। ସେହିଭଳି ବାଲେଶ୍ୱର,ଭଦ୍ରକ, ମୟୂରଭଞ୍ଜ ଜିଲାରେ ୨୦ ସିଏନ୍‌ଜି ଷ୍ଟେଶନ, ୧,୫୦,୪୬୪ ଗ୍ୟାସ ସଂଯୋଗ ଲାଗି କାର୍ଯ୍ୟଭାର ଆଦାନି ଗ୍ୟାସ ଲିମିଟେଡକୁ ପ୍ରଦାନ କରାଯାଇଛି। ଏହା ବାଦ ସୁନ୍ଦରଗଡ, ଝାରସୁଗୁଡା, ଗଞ୍ଜାମ,ନୟାଗଡ, ପୁରୀ ଜିଲାରେ ଗ୍ୟାସ୍ ଅଥରିଟି ଇଣ୍ଡିଆ ଲିମିଟେଡ(ଗେଲ୍) ପ୍ରକଳ୍ପ କାର୍ଯ୍ୟ କରିବ ବୋଲି ସୂଚନା ରହିଛି।

ପିଏନ୍‌ଜିଆରବି ପକ୍ଷରୁ ନବମ ସିଜିଡି ବିଡିଙ୍ଗ୍ ରାଉଣ୍ଡରେ ସାରା ଦେଶର ୧୭୪ ଜିଲାରେ ୮୬ଟି ନୂଆ ଭୌଗୋଳିକ କ୍ଷେତ୍ରକୁ ସଂଯୋଗୀକରଣ ଯୋଜନା ରହିଛି। ଏହାର କାର୍ଯ୍ୟ ବର୍ତ୍ତମାନ ଅଗ୍ରସର ହେଉଛି। କ୍ଷେତ୍ରଗୁଡ଼ିକରେ ଆଗାମୀ ୫ ବର୍ଷ ମଧ୍ୟରେ ୨,୧୦୦ କୋଟି ଟଙ୍କା ନିବେଶ ହେବାର ଯୋଜନା ରହିଛି। ଏହି ପଦକ୍ଷେପ ଦ୍ୱାରା ଓଡ଼ିଶାରେ ୧୯ ହଜାରରୁ ଉର୍ଦ୍ଧ୍ୱ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି ହେବ। ଏହି ପ୍ରକଳ୍ପ ଅଧୀନରେ ଆଗାମୀ ୮ ବର୍ଷରେ ଜଗତ୍‌ସିଂହପୁର-କେନ୍ଦ୍ରାପଡା ଜିଲାରେ ୧୭୪ କୋଟି, ଯାଜପୁର-କେନ୍ଦୁଝର ଜିଲାରେ ୪୬୬ କୋଟି, ଅନୁଗୋଳ-ଢେଙ୍କାନାଳ ଜିଲାରେ ୩୬୪ କୋଟି, ବରଗଡ-ଦେବଗଡ-ସମ୍ବଲପୁର ଜିଲାରେ ୨୮୪ କୋଟି ଟଙ୍କା ପୁଞ୍ଜି ବିନିଯୋଗ ହେବ। ସେହିଭଳି ବାଲେଶ୍ୱର-ଭଦ୍ରକ-ମୟୁରଭଞ୍ଜ ଜିଲାରେ ୫୦୦ କୋଟି, ସୁନ୍ଦରଗଡ-ଝାରସୁଗୁଡା-ଗଞ୍ଜାମ-ନୟାଗଡ ଓ ପୁରୀ ଜିଲାଗୁଡ଼ିକରେ ୯୪୪ କୋଟି ଟଙ୍କା ବିନିଯୋଗ ଯୋଜନା ରହିଛି। ଏହା ମଧ୍ୟରେ ଗଞ୍ଜାମ-ନୟାଗଡ-ପୁରୀ ଜିଲାରେ ୭୨୮ କୋଟି ଟଙ୍କା ବିନିଯୋଗ ଦ୍ୱାରା ୧୫ ସିଏନ୍‌ଜି ଷ୍ଟେଶନ ଏବଂ ୫୧ ହଜାର ଘରକୁ ପ୍ରାକୃତିକ ଗ୍ୟାସ ଯୋଗାଣ ହେବ। ଅପର ପକ୍ଷରେ ସୁନ୍ଦରଗଡ-ଝାରସୁଗୁଡାରେ ୨୦ ସିଏନ୍‌ଜି ଷ୍ଟେଶନ ଏବଂ ୧ ଲକ୍ଷ ଘରକୁ ପ୍ରାକୃତିକ ବାଷ୍ପ ଯୋଗାଣ ନେଇ ଲକ୍ଷ୍ୟ ରହିଛି।

# ହାଇକୋର୍ଟରେ ଶପଥ ନେଲେ ୨ ବିଚାରପତି



ହାଇକୋର୍ଟର ମୁଖ୍ୟ ବିଚାରପତି ଦୁଇ ନୂଆ ବିଚାରପତି ଅକ୍ଷୟ କୁମାର ମିଶ୍ର ଓ ଶତ୍ରୁଘ୍ନ ପୂଜାହାରୀଙ୍କୁ ଶପଥପାଠ କରାଉଛନ୍ତି।

କଟକ ଅଫିସ, ୧୯।୧୧

ବିଚାରପତି ଶତ୍ରୁଘ୍ନ ପୂଜାହାରୀ ଓ ବିଚାରପତି ଅକ୍ଷୟ କୁମାର ମିଶ୍ର ସୋମବାର ପୂର୍ବାହ୍ନ ୧୦ଟା ୧୫ରେ ହାଇକୋର୍ଟରେ ଶପଥ ଗ୍ରହଣ କରିଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଜଷ୍ଟିସ ପୂଜାହାରୀ ଓ ଜଷ୍ଟିସ ମିଶ୍ରଙ୍କୁ ଶପଥ ପାଠ କରାଇଥିଲେ। ସୂଚନାଥାଉ କି, ଜଷ୍ଟିସ ମିଶ୍ର ପୂର୍ବରୁ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲ ଭାବେ କାର୍ଯ୍ୟ କରୁଥିଲେ। ସୁପ୍ରିମକୋର୍ଟଙ୍କ କଲେଜିୟମ ପକ୍ଷରୁ ତାଙ୍କ ନାମ ବିଚାରପତି ଭାବେ ସୁପାରିସ କରାଯାଇଥିଲା। ଏହାପରେ ରାଷ୍ଟ୍ରପତି ଭବନରୁ ଜଷ୍ଟିସ ମିଶ୍ରଙ୍କ ନିଯୁକ୍ତି ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେହିପରି ଜଷ୍ଟିସ ପୂଜାହାରୀ ମାଡ୍ରାସ ହାଇକୋର୍ଟରୁ ବଦଳି ହୋଇ ଆସିଛନ୍ତି। ଜଷ୍ଟିସ ମିଶ୍ର ଓ ଜଷ୍ଟିସ ପୂଜାହାରୀଙ୍କୁ ମିଶାଇଲେ ଓଡ଼ିଶା ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୧୪ରେ ପହଞ୍ଚିଛି। ଯେଉଁଠି ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା ୨୭ ଅଟେ। ଶପଥ ଗ୍ରହଣ ଉତ୍ସବରେ ହାଇକୋର୍ଟର ସମସ୍ତ ବିଚାରପତି, କେତେଜଣ ଅବସରପ୍ରାପ୍ତ ବିଚାରପତିଙ୍କ ସମେତ ଆଡଭୋକେଟ ଜେନେରାଲ ସୂର୍ଯ୍ୟପ୍ରସାଦ ମିଶ୍ର, ରାଜ୍ୟ ବାର୍ କାଉନସିଲ ଅଧ୍ୟକ୍ଷ ଟହଲି ଚରଣ ମହାନ୍ତି, ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଶ୍ରୀକାନ୍ତ ନାୟକ, ସମ୍ପାଦକ ସତ୍ୟବ୍ରତ ମହାନ୍ତି ଓ ବହୁ ବରିଷ୍ଠ ଆଇନଜୀବୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଚାଷୀ ଆନ୍ଦୋଳନ ଦମନକୁ ବିରୋଧୀ ଦଳ ନେତାଙ୍କ ସମାଲୋଚନା

ଭୁବନେଶ୍ୱର,୧୯।୧୧(ବ୍ୟୁରୋ)- କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇର ମାଳିପୁର ଗାଁରେ ସତ୍ୟାଗ୍ରହ କରୁଥିବା ଚାଷୀମାନଙ୍କ ଉପରେ ପ୍ରଶାସନର ଦମନନୀତିକୁ ବିରୋଧୀ ଦଳ ନେତା ନରସିଂହ ମିଶ୍ର ସମାଲୋଚନା କରିଛନ୍ତି। ଚଳିତ ଶୀତ ଅଧିବେଶନର ତୃତୀୟ ଦିନର ଦ୍ୱିତୀୟାର୍ଦ୍ଧରେ ବିରୋଧୀ ଦଳ ନେତା ଏହି ପ୍ରସଙ୍ଗ ଉଠାଇଛନ୍ତି। ସେ କହିଛନ୍ତି ଯେ, ଚାଷୀମାନେ ଗଣତାନ୍ତ୍ରିକ ଢଙ୍ଗରେ ସତ୍ୟାଗ୍ରହ କରିବାକୁ ପ୍ରଶାସନ ଦମନ କରିବା ନିନ୍ଦନୀୟ। ମିଳିଥିବା ସୂଚନାନୁଯାୟୀ ସତ୍ୟାଗ୍ରହୀ ମାନଙ୍କୁ ଜାତୀୟ ରାଜପଥରେ ଚଲାଇ ନ ଦିଆଯିବା, ବିଜୁ ଗୁଣ୍ଡା ବାହିନୀ ଦ୍ୱାରା ପ୍ରଭାବିତ କରାଯିବା ଘଟଣା ଅଭିଯୋଗ ହୋଇଛି। ସେହିପରି ସାଧାରଣ ଚାଷୀଟିଏ ନ୍ୟାୟ ପାଇବା ଆଶାରେ ସ୍ଥାନୀୟ ପୋଲିସ ପ୍ରଶାସନ ପାଖକୁ ଯାଇଥାଏ। ମାତ୍ର ପ୍ରଶାସନ ନିର୍ଦ୍ଦେଶରେ ସେମାନେ ଦେଉଥିବା ଏତଲାକୁ ବି ଗ୍ରହଣ କରାଯାଉନାହିଁ। ଏହାଠାରୁ ଦୁର୍ଭାଗ୍ୟଜନକ ଘଟଣା କ'ଣ ହୋଇପାରେ ବୋଲି ନରସିଂହ କହିଛନ୍ତି। ସେହିପରି ସାମାନ୍ୟ ଦୁଇ ଚକିଆ ମୋଟର ଯାନରେ ଟନ୍ ଟନ୍ ଚାଉଳ ବୁହାଯିବା , ଶାସକ ଦଳ ସ୍ଥାନୀୟ ଜିଲା ସଭାପତି ବିଭିନ୍ନ ଅନିୟମିତତାରେ ସଂପୃକ୍ତ ନେଇ ଅଭିଯୋଗ ହେବା ରାଜ୍ୟର ଶାସନ ବ୍ୟବସ୍ଥାର ଚିତ୍ର ପ୍ରଦାନ କରୁଛି। ସେହିପରି ଶାସକ ଦଳର ହଟ୍ଟଗୋଳ ଦ୍ୱାରା ପ୍ରଶ୍ନୋତ୍ତରକୁ ବାତିଲ କରାଯିବା, ବିରୋଧୀଙ୍କ ମୁଲତବୀ ପ୍ରସ୍ତାବ ଗ୍ରହଣ ହୋଇ ଆଲୋଚନା ନ ହେବା ଏବଂ ଗୃହକୁ ୩ଟା ପର୍ଯ୍ୟନ୍ତ ମୁଲତବୀ କରାଯିବା ନେଇ ବିରୋଧୀ ଦଳ ନେତା ପ୍ରଶ୍ନ ଉଠାଇଛନ୍ତି। ଅପରପକ୍ଷରେ ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମରେ ସଚିବାଳୟରେ ସିବିଆଇ ପଶିବା ଖବରକୁ ନେଇ ମଧ୍ୟ ନରସିଂହ ବକ୍ତବ୍ୟ ରଖିଥିଲେ। ସେ କହିଥିଲେ ଯେ, କେଉଁ ପରିସ୍ଥିତିରେ ସିବିଆଇ ଆସିଲେ। ସେମାନଙ୍କୁ କିପରି ଅନୁମତି ମିଳିଲା। କେଉଁ ଘଟଣାର ତଦନ୍ତ କରାଯାଉଛି, ସେ ସମ୍ପର୍କରେ ସରକାର ସ୍ପଷ୍ଟୀକରଣ ରଖନ୍ତୁ। ଯଦି ଏପରି ହୋଇ ନ ଥାଏ, ତେବେ ଗଣମାଧ୍ୟମ ଏପରି ଖବର ପ୍ରକାଶ କରିବା ଉଚିତ ନୁହେଁ ବୋଲି ନରସିଂହ ମତ ରଖିଛନ୍ତି। ବିରୋଧୀ ଦଳ ନେତାଙ୍କ ବକ୍ତବ୍ୟ ସରିବା ପରେ ଗୃହ କାର୍ଯ୍ୟ ଅସ୍ୱାଭାବିକ ହୋଇଥିଲା। ଶାସକ ମୁଖ୍ୟ ସଚେତକ ଅମର ଶତପଥୀ ଏସ୍‌ସି,ଏସ୍‌ଟି ଛାତ୍ରୀଛାତ୍ରଙ୍କ କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଇବା ନେଇ ମତ ରଖୁଥିବା ବେଳେ ବିରୋଧୀ ତଥା କଂଗ୍ରେସର ସଭ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହୋହଲ୍ଲା କରିଥିଲେ। ଏଣୁ ବାଚସ୍ପତି ପ୍ରଦୀପ ଅମାତ ଅପରାହ୍ନ ୩ଟା ୧୧ରୁ ୩୦ ମିନିଟ୍ ପର୍ଯ୍ୟନ୍ତ ଗୃହ କାର୍ଯ୍ୟ ମୁଲତବୀ ରଖିଥିଲେ। ଏହା ପରେ ମଧ୍ୟ ଗୃହ କାର୍ଯ୍ୟ ମିନିଟିଏ ମଧ୍ୟ ଚାଲି ପାରି ନ ଥିଲା। ଏହା ପରେ ବାଚସ୍ପତି ବାଧ ହୋଇ ଗୃହ କାର୍ଯ୍ୟକୁ ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି।

### ଆମ ଗାଁ ଆମ ବିକାଶ ପ୍ରକଳ୍ପ ଶେଷ କରିବାରେ ଧର୍ମଶାଳା ବ୍ଲକ ପ୍ରଥମ

ଭୁବନେଶ୍ୱର,୧୯।୧୧(ବ୍ୟୁରୋ)-ଯାଜପୁର ଜିଲାର ଧର୍ମଶାଳା ରାଜ୍ୟର ପ୍ରଥମ ବ୍ଲକ ଭାବେ 'ଆମ ଗାଁ ଆମ ବିକାଶ' ପ୍ରକଳ୍ପ ଖର୍ଚ୍ଚ କରିଛି। ୧୭୦ ଦିନ ମଧ୍ୟରେ ଏହି ବ୍ଲକରେ ୩.୭୬ କୋଟି ଟଙ୍କାରେ ୧୧୯ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରୁ ଏହା ଜଣାପଡିଛି। ସେହିପରି ସୋମବାର ରାଜ୍ୟର ୬ଟି ଜିଲାର ୭ଟି ବ୍ଲକ ପାଇଁ ୩୩.୪୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ମଞ୍ଜୁର ହୋଇଥିବା ବ୍ଲକଗୁଡ଼ିକ ମଧ୍ୟରେ ନୟାଗଡ଼ ଜିଲାର ରଣପୁର, ଯାଜପୁରର ବରୀ, ମାଲକାନଗିରିର ଚିତ୍ରକୋଣ୍ଡା, ଅନୁଗୋଳର କିଶୋର ନଗର, ନବରଙ୍ଗପୁରର ନନ୍ଦାହାଣ୍ଡି ଓ ମୟୂରଭଞ୍ଜର କୁଳିଅଣା ଓ ଶୁକ୍ରୁଲି।



ଶ୍ରୀଜୀଉଙ୍କ ଲକ୍ଷ୍ମୀନାରାୟଣ ବେଶ।

# ଆରମ୍ଭ ହେଲା ପଞ୍ଚୁକ ଭକ୍ତ ଦେଖିଲେ ମହାପ୍ରଭୁଙ୍କ ଲକ୍ଷ୍ମୀନାରାୟଣ ବେଶ

ପୁରୀ ଅଫିସ,୧୯।୧୧

ପବିତ୍ର କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ ଆରମ୍ଭ ହୋଇଛି ପଞ୍ଚୁକ ବ୍ରତ। ପଞ୍ଚୁକ ବ୍ରତର ପ୍ରଥମ ଦିନ ଅର୍ଥାତ୍ ସୋମବାର ମହାପ୍ରଭୁ ରତ୍ନସିଂହାସନରେ ଲକ୍ଷ୍ମୀନାରାୟଣ ବେଶ ତଥା ଠିଆକିଆ ବେଶରେ ଦର୍ଶନ ଦେଇଛନ୍ତି। ଉତ୍ସବମୁଖର ହୋଇଉଠିଛି ଶ୍ରୀକ୍ଷେତ୍ର। ଦାରୁଦିଅଁଙ୍କ ଲକ୍ଷ୍ମୀନାରାୟଣ ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ହୋଇଥିଲା। ମଙ୍ଗଳବାର କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ତିଥିରେ ରତ୍ନସିଂହାସନରେ ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ ଅନୁଷ୍ଠିତ ହେବ। ଶ୍ରୀମନ୍ଦିରରେ ଚତୁର୍ଦ୍ଧାବିଗ୍ରହଙ୍କ ଅବକାଶ ନୀତି ପରେ ଲକ୍ଷ୍ମୀନାରାୟଣ ବେଶ ହୋଇଥିଲା। ଖୁଣ୍ଟିଆଳକ ସେବକଙ୍କ ଅସହଯୋଗ ଯୋଗୁ ବେଶ ବିଳମ୍ବ ହୋଇଥିଲା। ଅବକାଶ ନୀତି ସକାଳ ୭ଟା ବେଳେ ସମ୍ପନ୍ନ ହୋଇଥିଲା। ଏହାପରେ ବେଶ ଆରମ୍ଭ ହୋଇଥିଲା। ବେଶ ବେଳେ ସିଂହାରୀ ସେବକମାନେ ଅସହଯୋଗ କରିଥିଲେ। ଏକ ଘଣ୍ଟାରୁ ଦୁଇଘଣ୍ଟା ମଧ୍ୟରେ ସରିବାକୁ ଥିବା ବେଶ ଅପରାହ୍ନ ପ୍ରାୟ ୧ଟା ବେଳେ ହୋଇଥିଲା। ପୁଷ୍ପାଳକମାନେ ତିନିଠାକୁରଙ୍କୁ ଏହି ବେଶରେ ଭୂଷିତ କରାଇଥିଲେ। ଏଥିରେ ଠାକୁର ୨୩ ପ୍ରକାର ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ୪ ସୁବର୍ଣ୍ଣ ଶ୍ରୀଭୁଜ, ୩ କିରୀଟ, ୪ ଶ୍ରୀପୟର, ୬ଟି କାନ, ୪ କଦମ୍ବମାଳି, ୧ ହରିଡା କଦମ୍ବମାଳି, ୨ ବାହାଡା ମାଳି, ଗୋଟିଏ ତାବିଜ ମାଳି, ଗୋଟିଏ ବାଘନଖି ମାଳି, ୩ ସେବତୀ ମାଳି, ୨ ହଳମୂଷଳ, ଗୋଟିଏ ଚକ୍ର, ୨ ତ୍ରିଶାଖା, ୩ ଅଳକା, ୪ ଶ୍ରୀମୁଖ ପଦ୍ମ, ଗୋଟିଏ ରୁପା ଶଙ୍ଖ, ୩ ଓଡ଼ିଆଣି, ୩ ଚନ୍ଦ୍ରସୂର୍ଯ୍ୟ, ୨ ତିଳକ (ଚିତା), ୩ ଘାଗଡା ମାଳି, ୪ କୁଣ୍ଡଳ, ୨ଟି ତଡ଼ଗୀ ଓ ଗୋଟିଏ ସ୍ୱର୍ଣ୍ଣ ଟୋପର ଲାଗି ହୋଇଥିଲା। ଏହି ମାସରେ ଅନୁଷ୍ଠିତ ହୋଇଥିବା ରାଧା ଦାମୋଦର ବେଶରେ ଠାକୁର ଶ୍ରୀହସ୍ତରେ ନଳୀଭୁଜ ଧାରଣ କରୁଥିବାବେଳେ ଲକ୍ଷ୍ମୀନାରାୟଣ ବେଶରେ ଶ୍ରୀଭୁଜ, ଶଙ୍ଖ, ଚକ୍ର, ହଳ, ମୂଷଳ ସହିତ ଅନ୍ୟାନ୍ୟ ଅଳଙ୍କାର ଧାରଣ କରିଥାନ୍ତି। ସୁନାବେଶ ଭଳି ଏହି ବେଶରେ ଠାକୁରମାନଙ୍କ ମସ୍ତକରେ ସ୍ୱର୍ଣ୍ଣକିରୀଟ ଶୋଭାପାଇଥାଏ। କିରୀଟ ପଛ ପାର୍ଶ୍ୱରେ ସୁବର୍ଣ୍ଣ କିଆ ଲଗା ଯାଇଥାଏ। ମସ୍ତକରେ ସୁବର୍ଣ୍ଣ କିଆ ଠିଆ ହୋଇରହିଥିବାରୁ ଏହି ବେଶର ନାମ ଠିଆକିଆ ବେଶ।

ପରମ୍ପରା ଅନୁଯାୟୀ ବାଳଧୂପ ସରିବା ପରେ ତିନି ବାଡରେ ପଣ୍ଡା, ପତି ଓ ମୁଦିରସ୍ତ ବନ୍ଦାପନା କରିଥିଲେ। ପରେ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା।

## ଆଜି ବାଙ୍କଚୂଡ଼ା ବେଶ

# ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ

- ୪୧ ଦିନରେ ଚତୁର୍ଥ ଘଟଣା

ପୁରୀ ଅଫିସ,୧୯।୧୧

ବାରମ୍ବାର ସୋସିଆଲ ମିଡିଆରେ ଭାଇରାଲ ହେଉଛି ଶ୍ରୀମନ୍ଦିର ଭିତର ଫଟୋ। କେତେବେଳେ ଭକ୍ତ ତ ପୁଣି କେତେବେଳେ ପୋଲିସ କର୍ମଚାରୀ ସେଲ୍‌ଫି ଏବଂ ଫଟୋ ଉଠାଇ ଭାଇରାଲ କରୁଛନ୍ତି। ଏହାକୁ ରୋକିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ଏବଂ ପୋଲିସ ଯେତେ ଚେଷ୍ଟା କରୁଥିଲେ ମଧ୍ୟ ଏଥିରେ ଅଙ୍କୁଶ ଲାଗିପାରୁ ନାହିଁ। ସୋମବାର ପୁଣି ଏକ ଭାଇରାଲ ପଦାକୁ ଆସିଛି। ଗୁଜରାଟ ସୁରଟର ତେଜସ ସେଲର ନାମକ ଜଣେ ଯୁବକ ଶ୍ରୀମନ୍ଦିର ଭିତର ଫଟୋ ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ୪୧ ଦିନରେ ଚତୁର୍ଥ ଥର ପାଇଁ ଶ୍ରୀମନ୍ଦିର ଫଟୋ ଭାଇରାଲ ଘଟଣାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ୍ ନେବା ଉପରେ କଟକଣା ରହିଛି। ହେଲେ ତେଜସ ନିଜେ ମୋବାଇଲ ଫୋନ୍ ଭିତରକୁ ନେଇ ଏହି ଫଟୋ ଉଠାଇଛନ୍ତି ନା ତାଙ୍କୁ ସାଙ୍ଗରେ ନେଇଥିବା ବ୍ୟକ୍ତି ଉଠାଇ ତାଙ୍କୁ ଦେଇଛନ୍ତି ତାହା ଜଣାପଡିନାହିଁ। ତେବେ ତେଜସଙ୍କ ଫେସ୍‌ବୁକ ଆକାଉଣ୍ଟରେ ପୋଷ୍ଟ ହୋଇଥିବା ଫଟୋ କୀର୍ତ୍ତନ ଚକଡା ନିକଟରେ ଉଠାଯାଇଛି। ଶ୍ରୀମନ୍ଦିର ଚାରିଦ୍ୱାରରେ ପୋଲିସ ମୁତୟନ ରହିଛନ୍ତି। ଭକ୍ତଙ୍କୁ ଯାଞ୍ଚ କରି ଭିତରକୁ ଛାଡୁଛନ୍ତି। ତେବେ କିପରି ମୋବାଇଲ ଭିତରକୁ ନେଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ପୂର୍ବରୁ ବହୁବାର ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହୋଇଛି। ଏପରି କି ଗର୍ଭଗୃହର ଫଟୋ ମଧ୍ୟ ବାହାରେ ବୁଲିଛି। ନିକଟରେ ଗତ ଅକ୍ଟୋବର ୮ରେ ପୁରୀ ସମୁଦ୍ରକୂଳ ଥାନାର ଜଣେ ଏଏସ୍‌ଆଇ ବାଇଶପାହାଚରେ ଶ୍ରାଦ୍ଧ ଦେବା ବେଳର ଫଟୋ ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ପୋଷ୍ଟ କରିଥିଲେ। ଏହା ଜଣାପଡିବା ପରେ ପୁରୀ ଏସ୍‌ପି ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିଲେ। ସେହିପରି ଗତ ୪ ତାରିଖରେ ବାଙ୍ଗାଲୋରରୁ ମେଘା ଲୁଥ୍ରା ନାମ୍ନୀ ଜଣେ ଯୁବତୀଙ୍କ ଫେସ୍‌ବୁକ ଆକାଉଣ୍ଟରେ ଶ୍ରୀମନ୍ଦିର ଭିତର ଫଟୋ ଅପ୍‌ଲୋଡ ହୋଇଥିବା ଜଣାପଡିଥିବା ବେଳେ ଗତ ୮ ତାରିଖରେ ହିତେଶ ସୋନାନୀ ନାମକ ଜଣେ ଇସ୍କନ ଭକ୍ତଙ୍କ ଫେସ୍‌ବୁକ ଆକାଉଣ୍ଟରେ ଶ୍ରୀମନ୍ଦିର ଏକାଧିକ ଫଟୋ ପୋଷ୍ଟ ହୋଇଥିବା ପଦାକୁ ଆସିଥିଲା।

# ଫରେଷ୍ଟରଙ୍କ ଘରେ ଭିଜିଲାନ୍ସ ଯାଞ୍ଚ

କଟକ ଅଫିସ/ପାଟଣା/କେନ୍ଦୁଝର, ୧୯।୧୧(ସ୍ୱ.ପ୍ର.):

କେନ୍ଦୁଝର ଜିଲା ପାଟନା ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟର ଫରେଷ୍ଟର ଶଶୀଭୂଷଣ ବାରିକଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୬୭ ଲକ୍ଷ ୮୬ହଜାର ୬୬୮ ଟଙ୍କା। ବାରିକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଆଧାର କରି ଭିଜିଲାନ୍ସ ପକ୍ଷରୁ ସୋମବାର ବାରିକଙ୍କ ଘର, ଅଫିସ ସମେତ ମୋଟ ୩ ସ୍ଥାନରେ ଏକକାଳୀନ ଯାଞ୍ଚ କରାଯାଇଥିଲା। ଯାଞ୍ଚ ହୋଇଥିବା ସ୍ଥାନଗୁଡ଼ିକ ମଧ୍ୟରେ କେନ୍ଦୁଝର ସଦର ତହସିଲ ଅଧୀନ କାଶୀପୁର ଗ୍ରାମରେ ଥିବା ଆବାସିକ କୋଠା, କେନ୍ଦୁଝର ସହରର ଖୋଲପା ନିକଟରେ ଥିବା ଘର ଓ ପାଟଣା ରେଞ୍ଜ ଅଫିସ ରହିଛି। ଏହି ଯାଞ୍ଚ ପରେ ଠାବ ସମ୍ପତ୍ତିର ମୂଲ୍ୟାୟନ କରାଯାଉଛି।


No. DADLS-184

**ଡଃ ହରେକୃଷ୍ଣ ମହତାବ, ଶହୀଦ ଲକ୍ଷ୍ମଣ ନାଏକ ଏବଂ ନବକୃଷ୍ଣ ଚୌଧୁରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା**

ତା. ୨୧.୧୧.୨୦୧୮, ତା. ୨୨.୧୧.୨୦୧୮ ଏବଂ ତା. ୨୩.୧୧.୨୦୧୮ ସ୍ଥାନ : ଗୀତଗୋବିନ୍ଦ ସଦନ

**ପ୍ରବନ୍ଧ ପ୍ରତିଯୋଗିତା :** ସମୟ : ମଧ୍ୟାହ୍ନ ୧୨ ଘଟିକା
ପ୍ରଥମ ବର୍ଗ (ପଞ୍ଚମ ରୁ ସପ୍ତମ ଶ୍ରେଣୀ)
ଦ୍ୱିତୀୟ ବର୍ଗ (ଅଷ୍ଟମ ରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

**ବକ୍ତୃତା ପ୍ରତିଯୋଗିତା** ସମୟ : ଅପରାହ୍ନ ୨ ଘଟିକା
ପ୍ରଥମ ବର୍ଗ (ପଞ୍ଚମ ରୁ ସପ୍ତମ ଶ୍ରେଣୀ)
ଦ୍ୱିତୀୟ ବର୍ଗ (ଅଷ୍ଟମ ରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ, ସେମାନେ ନିର୍ଦ୍ଧାରିତ ସମୟର ୧ ଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ।
- ପ୍ରତିଯୋଗିତା ଆରମ୍ଭର ୧ ଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ଶୀର୍ଷକ ପ୍ରଦାନ କରାଯିବ।
- ପ୍ରତିଯୋଗିତା କେବଳ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତର ଖାତା ଯୋଗାଇ ଦିଆଯିବ। ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର / ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ / ଅଧ୍ୟକ୍ଷ / ଅଧ୍ୟକ୍ଷାଙ୍କ ଅନୁମତି ପତ୍ର ଆଣିବା ଆବଶ୍ୟକ।
- ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରତିଦିନ (ତା. ୨୧.୧୧.୨୦୧୮, ତା ୨୨.୧୧.୨୦୧୮ ଏବଂ ତା. ୨୩.୧୧.୨୦୧୮ରିଖ) ସନ୍ଧ୍ୟା ୫.୩୦ ମିନିଟ୍ ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ପ୍ରଦାନ କରାଯିବ।

ନିର୍ଦ୍ଦେଶକ
ସୂଚନା ଲୋକସମ୍ପର୍କ ବିଭାଗ

15001/13/0403/1819



**କାନାରା ବ୍ୟାଙ୍କ** (ଭାରତ ସରକାରଙ୍କ ଏକ ଅଧିକୃତ ସଂସ୍ଥା)

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

ଅଞ୍ଚଳ କାର୍ଯ୍ୟାଳୟ, ପ୍ରଥମ ମହଲା, ରେଡ଼କ୍ରସ୍ ଭବନ, ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୨୨, ଫୋନ୍ ନଂ.: ୦୬୭୪-୨୩୯୧୫୦୫/୨୩୯୦୮୮୪

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍‌ସନ୍ସ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ୍ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଜାମନ୍‌ଦମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ ଜଣେଇଦେଇଥିଲେ। ଯେହେତୁ ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଜାମନ୍‌ଦମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪) ସହ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ **ଦଖଲ** କରିଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମନ୍‌ଦମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କ, ସଂପୃକ୍ତ ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଦେୟ ପାଇଁ ଦାୟୀ ରହିବେ। ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସେମାନେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ସେମାନଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ ।

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସଂପୂର୍ଣ୍ଣ ବିବରଣୀ / (ଖ) ଧାରା ୧୩(୨) ନୋଟିସ୍ ତାରିଖ / (ଗ) ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ରାଶି |
|---|---|
| **ଯାଜପୁର ଟାଉନ ଶାଖା /** **ଋଣଗ୍ରହୀତା: ଶ୍ରୀ ସତ୍ୟ ପ୍ରକାଶ ଦାସ,** ପିତା: କଳିଙ୍ଗ କେଶରୀ ଦାସ, ବାହାବଳପୁର, ଯାଜପୁର, ପିନ୍-୭୫୫୦୦୭ / **ଜାମିନ୍‌ଦାର: ଶ୍ରୀ ଭାବ ପ୍ରସାଦ ଦାସ,** ପିତା: ଉତ୍କଳ କେଶରୀ ଦାସ, ବାହାବଳପୁର, ଯାଜପୁର, ପିନ୍-୭୫୫୦୦୧ | (କ) **୧. ଶ୍ରୀ ସତ୍ୟ ପ୍ରକାଶ ଦାସ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୧୪, ଖାତା ନଂ.: ୯୩, କ୍ଷେତ୍ର: ଏକର୦.୬୬ଡିସିମିଲି, ମୌଜା: ତୈଳଡା, ତାଲୁକ: ଡୋଳିପୁର, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସୁକ ସାହୁ, ଦକ୍ଷିଣ: ଗୋଚର, ପୂର୍ବ: ପ୍ଲଟ୍ ନଂ. ୯୨୨ (ନିଜସ୍ୱ), ପଶ୍ଚିମ: ପ୍ଲଟ୍ ନଂ. ୩୨୨ (ନିଜସ୍ୱ), **୨. ଶ୍ରୀ ସତ୍ୟ ପ୍ରକାଶ ଦାସ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୧୫, ଖାତା ନଂ.: ୯୩, କ୍ଷେତ୍ର: ଏକର୧.୬୪ଡିସିମିଲି, ମୌଜା: ତୈଳଡା, ତାଲୁକ: ଡୋଳିପୁର, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସୁକ ସାହୁ, ଦକ୍ଷିଣ: ଗୋଚର, ପୂର୍ବ: ପ୍ଲଟ୍ ନଂ. ୯୨୨ (ନିଜସ୍ୱ), ପଶ୍ଚିମ: ପ୍ଲଟ୍ ନଂ. ୩୨୨ (ନିଜସ୍ୱ) / (ଖ) ୩୧.୦୮.୨୦୧୮ / (ଗ) ୧୫.୧୧.୨୦୧୮ / (ଘ) ୨୧.୦୮.୨୦୧୮ ସୁଦ୍ଧା **ଟ.୧,୭୦,୯୬,୮୭୯.୦୦** (ଏକ କୋଟି ସତୁରୀ ଲକ୍ଷ ଛୟାନବେ ହଜାର ଆଠ ଶହ ଅଣାଅଶୀ ଟଙ୍କା ମାତ୍ର) ତତ୍‌ସହିତ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ। |
| **ନିମାପଡ଼ା ଶାଖା /** **ଋଣଗ୍ରହୀତା: ମେସର୍ସ ହାପିଲି ଏଜେନ୍ସିକ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ତପନ କୁମାର ମଲିକ,** ପିତା: ଶ୍ରୀ ଦେବେନ୍ଦ୍ର ମଲିକ, ସା: ଗଣେଶ ବଜାର, ଜୟଶ୍ରୀ ଛକ, ପୋ/ଥାନା: ନିମାପଡ଼ା, ଜିଲ୍ଲା: ପୁରୀ, ପିନ୍-୭୫୨୧୦୬, ଓଡ଼ିଶା / **ଜାମିନ୍‌ଦାର: ଶ୍ରୀ ଦେବେନ୍ଦ୍ର ମଲିକ,** ପିତା: ଧଡ଼ି ମଲିକ, ସା: ବିଷ୍ଣୁପୁର, ପୋ/ଥାନା: ନିମାପଡ଼ା, ଜିଲ୍ଲା: ପୁରୀ, ପିନ୍- ୭୫୨୧୦୬, ଓଡ଼ିଶା | (କ) **ଶ୍ରୀ ଦେବେନ୍ଦ୍ର ମଲିକ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୭୭୫, ଖାତା ନଂ.: ୧୩୩୨/୬୭୦, କ୍ଷେତ୍ର: ଏକର୦.୧୩ଡିସିମିଲି, ମୌଜା: ବିଷ୍ଣୁପୁର, ତହସିଲ/ଥାନା: ନିମାପଡ଼ା, ଜିଲ୍ଲା: ପୁରୀ, ଏହାର ଚାରିପାର୍ଶ୍ୱରେ- ଉତ୍ତର: କୃଷ୍ଣ ମଲିକଙ୍କ ସମ୍ପତ୍ତି, ଦକ୍ଷିଣ: କ୍ରେତା (ଦେବେନ୍ଦ୍ର ମଲିକ)ଙ୍କ ସମ୍ପତ୍ତି ଏବଂ ରାସ୍ତା, ପୂର୍ବ: କ୍ରେତା (ଦେବେନ୍ଦ୍ର ମଲିକ) ଏବଂ ନିଧି ବେହେରାଙ୍କ ସମ୍ପତ୍ତି, ପଶ୍ଚିମ: ଧଡ଼ି ମଲିକ ଏବଂ ଅନ୍ୟମାନଙ୍କ ସମ୍ପତ୍ତି / (ଖ) ୦୧.୦୮.୨୦୧୮ / (ଗ) ୧୪.୧୧.୨୦୧୮ / (ଘ) ୦୧.୦୮.୨୦୧୮ ସୁଦ୍ଧା **ଟ.୧୭,୪୭,୯୯୩.୦୦** (ସତର ଲକ୍ଷ ସତଚାଳିଶ ହଜାର ନଅ ଶହ ତେୟାନବେ ଟଙ୍କା ମାତ୍ର) ତତ୍‌ସହିତ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ। |
| **କୋଣାର୍କ ଶାଖା /** **ଋଣଗ୍ରହୀତା: ଶ୍ରୀ ସୂର୍ଯ୍ୟ ନାରାୟଣ ସ୍ୱାଇଁ,** ପିତା: ସ୍ୱ ବ୍ରହ୍ମାନନ୍ଦ ସ୍ୱାଇଁ, ସା: ମକର ଗରଡି, ପୋ: କୁଶେଇ, ଜିଲ୍ଲା: ପୁରୀ, ପିନ୍-୭୫୨୧୧୧, ଓଡ଼ିଶା | (କ) **ଶ୍ରୀ ସୂର୍ଯ୍ୟ ନାରାୟଣ ସ୍ୱାଇଁ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୮୭, ପ୍ଲଟ୍ ନଂ.: ୭୩୪, କ୍ଷେତ୍ର: ଏକର୦.୦୩ଡିସିମିଲି, ପ୍ଲଟ୍ ନଂ.: ୬୮୯, କ୍ଷେତ୍ର: ଏକର୦.୦୩ଡିସିମିଲି, ପ୍ଲଟ୍ ନଂ.: ୧୦୭୦, କ୍ଷେତ୍ର: ଏକର୦.୦୪ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୧୦ଡିସିମିଲି,** ମୌଜା: ବନାଖଣ୍ଡି, ଏସ୍.ଆର୍/ତହସିଲ/ଥାନା: ଗୋପ, ଥାନା ନଂ.: ୨୦୫, ଜିଲ୍ଲା: ପୁରୀ, ସ୍ଥିତି: ସ୍ଥିତିବାନ, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା, ପୂର୍ବ: ବଂଶୀଧର ସ୍ୱାଇଁ, ପଶ୍ଚିମ: ଜଟାଧାରୀ ସ୍ୱାଇଁ / (ଖ) ୦୮.୦୫.୨୦୧୮ / (ଗ) ୧୪.୧୧.୨୦୧୮ / (ଘ) ୦୮.୦୫.୨୦୧୮ ସୁଦ୍ଧା **ଟ.୧୪,୭୭,୪୯୪.୨୮** (ଚଉଦ ଲକ୍ଷ ସତସ୍ତରୀ ହଜାର ଚାରି ଶହ ଚଉରାନବେ ଟଙ୍କା ଅଠାଇଶ ପଇସା ମାତ୍ର) ତତ୍‌ସହିତ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ। |

ତାରିଖ : ୧୯.୧୧.୨୦୧୮
ସ୍ଥାନ : ଭୁବନେଶ୍ୱର

କ୍ଷମତାପ୍ରାପ୍ତ ଅଧିକାରୀ
କାନାରା ବ୍ୟାଙ୍କ


# ତିତ୍‌ଲି କ୍ଷତିଗ୍ରସ୍ତଙ୍କୁ ବିଜୁ ପକ୍କାଘର

- ୧୧ ଜିଲାର ୧୩,୦୦୦ କ୍ଷତି
- ଖର୍ଚ୍ଚ ହେବ ୧୭୬ କୋଟି ଟଙ୍କା
- ବ୍ଲକସ୍ତରରେ ୱାର୍କ ଅର୍ଡର ପ୍ରଦାନ

ଭୁବନେଶ୍ୱର,୧୯।୧୧(ବ୍ୟୁରୋ)

ସାମୁଦ୍ରିକ ଝଡ ତିତ୍‌ଲି ଦ୍ୱାରା ପ୍ରଭାବିତ ହୋଇ ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିବା ଘରଗୁଡ଼ିକୁ ବିଜୁ ପକ୍କାଘର ଯୋଜନାରେ ସାମିଲ କରାଯିବ। ତିତ୍‌ଲି କ୍ଷୟକ୍ଷତି ସମ୍ପର୍କିତ ସମୀକ୍ଷା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଏହି ନିର୍ଦ୍ଦେଶ ଦେଇଛନ୍ତି। ତିତ୍‌ଲି ଦ୍ୱାରା ରାଜ୍ୟର ୧୧ ଜିଲାର ପ୍ରାୟ ୧୩,୦୦୦ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଏହାକୁ ପୁନଃନିର୍ମାଣ କରିବା ସରକାରଙ୍କ ପକ୍ଷରୁ ୧୭୬ କୋଟି ଟଙ୍କା ବିନିଯୋଗ କରାଯିବ ବୋଲି ଜଣାପଡିଛି।

ଗୃହ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ସ୍ୱଚ୍ଛତା ରକ୍ଷା କରିବା ପାଇଁ ସମସ୍ତ ୱାର୍କ ଅର୍ଡରକୁ ଏକ ନିର୍ଦ୍ଦିଷ୍ଟ ତାରିଖରେ ବ୍ଲକସ୍ତରରେ ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ କାମ ଆରମ୍ଭ କରି ସମୟ ପୂର୍ବରୁ ସାରିବା ପାଇଁ ତୃଣମୂଳ ଅଧିକାରୀଙ୍କୁ କୁହାଯାଇଛି। ବିଜୁ ପକ୍କାଘର ପାଇଁ ନିର୍ମାଣ ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ଘରୋଇ ବ୍ୟବସାୟୀ ଏବଂ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଗୁଡ଼ିକୁ ଦାୟିତ୍ୱ ଦେବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଏସ୍‌ଏଚ୍‌ଜି ଗୁଡ଼ିକୁ ଅତିରିକ୍ତ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି। ଘରଗୁଡ଼ିକର ନିର୍ମାଣ ସାମଗ୍ରୀ ପ୍ରସ୍ତୁତି, ମିସ୍ତ୍ରି ପ୍ରଶିକ୍ଷଣ, କ୍ଷତିଗ୍ରସ୍ତ ଲୋକଙ୍କୁ ଜୀବିକା ସୁବିଧା ପ୍ରଦାନ ପାଇଁ ୟୁ.ଏନ୍.ଡି.ପି.ର ସହଯୋଗ ପାଇଁ ଅନୁରୋଧ କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।


**DIRECTORATE OF NURSING, ODISHA**

**ADMISSION NOTICE FOR SPECIAL COUNSELING FOR GOVT. ANM & GNM INSTITUTIONS FOR THE ACADEMIC SESSION 2018-19**

**Advertisement No:06** **Dt: 17.11.2018**

No.583-E: The Special round counseling (**for Govt. ANM & GNM Schools**) for admission in ANM & GNM courses for the academic session 2018-19 will start as per the following schedule subject to following conditions. The candidates are requested to visit the official website **"dohodisha.nic.in"** regularly for more details.

- All the candidates who have successfully verified their documents are eligible to apply for the Special Counselling.
- Candidates are required to give fresh choice as per their desire for the Govt. ANM & GNM Institutions as per the available vacancy along with choice for all other Govt. institutions (where vacancy is not there, as vacancy may arise after interchange of already reported candidates).
- Only the candidates those who will be freshly allotted seats in the Special Round Counselling need to deposit the part course fee online through State Bank Collect and report at the concerned nodal centre along with the original slip of part course fee, Special round counselling allotment letter and original CLC within the stipulated time period.
- Candidates who have been allotted seats in 1st, 2nd & 3rd round counselling & paid the part course fee but not able to report at the Nodal centre within the stipulated time along the payment slip of part course fee , need not deposit the part course fee again. They only need to report at the Nodal centre along with the original slip of part course fee **which was deposited within the due dates**, Special round counselling allotment letter and original CLC.
- All the allotted candidates have to report at the concerned institutions within the stipulated time period.
- During allotment of Vacant seats the Orissa Reservation of vacancies Rule will be followed.

**Tentative Admission calendar for Special round counselling for Govt. ANM & GNM institutions for the academic session 2018-19:**

| Events | ANM /GNM |
|---|---|
| Fresh online choice locking | Dt: 20.11.2018 to Dt: 22.11.2018 |
| Publication of seat allotment. | Dt: 24.11.2018 |
| Deposition of course fees at the Nodal Centers. | Dt: 26.11.2018 to Dt: 27.11.2018 |
| Reporting at respective Institution | Dt: 28.11.2018 to Dt: 29.11.2018 |

**Sd./- CONVENOR**
**GNM Selection Committee**
**Directorate of Nursing, Odisha**

10058/11/0022/1819

**Sd./- CONVENOR**
**ANM Selection Committee**
**Directorate of Nursing, Odisha**

ଧରିତ୍ରୀ DHARITRI
ରାୟଗଡା, ମଙ୍ଗଳବାର, ୨୦ ନଭେମ୍ବର,୨୦୧୮



# ୧୪୯ପ୍ରକଳ୍ପ ଅନୁମୋଦିତ

ନବରଙ୍ଗପୁର,୧୯।୧୧(ବି.ପ୍ର)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଡଙ୍ଗରଭେଜା ଫାଣ୍ଡି ନିକଟସ୍ଥ ପଡିଆରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧମରେ ୧୪୯ ପ୍ରକଳ୍ପ ଅନୁମୋଦନ କରିବା ସହ ୨ କୋଟି ୨୫ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର ହୋଇଥିବା ଘୋଷଣା କରିଥିଲେ । ପ୍ରତି ପଞ୍ଚାୟତକୁ ୨୫ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି । ଏହା ସହ ମୁଖ୍ୟମନ୍ତ୍ରୀ ସିଧାସଳଖ ଲୋକଙ୍କ ସହ କଥା ହୋଇଥିଲେ । ଜିଲା ପରିଷଦ ସଭ୍ୟା ମମତା ଭତ୍ରା ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି, ପଛୁଆବର୍ଗ, ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ଜନହିତକର କାର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ । ନବରଙ୍ଗପୁର ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ମନୋହର ରନ୍ଧାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆମ ଗାଁ ଆମ ବିକାଶର ମୁଖ୍ୟ ଉଦ୍ଦେଶ୍ୟ ଓ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଖୁଣ୍ଟିଆ ଓ ତୁରୁଂଜି ଗାଁର କଳାକାରଙ୍କୁ ଆଦିବାସୀ ନାଟ ଉନ୍ନତି ପାଇଁ ୨ଲକ୍ଷ ଟଙ୍କାର ବିଭିନ୍ନ ସାମଗ୍ରୀ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲାପାଳ ଅଜିତ କୁମାର ମିଶ୍ର, ପିଡି ଡିଆରଡିଏ ରମାକାନ୍ତ ନାୟକ, ନନ୍ଦାହାଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ କର୍ଣ୍ଣଦେବ ସମାଦାର ସମସ୍ତ କାର୍ଯ୍ୟକ୍ରମକୁ ପରିଚଳନା କରିଥିଲେ । ପୂର୍ବତନ ବ୍ଲକଅଧ୍ୟକ୍ଷ ଦୟାନିଧି ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ । ବିଜୁ ଯୁବ ବାହିନୀର କର୍ମକର୍ତ୍ତା, ଏମପି ପ୍ରତିନିଧି ସୁନିଲ ସାହୁ, ବ୍ଲକ ବିଜେଡି ସଭାପତି ଜ୍ୟୋର୍ତିମୟୀ ତିପାଠୀ ପ୍ରମୂଖ ସହଯୋଗ କରିଥିଲେ । ବ୍ଲକ ଅଧ୍ୟକ୍ଷ ସନ୍ୟାସୀ ସୌରା ସମେତ ସମେତ ନିର୍ବାଚିତ ପଞ୍ଚାୟତିରାଜ ଜନପ୍ରତିନିଧି ମାନେ ଉପସ୍ଥିତ ଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ**

- ୨ କୋଟି ୨୫ ଲକ୍ଷ ଟଙ୍କା ମଞ୍ଜୁର
- ପ୍ରତି ପଞ୍ଚାୟତକୁ ୨୫ ଲକ୍ଷ ଟଙ୍କା ପ୍ରଦାନ

## ସଂକ୍ଷେପରେ

### ବିଦ୍ୟୁତ୍ ଶର୍ଟସର୍କିଟ, ଜଳିଗଲା ୪ ବଖରା

ନବରଙ୍ଗପୁର,୧୯।୧୧(ବି.ପ୍ର)- ନବରଙ୍ଗପୁର ବ୍ଲକ ପୂଜାରିଗୁଡା ପଞ୍ଚାୟତ ଅଧୀନ ଡ. ବେହେରାଗୁଡା ଗାଁର କୁଶ ଭତ୍ରାଙ୍କ ଚାଳଛପର ଘରେ ସୋମାବର ବିଦ୍ୟୁତ ସଟସର୍କିଟ ହୋଇ ୪ ବଖରା ଜଳି ଯାଇଛି। ଖବର ପାଇ ଦମକଳ ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘରର ଆସବାପତ୍ର, ପାଶବୁକ, ରାଶନ କାର୍ଡ ସମେତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଖାଦ୍ୟଶସ୍ୟ ସମ୍ପୂର୍ଣ୍ଣ ପୋଡି ଯାଇଛି। ନବରଙ୍ଗପୁର ଅଗ୍ନିଶମ ଭାରପ୍ରାପ୍ତ ଅଧିକାରୀ ଦୁର୍ଯୋଧନ ବେହେରା, ହାବିଲଦାର ଭରତ କର୍କରା, ରଞ୍ଜନ ପାଣ୍ଡେ, ଚିତ୍ତରଞ୍ଜନ ବେହେରା, ସୁରେନ୍ଦ୍ର ନନ୍ଦ, ଲେବର ସିଂ ମାଝି, ମିଥୁନ ନାହାକ, ଭାବନୀ ମହାପାତ୍ର ପ୍ରମୁଖ ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ ବିଭାଗ ପକ୍ଷରୁ ବିଦ୍ୟୁତ ସଂଯୋଗ ସମୟରେ ତାର ଘରର ଛପରକୁ ଲାଗି ରହିଥିଲା। ନିମ୍ନମାନର ତାର ସଂଯୋଗ ଯୋଗ ତାହା ସଟସର୍କିଟ ହୋଇଥିବା ଗ୍ରାମବାସୀ କହିଛନ୍ତି।

### ବିଡିଓଙ୍କ ଦାୟିତ୍ୱ ଗ୍ରହଣ



ଚନ୍ଦାହାଣ୍ଡି,୧୯।୧୧(ଡି.ଏନ.ଏ)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ନୂତନ ବିଡିଓ ଭାବେ ଦେବେନ୍ଦ୍ର ପ୍ରସାଦ ବଲ ଦାୟିତ୍ୱ ଗ୍ରହଣ କରିଛନ୍ତି। କେନ୍ଦୁଝର ଜିଲା ଅନ୍ତର୍ଗତ ଆନନ୍ଦପୁର ତାଙ୍କ ନିଜ ଗ୍ରାମ ହୋଇଥିବା ବେଳେ ପ୍ରଥମ ନିଯୁକ୍ତି ଚନ୍ଦାହାଣ୍ଡି ବ୍ଲକରେ ହୋଇଥିବା ଜଣାପଡିଛି। ଦାୟିତ୍ୱ ଗ୍ରହଣ ସମୟରେ ଏସିଓ ତୁଷାର ରଞ୍ଜନ ସାହୁ, କିରାଣି ଦେବେନ୍ଦ୍ର ପାତ୍ର, ଯନ୍ତ୍ରୀ ଦେବେନ୍ଦ୍ର ବେହେରା, ମହେନ୍ଦ୍ର କିରୋଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନ ପାଇ ପାଇଛି ଇଲିଶି**
**କଣ୍ଟା ମଣ୍ଟା କରି ଗିଳୁଛି**

ବେଳ ଅବେଳରେ ହଠାତ୍ କୋଉଠୁ କିଛି ମିଳିଗଲେ ଅନେକେ ଆଗପଛ ନ ବିଚାରି ବା ତାହାର ଭଲମନ୍ଦ ଦିଗ ପ୍ରତି ଦୃଷ୍ଟି ନ ଦେଇ ଗ୍ରହଣ କରିନେବାକୁ ଉତ୍ସୁକ ହୋଇପଡ଼ନ୍ତି। ଲାଳସା ଅନ୍ଧ। ଲାଳସାର ବଶବର୍ତ୍ତୀ ଲୋକ ଭୁଲ୍ ଠିକ୍‌ର ହିସାବ ରଖି ନ ଥାଏ। କଥାରେ ଅଛି ଅତି ଲୋଭରୁ ମୃତ୍ୟୁ। ତେଣୁ ଲୋଭ କରି ଅଧିକ ଜିନିଷ ପ୍ରତି ଆକୃଷ୍ଟ ହେଲେ ପରିଶେଷରେ ବିଷମ ଦଶା ଭୋଗିବାକୁ ପଡ଼ିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ନାକ ଟାଉଁ ଟାଉଁ କରୁଛି**
**ପରର ନିରିଖି ମରୁଛି ।**

ଅନ୍ୟର ଭଲ ଦେଖିଲେ କେତେ ଲୋକଙ୍କ ମନ ହାଇଁ ପାଇଁ ହୋଇଯାଏ। ଏଭଳି ବ୍ୟକ୍ତି ଅନ୍ୟର ସୁଖ ଶିରୀକୁ ଆଦୌ ସହ୍ୟ କରି ପାରି ନ ଥାନ୍ତି। ଏହାକୁ ବରଦାସ୍ତ କରିବା ବା ସହଜରେ ଗ୍ରହଣ କରିବା ତାଙ୍କ ପକ୍ଷେ ଅତୀବ କଷ୍ଟକର ହୋଇଯାଇଥାଏ। ଅନ୍ୟର ଆଖିଦୃଶିଆ ଉନ୍ନତି ଦେଖି ଲାଳାୟିତ ହୋଇପଡୁଥିବା ବ୍ୟକ୍ତି ଏହାକୁ ସହି ନ ପାରି ରବେଇ ଖବେଇ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପୁଣି ଜଳିଗଲା ୫ ଏକର ମକା ଫସଲ


ଜଳି ଯାଇଥିବା ମକା ଫସଲ ।

ଚନ୍ଦାହାଣ୍ଡି,୧୯।୧୧(ଡି.ଏନ.ଏ)

ଉମରକୋଟ କୁର୍ଶୀ ପଞ୍ଚାୟତରେ କିଛି ଦିନ ବ୍ୟବଧାନରେ ପୁଣି ମକା ଫସଲରେ ନିଆଁ ଲାଗିଯାଇଛି। ୫ ଏକର ମକା ଫସଲ ନିଆଁ ଲାଗି ସୋମବାର ପୋଡି ଯାଇଛି। ଲକ୍ଷ୍ମୁ ଗଣ୍ଡ, ବିଙ୍ଗୋ ଗଣ୍ଡ, ସୋମନାଥ ଗଣ୍ଡଙ୍କ ମକା ଜମିରେ ସୋମବାର ପୂର୍ବାହ୍ନରେ ନିଆଁ ଲାଗି ଯାଇଥିଲା। ଫସଲରେ ନିଆଁ ଲାଗିଥିବା ଗ୍ରାମବାସୀ ଦେଖି ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଚାଷୀଙ୍କୁ ବ୍ୟାଙ୍କ ଋଣ, କର ଛାଡ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ ଗତ ୧୫ ତାରିଖରେ ଏହି କୁର୍ଶୀ ଗ୍ରାମର ୨ ଜଣ ଚାଷୀଙ୍କ ମକା ଫସଲରେ ନିଆଁ ଲାଗି ନଷ୍ଟ ହୋଇଯାଇଥିଲା।

# ବ୍ଲକସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା

ଡାବୁଗାଁ, ୧୯।୧୧(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକ ସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗୀତା ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ପ୍ରତିଯୋଗୀତା ହୋଇଥିଲା । କନିଷ୍ଠ ବିଭାଗରେ ଓଡିଶା ଆଦର୍ଶ ବିଦ୍ୟାଳୟର ଶୁଭଙ୍କର ନାୟକ (୧ମ) ଓ ବରିଷ୍ଠ ବିଭାଗରେ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଅଂଶୁମାନ ପଣ୍ଡା (୧ମ) ସ୍ଥାନ ଅଧିକାର କରିଥିଲେ। ଏହି ୨ ଜଣ ୨୦ ତାରିଖରେ ଅନୁଷ୍ଠିତ ଜିଲା ସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତାରେ ଭାଗ ନେବେ । ଏଥିରେ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁ ସାହୁକାର, ସରକାରୀ ମଧ ଇଂରାଜୀ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଭାକର ସାବତ, ଶିକ୍ଷୟିତ୍ରୀ ଗିରିଶବାଳା ଜେନା ଓ ପୁଷ୍ପାଞ୍ଜଳି ମଣି, ଶିକ୍ଷକ ବିଦେଶୀ ମହାଙ୍କୁଡ ଓ ହେମନ୍ତ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।ଏଥିରେ ବିଭିନ୍ନ ବିଦ୍ୟାଳୟରୁ ୨୦ ଜଣ ଛାତ୍ରୀଛାତ୍ର ମାନେ ଭାଗ ନେଇଥିଲେ।


ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ ।

## ଶିକ୍ଷାବିତ୍‌ଙ୍କ ପରଲୋକ

ରାଇଘର,୧୯।୧୧(ଡି.ଏନ.ଏ)

ରାଇଘର ବ୍ଲକ ଗଞ୍ଜାପାର ଗ୍ରାମର ଶିକ୍ଷାବିତ ଲକ୍ଷ୍ମୀକାନ୍ତ ପାଣିଗ୍ରାହୀଙ୍କ ରବିବାର ପରଲୋକ ହୋଇଛି । ସେ ଗଞ୍ଜାମରେ ଜନ୍ମଗ୍ରହଣ କରିଥିବା ବେଳେ ୧୯୬୧ ମସିହାରେ ଶିକ୍ଷକ ଭାବେ ନିଯୁକ୍ତି ହୋଇ ରାଇଘର ବ୍ଲକ ଗଞ୍ଜାପାରା ଗ୍ରାମରୁ ଆସିଥିଲେ। ୮ବର୍ଷ ଶିକ୍ଷକତା ପରେ ସେ ଅବସର ନେଇଆରମ୍ଭ କରିଥିଲେ ଏକ ନୂଆ ଜୀବନ । ସେ ଜମି କିଣି ଚାଷ କାମ କରିଥିଲେ । ସେ ସମୟରେ ଏଠାକାର ଲୋକମାନେ ଏତେ ଉନ୍ନତ ମାନର ଚାଷ କରୁ ନ ଥିଲେ। ଯାହାକି ସମାଜ ପାଇ ପାଲଟିଥିଲେ ଉଦାହରଣ। ଉନ୍ନତ ମାନର ଚାଷ କରି ଲୋକ ପାଇଁ ପାଲଟିଥିଲେ ଅଞ୍ଚଳର ପ୍ରିୟ ମଉଷା। ଅସୁସ୍ଥ ହୋଇପଡିବାର ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁ ଖବର ଶୁଣି ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## କେଲିଆ ଶୈବପୀଠରେ ଭକ୍ତଙ୍କ ଭିଡ଼

ଡାବୁଗାଁ, ୧୯।୧୧ (ଡି.ଏନ.ଏ.)

କାର୍ତ୍ତିକ ମାସର ଶେଷ ସୋମବାର ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ କେଲିଆ ଶୈବ ପୀଠରେ ସକାଳୁ ଭକ୍ତଙ୍କ ଭିଡ ଜମିଥିଲା । କେଲିଆ ଶୈବ ପୀଠରେ ଭକ୍ତ ମାନେ ପହଞ୍ଚି ଧାଡି ବାନ୍ଧି ବାବା ଝଡେଶ୍ୱର ମହାଦେବଙ୍କୁ ପୂଜାର୍ଚ୍ଚନା କରି ଦର୍ଶନ କରିଥିଲେ । ଶାନ୍ତି ଶୃଙ୍ଖଳାର ସହ ଭକ୍ତ ମହାଦେବଙ୍କୁ ଦର୍ଶନ କରିଥିଲେ । ଏହା ସହ ଡାବୁଗାଁ, ବିରିସୋଲା , ଜୁନାପାଣି ଶିବ ମନ୍ଦିରରେ ମଧ୍ୟ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା । ବିଭିନ୍ନ ଶୈବପୀଠମାନଙ୍କରେ ଭକ୍ତ ମାନଙ୍କ ସୁରକ୍ଷା ଓ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ମୁତୟନ କରଯାଇଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

!! ଋଣ ଋଣ ଋଣ !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9625338716
9625390375
Add : - T-51, Gautampuri, Delhi

FINANCE
Mahalaxmi Credit Services
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ
25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

SMS JOB
SEND SMS, EARN MONEY
TELECOM - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ !
କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
08013841721
08013848031

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ୍ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ୍ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ୍ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ୍ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ୍ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ୍ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ୍ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ୍ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ୍ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ୍ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ୍ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ୍ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ୍ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ୍ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ୍ ଓରିଏଣ୍ଟାଲ, କେନାଲ୍ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ୍ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ୍ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odis77407) । ଖାଲି ଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ 70,000,00 ଭଡ଼ା 50,000 + ଏକ ବାଇକ୍ + 1 ଲାପଟପ୍ ଫ୍ରି + ମାସିକ 60,000ର ଅନ୍ୟାନ୍ୟ ସୁବିଧା। (ଇଚ୍ଛୁକ ବ୍ୟକ୍ତି ଫୋନ୍ କରନ୍ତୁ)
8670077673
310, Gram-Mohammadapur, Village-Mahammadpur, Tehsil- Gogawa, Dist- Khargone, MP - 451335

FINANCE
New India Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଯୋଗାଇ ଦେଉଛୁ ।
Ground Floor, Plot No.- D97, Sect-IV, MVP Colony, Visakhapatnam AP-530017
7606062787
7606085833
Email Id- newindiacorp099@gmail.com

ଦୀପାବଳି ଧମାକା
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ଏହି ଅଫର୍ 30 ନଭେମ୍ବର ପର୍ଯ୍ୟନ୍ତ ଉପଲବ୍ଧ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ
ଋଣ କମ୍ ସୁଧରେ
ମାର୍କଶିଟ୍, ଆଧାରକାର୍ଡ ଇତ୍ୟାଦି ଋଣ
ମାତା/ଭଉଣୀଙ୍କୁ ବିଶେଷ ରିହାତି
2% ସୁଧ 50% ରିହାତି + ସବ୍‌ସିଡି
9625419406
8695337370
Add : - 41/14, Sec-1 Pushp Vihar, Delhi

ଭାରତର ନଂ.୧
MUDRA Finance Group
ପିଏମ୍ ଏବଂ ବିତ୍ତ ମନ୍ତ୍ରଣାଳୟ ଦ୍ୱାରା ଜନକଲ୍ୟାଣ ଆବାସ ଯୋଜନା ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ୍, ଆଧାରକାର୍ଡ, ଗୃହ, ମହିଳା ଗ୍ରୁପ ଋଣ, ବ୍ୟବସାୟ,ଇଟାଭାଟି ଏବଂ ସବୁପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ପାଆନ୍ତୁ। 1% ସୁଧ 40% ସରକାରୀ ସବ୍‌ସିଡି।
Shaldoha, Mahushmuriya, East Singhbhum, Bharagora, Jharkhand - 832301
Helpline Numbers: 74090203163

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number 9897499698
Goudunipokhari, Pharsibandha, Bhadrak, Odisha - 756132

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

## ସଂକ୍ଷେପରେ

### କାର୍ତ୍ତିକ ଶେଷ ସୋମବାର ଶିବ ମନ୍ଦିରରେ ଭିଡ଼

**ଦାମନଯୋଡ଼ି,୧୯।୧୧(ଡି.ଏନ୍.ଏ.):** କାର୍ତ୍ତିକ ମାସ ଶେଷ ସୋମବାରରେ ଦାମନଯୋଡ଼ିର ବିଭିନ୍ନ ଶିବମନ୍ଦିର ଓ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ମରିଚମାଳର ଶ୍ରୀ ସିଦ୍ଧେଶ୍ୱରଙ୍କ ପୀଠ, ଭେଜାପୁଟର ଶ୍ରୀ ସିଦ୍ଧେଶ୍ୱର ମହାଦେବ, ମାଥାଲପୁଟର ଶ୍ରୀ ବଟୁକେଶ୍ୱର ମହାଦେବ, ରାଧାକୃଷ୍ଣ ମନ୍ଦିର, ଶନିମନ୍ଦିର, ତ୍ରିନାଥ ମନ୍ଦିର ସହ ନାଲ୍‌କୋ ଟାଉନଶିପରେ ସେକ୍ଟର ୧ ଓ ୩ ସ୍ଥିତ ମନ୍ଦିର, ଚମ୍ପାପଦର କଲୋନୀ, ସୁରକ୍ଷା ବିହାର, ଅଁଳାବାଡ଼ି କଲୋନୀ, କଳାହାଣ୍ଡି କଲୋନୀ ପ୍ରଭୃତି ସ୍ଥାନରେ ଥିବା ଶିବମନ୍ଦିରଗୁଡ଼ିକରେ ଭୋରରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ଆଜିଠାରୁ ପଞ୍ଚୁକ ଆରମ୍ଭ ହୋଇଛି। ସେକ୍ଟର-୧ ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରଦ୍ଧାଳମାନେ ବଡ଼ଠାକୁରଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ବହୁ ସ୍ଥାନରେ ମନ୍ଦିର କମିଟି ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

### ମୁଷ୍ଟିଯୋଦ୍ଧା ଅରିଜିତ ମହାପାତ୍ରଙ୍କୁ ରୌପ୍ୟ


ଅରିଜିତ ମହାପାତ୍ର (ବାମରୁ ତୃତୀୟ)।

**ଜୟପୁର,୧୯।୧୧(ନି.ପ୍ର.):** ୨୦୧୮ ନଭେମ୍ବର ୧୩ରୁ ୧୭ ପର୍ଯ୍ୟନ୍ତ ଉତ୍ତର ପ୍ରଦେଶର ଆହ୍ଲାବାଦଠାରେ ଅନୁଷ୍ଠିତ ୬୧ କେଜି ସିନିୟର ମେନ୍ ନ୍ୟାସନାଲ ଚାମ୍ପିୟନସିପରେ ଭାଗନେଇ ଜୟପୁର ସହରର ମୁଷ୍ଟିଯୋଦ୍ଧା ଅରିଜିତ ମହାପାତ୍ର ରୌପ୍ୟ ପଦକ ହାସଲ କରିଛନ୍ତି। ସେ ପ୍ରଥମେ ଆସାମର ରାଜେନ୍ଦ୍ର କୁମାରଙ୍କୁ ଏବଂ କ୍ୱାର୍ଟର ଫାଇନାଲରେ ସିକିମର କେ. ଦୀପକଙ୍କୁ ହରାଇଥିଲେ। ସେକେଣ୍ଡ ରାଉଣ୍ଡ ସେମିଫାଇନାଲରେ ଉତ୍ତର ପ୍ରଦେଶର ରବିନ୍ଦର କୁମାରଙ୍କୁ ପରାଜିତ କରି ରୌପ୍ୟପଦକ ହାତେଇଥିଲେ। ଥାର୍ଡ ରାଉଣ୍ଡ ଓ ଫାଇନାଲରେ ସେ ହରିଆଣାର ନୀତେଶ୍ ଚୌଧୁରୀଙ୍କ ସହ ଲଢ଼ି ସ୍ୱର୍ଣ୍ଣରୁ ବଞ୍ଚିତ ହୋଇଥିଲେ। ଆବଶ୍ୟକ ସରକାରୀ ପ୍ରୋତ୍ସାହନର ଅଭାବ ଯୋଗୁଁ ସେ ଆଶା କରୁଥିବା ପ୍ରଦର୍ଶନ ଦେଇପାରୁ ନାହାନ୍ତି। ଆଗାମୀ ମାସରେ ହେବାକୁ ଥିବା ସାଉଥ୍ ଜୋନ ଗେମରେ ସ୍ୱର୍ଣ୍ଣ ଆଣିବା ଲକ୍ଷ୍ୟ ରଖିଛି ବୋଲି ଅରିଜିତ କହିଛନ୍ତି।

### ହରିନାମରେ କମ୍ପିଲା ଶାବର ଶ୍ରୀକ୍ଷେତ୍ର



**କୋରାପୁଟ,୧୯।୧୧(ସ୍ୱ.ପ୍ର.):** କାର୍ତ୍ତିକ ମାସର ଶେଷ ସୋମବାର ସହ ପଞ୍ଚୁକ ବ୍ରତ ଆରମ୍ଭ ହୋଇଥିବାରୁ କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ଜିଲା ଓ ବାହାରୁ ହଜାରହଜାର ଭକ୍ତଙ୍କ ସମାଗମ ହୋଇଛି। ସୋମବାର ବଡିଭୋରରୁ ଶାବର ଶ୍ରକ୍ଷେତ୍ର ପରିସରରେ ଥିବା ଶିବ ମନ୍ଦିରରେ ଭକ୍ତଙ୍କ ଲମ୍ବା ଲାଇନ ଲାଗିଥିଲା। ମନ୍ଦିର ମଝି ବେଢାରେ ରାମ ଓ ହରି ନାମ ସଂକୀର୍ତ୍ତନ ଚାଲିଥିଲା। ଏହି ନାମ ସଙ୍କୀର୍ତ୍ତନ କାର୍ତ୍ତିକ ପୂର୍ଣ୍ଣିମା ଯାଏଁ ଚାଲିବ। ଶତାଧିକ ହବିଷିଆଳି ଦେବ ଦଶର୍ନ କରିବା ସହ ହବିଷ ଅନ୍ନ ଗ୍ରହଣ କରିଥିଲେ। ସେହିପରି କୋରାପୁଟ-ଜୟପୁର ରାସ୍ତାରେ ଥିବା ଅର୍ଦ୍ଧନାରୀଶ୍ୱର ମନ୍ଦିରରେ ମଧ ବହୁ ଶ୍ରଦ୍ଧାଳୁ ଠାକୁରଙ୍କ ଦର୍ଶନ କରିଥିଲେ। କୋରାପୁଟ ସହରର ଓଏମ୍‌ପିସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର, ଭବାନି ନଗରସ୍ଥିତ ବେଲେଶ୍ୱର, କଳା ନିକେତନ ଛକ ସ୍ଥିତ ବାବା ଆଖଣ୍ଡଳମଣି ମନ୍ଦିର, ବସ୍‌ଷ୍ଟାଣ୍ଡ ଶିବ ମନ୍ଦିର, ଟିକିରା ସାହି ନିକଟ ରାଉଳି ମନ୍ଦିର, ରେଲୱେ ଶିବ ମନ୍ଦିର, ସ୍ଥାନୀୟ ମୃତ୍ତିକା ସଂରକ୍ଷଣ କଲୋନି ସ୍ଥିତ ଶାବରେଶ୍ୱର ମନ୍ଦିରରେ ଶହ ଶହ ଭକ୍ତ ସମାଗମ ହୋଇଥିଲା।


ବଡ଼ ଏକାଦଶୀ ଅବସରରେ ସୋମବାର ଜୟପୁରର ପ୍ରସିଦ୍ଧ ଉତ୍ତରମୁଖୀ ବଲ୍ଲଭ ନାରାୟଣଙ୍କୁ ରୁପାବେଶରେ ସଜ୍ଜିତ କରାଯାଇଛି।



ଜଗନ୍ନାଥ ମନ୍ଦିରରେ ପ୍ରଭୁ ଜଗନ୍ନାଥଙ୍କ ଲକ୍ଷ୍ମୀନାରାୟଣ ବେଶ ଓ ଗୀତା ଭବନରେ କୃଷ୍ଣଙ୍କୁ ତ୍ରିପତି ବାଲାଜି କରାଯିବା ସହ ସ୍ୱତନ୍ତ୍ର ପୂଜା, ଆଳତି, ଛପନ ଭୋଗ ଲାଗି କରାଯାଇଛି।

■ ଅନକାଡେଲି ମେଡିକାଲର ଘରୋଇକରଣ ପ୍ରସଙ୍ଗ

# ପ୍ରକଳ୍ପ କର୍ମଚାରୀ ସଂଘ-ଗ୍ରାମବାସୀ ବିବାଦ ଘନେଇଲା

**ଜିଲାପାଳ, ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ସଂଘ କର୍ତ୍ତୃପକ୍ଷ**

**କୋରାପୁଟ,୧୯।୧୧(ସ୍ୱ.ପ୍ର.)**

ଲମତାପୁଟ ବ୍ଲକ ଅନକାଡେଲି ମେଡିକାଲର ପରିଚାଳନା ଦାୟିତ୍ୱ ଚଳିତ ମାସ ପହିଲାରୁ ଆନ୍ଧ୍ରର ଏକ ଘରୋଇ ମେଡିକାଲକୁ ପ୍ରକଳ୍ପ କର୍ତ୍ତୃପକ୍ଷ ଦେଇଥିଲେ। ଏନେଇ ଅନକାଡେଲିରେ ପ୍ରକଳ୍ପ କର୍ମଚାରୀ ସଂଘ ଓ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଘନେଇଛି । ସ୍ଥାନୀୟ ଅଞ୍ଚଳବାସୀଙ୍କ ପୁଞ୍ଜିଭୂତ କ୍ରୋଧ ଏବେ ପ୍ରକଳ୍ପ କର୍ମଚାରୀଙ୍କ ଉପରେ ପଡ଼ିଛି। କେଉଁ ମୁହୂର୍ତ୍ତରେ ବି ପ୍ରକଳ୍ପ କର୍ମଚାରୀଙ୍କ ଉପରେ ଆକ୍ରମଣ ଆଶଙ୍କା ରହିଥିବାରୁ ସୋମବାର ପ୍ରକଳ୍ପର ଶତାଧିକ କର୍ମଚାରୀ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଭେଟିଛନ୍ତି। ସେହିପରି ଏସ୍‌ପି କନୱର ବିଶାଲ ସିଂଙ୍କୁ ଭେଟି ସେମାନେ ନିଜ ନିରାପତ୍ତା ବ୍ୟବସ୍ଥା ମାଗିଛନ୍ତି।

ଅନକାଡେଲି ମେଡିକାଲ ଘରୋଇକରଣ ଖବର ପ୍ରକାଶ ପରେ ଗ୍ରାମବାସୀ ଏହାର ପ୍ରତିବାଦ କରି ପ୍ରଥମେ ଗତ ଶୁକ୍ରବାର ମେଡିକାଲ ଓ ପ୍ରକଳ୍ପ ଡିଭିଜନାଲ ଇଞ୍ଜିନିୟର କାର୍ଯ୍ୟାଳୟକୁ ତାଲା ପକାଇଥିଲେ। ଶନିବାର ଏହି ଘରୋଇକରଣକୁ ସମର୍ଥନ କରି ମାଛକୁଣ୍ଡ ଜଳ ବିଦ୍ୟୁତ ପ୍ରକଳ୍ପର ୱାର୍କର୍ସ ୟୁନିଅନ, ଏପି ବିଦ୍ୟୁତ କର୍ମଚାରୀ ୟୁନିଅନ, ୩୨୭ କର୍ମଚାରୀ ୟୁନିଅନ, ୧୫୩୫ କର୍ମଚାରୀ ୟୁନିଅନ ଓ ତେଲୁଗୁନାଡୁ କର୍ମଚାରୀ ସଂଘ ଭଳି ୫ଟି କର୍ମଚାରୀ ସଂଘ ପୂର୍ବରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ନିଷ୍ପତ୍ତି ନେଇଥିବା ସହ ଜିଲାପାଳ, ପ୍ରକଳ୍ପ କର୍ତ୍ତୃପକ୍ଷ, ମାଛକୁଣ୍ଡ ଥାନାକୁ ଅଭିଯୋଗପତ୍ର ଦେଇଥିଲେ। ଏହା ପରଠାରୁ ଏହି ଘଟଣାକୁ ନେଇ ଗ୍ରାମବାସୀ ଓ ପ୍ରକଳ୍ପ କର୍ମଚାରୀ ସଂଘ ମଧ୍ୟରେ ବିବାଦ ଘନେଇଥିଲା। ବର୍ତ୍ତମାନ କର୍ମଚାରୀମାନେ ନିଜର ସୁରକ୍ଷା ପାଇଁ ସୋମବାର କୋରାପୁଟ ଜିଲାପାଳ ଓ ଏସ୍‌ପିଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଦୀର୍ଘ ବର୍ଷ ଧରି ଦାବି ରହିଥିବା ଏହି ଘରୋଇକରଣ ତୁରନ୍ତ କାର୍ଯ୍ୟକାରୀ ହେଲେ ସେମାନେ ସମସ୍ତ ସ୍ୱାସ୍ଥ୍ୟସେବା ମାଗଣାରେ ପାଇପାରିବେ ବୋଲି କର୍ମଚାରୀମାନେ କହିଛନ୍ତି। ଅନ୍ୟପକ୍ଷରେ ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପରେ ନିଯୁକ୍ତି ଦାବିକରି କିଛିଦିନ ହେଲା ସ୍ଥାନୀୟ ଶିକ୍ଷିତ ବେକାର ଯୁବକମାନେ ଆନ୍ଦୋଳନ ଚଳାଇ ଆସୁଛନ୍ତି। ଏବେ ଏହି ମେଡିକାଲର ଘରୋଇକରଣ ପ୍ରତିବାଦରେ ଗ୍ରାମବାସୀ ଓ ଯୁବକଙ୍କ ପୁଞ୍ଜିଭୂତ କ୍ରୋଧ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଛି। ବିବାଦର ତୁରନ୍ତ ସମାଧାନ ନହେଲେ ମାଛକୁଣ୍ଡ ପ୍ରକଳ୍ପର କେତେକ ଉଚ୍ଚପଦସ୍ଥ ଅଧିକାରୀ ପ୍ରକଳ୍ପକୁ ବନ୍ଦ କରିଦେବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଘଟଣା ନେଇ ଆନ୍ଧ୍ର ଓ ଓଡ଼ିଶାର ଉଚ୍ଚ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ଚାଲିଥିବା କର୍ମଚାରୀ ସଂଘର ବିରା ସ୍ୱାମୀ କହିଛନ୍ତି। ଆନ୍ଧ୍ର ସରାକାରଙ୍କ ପକ୍ଷରୁ ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପରେ ଦୀର୍ଘଦିନ ଧରି ସ୍ଥାନୀୟ ବାସିନ୍ଦାଙ୍କ ସ୍ୱାର୍ଥକୁ ଉପେକ୍ଷା କରାଯାଇ ଥିବାରୁ ଏଭଳି ଘଟୁଛି ବୋଲି ଆଲୋଚନା ହେଉଛି।

■ କାର୍ତ୍ତିକ ଶେଷ ସୋମବାର ସାଙ୍ଗକୁ ଏକାଦଶୀ

# ମନ୍ଦିରରେ ସ୍ୱତନ୍ତ୍ର ପୂଜା ରଖିଲେ ବ୍ରତଧାରୀ

**ଜୟପୁର,୧୯।୧୧ (ଡି.ଏନ୍.ଏ./ନି.ପ୍ର.)**

ହିନ୍ଦୁ ଧର୍ମର ପବିତ୍ର କାର୍ତ୍ତିକ ମାସ ଶେଷ ସୋମବାର ଏବଂ ଏକାଦଶୀ ତିଥି ପାଇଁ ଜୟପୁର ସହରର ବିଭିନ୍ନ ଶୈବପୀଠ ଏବଂ ଜଗନ୍ନାଥ, ବଲ୍ଲଭ ନାରାୟଣ ଏବଂ ରାଧାକୃଷ୍ଣ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଲାଗିଛି। ସହରର ପଞ୍ଚାନନ, ବୈଦ୍ୟନାଥ, ନୀଳକଣ୍ଠେଶ୍ୱର, ଲୋକେଶ୍ୱର, ହଟକେଶ୍ୱର, କପିଳେଶ୍ୱର ଏବଂ ନିକଟସ୍ଥ ଗାଗନାପୁରସ୍ଥିତ ବାଲୁଙ୍କେଶ୍ୱର ଶୈବପୀଠ ସମେତ ବାରିଣିପୁଟ, ଇରିଗେସନ କଲୋନି, ନୂଆସାହି ଶିବ ମନ୍ଦିରରେ ବ୍ରତଧାରୀ ପୂଜାର୍ଚ୍ଚନା କରିଥିଲେ। ହିନ୍ଦୁ ପରମ୍ପରା ଅନୁଯାୟୀ ପ୍ରଭୁ ଜଗନ୍ନାଥ ଗତ ଆଷାଢ଼ ମାସ ରଥଯାତ୍ରା ବାହୁଡ଼ା ପରେ କାର୍ତ୍ତିକ ଏକାଦଶୀ ତିଥିରେ ୪ ମାସର ଶୟନ ପରେ ନିଦରୁ ଉଠିଥାଆନ୍ତି। ତେଣୁ ଏହାକୁ ପବିତ୍ର ଏକାଦଶୀ ଭାବେ ଲୋକେ ବିଶ୍ୱାସ ରଖନ୍ତି। ଏହି ଅବସରରେ ଜଗନ୍ନାଥ ମନ୍ଦିରର ନୀଳଚକ୍ରକୁ ମହାଦୀପ ଉଠାଯାଇଥିଲା। ସେଥିପାଇଁ ସନ୍ଧ୍ୟାରେ ଜଗନ୍ନାଥ ମନ୍ଦିର ଏବଂ ବଲ୍ଲଭ ନାରାୟଣ ମନ୍ଦିରରେ ଭିଡ଼ ହୋଇଥିଲା । ଏହି ଅବସରରେ ଦୋଳମଣ୍ଡପ ସାହି ରାଧାକୃଷ୍ଣ ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ ହୋଇଥିଲା।

■ ଚାଷୀଙ୍କ ଆତ୍ମହତ୍ୟା ଅଭିଯୋଗ ଘଟଣା

# ତଦନ୍ତ ଆରମ୍ଭକଲେ ଉପଜିଲାପାଳ

**ପଟ୍ଟାଙ୍ଗି,୧୯।୧୧(ଡି.ଏନ୍.ଏ.)**


ମୃତ ଚାଷୀଙ୍କ ଧାନଜମି ପରିଦର୍ଶନ କରୁଛନ୍ତି ପ୍ରଶାସନିକ ଅଧିକାରୀ।

ମାଳିଗୁଡ଼ାର ଲୋକନାଥ ପାଙ୍ଗି ଚାଷରେ କ୍ଷତି ଯୋଗୁ ବିଷ ଖାଇ ଆତ୍ମହତ୍ୟା କରିଥିବା ଅଭିଯୋଗର ତଦନ୍ତ ଆରମ୍ଭ କରିଛନ୍ତି ଉପଜିଲାପାଳ ଲଳିତ କଅଁର। ସେ ମୃତକଙ୍କ ସ୍ତ୍ରୀ ପଦ୍ମିନୀଙ୍କୁ ସୋମବାର ଭେଟି ଅଭିଯୋଗ ବାବଦରେ ଆଲୋଚନା କରିଛନ୍ତି। ତାଙ୍କ ସହ ଜିଲା ଉଦ୍ୟାନ ବିଭାଗ ଅଧିକାରୀ ଶଙ୍କର୍ଷଣ ରାଉତ, ନନ୍ଦପୁର ଡିଏଓ ଶରତ ମହାପାତ୍ର, ଏଏଓ ଅଭିମନ୍ୟୁ ସ୍ୱାଇଁ, କ୍ଷେତ୍ର ପରିଦର୍ଶକ ଏନ୍. ଚୌଧୁରୀ, ବିଡିଓ କରୁଣାକର ପ୍ରଧାନ, ଅତିରିକ୍ତ ତହସିଲଦାର ମହାଦେବ ଭତ୍ରା, ରାଜସ୍ୱ ନିରୀକ୍ଷକ ଶୋଭା ହରିଜନ, ଏପିଓ ସୌମେନ୍ଦ୍ର ନାୟକ, ସୁନାବେଡ଼ା ଏସ୍‌ଡିପିଓ ନିରଞ୍ଜନ ବେହେରା ଉପସ୍ଥିତ ଥିଲେ। ଲୋକନାଥ କେଉଁଠାରୁ କେତେ ଋଣ ଆଣିଥିଲେ, ଫସଲ କ୍ଷୟକ୍ଷତି ବିଷୟରେ ଉପଜିଲାପାଳ ପଚାରି ବୁଝିବା ସହ ଚାଷଜମି ପରିଦର୍ଶନ କରିଥିଲେ। ଏକ ଏକର ଜମିରେ ହୋଇଥିବା ଧାନ ଚାଷ ଭଲ ହୋଇଥିବା ବେଳେ ଦୁଇ ଏକର ଜମିରେ କରାଯାଇଥିବା କନ୍ଦମୂଳ ଓ ଧନିଆପତ୍ରର କିଞ୍ଚିତ ଅଂଶ ନଷ୍ଟ ହୋଇଛି। ତେବେ ବିଷଖାଇ ମୃତ୍ୟୁ ହେବାର ଦୀର୍ଘ ସମୟ ପରେ ସେ ଚାଷ ପାଇଁ ଜୀବନ ହାରିଥିବା ପ୍ରଘଟ ହେବା ଅଭିଯୋଗର ସତ୍ୟାସତ୍ୟ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ସୋମବାର ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, ଜୋନ-୧ ସଭାପତି ନୃସିଂହନାଥ ବେହେରା, ଜୋନ-୨ ସଭାପତି ଶୁକ୍ରା ଖରା ଓ ସୁଙ୍କି ପଞ୍ଚାୟତ ସମିତି ସଭ୍ୟ ସୁବାସ ବଡବୁରା ମୃତକଙ୍କ ପରିବାକୁ ଭେଟିଛନ୍ତି। ଘଟଣାର ଉଚିତ୍ ତଦନ୍ତ କରି ଚାଷୀଙ୍କ ପରିବାରକୁ କ୍ଷତିପୂରଣ ଦାବି କରିଛନ୍ତି। ଉପଜିଲାପାଳ କଅଁର କହିଛନ୍ତି, ତଦନ୍ତ ଚାଲିଛି। ଚାଷୀ ଜଣକ ହାତ ଉଧାର କରି ବକେୟା ଚିନ୍ତାରେ ରହିଥିବା ଗ୍ରାମବାସୀ କହିଛନ୍ତି। କିନ୍ତୁ ତାଙ୍କର ଚାଷ ଭଲ ହୋଇଛି।

### ମାର୍ଚ୍ଚ ସୁଦ୍ଧା ସରିବ କୋରାପୁଟ-ରାୟଗଡ଼ା--ବ୍ରହ୍ମପୁର ରାସ୍ତା

**ଜୟପୁର,୧୯।୧୧(ନି.ପ୍ର.)**

କୋରାପୁଟରୁ ରାୟଗଡ଼ା ଦେଇ ରାଜଧାନୀ ଆସିବା ବାଟରେ ୨ଟି ରାସ୍ତା ବ୍ରହ୍ମପୁର-ତପ୍ତପାଣି-ରାୟଗଡ଼ା ଏବଂ କୋରାପୁଟ-ଲକ୍ଷ୍ମୀପୁର-ରାୟଗଡ଼ାର କିଛି ଅଂଶ ବିଜୟୱାଡ଼ା-ରାଞ୍ଚି ଜାତୀୟ ରାଜପଥର ଅଂଶବିଶେଷ ରହିଛି। ଏବେ ଏହାର ସଂପ୍ରସାରଣ ଓ ଉନ୍ନତିକରଣ କାର୍ଯ୍ୟ ଚାଲିଛି। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟରୁ ୧୯୧.୦୮ କୋଟି ଟଙ୍କାର ପ୍ରଶାସନିକ ଓ ଆର୍ଥିକ ମଞ୍ଜୁରି ମିଳିଛି। କାର୍ଯ୍ୟ ସମ୍ପାଦନା ପାଇଁ ଏଏସ୍‌ଆଇଇପି-ଏସ୍‌ଆଇପିଏଲ୍ (ଜେଭି) ନାମକ ହାଇଦ୍ରାବାଦର ଏକ ଠିକାଦାରି ସଂସ୍ଥା ସହ ୧୪୪.୬୬ କୋଟି ଟଙ୍କାର ଚୁକ୍ତିନାମା ହୋଇଛି। ୨୦୧୯ ମାର୍ଚ୍ଚ ସୁଦ୍ଧା କାର୍ଯ୍ୟ ସାରିବା ପାଇଁ ଲଧ୍ୟ ରହିଛି। ଜୟପୁର ବିଧାୟକ ତଥା ବିଧାନସଭାରେ କଂଗ୍ରେସ ଦଳର ମୁଖ୍ୟ ସଚେତକ ତାରା ପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତର ଦେଇ ନିର୍ମାଣ, ଇସ୍ପାତ ଓ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଏହି ସୂଚନା ଦେଇଛନ୍ତି।

■ 'ପରବ'ରେ ଜାତୀୟ ପଲ୍ଲିଶ୍ରୀ ମେଳା

# ୧୦ କୋଟି ଟପିଲା କାରବାର

**କୋରାପୁଟ,୧୯।୧୧(ସ୍ୱ.ପ୍ର.)**

କୋରାପୁଟରେ ଚାଲିଥିବା ପରବ-୨୦୧୮ ଉପଲକ୍ଷେ ଆୟୋଜିତ ଜାତୀୟ ପଲ୍ଲିଶ୍ରୀମେଳାରେ କୋଟି କୋଟି ଟଙ୍କାର ବ୍ୟବସାୟ ହେଉଛି। ମେଳାରେ ଜିଲା ପ୍ରଶାସନ ପକ୍ଷରୁ ୩୫୦ଟି ଷ୍ଟଲ କରାଯାଇ ସେଠାରେ ବିଭିନ୍ନ ହସ୍ତଶିଳ୍ପ ଓ ଟେରାକୋଟା, ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ, ଫୁଡ୍ ବଜାର, କାଠ ସାମଗ୍ରୀ, ଘର ସାଜସଜ୍ଜା ସାମଗ୍ରୀ ବିକ୍ରି ଚାଲିଛି। ୪ ଦିନ ମଧ୍ୟରେ ଏଯାବତ୍ ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କାରବାର ହୋଇଥିବା ଆକଳନ କରାଯାଇଛି। ପରବରେ କେବଳ ଫୁଡ୍ ବଜାର, ବିଭିନ୍ନ ଘରୋଇ ସାଜସଜ୍ଜା ସମାଗ୍ରୀ, ରୋଷେଇ ସାମଗ୍ରୀ ୫ କୋଟିରୁ ଉର୍ଦ୍ଧ୍ୱ ବେପାର କରିଛି। ଅନ୍ୟ ଷ୍ଟଲରେ ଆଉ ୫ କୋଟି ଟଙ୍କାର ବେପାର ହୋଇଛି। ବିଶେଷ କରି ଗୋଟିଏ ଟେରାକୋଟା ଷ୍ଟଲରୁ ଏହି ତିନ ଦିନ ମଧ୍ୟରେ ୩୦ରୁ ୫୦ ହଜାର ଟଙ୍କାର ବେପାର ହୋଇଥିବା ବ୍ୟବସାୟୀ କହିଛନ୍ତି। ଚଳିତ ପରବ ମୁଖ୍ୟ ସମାରୋହର ଦ୍ୱିତୀୟ ଓ ତୃତୀୟ ଦିନରେ ୫୦ ହଜାରରୁ ଉର୍ଦ୍ଧ୍ୱ ସମାଗମ ହୋଇଛି। ଏହି ମେଳା ମଙ୍ଗଳବାର ଯାଏ ଚାଲିବ ବୋଲି ଜିଲା ପ୍ରଶାସନ ସୂଚନା ଦେଇଛି। ୨୩ ବର୍ଷ ମଧ୍ୟରେ ଚଳିତ ବର୍ଷ 'ପରବ'ରେ ସର୍ବାଧିକ ଜନ ସମାଗମ ହୋଇଛି।


ପରବ ପଡ଼ିଆରେ ପଲ୍ଲିଶ୍ରୀମେଳାରେ ଲାଗିଥିବା ଟେରାକୋଟା ଷ୍ଟଲ।

# ଜଗନ୍ନାଥ ସାଗର ପବିତ୍ରତା ପାଇଁ ପୂଜାର୍ଚ୍ଚନା

**ଜୟପୁର,୧୯।୧୧(ଡି.ଏନ୍.ଏ.)**

୨୦୦ ବର୍ଷରୁ ଉର୍ଦ୍ଧ୍ୱ ଜୟପୁର ସହର ପାଇଁ ଜଳଦାତା ସାଜିଥିବା ଜଗନ୍ନାଥ ସାଗରର ପୂଜାର୍ଚ୍ଚନା ପାଇଁ ମହାଯଜ୍ଞ ଆରମ୍ଭ ହୋଇଛି। ସୋମବାର ପବିତ୍ର କାର୍ତ୍ତିକ ପଞ୍ଚୁକରୁ ଆରମ୍ଭ ହୋଇ ଆସନ୍ତା ପୂର୍ଣ୍ଣିମା ପର୍ଯ୍ୟନ୍ତ ପୂଜାର୍ଚ୍ଚନା ଚାଲିବ। ଜୟପୁର ସ୍ୱାଭିମାନ ମଞ୍ଚ ଓ ଜଗନ୍ନାଥ ସାଗର ଉନ୍ନୟନ ମଞ୍ଚର ମିଳିତ ଆନୁକୂଲ୍ୟରେ ବୈଦିକ ରୀତିନୀତିରେ ପୂଜାର୍ଚ୍ଚନା, ଯଜ୍ଞ ଏବଂ ସନ୍ଧ୍ୟାରେ ସାଗରର ମହା ଆରତୀ ଅନୁଷ୍ଠିତ ହେବ। ଜୟପୁର ସହରର ବାସିନ୍ଦା ଜଗନ୍ନାଥ ସାଗରକୁ ଗଙ୍ଗା ଏବଂ ମହାସମୁଦ୍ର ଭାବେ ସମ୍ମାନ ଦିଅନ୍ତି। ତେଣୁ ଏହାର ପବିତ୍ରତା ଓ ସ୍ୱଚ୍ଛତା ବଜାୟ ରଖିବା ପାଇଁ ପୂଜାର୍ଚ୍ଚନା କରାଯାଉଥିବା ସ୍ୱାଭିମାନ ମଞ୍ଚର ସଦସ୍ୟ ପଣ୍ଡିତ ଗୀତା ପ୍ରକାଶ ମିଶ୍ର କହିଛନ୍ତି। ଆସନ୍ତା ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ ସହ ଏହି କାର୍ଯ୍ୟକ୍ରମର ସମାପନ କରାଯିବ।


ଜଗନ୍ନାଥ ସାଗର କୂଳରେ ହୋମଯଜ୍ଞ ଚାଲିଛି।

# ଜେଜେମାର ସାହାରା ୭ ବର୍ଷର ନାତୁଣୀ

■ ଅନ୍ୟଘର ପିଲାଙ୍କୁ ଖେଳେଇ ଖାଇବା ଯୋଗାଡ଼ କରୁଛି ନାତୁଣୀ

**ଦଶମନ୍ତପୁର, ୧୯।୧୧(ଡି.ଏନ୍.ଏ.)**


କାନ୍ଥ ଭୁଶୁଡ଼ି ପଡିଥିବା ଘର ଆଗରେ ଦୁଲ ମୁଦୁଲି।

■ଗତ ଲଗାଣ ବର୍ଷାରେ ଛଣ ଛପର ଘର କାନ୍ଥ ଭୁଶୁଡ଼ି ପଡ଼ିଛି

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ନନ୍ଦିଗାଁ ପଞ୍ଚାୟତ ଅଧୀନ ବାଗ୍ରୀବେଡ଼ା ଗ୍ରାମ ଆଦିବାସୀ ସାହିରେ ଜେଜେମା'ଙ୍କ ସାହାର ହୋଇଛନ୍ତି ୭ ବର୍ଷର ନାତୁଣୀ। ଦୁଲ ମୁଦୁଲି(୯୦), ସ୍ୱାମୀ ବନ୍ଦୁଙ୍କ ମୃତ୍ୟୁ ପରେ ପୁଅ ମାଧବ ଏବଂ ବୋହୂ ପାକଲିଙ୍କ ସହିତ ରହୁଥିଲେ। ତେବେ ପୁଅଙ୍କ ମୃତ୍ୟୁ ପରେ ଦୁଲଙ୍କ ନାତୁଣୀ ଡମୁଣୀଙ୍କୁ ବର୍ଷେ ହୋଇଥିବା ବେଳେ ବୋହୂ ଅନ୍ୟତ୍ର ବିବାହ କରିଥିଲେ। ଏବେ ଜେଜେମା ଏବଂ ନାତୁଣୀ ଏକାଠି ରହୁଛନ୍ତି। ଜେଜେମାକୁ ଦେଖାଯାଉନାହିଁ। ଚଳିବା ପାଇଁ ରୋଜଗାର କରିବାକୁ କେହି ନାହାନ୍ତି। ଜେଜେମାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ୫ ଶହ ଟଙ୍କା ମିଳୁଛି। ନାତୁଣୀ ଅନ୍ୟଘର ପିଲାଙ୍କୁ ଦିନ ସାରା ଖେଳେଇଲେ ସେମାନଙ୍କଠୁ ଖାଇବା ଆଣି ଜେଜେମା ନାତୁଣୀ ଖାଉଛନ୍ତି। ନାତୁଣୀ ଅନ୍ୟଘର ପିଲାଙ୍କୁ ଖେଳେଇବାକୁ ଯିବା ସମୟରେ ଜେଜେମା ଗାଁର କୌଣସି ଲୋକଙ୍କ ସହାୟତାରେ ଶୌଚ ଏବଂ ସ୍ନାନ କରିବାକୁ ଯାଇଥାନ୍ତି। ନାତୁଣୀ ଭୋରରୁ ଉଠି ବେଳେ ବେଳେ ମାଣ୍ଡିଆ ପ୍ରସ୍ତୁତି କରି ନିଜେ ଖାଇ ଜେଜେମା ପାଇଁ ରଖିଦେଇ ଯାଏ । ଅନ୍ୟଘର ପିଲାଙ୍କୁ ଖେଳେଇ ଖାଇବା ଆଣିଲେ ଜେଜେମା ନାତୁଣୀ ଏହାକୁ ରାତିରେ ଖାଇଥାନ୍ତି ବୋଲି ଗାଁବାସୀ କହିଛନ୍ତି। ପିଲା ଧରିବା କାମ ନ ମିଳିଲେ କାହାର ଫସଲ ଖେତ ଜଗି ନାତୁଣୀ ଘରୁକୁ ଖାଇବା ଆଣେ। ଜେଜେମାଙ୍କ କହିବା ଅନୁସାରେ ମୁଁ ନାତୁଣୀକୁ ପାଠ ପଢ଼ିବା ପାଇଁ କହିଲେ ଖାଇବା ପାଇଁ କେଉଁଠୁ ଯୋଗାଡ଼ ହେବ ବୋଲି ସେ କହୁଛି। ପେଟପାଟଣା ଭିତରେ ନାତୁଣୀର ପାଠପଢ଼ା ହୋଇପାରୁ ନାହିଁ। ଅନ୍ୟ ପକ୍ଷରେ ଗତ ଲଗାଣ ବର୍ଷରେ ଛଣ ଛପର ଘରର କାନ୍ଥ ଭୁଶୁଡି ପଡ଼ିଛି। ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ନରେନ୍ଦ୍ର ମୋଦି-ଫୋବିଆରେ ପୀଡ଼ିତ ବିରୋଧୀ ଦଳ ବାରମ୍ବାର କେନ୍ଦ୍ରକୁ ଟାର୍ଗେଟ କରୁଛନ୍ତି । ତେବେ ନେହରୁ-ଗାନ୍ଧୀ ପରିବାର ଚାରିପିଢ଼ି ମଧ୍ୟରେ କ'ଣ କରିଛି, କଂଗ୍ରେସ ତାହାର ହିସାବ ଦେଉ ।
- ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ



## ସଂକ୍ଷେପରେ

### ସୀମାରେ ଯବାନ ଶହୀଦ

ଜମ୍ମୁ,୧୯।୧୧(ପି.ଟି.)-ଜମ୍ମୁ-କଶ୍ମୀରର ସାମ୍ବା ଜିଲା ସଂଲଗ୍ନ ଅନ୍ତର୍ଜାତୀୟ ସୀମା (ଆଇବି) ନିକଟରେ ସୋମବାର ବିସ୍ଫୋରଣ ଘଟିଛି। ସୀମାନ୍ତ ଘାଟିରେ ହୋଇଥିବା ଏହି ଆକ୍ରମଣରେ ଜଣେ ବିଏସ୍ଏଫ୍ ଯବାନ ଶହୀଦ ହୋଇଛନ୍ତି। ଅନ୍ୟ କେତେଜଣ ଯବାନ ଆହତ ହୋଇଥିବା ଜଣେ ବିଏସ୍ଏଫ୍ ଅଧିକାରୀ ସୂଚନା ଦେଇଛନ୍ତି।

### ଛତିଶଗଡ଼: ଆଜି ଚୂଡ଼ାନ୍ତ ପର୍ଯ୍ୟାୟ ନିର୍ବାଚନ

ରାୟପୁର,୧୯।୧୧ (ପି.ଟି.)-ମଙ୍ଗଳବାର ଛତିଶଗଡ଼ରେ ଦ୍ୱିତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ୧୯ଟି ଜିଲାର ୭୨ଟି ଆସନରେ ଭୋଟଗ୍ରହଣ କରାଯିବ। ଏଥର ଶାସକ ଭାଜପା ସହିତ ବିରୋଧୀ ଦଳ କଂଗ୍ରେସ ଏବଂ ଅଜିତ ଯୋଗୀ ଏବଂ ମାୟାବତୀଙ୍କ ନେତୃତ୍ୱାଧୀନ ମେଣ୍ଟ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି କୁହାଯାଉଛି। ମଙ୍ଗଳବାର ଭୋଟ ଲାଗି ୧୦୭୯ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ଭାଜପା ଓ କଂଗ୍ରେସ ସମସ୍ତ ୭୨ ଆସନରେ ପ୍ରାର୍ଥୀ ଦେଇଥିଲା ବେଳେ ବିଏସପି ୨୫ ଆସନରେ ଏବଂ ଏହାର ସହଯୋଗୀ ଅଜିତ ଯୋଗୀଙ୍କ ଦଳ ୪୬ ଆସନରେ ପ୍ରାର୍ଥୀ ଦେଇଛି। ଆମ ଆଦମୀ ପାର୍ଟି ମଧ୍ୟ ୬୬ ଆସନରେ ଲଢ଼େଇ କରୁଛି। ୨୦୧୩ ନିର୍ବାଚନରେ ୯୦ ଆସନ ବିଶିଷ୍ଟ ବିଧାନସଭାରେ ଭାଜପା ୪୧.୦୪ ପ୍ରତିଶତ ଭୋଟ ସହ ୪୯ ଆସନ ପାଇ ବିଜୟୀ ହୋଇଥିଲା ବେଳେ କଂଗ୍ରେସ ୪୦.୨୯ ପ୍ରତିଶତ ଭୋଟ ସହ ୩୮ ଆସନ ପାଇଥିଲା। ଆସନ୍ତାକାଲିର ଭୋଟ ଲାଗି ଅବତୀର୍ଣ୍ଣ ହୋଇଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ରାଜ୍ୟ କଂଗ୍ରେସ ସଭାପତି ଭୁପେଶ ବାଘେଲା, ବିରୋଧୀ ଦଳ ନେତା ଟି.ଏସ ସିଂହଦେଓ ପ୍ରମୁଖ।

### ୨ ମହିଳା ମାଓବାଦୀ ନିହତ

ମୁମ୍ବାଇ,୧୯।୧୧ (ପି.ଟି.)-ମହାରାଷ୍ଟ୍ରରେ ମାଓ ଦମନ ଅଭିଯାନରେ ନିୟୋଜିତ ସୁରକ୍ଷାବଳକୁ ମିଳିଛି ବଡ଼ ସଫଳତା। ଗଡ଼ଚିରୋଲି ଜିଲାରେ ସର୍ଚ୍ଚ ଅପରେଶନ ବେଳେ ସୋମବାର ଏନ୍‌କାଉଣ୍ଟର ଘଟି ୨ ମହିଳା ମାଓବାଦୀ ନିହତ ହୋଇଛନ୍ତି। ଧରୋରା ତାଲୁକା ଅନ୍ତର୍ଗତ ନିହାଲ୍‌କେ ଜଙ୍ଗଲରେ ମାଓବାଦୀମାନେ ଲୁଚିରହିଥିବା ସୂଚନା ମିଳିବା ପରେ ସି-୬୦ କମାଣ୍ଡୋ ରବିବାର ରାତିରୁ ତଲାସି ଅଭିଯାନ ଚଳାଇଥିଲେ। ସୋମବାର ପୂର୍ବାହ୍ନ ୮ଟା ୩୦ରେ ମାଓବାଦୀଙ୍କ ସହ ସୁରକ୍ଷାକର୍ମୀମାନେ ମୁହାଁମୁହିଁ ହୋଇଥିଲେ। ପ୍ରାୟ ଅଧଘଣ୍ଟା ଗୁଳି ବିନିମୟ ହୋଇଥିଲା। ଏହାପରେ ଦୁଇ ମହିଳା ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା ବୋଲି ଗଡ଼ଚିରୋଲି ଏଏସ୍‌ପି ମହେନ୍ଦ୍ର ପଣ୍ଡିତ ସୂଚନା ଦେଇଛନ୍ତି।

## [ଇତିହାସର ଆଇନାରେ]

### ନଭେମ୍ବର ୨୦ର ପ୍ରମୁଖ ଘଟଣା

୧୯୭୯ ନଭେମ୍ବର ୨୦ରେ ସୌଦିଆରବର ମକ୍କାରେ ଥିବା ପ୍ରସିଦ୍ଧ ଗ୍ରାଣ୍ଡ୍ ମସ୍‌ଜିଦରେ ପଣବନ୍ଦୀ ସଙ୍କଟ ଦେଖାଦେଇଥିଲା। ମସ୍‌ଜିଦରେ ଅନ୍ୟୂନ ୬୦୦ ତୀର୍ଥଯାତ୍ରୀଙ୍କୁ ସଶସ୍ତ୍ର ଇସ୍‌ଲାମିକ ବିଦ୍ରୋହୀ ଗୋଷ୍ଠୀ ପଣବନ୍ଦୀ କରି ରଖିଥିଲେ। ସେମାନଙ୍କର ମୁକ୍ତି ଅଭିଯାନରେ ୧୨୭ ସୁରକ୍ଷାକର୍ମୀ ଏବଂ ସାଧାରଣ ନାଗରିକ ପ୍ରାଣ ହରାଇଥିଲେ। ଏଥିରେ ୪୫୦ରୁ ଅଧିକ ଆହତ ହୋଇଥିଲେ। ନଭେମ୍ବର ୨୦ ସକାଳ ୫ଟାରେ ସେଠାରେ ପ୍ରାୟ ୧୫,୦୦୦ ଶ୍ରଦ୍ଧାଳୁ ସମୂହ ପ୍ରାର୍ଥନା ଲାଗି ଗ୍ରାଣ୍ଡ ମସ୍‌ଜିଦରେ ଇମାମ୍ ଶେଖ୍ ମହମ୍ମଦ ସୁବାଇଲ ପ୍ରସ୍ତୁତ ହେଉଥିବା ବେଳେ ପ୍ରାୟ ୫୦୦ ବିଦ୍ରୋହୀ ସେଠାରେ ମୁତୟନ ଗାର୍ଡଙ୍କୁ ହତ୍ୟାକରି ଭିତରେ ପ୍ରବେଶ କରିଥିଲେ। ଏହାପରେ ଶ୍ରଦ୍ଧାଳୁଙ୍କୁ ପଣବନ୍ଦୀ କରିବା ସହ ରକ୍ତରେ ହୋଲି ଖେଳିବା ଆରମ୍ଭ କରିଥିଲେ। ଶେଷରେ ଫ୍ରାନ୍ସ ସୁରକ୍ଷାବାହିନୀ ସହାୟତାରେ ପଣବନ୍ଦୀ ଶ୍ରଦ୍ଧାଳୁଙ୍କୁ ମୁକ୍ତ କରାଯାଇଥିଲା।

୧୯୫୯ ନଭେମ୍ବର ୨୦ରେ ମିଳିତ ଜାତିସଂଘ(ୟୁଏନ୍)ରେ ଶିଶୁ ଅଧିକାର ଘୋଷଣାନାମା ଗୃହୀତ ହୋଇଥିଲା। ଏହା ହେଉଛି ଶିଶୁଙ୍କ ଅଧିକାର ଉଦ୍ଦେଶ୍ୟରେ ନିହିତ ଏକ ଅନ୍ତର୍ଜାତୀୟ ନଥିପତ୍ର। ଜେନେଭାସ୍ଥିତ ୟୁଏନ୍ ମୁଖ୍ୟାଳୟରେ ଅନୁଷ୍ଠିତ ସାଧାରଣ ସମ୍ମିଳନୀରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଏହା ଉପରେ ସହମତି ପ୍ରକାଶ କରିଥିଲେ। ଫଳରେ ଏହାକୁ 'ଜେନେଭା ଡିକ୍ଲାରେଶନ୍ ଅଫ୍ ଦି ଚାଇଲ୍ଡ ରାଇଟ୍ସ' ବୋଲି ମଧ୍ୟ କୁହାଯାଏ। ବିଶ୍ୱ ସ୍ତରରେ ଶିଶୁମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଏବଂ ସେମାନଙ୍କ ଅଧିକାରକୁ ପ୍ରାଧାନ୍ୟ ଦେବା ଉଦ୍ଦେଶ୍ୟରେ ଏହି ଘୋଷଣାନାମା ଆପଣା ଯାଇଥିଲା।

## ■ ସିବିଆଇରେ ଅନ୍ତର୍କନ୍ଦଳ: ମୁହଁ ଖୋଲିଲେ ବରିଷ୍ଠ ଅଧିକାରୀ

# କାଠଗଡ଼ାରେ ଏନ୍‌ଏସ୍‌ଏ, ସିଭିସି

ନୂଆଦିଲ୍ଲୀ,୧୯।୧୧(ପି.ଟି.)



ଅଜିତ ଡୋଭାଲ



ଏମ୍.କେ. ସିହ୍ନା



କେ.ଭି. ଚୌଧୁରୀ

- ■ ଅସ୍ଥାନାଙ୍କ ନାଁରେ ଥିବା ଲାଞ୍ଚ ମାମଲାରେ ହସ୍ତକ୍ଷେପ
- ■ କେନ୍ଦ୍ରମନ୍ତ୍ରୀ ହରିଭାଇଙ୍କ ନାମ ଟାଣିଲେ ସିହ୍ନା
- ■ ଡୋଭାଲ, ଚୌଧୁରୀଙ୍କ ଅଡୁଆ ବଢ଼ିଲା

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ଦୁଇ ଶୀର୍ଷ ସ୍ତରର ଅଧିକାରୀଙ୍କ ମଧ୍ୟରେ ଅହମିକା ଲଢ଼େଇ ଚରମ ସୀମା ଟପିବା ପରେ ସବୁଠୁ ଭରସାଯୋଗ୍ୟ ଅନୁସନ୍ଧାନକାରୀ ସଂସ୍ଥା ବିରାଟ ପ୍ରଶ୍ନବାଚୀ ମଧ୍ୟରେ ଛିଡ଼ା ହୋଇଛି। ସିବିଆଇର ବରିଷ୍ଠ ଅଧିକାରୀ ଏମ୍.କେ. ସିହ୍ନା ସୋମବାର ମୁହଁ ଖୋଲିବା ପରେ ସିବିଆଇରେ ଅନ୍ତର୍କନ୍ଦଳ ଆଉ ଏକ ମୋଡ଼ ନେଇଛି। ସେ ଜାତୀୟ ନିରାପତ୍ତା ଉପଦେଷ୍ଟା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ, କେନ୍ଦ୍ରମନ୍ତ୍ରୀ ହରିଭାଇ ପାର୍ଥିଭାଇ ଚୌଧୁରୀ ଏବଂ କେନ୍ଦ୍ରୀୟ ଭିଜିଲାନ୍ସ କମିଶନର (ସିଭିସି) କେ.ଭି. ଚୌଧୁରୀଙ୍କ ନାମ ଉଠାଇଛନ୍ତି। ସିବିଆଇ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ବିରୋଧରେ ଚାଲିଥିବା ଲାଞ୍ଚ ମାମଲାର ତଦନ୍ତରେ ଏମାନେ ହସ୍ତକ୍ଷେପ କରିଛନ୍ତି ବୋଲି ସିହ୍ନା ଅଭିଯୋ କରିଛନ୍ତି। ଏହି କଥା ପ୍ରଘଟ ହେବା ପରେ ଅଡୁଆରେ ପଡ଼ିଯାଇଥିବା ଚୌଧୁରୀ ଏବଂ ଡୋଭାଲ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି।

ମାଂସ ବ୍ୟବସାୟୀ ମୋଇନ୍ କ୍ୟୁରେସିଙ୍କ ବିରୋଧରେ ଚାଲିଥିବା ତଦନ୍ତକୁ ପ୍ରଭାବିତ କରିବା ଲାଗି ସିବିଆଇର ନମ୍ବର ୨ ଅଧିକାରୀ ଅସ୍ଥାନା ଲାଞ୍ଚ ନେଇଥିଲେ ବୋଲି ଅଭିଯୋଗ ଆସିବା ପରେ ଏତଲା ଦାଏର ହୋଇଥିଲା। ଏହାର ତଦନ୍ତ ଦାୟିତ୍ୱରେ ଥିଲେ ସିବିଆଇ ଅଧିକାରୀ ମନୀଶ୍ ସିହ୍ନା। ସିବିଆଇରେ କ୍ଷମତା ଲଢ଼େଇ ଉଗ୍ର ରୂପ ଧାରଣ କରିବା ପରେ ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଏବଂ ଅସ୍ଥାନାଙ୍କୁ ବାଧ୍ୟତାମୂଳକ ଛୁଟିରେ ପଠାଇଦିଆଗଲା। ଏଥିସହ ସିବିଆଇର ଅନେକ ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ନାଗପୁରକୁ ବଦଳି ହେବା ପରେ ସିହ୍ନା ଏହି ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ତ୍ୱରିତ ଶୁଣାଣି ଲାଗି ସେ ଦାଏର କରିଥିବା ପିଟିଶନରେ ସିହ୍ନା ସାଂଘାତିକ ଅଭିଯୋଗ ଆଣିଛନ୍ତି। ତାଙ୍କ ତରଫରୁ ମାମଲା ପରିଚାଳନା କରୁଛନ୍ତି ଆଇନଜୀବୀ ସୁନିଲ ଫର୍ନାଣ୍ଡିଜ୍। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠଙ୍କୁ ସୁନିଲ କହିଛନ୍ତି ଯେ, ତାଙ୍କ ମହକିଲ ନିକଟରେ ଚାଞ୍ଚଲ୍ୟକର ତଥ୍ୟ ରହିଛି। ସିବିଆଇ ଅଧିକାରୀଙ୍କ ବଦଳି ପଛରେ ଏକ ବଡ଼ ନେଟ୍‌ୱର୍କ କାମ କରିଛି। ଏଥିରେ ଏନ୍‌ଏସ୍‌ଏ ଡୋଭାଲ, ସିଭିସି ଚୌଧୁରୀଙ୍କ ହାତ ମଧ୍ୟ ରହିଛି। ଏମାନେ ସିବିଆଇ ତଦନ୍ତକୁ ପ୍ରଭାବିତ କରିବାକୁ ଉଦ୍ୟମ କରିଛନ୍ତି। ଏସବୁ ଷଡ଼ଯନ୍ତ୍ରର ଶିକାର ହୋଇଛନ୍ତି ଅନେକ ସିବିଆଇ ଅଧିକାରୀ। ଜାଣିଶୁଣି ସେମାନଙ୍କୁ ହଇରାଣ କରାଯାଇଛି ଏବଂ ବଦଳି କରିଦିଆଯାଇଛି। ଜବାବରେ ଜଷ୍ଟିସ୍ ଏସ୍.କେ. କୌଲ ଏବଂ କେ.ଏମ୍. ଯୋସେଫ୍ ସଦସ୍ୟ ଥିବା ଖଣ୍ଡପୀଠ କହିଛନ୍ତି, ଏସବୁ କଥାକୁ ନେଇ ସୁପ୍ରିମକୋର୍ଟ ଆଶ୍ଚର୍ଯ୍ୟ ହେଉ ନାହାନ୍ତି। ତେବେ ମଙ୍ଗଳବାର ତ୍ୱରିତ ଶୁଣାଣି ଲାଗି ସୁନିଲଙ୍କ ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି।

## ■ ଅଗଷ୍ଟା ମାମଲା: ଦୁବାଇ କୋର୍ଟଙ୍କ ନିର୍ଦ୍ଦେଶ

# ମଧ୍ୟସ୍ଥ ମାଇକେଲ୍‌ଙ୍କୁ ପ୍ରତ୍ୟର୍ପଣ କରିବ ୟୁଏଇ

ଦୁବାଇ,୧୯।୧୧(ପି.ଟି.)



ବହୁ ଚର୍ଚ୍ଚିତ ଅଗଷ୍ଟା ୱେଷ୍ଟଲାଣ୍ଡ ଦୁର୍ନୀତି ମାମଲାରେ ଏକ ନୂଆ ମୋଡ଼ ଆସିଛି। ଭିଭିଆଇପିଙ୍କ ଲାଗି ଉଦ୍ଦିଷ୍ଟ ଏହି ହେଲିକପ୍ଟର କ୍ରୟ ସଂକ୍ରାନ୍ତ ଚୁକ୍ତିବେଳେ ହୋଇଥିବା ଆର୍ଥିକ ହେରଫେରରେ ସମ୍ପୃକ୍ତ ମଧ୍ୟସ୍ଥଙ୍କୁ ଲାଗିଛି ଝଟକା। ଖ୍ରୀଷ୍ଟିୟାନ୍ ମାଇକେଲ୍ ନାମକ ଏହି ବ୍ରିଟିଶ୍ ବ୍ୟବସାୟୀଙ୍କୁ ଭାରତକୁ ପ୍ରତ୍ୟର୍ପଣ କରିବା ପାଇଁ ସୋମବାର ଦୁବାଇର ଏକ ଉଚ୍ଚ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ବହୁ କୋଟି ଟଙ୍କାର ହେଲିକପ୍ଟର କ୍ରୟ ଦୁର୍ନୀତି ପଛରେ ମାଇକେଲ୍‌ଙ୍କ ହାତ ରହିଛି। ଲାଞ୍ଚ କାରବାରରେ ସେ ମଧ୍ୟସ୍ଥ ସାଜିଥିବା ଜଣାପଡ଼ିବା ପରେ ତାଙ୍କୁ ଜେରା ଲାଗି ଭାରତ ଆଣିବାକୁ ଉଦ୍ୟମ ଚାଲିଛି। ଏବେ ସେ ୟୁଏଇରେ ଅବସ୍ଥାନ କରୁଥିବାରୁ ତାଙ୍କୁ ପ୍ରତ୍ୟର୍ପଣ କରିବାକୁ ନୂଆଦିଲ୍ଲୀ ସେଠାକାର ସରକାରଙ୍କୁ ଅନୁରୋଧ କରିଥିଲା। ବିଫଳ ହେବାରୁ ଶେଷରେ ଦୁବାଇ କୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ାଗଲା। ସେଠାକାର ଏକ ତଳକୋର୍ଟ ପ୍ରଥମେ ଭାରତର ଅନୁରୋଧ ରକ୍ଷା କଲେ। ଏବେ ଦୁବାଇର କୋର୍ଟ ଅଫ୍ କାସେଶନ୍ ଏହାକୁ କାଏମ ରଖିଛନ୍ତି। ବିଚାରପତି ଅବ୍‌ଦେଲ ଅଜିଜ୍ ଅଲ୍ ଜରୌନିଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି, ମାଇକେଲ୍‌ଙ୍କୁ ଭାରତୀୟ ତଦନ୍ତ ସଂସ୍ଥାକୁ ପ୍ରତ୍ୟର୍ପଣ କରାଯାଉ।

## ■ ଆଇଆର୍‌ସିଟିସି ମାମଲାରେ କୋର୍ଟ ସମନ

# ଭିଡିଓ କନ୍‌ଫରେନ୍ସିଂରେ ହାଜର ହେବେ ଲାଲୁ

ନୂଆଦିଲ୍ଲୀ,୧୯।୧୧(ପି.ଟି.)

ଆଇଆର୍‌ସିଟିସି ହୋଟେଲ ରକ୍ଷଣାବେକ୍ଷଣ ସଂକ୍ରାନ୍ତ ଚୁକ୍ତିରେ ଆର୍ଥିକ ହେରଫେର ମାମଲାରେ ପୂର୍ବତନ ରେଳମନ୍ତ୍ରୀ ତଥା ଆର୍‌ଜେଡି ମୁଖ୍ୟ ଲାଲୁପ୍ରସାଦ ଯାଦବଙ୍କ ଅଡୁଆ ବଢ଼ିଲା। ଏହି ମାମଲାରେ ସେ ଜେରାର ସମ୍ମୁଖୀନ ହେବେ। ଦୁର୍ନୀତିରେ ସମ୍ପୃକ୍ତି ନେଇ ତାଙ୍କୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ପଚରାଉଚରା କରାଯିବ। ଏନେଇ ସୋମବାର ଦିଲ୍ଲୀର ଏକ କୋର୍ଟ ଲାଲୁଙ୍କୁ ସମନ କରିଛନ୍ତି।

ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ଏବେ ଅସୁସ୍ଥ ଅଛନ୍ତି। ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା କାରଣରୁ ରାଞ୍ଚିସ୍ଥିତ ଆର୍‌ଆଇଏମ୍‌ଏସ୍ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଛି। ସେ ଦିଲ୍ଲୀ କୋର୍ଟକୁ ଯିବା ସମ୍ଭବ ନୁହେଁ। ତେଣୁ ଡିସେମ୍ବର ୨୦ରେ ହସ୍ପିଟାଲ କିମ୍ବା ଜେଲ୍‌ରୁ ଥାଇ ଲାଲୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ କୋର୍ଟରେ ହାଜର ହେବେ। ତାଙ୍କୁ ଅଦାଲତଙ୍କ ସାମ୍ନାକୁ ଆଣିବାକୁ ସିବିଆଇ ଏବଂ ଇଡିକୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର ବିଚାରପତି ଅର୍ଜୁନ ଭରଦ୍ୱାଜ। ସେପଟେ ଗୋଖାଦ୍ୟ ଦୁର୍ନୀତି ମାମଲାରେ ମଧ୍ୟ ସମାନ ଅବସ୍ଥା। ଅସୁସ୍ଥତା କାରଣରୁ ଲାଲୁ ସୋମବାର ରାଞ୍ଚିସ୍ଥିତ କୋର୍ଟ ଯାଇପାରିଲେ ନାହିଁ।

# ଆଧାର ଲିଙ୍କ୍ ନ ଥିଲେ ଦରମା ସ୍ଥଗିତ ରଖାଯାଇପାରିବନି



ମୁମ୍ବାଇ,୧୯।୧୧(ପି.ଟି.)–ବ୍ୟାଙ୍କ ଆକାଉଣ୍ଟ ସହ ଆଧାର ସଂଯୋଗ ହୋଇ ନ ଥିଲେ କର୍ମଚାରୀଙ୍କ ବେତନକୁ ସ୍ଥଗିତ ରଖାଯାଇପାରିବ ନାହିଁ ବୋଲି ବମ୍ବେ ହାଇକୋର୍ଟ ଏକ ମାମଲାର ଶୁଣାଣି ବେଳେ କହିଛନ୍ତି। ସାଲାରୀ ଆକାଉଣ୍ଟରେ ଆଧାର ଲିଙ୍କ ହୋଇ ନଥିବା ଦର୍ଶାଇ ଜଣେ ବନ୍ଦର କର୍ମଚାରୀଙ୍କ ବେତନକୁ ୨୦୧୬ରୁ ସ୍ଥଗିତ କରିବାକୁ କେନ୍ଦ୍ର ସରକାର ନେଇଥିବା ନିଷ୍ପତ୍ତି ଉପରେ ହାଇକୋର୍ଟ ପ୍ରଶ୍ନ କରିଛନ୍ତି। ମୁମ୍ବାଇ ପୋର୍ଟ ଟ୍ରଷ୍ଟରେ ଚାର୍ଜମ୍ୟାନ ଭାବେ କାର୍ଯ୍ୟରତ ରମେଶ ପୁରାଲେଙ୍କ ପକ୍ଷରୁ ଦାଖଲ ପିଟିଶନର ଶୁଣାଣି କରି ଜଷ୍ଟିସ ଏ.ଏସ ଓକା ଏବଂ ଏସ.କେ ସିନ୍ଦେଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ରାୟ ଦେଇଛନ୍ତି। ସାଲାରୀ ଆକାଉଣ୍ଟ ସହ ଆଧାର ସଂଯୋଗ କରିବା ଲାଗି ଜାହାଜ ଚଳାଚଳ ମନ୍ତ୍ରଣାଳୟ ପୁରାଲେଙ୍କୁ ପତ୍ର ଲେଖି ଜଣାଇଥିଲେ। ତେବେ ଗୋପନୀୟତା ମୌଳିକ ଅଧିକାର ଦର୍ଶାଇ ପୁରାଲେ ଉକ୍ତ ପତ୍ରକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଆଧାର ଲିଙ୍କ ହୋଇ ନଥିବାରୁ ୨୦୧୬ ଜୁଲାଇରୁ ତାଙ୍କ ଦରମାକୁ ସ୍ଥଗିତ ରଖାଯାଇଥିଲା। ପୁରାଲେ ତାଙ୍କ ପିଟିଶନ ସହ ସୁପ୍ରିମକୋର୍ଟଙ୍କ ସେପ୍ଟେମ୍ବର ୨୬ ଆଧାର କାର୍ଡ ରୁଲିଂକୁ ନେଇ ଏକ ଆବେଦନ ହାଇକୋର୍ଟରେ କରିଥିଲେ। ଆଧାର ଲିଙ୍କ୍ ହୋଇ ନଥିବା ଦର୍ଶାଇ ସରକାର ଜଣେ କର୍ମଚାରୀଙ୍କ ବେତନ ସ୍ଥଗିତ ରଖିବାକୁ କିପରି ନିଷ୍ପତ୍ତି ନେଲେ ବୋଲି ସୋମବାର ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି।

## ଫୁର୍‌ସତ

# ମଙ୍ଗଳରେ ଉଚ୍ଛୁଳା ହ୍ରଦ ସୃଷ୍ଟି କରିଥିଲା ଉପତ୍ୟକା

ୱାଶିଂଟନ୍:



୩ଶହ କୋଟି ବର୍ଷ ତଳେ ଲୋହିତ ଗ୍ରହ ମଙ୍ଗଳର ହ୍ରଦଗୁଡ଼ିକରେ ଉଚ୍ଛୁଳା ଜଳ ପ୍ରବାହିତ ହେଉଥିଲା। ଏଥିଯୋଗୁ ପ୍ରବଳ ବନ୍ୟା ଓ ଉପତ୍ୟକା ସୃଷ୍ଟି ହୋଇଥିଲା ବୋଲି ଏକ ଅଧ୍ୟୟନରୁ ଜାଣିବାକୁ ମିଳିଛି। ଏ ସମ୍ପର୍କରେ ଆମେରିକାର ଅଷ୍ଟିନ୍‌ସ୍ଥିତ ଟେକ୍ସାସ୍ ୟୁନିଭର୍ସିଟିର ପୋଷ୍ଟ ଡକ୍ଟରାଲ୍ ଗବେଷକ ଟିମ୍ ଗାଉଜ୍ କହନ୍ତି, ପୃଥିବୀ ଏବଂ ମଙ୍ଗଳ ପୃଷ୍ଠରେ ପ୍ରବଳ ଜଳପ୍ରବାହ ଯୋଗୁ ଉପତ୍ୟକାମାନ ସୃଷ୍ଟି ହୋଇଥିଲା। ଏଥିପାଇଁ ଟେକ୍‌ଟୋନିକ୍ ପ୍ଲେଟ୍‌ର କୌଣସି ଭୂମିକା ନଥିଲା। ପୃଥିବୀରେ ସାଧାରଣତଃ ଏଭଳି ହ୍ରଦ ବହୁସଂଖ୍ୟାରେ ଦେଖାଯାଏ। କେତେକ ହ୍ରଦ କାସ୍ପିଆନ୍ ସାଗର ଭଳି ବିସ୍ତୃତ ବୋଲି ଏହି ଅଧ୍ୟୟନର ପ୍ରମୁଖ ଲେଖକ ଗାଉଜ୍ ପ୍ରକାଶ କରିଛନ୍ତି। ଏ ସମ୍ପର୍କିତ ବିସ୍ତୃତ ରିପୋର୍ଟ ଜର୍ନାଲ ଜିଓଲୋଜିରେ ପ୍ରକାଶ ପାଇଛି। ମଙ୍ଗଳରେ ଦେଖାଯାଉଥିବା ବୃହତ୍ ଗର୍ତ୍ତ ଏକଦା ଜଳପୂର୍ଣ୍ଣ ଥିଲା ବୋଲି ଗବେଷକମାନେ ମତ ଦେଇଛନ୍ତି।

# ମ୍ୟାଲେରିଆ ନିରାକରଣ: ଶୀର୍ଷରେ ଭାରତ

ନୂଆଦିଲ୍ଲୀ:


## ଓଡ଼ିଶାର ପ୍ରଦର୍ଶନ ଖୁବ୍ ଭଲ



ମ୍ୟାଲେରିଆ ନିରାକରଣରେ ଭାରତ ଖୁବ୍ ଭଲ ପ୍ରଦର୍ଶନ କରିଛି। ୨୦୧୭ରେ ଭାରତ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ୨୪% ହ୍ରାସ ଘଟାଇ ୧୧ଟି ଦେଶ ମଧ୍ୟରେ ଶୀର୍ଷ ସ୍ଥାନରେ ରହିଛି। ୨୦୧୬ ତୁଳନାରେ ଭାରତର ପ୍ରଦର୍ଶନ ଖୁବ୍ ଭଲ ହୋଇପାରିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଏହାର ରିପୋର୍ଟରେ ପ୍ରକାଶ କରିଛି। ମ୍ୟାଲେରିଆ ରିପୋର୍ଟ ୨୦୧୮ ଅନୁଯାୟୀ, ଭାରତ ହେଉଛି ଏକମାତ୍ର ଦେଶ, ମ୍ୟାଲେରିଆ ନିରାକରଣ ଦିଗରେ ଯାହାର ପଦକ୍ଷେପ ସକାରାତ୍ମକ। ତେବେ ମ୍ୟାଲେରିଆ ଦୂରୀକରଣରେ ସବୁ ରାଜ୍ୟ ମଧ୍ୟରେ ଓଡ଼ିଶା ଖୁବ୍ ଭଲ ପ୍ରଦର୍ଶନ କରିଛି। ଉକ୍ତ ରିପୋର୍ଟରେ କୁହାଯାଇଛି, ୨୦୧୭ (ଜାନୁୟାରୀ -ସେପ୍ଟେମ୍ବର)ରେ ୩,୨୩,୮୦୦ ଜଣ ମ୍ୟାଲେରିଆରେ ପୀଡ଼ିତ ହୋଇଥିବା ବେଳେ ୨୦୧୮ରେ ସେହି ସମୟ ମଧ୍ୟରେ ପୀଡ଼ିତଙ୍କ ସଂଖ୍ୟା ୫୫,୩୬୫କୁ ଖସିଆସିଛି। ସ୍ୱାସ୍ଥ୍ୟକର୍ମୀଙ୍କ କୁଶଳତା, ମ୍ୟାଲେରିଆ ଲକ୍ଷଣ ଚିହ୍ନଟ ଓ ଚିକିତ୍ସାରେ ସକ୍ରିୟ କାର୍ଯ୍ୟକ୍ରମ ଏବଂ ତଥ୍ୟ ସଂଗ୍ରହରେ ବଳିଷ୍ଠ ପଦକ୍ଷେପ ଯୋଗୁ ଓଡ଼ିଶା ଏହି ରୋଗ ଦୂର କରିବାରେ ସମର୍ଥ ହୋଇପାରିଛି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ, ବିଶ୍ୱର ୧୧ଟି ଦେଶରେ ୭୦% ମ୍ୟାଲେରିଆ ରୋଗୀ ଅଛନ୍ତି। ସେହିସବୁ ଦେଶଗୁଡ଼ିକ ମଧ୍ୟରେ ଆଫ୍ରିକାର ୧୦ଟି ଦେଶ ବୁରକିନା ଫାସୋ, କାମେରୁନ୍, ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ, ଘାନା, ମାଲି, ମୋଜାମ୍ବିକ୍, ନାଇଜର, ନାଇଜେରିଆ, ଉଗାଣ୍ଡା ଓ ୟୁନାଇଟେଡ ରିପବ୍ଲିକ୍ ଅଫ୍ ଟାଞ୍ଜାନିଆ ରହିଛି। ତନ୍ମଧ୍ୟରେ ଏସିଆ ମହାଦେଶର ଭାରତ ଅନ୍ୟତମ। ୨୦୧୭ରେ ଏହିସବୁ ଦେଶରେ ୧୫୧ ନିୟୁତ ମ୍ୟାଲେରିଆ ରୋଗୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ୨,୭୪,୦୦୦ ରୋଗୀଙ୍କ ମୃତ୍ୟୁ ଘଟିଥିଲା।

ଏ କ୍ଷେତ୍ରରେ ଚାଇନା ଏବଂ ସାଲ୍‌ଭାଡର ହେଉଛି ଦୁଇଟି ଦେଶ ଯେଉଁଠାରେ ୨୦୧୭ରେ ଆଦୌ ମ୍ୟାଲେରିଆ ପ୍ରାଦୁର୍ଭାବ ଦେଖାଯାଇ ନାହିଁ। ତେବେ ଦୀର୍ଘ ୪୫ବର୍ଷ ପରେ ୨୦୧୮ରେ ପାରାଗୁଏ ମ୍ୟାଲେରିଆମୁକ୍ତ ହୋଇପାରିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୁହାଯାଇଛି।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

ରାଜ୍ୟ–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୦ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୪ | ୧୭.୭ |
| ଚାନ୍ଦବାଲି | ୩୦.୮ | ୧୯.୮ |
| କଟକ | ୩୧.୬ | ୧୯.୫ |
| ପାରାଦ୍ୱୀପ | ୩୦.୩ | ୨୦.୯ |
| ଭୁବନେଶ୍ୱର | ୩୨.୬ | ୨୦.୩ |
| ଗୋପାଳପୁର | ୩୨.୮ | ୨୨.୨ |
| ପୁରୀ | ୩୧.୨ | ୨୨.୦ |
| ଅନୁଗୋଳ | ୩୧.୭ | ୧୬.୦ |
| ବାରିପଦା | ୨୯.୫ | ୧୮.୦ |
| ଝାରସୁଗୁଡ଼ା | ୩୨.୮ | ୧୭.୫ |
| କେନ୍ଦୁଝର | ୨୯.୭ | ୧୭.୦ |
| ସମ୍ବଲପୁର | ୩୩.୮ | ୧୮.୧ |
| ସୁନ୍ଦରଗଡ଼ | ୩୩.୦ | ୧୬.୦ |
| ହୀରାକୁଦ | ୩୨.୩ | ୧୭.୮ |
| ତାଳଚେର | ୩୪.୪ | ୧୮.୦ |
| ଭବାନୀପାଟଣା | ୩୩.୫ | ୧୭.୫ |
| ବଲାଙ୍ଗୀର | ୩୩.୫ | ୧୮.୦ |
| କୋରାପୁଟ | --- | ୧୬.୬ |
| ଫୁଲବାଣୀ | ୩୧.୬ | ୧୨.୮ |
| ଟିଟିଲାଗଡ଼ | --- | ୧୭.୦ |
| ମାଲକାନଗିରି | ୩୫.୫ | --- |
| ସୋନପୁର | ୩୨.୬ | ୧୬.୮ |
| ଦାରିଙ୍ଗିବାଡ଼ି | ୨୯.୫ | ୧୨.୪ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ବିବାହକୁ ଶୁଭେଚ୍ଛୁ ଅପେକ୍ଷା କରନ୍ତୁ



ଆଲିଆ ଭଟ୍ଟ

**ମୁମ୍ବାଇ:** ମୋ ବିବାହ ଦେଖିବାକୁ ଶୁଭାକାଂକ୍ଷୀମାନେ ଏତେ ତରବର ନ ହୋଇ ଅପେକ୍ଷା କରନ୍ତୁ ବୋଲି ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ପ୍ରକାଶ କରିଛନ୍ତି। ୨୦୧୯ରେ ରଣବୀର କପୁରଙ୍କୁ ଆଲିଆ ବିବାହ କରୁଥିବା ରିପୋର୍ଟ ପ୍ରଚାର ହୋଇଛି। କିନ୍ତୁ ବିବାହ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ ବୋଲି ଅଭିନେତ୍ରୀ ସ୍ପଷ୍ଟ କରିଛନ୍ତି। ରବିବାର ଏଠାରେ ଲକ୍ସ ଗୋଲ୍‌ଡେନ୍ ରୋଜ୍ ଆୱାର୍ଡସ ୨୦୧୮ ଅବସରରେ ଖବରଦାତାଙ୍କ ସହିତ ଆଲୋଚନା ବେଳେ ଆଲିଆ କହିଲେ, ଶୁଭେଚ୍ଛୁ ଓ ପ୍ରଶଂସକମାନେ ମୋର ବିବାହ ଖବର ଶୁଣିବାକୁ ବେଶ୍ ଉତ୍ସୁକ। ତେବେ ଏଥିପାଇଁ ସେମାନଙ୍କୁ ଅପେକ୍ଷା କରିବାକୁ ପଡ଼ିବ। ଲୋକମାନେ ଖୁବ୍‌ଶୀଘ୍ର ଭଲ ଖବର ପାଇବେ ଏବଂ ଏହାର ପରିଣତି ମଧ୍ୟ ଉତ୍ତମ।

ଚଳିତ ବର୍ଷ ପ୍ରାରମ୍ଭରେ ସୋନମ କପୁର ଏବଂ ଆନନ୍ଦ ଆହୁଜାଙ୍କ ବିବାହ ରିସେପ୍‌ଶନ ସମୟରେ ଆଲିଆ ଓ ରଣବୀର ହାତକୁ ହାତ ଧରାଧରି ହୋଇ ଚାଲୁଥିବାବେଳେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଯେ ଗଢ଼ିଉଠିଲାଣି ଏ କଥା କାହାକୁ ଅଛପା ରହିଲା ନାହିଁ। 'ବ୍ରହ୍ମାସ୍ତ୍ର'ରେ ମଧ୍ୟ ଦୁହିଁଙ୍କୁ ଏକତ୍ର ଦେଖିବାକୁ ମିଳିବ। ଯୋଧପୁରରେ ପ୍ରିୟଙ୍କା ଚୋପ୍ରା ଏବଂ ନିକ୍ ଜୋନ୍‌ସଙ୍କ ବିବାହ ଆୟୋଜନ ଉପରେ ମତ ଦେଇ ଆଲିଆ କହିଲେ, ପ୍ରିୟଙ୍କା ଚୋପ୍ରା ବିବାହ କରିବାକୁ ଯାଉଥିବାରୁ ମୁଁ ଖୁବ୍ ଖୁସି ଏବଂ ଉତ୍ସାହିତ। ମୁଁ ତାଙ୍କୁ ଖୁବ୍ ଭଲପାଏ ଏବଂ ଆଶା କରୁଛି ତାଙ୍କ ବିବାହ ଖୁବ୍ ସୁନ୍ଦର ହେବ।



ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ନାଲ୍କୋ କର୍ମଚାରୀ ଓ ଅନ୍ୟମାନେ।

# ୧୫୬ ପରୀକ୍ଷାର୍ଥୀ ଦେଲେ ମେଧାବୃତ୍ତି ପରୀକ୍ଷା

**କୁନ୍ଦୁରା,୧୯।୧୧(ଡି.ଏନ୍.ଏ.):**

କୁନ୍ଦୁରା ବ୍ଲକ୍ ଉପଖଣ୍ଡସ୍ଥିତ ଶ୍ରୀ ଅରବିନ୍ଦ ଶିକ୍ଷା ନିକେତନଠାରେ ସୋମବାର ବ୍ଲକ୍‌ସ୍ତରୀୟ ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ଶେଷ ହୋଇଛି। ଏଥିରେ ଡଙ୍ଗରପାଉଁଶୀ, ଦିଗାପୁର, କେରିମିଟି, ଲଛନଗୁଡ଼ା, କାଉଡିଆଗୁଡ଼ା, ଉଦଲଗୁଡ଼ା, କୁନ୍ଦୁରା ଅଞ୍ଚଳର ୧୫୬ ଛାତ୍ରୀଛାତ୍ର ଭାଗନେଇଥିଲେ। ପଞ୍ଜୀକୃତ ୧୬୧ ଜଣଙ୍କ ମଧ୍ୟରୁ ୫ ଅନୁପସ୍ଥିତ ଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନବୀନ ଚନ୍ଦ୍ର ପ୍ରଧାନ , ରତିକାନ୍ତ ଦାଶ, ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ, ସୁଧାମଣି ଭୂପତି, ବନିତା ଶତପଥୀ, ମଧୁସ୍ମିତା ପାଇଯୋଶୀ, ସବିତା ସୋଡ଼ି, ଅସୀମା ତ୍ରିପାଠୀ ପ୍ରମୁଖ ପରୀକ୍ଷ ପରିଚାଳନା କରିଥିଲେ।



ମେଧାବୃତ୍ତି ପରୀକ୍ଷା ଦେଉଛନ୍ତି ଛାତ୍ରୀଛାତ୍ର।

# ଦେଶ ଏକତା, ଅଖଣ୍ଡତାର ପ୍ରତୀକ ଥିଲେ ଇନ୍ଦିରା

**ଦାମନଯୋଡ଼ି, ୧୯।୧୧(ଡି.ଏନ୍.ଏ.):**

ନାଲ୍କୋ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରାଗାନ୍ଧୀଙ୍କ ୧୦୧ତମ ଜୟନ୍ତୀ ପାଳିତ ହୋଇଛି । ସୋମବାର ସକାଳେ ନାଲ୍କୋ ଟାଉନଶିପ ମୁଖ୍ୟଫାଟକ ନିକଟସ୍ଥ ପ୍ରିୟଦର୍ଶନୀ ପାର୍କରେ ନାଲ୍କୋର ବରିଷ୍ଠ ଅଧିକାରୀ, କର୍ମଚାରୀ, ବୁଦ୍ଧିଜୀବୀ ଓ ସାଧାରଣ ଜନତା ଯୋଗଦେଇ ଇନ୍ଦିରାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ ସହ ସ୍ମୃତିଚାରଣ କରିଥିଲେ। ନାଲ୍କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ମହାନ୍ତି ଏଥିରେ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ।

ଏଠାରେ ନାଲ୍କୋ ପ୍ରତିଷ୍ଠା ପାଇଁ ଇନ୍ଦିରା ଗାନ୍ଧୀ ୧୯୮୧ ମସିହାରେ ଭୂମିପୂଜା କରିଥିବା ପ୍ରକାଶ କରି ତାଙ୍କର ବୈଦେଶିକ ନୀତି, ଆର୍ଥିକ ସଂସ୍କାର ତଥା ଦେଶର ଏକତା ଓ ଅଖଣ୍ଡତା ପାଇଁ ଥିବା ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମହାପ୍ରବନ୍ଧକ ରାଜୀବ କୁମାର ମିଶ୍ର, ସରାନନ୍ଦ ଚୌଧୁରୀ, ରବିଶଙ୍କର ଦାସ, ପ୍ରଶାନ୍ତ ଷଡ଼ଙ୍ଗୀ, ରାମଚନ୍ଦ୍ର ତ୍ରିପାଠୀ, ସୁଶିଲ କୁମାର ପାଢି ଓ ଭାରପ୍ରାପ୍ତ ମହାପ୍ରବନ୍ଧକ ଉମେଶ ଚନ୍ଦ୍ର ଯୋଗୀଙ୍କ ସହ ଡିଜିଏମ୍ ମହେଶ୍ୱର ସାହୁ, ଏଜିଏମ ସୂର୍ଯ୍ୟନାରାୟଣ ନାୟକ, କନିଷ୍ଠ ପ୍ରବନ୍ଧକ କେ. ରାଜେନ୍ଦ୍ର କୁମାର ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ପଞ୍ଚପଟ୍ଟମାଳୀ ବକ୍ସାଇଟ ଖଣି ଓ ପ୍ଲାଣ୍ଟର ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଗଠନ କର୍ମକର୍ତ୍ତା ଏସ୍‌କେ. ମହାରଣା, ସୁଜିତ ଜେନା, ହରିନାଥବାବା ପଟ୍ଟନାୟକ, ସୋମନାଥ ମହାପାତ୍ର, ଅଭିରାମ ରାଉତ, ସଞ୍ଜିବ ତ୍ରିପାଠୀ , ଗାନ୍ଧୀ ସାହୁ, ଏସ୍‌ଆର ମିଶ୍ର, ପ୍ରଶାନ୍ତ କୁମାର ପ୍ରଧାନ, ସୁରେନ୍ଦ୍ର କହଁର, ଡି ଧାରୁଆ, ଆର୍‌ଆର୍ ନାଏକ, ଲୋକନାଥ କୁଲଦୀପ, ସଜା କୁଲଦୀପ, ତନୁଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## Govt. of Odisha e-procurement Notice for online tender

**Bid Id- GMID-II/09/2018-19** No. 820-A

| | | |
|---|---|---|
| Name of the Work | : | Civil Construction Work |
| No. of Work | : | 11 (Eleven) |
| Estimated Cost | : | Varies from Rs. 81.50 Lakh to Rs. 27.30 Lakhs |
| Period of Completion | : | 4(Four) to 6(Six) Calendar months |
| Time for availability of bid for online bidding | : | From 26.11.2018 to 06.12.2018 upto 5.00 P.M. |
| Name and address of OIT | : | Executive Engineer, M.I. Divn, Ganjam-II, Berhampur |

Further details can be seen from the website : www.tendersorissa.gov.in

**Sd./- Er. M. R. Dash, Executive Engineer**
**M. I. Division Ganjam-II, Berhampur**

32043/11/0006/1819

## Sundargarh District Central Cooperative Bank Ltd., Sundargarh

Ph: (06622) 272022; 275050; 275022; Fax: (06622) 275122, Email: sngccbank@gmail.com
No. SDCCB/GAD/3916 Date: 19.11.2018

### INVITATION FOR EXPRESSION OF INTEREST FOR C.E.O.- SDCCB

Sundargarh District Central Cooperative Bank Ltd. invites Expression of Interest (EOI) in sealed cover from eligible candidates for appointment of chief Executive Officer (Secretary) of the Bank. The applicants should be below 62 years of age as on 01.12.2018 and should have:

a) Minimum eight years work experience in the middle / senior LEVEL or above in the Banking Sector. Senior / middle level for the purpose shall be taken above the third level (scale/cadre) onwards i.e. excluding the first two levels (scale/cadre) in the officer cadre or as the highest two levels below the level of CEO.

b) The applicants must have any of the following educational qualification:
   i. Graduate with CAIIB/DBF/Diploma in Cooperative Business Management (DCBM) or Higher Diploma in Cooperative Management (HDCM) with similar course duration of OCBM (Condensed HDCM not eligible); or
   ii. Chartered / Cost Accountants; or
   iii. Post Graduate in any discipline

The appointment shall be for a period of three years subject to satisfactory annual review of performance and may be extended upto 65 years. The CEO is expected to lead the Bank and guide the affiliated LAMPCS and other cooperative societies down below to accomplish the overall objectives of business planning, credit disbursement, recovery along with membership drive etc. He shall be **responsible to the President and MC of SDCCB** and shall be required to work in close liaison with the DRCS, Lead Bank Manager, District Administration, OSCB, RCS (O), NABARD / RBI & Cooperation Department.

**SALARY** for the right candidate shall not be a constraint. Apart from free residential accommodation and vehicle for official use, the minimum total monthly emoluments for the post shall be **above Rs. 1.25 lakh**.

The EOI may be submitted within **05.12.2018** mentioning "EOI for appointment of Chief Executive Officer (Secretary)" on the top cover to **The President, Sundargarh District Central Cooperative Bank Ltd., H.O., Sundargarh, At/PO/Dist.- Sundargarh, PIN- 770001**.

Applicants fulfilling the qualification criteria may be invited for interview by the Selection Committee as per decision of the MC, SDCCB, **President** of SDCCB or any of its designates reserves the right to cancel or modify this request for EOI and / or invite afresh with or without amendments, without liability or any obligation for such request for EOI and without assigning any reason.

*By the order of the President, MC. SDCCB*

**N.B.: For details visit our website: www.sdccbsng.com**

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧, ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: **12913** **ବିଜ୍ଞାପନ** ତା **15.11.18**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ ଡି.ଡି.ଏଲ୍.-୧୫୩ (D.D.L.-153) ଡୁମୁଡୁମା, ୧ମ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ (୧) ଶ୍ରୀମତୀ ମହେଶ୍ୱତା ଦାସ, ସ୍ୱା: ସ୍ୱର୍ଗତ ପ୍ରବୀଣ ଚନ୍ଦ୍ର ଦାସ, (୨) ଶ୍ରୀ ପୁନ୍ୟଶ୍ଳୋକ ଦାସ, ପିତା: ସ୍ୱର୍ଗତ ପ୍ରବୀଣ ଚନ୍ଦ୍ର ଦାସ, (୩) ପୁନ୍ୟତୋୟା ଦାସ, ପିତା: ସ୍ୱର୍ଗତ ପ୍ରବୀଣ କୁମାର ଦାସ, ସା/ପୋ: ଚତର ଚକଡ଼ା, ଥାନା: ଡେରାବିଶ, ଜି: କେନ୍ଦ୍ରାପଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ (୧) ଶ୍ରୀମତୀ ମହେଶ୍ୱତା ଦାସ, (୨) ଶ୍ରୀ ପୁନ୍ୟଶ୍ଳୋକ ଦାସ, (୩) ପୁନ୍ୟତୋୟା ଦାସ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ନାରାୟଣ ଚନ୍ଦ୍ର ଦାସ, ପିତା: ନରହରି ଦାସ, ସା/ପୋ: ଛୋଟି, ଥାନା: ନିକିରାଇ, ଜିଲ୍ଲା: କେନ୍ଦ୍ରାପଡ଼ାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହ/ଫ୍ଲାଟ/ଦୋକାନ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

**ସ୍ୱା./- ସହ ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

## ପ୍ରକଳ୍ପ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ପ୍ରକଳ୍ପ ପରିଚାଳନା ୟୁନିଟ-୧, ଓଡ଼ିଶା ଜଳ ଯୋଗାଣ ଓ ପରିମଳ ପରିଷଦ, ସମ୍ବଲପୁର

ଏତଦ୍ୱାରା ସମ୍ବଲପୁର ସହର ଓ ଆଖପାଖ ଅଞ୍ଚଳର ସର୍ବସାଧାରଣ, ବ୍ୟବସାୟ ପ୍ରତିଷ୍ଠାନ ଓ ପରିବହନ ସଂସ୍ଥାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଧନୁପାଲି ଛକଠାରୁ ସମ୍ବଲପୁର- ସୋନପୁର ରାଜ୍ୟପଥରେ ଭଟ୍ରା ପର୍ଯ୍ୟନ୍ତ ବାକିଥିବା ୧୬୦୦ ମି.ମି. ବ୍ୟାସ ବିଶିଷ୍ଟ ମୁଖ୍ୟ ସ୍ୱରେଜ କାର୍ଯ୍ୟ ୨୦.୧୧.୨୦୧୮ ଠାରୁ ପୁର୍ନ ଆରମ୍ଭ ହୋଇ ଆସନ୍ତା ୨୦.୦୨.୨୦୧୯ ପର୍ଯ୍ୟନ୍ତ ଚାଲୁ ରହିବାର ସମ୍ଭାବନା ଅଛି । ଏହି ସମୟ ସୀମା ମଧ୍ୟରେ ଉକ୍ତ ରାଜପଥ ଦେଇ ଧନୁପାଲି ଛକଠାରୁ ଧମା ଆଡକୁ ଗୁଣ୍ଡେରପୁର ମଧ୍ୟରେ ଭାରିଯାନ ଚଳାଚଳ ସମ୍ପୂର୍ଣ୍ଣ ନିଷେଧ ରହିବ । ଭାରିଯାନ ଗୁଡିକ ଧନୁପାଲି ଛକଠାରୁ ଗୁଣ୍ଡେରପୁର ମଧ୍ୟରେ ଜାତୀୟ ରାଜପଥରେ ମାନେଶ୍ୱର ଛକ ଦେଇ ଚଳାଚଳ କରିବ । ହାଲୁକା ଯାନ ଓ ଦୁଇ ଚକିଆ ଯାନ ଗୁଡିକ ସୋନପୁର ରାଜ୍ୟପଥରେ ଧନୁପାଲିଠାରୁ ଭଟ୍ରା ମଧ୍ୟରେ ସ୍ୱରେଜ କାମ ହେଉଥିବା ଅଞ୍ଚଳରେ ସତର୍କତାର ସହିତ ଚଳାଚଳ କରିବ । ଏଥିପାଇଁ ସମସ୍ତ ନାଗରୀକ ଓ ଅନ୍ୟାନ୍ୟ ମାନଙ୍କୁ ସହଯୋଗ କରିବା ପାଇଁ ନିବେଦନ କରାଯାଉଅଛି ।

ସ୍ୱା- ପ୍ରକଳ୍ପ ଯନ୍ତ୍ରୀ

## State Health Assurance Society, Odisha
## Department of Health & Family Welfare, Govt. of Odisha

**Bhubaneswar-751012, District-Khordha (Odisha)**
**Phone No.-0674-2560311, Email ID, snaodisha@gmail.com**

### Tender for Engagement of Third Party Administrator (TPA) under State Health Assurance Society

**Advt No. 11/2018** **Date:20.11.2018**

**No.585-E:-** Sealed tenders are invited from eligible bidders for Engagement of Third Party Administrator under SHAS. The tender document with all information relating to the tender process including tender document cost, EMD, eligibility criteria, scope of work, terms & conditions, evaluation criteria and formats of submission of tender may be downloaded from the website: www.nhmodisha.gov.in

A pre-bid meeting shall be held on 29.11.2018, 11.30 AM. Any amendment in the tender document due to decision in pre-bid meeting / extension of bid if any shall only be notified in the website mentioned above. The sealed tenders should reach the office of the undersigned by courier / registered post or may be dropped in the tender box, on or before 15.12.2018, 3:00 PM. The technical bid shall be opened on 15.12.2018, 03.30 PM, 17.12.2018, 03:30 PM and 18.12.2018, 03:30 PM for Central, Northern and Sothern division respectively.

The undersigned reserves the right to reject any or all the tenders or cancel the tender without assigning any reason thereof.

**Sd./-**
**Chief Executive Officer**

**10001/11/0039/1819**

## OFFICE OF THE PRINCIPAL BHIMA BHOI COLLEGE, RAIRAKHOL

**DIST- SAMBALPUR**
**URL: http://www.bhimabhoicollege.org, Email: bhimabhoicollegerrk@yahoo.co.in**

### QUOTATION CALL NOTICE

Authorized dealers having valid GSTIN, PAN are requested to send details through Post by 4 PM on 05.12.2018 for installation of metal neting CC TVs of reputed brand with megapixel cameras and accessories, adequate storage capacity for one month, power back up and Remote connectivity with CHSE, Bhubaneswar as per Govt. Specification in the college by December end.

The undersigned reserves the right to cancel the bid anytime without notice.

**Sd./- Principal**
**Bhima Bhoi College, Rairakhol**

## ZILLA SWASTHYA SAMITI, ANGUL

### NOTICE

**No. 2912** **Date 19.11.2018**

With Reference to the advertisement No- 2873/ Dtd. 15.11.2018 published in the daily Odiya News Papers i.e. in "The Samaja" & in "The Dharitri" on Dtd. 16.11.2018 & with reference to the Corrigendum published in the District Website i.e. in www.angul.nic.in vide No. 2903 Dtd. 16.11.2018 towards the walk-in-interview for the Post of Pharmacist under RBSK, Angul is hereby postponed to Dtd. 04.12.2018 at District Training Unit (DTU), District Head Quarter Hospital (DHH), Angul keeping all the other terms & conditions as such.

**Sd./-**
**CDM & PHO-cum-Dist. Mission Director**
**NHM, Angul**

## GOVERNMENT OF ODISHA OFFICE OF THE SUPERINTENDING ENGINEER CUM-ELECTRICAL INSPECTOR

No.11-AA

**(TESTING & CALIBRATION, STANDARD TESTING LABORATORY)**
**PLOT NO. GD-2/7, MAITRIVIHAR, BHUBANESWAR- 751 023**
Phone & Fax no. 0674-2300955, E-mail ID: deistl1-od@gov.in

### Government of Odisha "e-Procurement Notice"

**BID IDENTIFICATION NO: 05 /SE (T&C, STL) /2018-19, Dt. 19.11.2018**

| | | | |
|---|---|---|---|
| 1. | Name of the work | : | Supply, Installation, Testing & Commissioning of Electrical Testing Equipment for Standard Testing Laboratory, Bhubaneswar. |
| 2. | Estimated Cost of the Tender | : | Rs.47,41,950.00 |
| 3. | Period of completion | : | One month (30 days) |
| 4. | Date & time of availability of bid document in the portal | : | 26.11.2018 |
| 5. | Last date / Time for receipt of bids in the portal | : | 24.12.2018 |
| 6. | Name and address of the Officer Inviting Tender | : | Superintending Engineer (T&C, STL)-cum-Electrical Inspector, Bhubaneswar Plot No. GD-2/7, Maitrivihar, Bhubaneswar- 751 023. Phone & Fax No. 0674-2300955, E-mail ID: setl-od@gov.in, deistl1-od@gov.in. |

Further details can be seen from the e-procurement portal **httts://tendersodisha.gov.in**. Any amendment / cancellation / retenders, please refer to the above cited website.

Enclosure: - C.D.-1 No

**Superintending Engineer (T&C, STL)-cum-EI, Bhubaneswar**

04053/11/0001/1819

## OFFICE OF THE MUNICIPAL COUNCIL, BALANGIR

No. 4633/BM Dt.17.11.18

### CORRIGENDUM NOTICE

Due to some unavoidable administrative circumstances the tender call notice No.4506/Dt.08.11.2018 is hereby cancelled.

**Sd./- Executive Officer, Balangir Municipality**

## OFFICE OF THE NOTIFIED AREA COUNCIL, DHARAMGARH

**(Dt.)- Kalahandi, Ph. No.: 06672-242037, 242027,**
**E-mail: nacdharmagarh@gmail.com**

**No. 1716/DMH** **Dated 19.11.18**

### 1ST CORRIGENDUM NOTICE

The E-tender call notice vide lt. No. 1645/NAC (DHM), dt. 06.11.18 & bid identification No. DHARAMGARH/ NAC/ 01/ 2018-19 have partial modified. The column No. 05 has changed to exclude the GST amount from paper cost, column No. 06 has to allow class D & C contractor to participate in tender & the check list Sl. No. 08(A) omitted from the DTC. Hence the modified tender call notice has supersedes to the previous tender call notice invited vide lt. NO. 1645/NAC (DHM), dt. 06.11.18.

**Sd./-**
**Executive Officer**
**Dharamgarh NAC**

## DISTRICT RURAL DEVELOPMENT AGENCY, BALANGIR

**Notice Inviting Tender No. 4632/Date : 19.11.2018**

DRDA, Balangir invites Sealed Tenders in Double Covers (Technical & Financial) with Certain terms & conditions are invited from reputed & registered printing firm / agencies / Units for Supply of Display and affixing of Poster 'under Ama Gaon Ama Bikash & Flex Hoarding under Rural Housing Scheme, Last date for purchase / dowload of Tender documents is 30.11.2018 at 5.00 PM, last date for submission of Tender is 01.12.2018 upto 5.00 PM and Technical Bid will be opened on 03.12.2018 at 11.00 AM in the Conference Hall of District Rural Development Agency (DRDA), Balangir.

Detailed Tender documents either can be purchased from the office of Project Director, DRDA, Balangir, between 11.00 AM to 5.00 PM on any working days during the notice period or can be downloaded from district website www.balangir.nic.in

**Sd./- Collector & CEO, DRDA, Balangir**

## OFFICE OF THE EXECUTIVE ENGINEER R.W.S.S. DIVISION, SONEPUR

**Telephone No. 06654-220259, email : dwsm_snpr@nic.in**

**Govt. of Odisha e-Procurement Notice**
**Bid Identification No. 12/2018-19**

No.1032-O: The Executive Engineer RWS&S Division, Sonepur on behalf of Governor of Odisha invites Percentage bid through e-Procurement in single cover system according to norm of e-Procurement system in on-line mode for the work "CONST. of OHT, Pump house, laying of HDPE/ GI Pipe line etc. in different blocks under Subarnapur District.

| | | |
|---|---|---|
| 1. | Nature of Work | PWS Civil Works |
| 2. | No. of Tenders | 06 Nos |
| 3. | Tender Paper Cost | Rs. 6,000/- |
| 4. | Value of Work | Rs. 23.64 lakhs to Rs. 46.16 Lakhs |
| 5. | Class of Contractor | 'C' 'B' & 'A' |
| 6. | Date and time of availability of Bid documents in portal | 11.00 hours of dt. 05.12.18 to upto 17 hours of dt. 19.12.18 |
| 7. | Date and time of seeking tender clarification | Dt. 18.12.2018 |
| 8. | Date and time of Opening of Tender | Dt. 20.12.18 at 12.00 hour in the O/o E.E. RWS&S Division, Sonepur. |
| 9. | Time of Completion | 300 days |
| 10. | The bidders have to participate in online bidding only. Further details can be seen from the website https// www.tenderorissa.gov.in | |
| 11. | Corrigendum if any shall only be published in the above website. | |

**Sd./- Executive Engineer**
**RWSS Division, Sonepur**

25054/11/0003/1819

## ଆଗ୍ରହୀ କ୍ଷାରୀପାଣି ମାଛ ଓ ଚିଙ୍ଗୁଡି ଚାଷୀ, ମତ୍ସ୍ୟ ଉଦ୍ୟୋଗୀ ଓ ମତ୍ସ୍ୟଜୀବୀଙ୍କ ପାଇଁ ବିଶେଷ ସୂଚନା

**No.45-M:-** ଚଳିତ ବର୍ଷ ବିଭିନ୍ନ ଯୋଜନା ଯଥା:- ନୀଳ ବିପ୍ଳବ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ମାଧ୍ୟମରେ କ୍ଷାରୀ ପାଣି ମାଛ ଓ ଚିଙ୍ଗୁଡ଼ି ଚାଷ ଏବଂ ଯାଆଁଳ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ଆଗ୍ରହୀ ଚାଷୀ/ ଉଦ୍ୟୋଗୀଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏହି ସମସ୍ତ ଯୋଜନା ବିଷୟରେ ସୂଚନା ନିମ୍ନରେ ପ୍ରଦାନ କରାଗଲା।

**କ) ନୀଳବିପ୍ଳବ ଯୋଜନା**

୧) କ୍ଷାରୀପାଣି ଚିଙ୍ଗୁଡ଼ି ଚାଷ ନିମିତ୍ତ ପୋଖରୀ ଖନନ ପ୍ରକଳ୍ପର ଅଟକଳ ମୂଲ୍ୟ ଟ.୧୦.୦୦ ଲକ୍ଷ ଓ ସରକାରୀ ରିହାତି ସାଧାରଣ ବର୍ଗ ନିମନ୍ତେ ୪୦%, ତଫସିଲଭୁକ୍ତ ଜାତି ଓ ଜନଜାତି ଓ ମହିଳାବର୍ଗଙ୍କ ନିମନ୍ତେ ୬୦%।

୨) କ୍ଷାରୀପାଣି ମାଛଚାଷ (Sea Bass Culture) ନିମିତ୍ତ ନୂତନ ପୋଖରୀ ଖନନ ପ୍ରକଳ୍ପର ଅଟକଳ ମୂଲ୍ୟ ଟ.୯.୦୦ ଲକ୍ଷ ଓ ସରକାରୀ ରିହାତି ସାଧାରଣବର୍ଗ ନିମନ୍ତେ ୪୦%, ତଫସିଲଭୁକ୍ତ ଜାତି ଓ ଜନଜାତି ଓ ମହିଳାବର୍ଗଙ୍କ ନିମନ୍ତେ ୬୦%।

୩) ପାଞ୍ଚ ମିଲିଅନ ଯାଆଁଳ ଉତ୍ପାଦନ କ୍ଷମତା ବିଶିଷ୍ଟ କ୍ଷାରୀପାଣି ଚିଙ୍ଗୁଡ଼ି ଯାଆଁଳ ଉତ୍ପାଦନ କେନ୍ଦ୍ର (ହ୍ୟାଚେରୀ) ପ୍ରତିଷ୍ଠା ନିମନ୍ତେ ପ୍ରକଳ୍ପର ଅଟକଳ ମୂଲ୍ୟ ଟ.୫୦.୦୦ ଲକ୍ଷ ଓ ସରକାରୀ ରିହାତି ସାଧାରଣ ବର୍ଗ ନିମନ୍ତେ ୪୦%.

**ଖ) ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା**

କ୍ଷାରୀପାଣି ଚିଙ୍ଗୁଡ଼ି ଚାଷ ନିମନ୍ତେ ନୂତନ ପୋଖରୀ ଖନନ ପ୍ରକଳ୍ପର ଅଟକଳ ମୂଲ୍ୟ ଟ.୧୦.୦୦ ଲକ୍ଷ ଓ ସରକାରୀ ରିହାତି ସମସ୍ତ ବର୍ଗ ନିମନ୍ତେ ୫୦%. ଉପରୋକ୍ତ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ହିତାଧିକାରୀମାନେ ନିମ୍ନଲିଖିତ ବିଷୟଗୁଡ଼ିକ ପ୍ରତି ଧ୍ୟାନ ଦେଇ ଆବଶ୍ୟକୀୟ କାଗଜପତ୍ର ସହିତ ଆବେଦନ କରିପାରିବେ।

୧) ହିତାଧିକାରୀଙ୍କୁ ପ୍ରକଳ୍ପ ନିମନ୍ତେ ଜମିର ମୂଲ୍ୟ ଦିଆଯିବ ନାହିଁ। ସମ୍ପୃକ୍ତ ଜମିର ମାଲିକାନା ସ୍ୱତ୍ୱ ହିତାଧିକାରୀଙ୍କର ରହିଥିବା ଆବଶ୍ୟକ।

୨) ଧାର୍ଯ୍ୟ ରିହାତି ପ୍ରକଳ୍ପଟି ପୂର୍ଣ୍ଣାଙ୍ଗ ପରେ ଦିଆଯିବାର ବ୍ୟବସ୍ଥା ରହିଛି।

୩) ଏହି ସମସ୍ତ ପ୍ରକଳ୍ପ ଜଳକୃଷି ପ୍ରାଧିକରଣ ସଂସ୍ଥା (Coastal Aquaculture Authority) ଦ୍ୱାରା ପଞ୍ଜୀକୃତ ହେବା ବାଧ୍ୟତାମୂଳକ। ଏଣୁ ଆଗ୍ରହୀ ବ୍ୟକ୍ତି ଜିଲ୍ଲା ମତ୍ସ୍ୟ ଅଧିକାରୀ କିମ୍ବା ବ୍ଲକସ୍ତରୀୟ ସହକାରୀ ମତ୍ସ୍ୟ ଅଧିକାରୀଙ୍କ ଜରିଆରେ ଜାନୁଆରୀ ତା ୩୧ରିଖ ୨୦୧୯ ସୁଦ୍ଧା ଦରଖାସ୍ତ କରିବା ସହିତ ଏହାର ସବିଶେଷ ବିବରଣୀ ପାଇ ପାରିବେ।

**ସ୍ୱା./- ମତ୍ସ୍ୟ ନିର୍ଦ୍ଦେଶକ, ଓଡ଼ିଶା, କଟକ**

**ଆଗ୍ରହୀ କ୍ଷାରୀପାଣି ଭେନାମାଇ ଚୁଙ୍ଗୁଡ଼ି ଚାଷୀଙ୍କ ପାଇଁ ବିଶେଷ ସୂଚନା**

୧) କ୍ଷାରୀପାଣି ଭେନାମାଇ ଚିଙ୍ଗୁଡ଼ି ଚାଷ ପାଇଁ ଛଡ଼ାଯାଉଥିବା ଯାଆଁଳ ମୂଲ୍ୟ ଉପରେ ୨୫% ରିହାତି ସମସ୍ତ ବର୍ଗର ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ।

୨) ଜଣେ ଚିଙ୍ଗୁଡ଼ି ଚାଷୀ ସର୍ବାଧିକ ଏକ ହେକ୍ଟର ପରିମିତ ଚିଙ୍ଗୁଡ଼ି ପୋଖରୀ ଉପରେ ଛଅ ଲକ୍ଷ ପର୍ଯ୍ୟନ୍ତ ଯାଆଁଳ ଛାଡ଼ି ଯାଆଁଳ ମୂଲ୍ୟର ୨୫% ସର୍ବାଧିକ ଟ.୯୦,୦୦୦ (ନବେ ହଜାର ଟଙ୍କା) ପାଇ ପାରିବେ।

୩) ଜଳ କୃଷି ପ୍ରାଧିକରଣ ସଂସ୍ଥା (Coastal Aquaculture Authority) ଦ୍ୱାରା ପଞ୍ଜୀକୃତ ଯାଆଁଳ ଉତ୍ପାଦନ କେନ୍ଦ୍ର (Hatchery) ରୁ ଯାଆଁଳ ସଂଗ୍ରହ କରିବା ବାଧ୍ୟତାମୂଳକ।

୪) ଚିଙ୍ଗୁଡି ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ଜମି ଜଳ କୃଷି ପ୍ରାଧିକରଣ ସଂସ୍ଥା (Coastal Aquaculture Authority) ଦ୍ୱାରା ପଞ୍ଜୀକୃତ ହେବା ବାଧ୍ୟତାମୂଳକ ଅଟେ।

ଏଣୁ ଆଗ୍ରହୀ ବ୍ୟକ୍ତି ଜିଲ୍ଲା ମତ୍ସ୍ୟ ଅଧିକାରୀ କିମ୍ବା ବ୍ଲକସ୍ତରୀୟ ସହକାରୀ ମତ୍ସ୍ୟ ଅଧିକାରୀଙ୍କ ଜରିଆରେ ଜାନୁଆରୀ ତା୩୧ରିଖ ୨୦୧୯ ସୁଦ୍ଧା ଦରଖାସ୍ତ କରିବା ସହିତ ଏହାର ସବିଶେଷ ବିବରଣୀ ପାଇ ପାରିବେ।

**06015/11/0024/1819** **ସ୍ୱା./- ମତ୍ସ୍ୟ ନିର୍ଦ୍ଦେଶକ, ଓଡ଼ିଶା**

# ବିନା ଖର୍ଚ୍ଚରେ କରନ୍ତୁ ନେଲ୍‌ଆର୍ଟ ଡଟିଂ

- ଆଜିର ସମୟରେ କିଏ ନ ଚାହେଁ ଫ୍ୟାଶନ ସହ ଆଗକୁ ବଢ଼ିବା ପାଇଁ। ଖାସ୍‌କରି ମହିଳାମାନେ ଫ୍ୟାଶନ ଦେଖାଯିବାକୁ ହେଲେ କେତେ ଉପାୟ ଆପଣାଇଥାନ୍ତି। ସେଥିମଧ୍ୟରୁ ନେଲ୍‌ଆର୍ଟ ଡଟିଂ ଗୋଟିଏ। ଏଥିରେ ନଖଗୁଡ଼ିକୁ ଡିଜାଇନ୍ ସହ ତାକୁ ଆକର୍ଷକ ମଧ୍ୟ କରାଯାଇଥାଏ। ଏଥିପାଇଁ ମହିଳାମାନେ ସାଧାରଣତଃ ପାର୍ଲର ଯାଇଥାନ୍ତି କିମ୍ବା ଦାମୀ ଟୁଲ୍ସ କିଣିଥାନ୍ତି। କିନ୍ତୁ ଆଜି ଆମେ ଆପଣଙ୍କୁ ଏମିତି ଟୁଲ୍ସ ବିଷୟରେ ସୂଚନା ଦେବୁ, ଯାହା ଆପଣଙ୍କୁ ସହଜରେ ଘରେ ମିଳିଯିବ। ଆପଣ ଘରେ ଥାଇ ମଧ୍ୟ ନେଲ୍‌ଆର୍ଟ ଡଟିଂ କରିପାରିବେ। ଆସନ୍ତୁ ଜାଣିବା ଏହି ଟୁଲ୍ସ ବିଷୟରେ..




**ହେୟାର ପିନ୍:** ହେୟାର ପିନ୍ ଖୁବ୍ ସହଜରେ ଆପଣଙ୍କୁ ମିଳିଯିବ। ଏହା ସହାୟତାରେ ଆପଣ କମ୍ ସମୟରେ ନେଲଆର୍ଟ ଡଟିଂ କରିପାରିବେ। ହେୟାର ପିନ୍ ସାହାଯ୍ୟରେ ନଖ ଉପରେ ଡଟ୍ କରିବା ସହଜ ହୋଇଥାଏ।

**ପେଣ୍ଟ ବ୍ରଶ୍:** ଏହାର ବ୍ୟବହାର ଆପଣ ନେଲଆର୍ଟ ଡଟିଂରେ ମଧ୍ୟ କରିପାରିବେ। ପେଣ୍ଟ ବ୍ରଶ୍ ସାହାଯ୍ୟରେ ଖୁବ୍ ସହଜରେ ଛୋଟ ଓ ବଡ଼ ଡଟ୍ କରିପାରିବେ। ବ୍ରଶ୍‌କୁ ସଫା କରି ଅଲଗା ଅଲଗା ପେଣ୍ଟ ଡିଜାଇନ୍ କରିପାରିବେ।

**ବଲ୍‌ପେନ୍:** କୌଣସି ଦାମୀ ଟୁଲ୍ କିଣିବା ବଦଳରେ ଆପଣ ବଲ୍‌ପେନ୍‌ରେ ବି ନଖରେ ଡଟ୍ସ କରିପାରିବେ। ଏହା ମଧ୍ୟ ନେଲଆର୍ଟର ଏକ ସହଜ ଉପାୟ।

**ଦିଆସିଲି କାଠି:** ଦିଆସିଲି କାଠିରେ ନଖ ଉପରେ ଅଲଗା ଅଲଗା ଡିଜାଇନ୍ ଡଟ୍ସ କରିପାରିବେ। ଏଥିରେ ନେଲଆର୍ଟ ବି ସମସ୍ତଙ୍କ ନଜରରେ ପଡିବ।

**ସେଫ୍ଟିପିନ୍:** ସମସ୍ତଙ୍କ ଘରେ ଖୁବ୍ ସହଜରେ ସେଫ୍ଟିପିନ୍ ମିଳିଯିବ। ନେଲ ପେଣ୍ଟରେ ସେଫ୍ଟିପିନ୍‌କୁ ବୁଡାନ୍ତୁ ଆଉ ନଖ ଉପରେ ଶେପ୍ ଦିଅନ୍ତୁ। ଏହା ବହୁତ ଶସ୍ତା ଏବଂ ସହଜ ଉପାୟ, ଯାହା ଆପଣଙ୍କ ନଖକୁ ଖୁବ୍ ସୁନ୍ଦର କରିବ।



# ଶୀତଦିନେ ତ୍ୱଚାର ଘରୋଇ ଉପଚାର

ସାଧାରଣତଃ ଶୀତଦିନେ ତ୍ୱଚା ରୁକ୍ଷ ଲାଗିଥାଏ। ତ୍ୱଚାର ଚମକ ନଷ୍ଟ ହୋଇଥାଏ। ସୁନ୍ଦର ତ୍ୱଚା ପାଇଁ ଅନେକେ ବିୟୁଟିପାର୍ଲର ଦୌଡ଼ିବା ସହ ବହୁ ଟଙ୍କା ମଧ୍ୟ ଖର୍ଚ୍ଚ କରିଥାନ୍ତି। କିନ୍ତୁ ଫଳ ବିପରୀତ ହୋଇଥାଏ। ଏହା ସାମୟିକ ଭାବେ ତ୍ୱଚାରେ ଚମକ ଦେଉଥିଲେ ମଧ୍ୟ ପରେ ବହୁତ କ୍ଷତି କରିଥାଏ। ଏଥିରେ ଚମକ ଆଣିବା ପାଇଁ ଆସନ୍ତୁ ଜାଣିବା ତ୍ୱଚାର ଉପଚାର ବିଷୟରେ।



- ପାଚିଲା ଟମାଟୋକୁ ଗ୍ରାଇଣ୍ଡିଂ କରି ଏହାର ମଣ୍ଡକୁ ମୁହଁରେ ଲଗାନ୍ତୁ। ୧୦/୧୫ ମିନିଟ୍ ପରେ ଅଳ୍ପ ଉଷୁମ ପାଣିରେ ମୁହଁକୁ ଧୋଇ ସଫା କପଡ଼ାରେ ପୋଛିଦିଅନ୍ତୁ, ନିୟମିତ ଟମାଟୋ ଜୁସ୍ ସକାଳେ ପାନ କରନ୍ତୁ। ଏହି ପ୍ରକ୍ରିୟା ପ୍ରତିଦିନ କରନ୍ତୁ। ଏହା ତ୍ୱଚାରୁ ଅତିରିକ୍ତ ତେଲିଆ ଅଂଶ କମ୍ କରେ ଓ ମୃତ କୋଷିକାକୁ ବାହାର କରିବାରେ ସହାୟତା କରିଥାଏ। ଏହା ମୁଖ ବ୍ରଣ ସମସ୍ୟାକୁ ଦୂର କରିବା ସହିତ ମୁଖମଣ୍ଡଳର ଉଜ୍ଜ୍ୱଳତା ଆଣିଦିଏ।
- ଏକ ଚାମଚ ଟମାଟୋ ଜୁସ୍ ସହିତ ଅଳ୍ପ ଲେମ୍ବୁରସ ମିଶାଇ ତ୍ୱଚାକୁ ଧୋଇଲା ପରେ ଲେପ ଦିଅନ୍ତୁ। ୧୫/୨୦ ମିନିଟ୍ ପରେ ନଖଉଷୁମ ପାଣିରେ ଧୋଇଦିଅନ୍ତୁ। ଏହି ପ୍ରକ୍ରିୟା ସପ୍ତାହକୁ ୨/୩ ଥର କରନ୍ତୁ। ତ୍ୱଚା ପାଇଁ ଏହା ବ୍ଲିଚ୍ ପରି କାମ କରିଥାଏ। ତ୍ୱଚାର ଗୋରାପଣ ଆଣିଥାଏ।
- ଗୋଟିଏ ଟମାଟୋ ମଣ୍ଡରେ ୨ବଡ଼ ଚାମଚ ଚିନି ଭଲ ଭାବରେ ମିଶାଇ ତ୍ୱଚାରେ ଧୀରେ ଧୀରେ ୧୫ ମିନିଟ ଧରି ମାଲିସ୍ କରନ୍ତୁ। ୧୫ ମିନିଟ ପରେ ନଖଉଷୁମ ପାଣିରେ ଧୋଇ ପୁନର୍ବାର ଥଣ୍ଡାପାଣିରେ ଧୋଇଦିଅନ୍ତୁ। ଏହିପରି ସପ୍ତାହକୁ ୩ଥର କରନ୍ତୁ। ଏହା ତ୍ୱଚାର ମୃତ କୋଷିକାକୁ ସଫା କରିବା ସହିତ ତ୍ୱଚାକୁ ମୁଲାୟମ କରିଥାଏ।
- ଏକ ଚାମଚ ଟମାଟୋ ଜୁସ୍ ସହିତ ଦହି, ଓଟ୍‌ମିଲ୍ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରି ତ୍ୱଚାରେ ଲେପ ଦିଅନ୍ତୁ। ୨୦/୨୫ ମିନିଟ୍ ପରେ ଥଣ୍ଡାପାଣିରେ ଧୋଇଦିଅନ୍ତୁ। ଏହିପରି ସପ୍ତାହକୁ ୨/୩ ଥର କଲେ ତ୍ୱଚାରେ ଚମକ ଆସିଥାଏ।
- ୧/୨ଟା ଟମାଟୋ ମଣ୍ଡ ସହିତ ୧ ବଡ଼ ଚାମଚ ମହୁ ମିଶାଇ ତ୍ୱଚାରେ ଲେପ ଦିଅନ୍ତୁ, ପରେ ଥଣ୍ଡାପାଣିରେ ଧୋଇଦିଅନ୍ତୁ। ସପ୍ତାହକୁ ୩ଥର ଏହିପରି କରନ୍ତୁ। ଏହା ତ୍ୱଚାର ଆର୍ଦ୍ରତା ପ୍ରଦାନ କରିଥାଏ। ଶୀତଦିନେ ଶୁଷ୍କ ଓ କର୍କଶ ତ୍ୱଚାକୁ ଦୂର କରି ତ୍ୱଚାର କୋମଳତା ତଥା ସୌନ୍ଦର୍ଯ୍ୟ ବଜାୟ ରଖେ।
- ଏକ ଫାଳ ପାଚିଲା ଟମାଟୋ ସହିତ ୧/୪ କାକୁଡ଼ି ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରି ତ୍ୱଚାରେ ଲେପ ଦିଅନ୍ତୁ। ୧୫/୨୦ ମିନିଟ୍ ପରେ ଥଣ୍ଡାପାଣିରେ ଧୋଇଦିଅନ୍ତୁ। ଏହି ପେଷ୍ଟରେ ୧ ଚାମଚ ହଳଦୀ ଗୁଣ୍ଡ, ମହୁ କିମ୍ବା କମଳା ରସ ମିଶାଇ ପାରିବେ। ଏହିପରି ସପ୍ତାହରେ ୨/୩ ଥର କରନ୍ତୁ। ଏହା ଚର୍ମକୁ ଟାଇଟ୍ କରିବା ସହ ଆର୍ଦ୍ରତା ପ୍ରଦାନ କରିବା ସହିତ ଗୋରାପଣ ଆଣିଥାଏ। ମୁଖମଣ୍ଡଳରୁ ବ୍ରଣ ଦୂର କରିଥାଏ।
- ଗୋଟିଏ ଟମାଟୋକୁ ଗ୍ରାଇଣ୍ଡିଂ କରି ଏହାର ପେଷ୍ଟରେ ୧ ଚାମଚ ଚନ୍ଦନ ପାଉଡର ଏବଂ ଅଳ୍ପ ଲେମ୍ବୁରସ ମିଶାଇ ତ୍ୱଚାରେ ଲେପ ଦିଅନ୍ତୁ। ୧୫/୨୦ ମିନିଟ୍ ପରେ ଥଣ୍ଡାପାଣିରେ ଧୋଇଦିଅନ୍ତୁ। ସପ୍ତାହକୁ ୨/୩ ଥର ବ୍ୟବହାର କଲେ ତ୍ୱଚା ସଫା ହେବା ସହିତ ଉଜ୍ଜ୍ୱଳ ଦେଖାଦିଏ। ଏହାଦ୍ୱାରା ତ୍ୱଚା ମୁଲାୟମ ହୋଇଥାଏ।
- ଟମାଟୋ ଜୁସ୍ ଚାରି ଚାମଚ ସହିତ ୧ ଚାମଚ ଅଲିଭ୍ ଅଏଲ ମିଶାଇ ତ୍ୱଚାରେ ଲେପ ଦେଇ ୧୫/୨୦ ମିନିଟ୍ ପରେ ନଖଉଷୁମ ପାଣିରେ ଧୋଇଦିଅନ୍ତୁ। ତା'ପରେ ଥଣ୍ଡାପାଣିରେ ଧୋଇଦିଅନ୍ତୁ। ସପ୍ତାହରେ ୩ ଥର ଏହିପରି କରନ୍ତୁ, ତ୍ୱଚା ସଫା ହେବା ସହିତ ତ୍ୱଚାକୁ ଆର୍ଦ୍ରତା ପ୍ରଦାନ କରିଥାଏ। ତ୍ୱଚାର କୋମଳତା ବଜାୟ ରଖିଥାଏ।
- ଦୁଇ ଚାମଚ ଟମାଟୋ ଜୁସ୍ ସହିତ ୨ ଚାମଚ ଆଳୁରସ ମିଶାଇ ଏକ ମଣ୍ଡ ପ୍ରସ୍ତୁତ କରି ତ୍ୱଚାରେ ଲେପ ଦିଅନ୍ତୁ। ୧୫ ମିନିଟ ପରେ ଥଣ୍ଡାପାଣିରେ ଧୋଇଦିଅନ୍ତୁ। ଏହି ମଣ୍ଡରେ ମଧ୍ୟ ୧ ଚାମଚ ମହୁ ମିଶାଇପାରିବେ। ନିୟମିତ ଏପରି କଲେ ଶୁଖା ତ୍ୱଚାକୁ ଆର୍ଦ୍ରତା ରଖିବା ସହିତ କୋମଳତା ପ୍ରଦାନ କରିଥାଏ।
- ଗୋଟିଏ ଟମାଟୋକୁ ଗ୍ରାଇଣ୍ଡିଂ କରି ୧ ଚାମଚ ଚଣା ପାଉଡର, ଅଳ୍ପମାତ୍ରାରେ ହଳଦୀ ମିଶାଇ ଏକ ଉତ୍ତମ ମଣ୍ଡ ପ୍ରସ୍ତୁତ କରନ୍ତୁ। ଏହି ମଣ୍ଡକୁ ତ୍ୱଚାରେ ଲେପଦେଇ ୨୦/୨୫ ମିନିଟ୍ ପରେ ଥଣ୍ଡାପାଣିରେ ଧୀରେ ଧୀରେ ଘଷି ସଫା କରିଦିଅନ୍ତୁ। ଶୁଖିଲା ନରମ କପଡ଼ାରେ ମୁହଁ ପୋଛିଦିଅନ୍ତୁ। ଏହିପରି ସପ୍ତାହକୁ ୩ଥର କରନ୍ତୁ। ଏହା ତ୍ୱଚାରେ ଚମକ ଆଣିବା ସହିତ ଅଧିକ ତୈଳୀୟ ଅଂଶ ବାହାର କରିଦିଏ। ଏହା ଚେହେରାର କୁଞ୍ଚନକୁ ଦୂର କରିବା ସହିତ ଦାଗ, ଚିହ୍ନ ଦୂର କରିଥାଏ।
- ଟମାଟୋ ଜୁସ୍ ସହିତ ୨ ବଡ଼ ଚାମଚ ଅମୃତଭଣ୍ଡା ମଣ୍ଡ ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହି ମିଶ୍ରଣକୁ ତ୍ୱଚାରେ ଲେପ ଦିଅନ୍ତୁ। ୨୦/୨୫ ମିନିଟ ପରେ ନଖଉଷୁମ ପାଣିରେ ଧୋଇଦିଅନ୍ତୁ। ତା'ପରେ ଥଣ୍ଡାପାଣିରେ ଧୋଇଦିଅନ୍ତୁ। ଏହିପରି ସପ୍ତାହକୁ ୩/୪ ଥର କରନ୍ତୁ ତ୍ୱଚା ଗ୍ଲୋ କରିବା ସହିତ ଉଜ୍ଜ୍ୱଳ ଦେଖାଦେବ।
- ସମପରିମାଣ ଟମାଟୋ ମଣ୍ଡ, ନଡ଼ିଆ ତେଲ, ହଳଦୀ ଗୁଣ୍ଡ ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରି ଆଙ୍ଗୁଠି ସାହାଯ୍ୟରେ ଧୀରେ ଧୀରେ ୧୦ ମିନିଟ୍ ମାଲିସ କରନ୍ତୁ। ୧୫/୨୦ ମିନିଟ୍ ପରେ ନଖଉଷୁମ ପାଣିରେ ଧୋଇ ପରେ ଥଣ୍ଡାପାଣିରେ ଧୋଇଦିଅନ୍ତୁ। ଏହା ତ୍ୱଚାକୁ ମଶ୍ଚରାଇଜ୍ କରିବା ସହିତ ପ୍ରାକୃତିକ ସୁରକ୍ଷା ପ୍ରଦାନ କରିଥାଏ, ଯାହା ପଲ୍ୟୁଶନ ଓ ଶୀତ କାରଣରୁ ହେଉଥିବା ସମସ୍ୟାରୁ ରକ୍ଷା କରିଥାଏ।
- ୧/୨ କପ୍ ଟମାଟୋ ଜୁସ୍ ସହିତ କ୍ଷୀର ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରି ତ୍ୱଚାରେ ଲେପ ଦିଅନ୍ତୁ। ୧୫/୨୦ ମିନିଟ୍ ପରେ ଥଣ୍ଡାପାଣିରେ ଧୋଇଦିଅନ୍ତୁ। ପ୍ରତିଦିନ ଏପରି କରନ୍ତୁ। ଏହା ତ୍ୱଚାକୁ ମଶ୍ଚରାଇଜ୍ କରିବା ସହିତ କୋମଳତା ପ୍ରଦାନ କରିଥାଏ।

## ଡ୍ରାଏ ସ୍କିନ୍‌ର ଘରୋଇ ଉପଚାର

ଏବେ ଶୀତଦିନ । ଏହି ଋତୁରେ ଶରୀର ଏବଂ ତ୍ୱଚା ଶୁଖିଲା ଶୁଖିଲା ଲାଗିଥାଏ। ତ୍ୱଚାରୁ ଡ୍ରାଏନେସ୍ ଦୂର କରିବାକୁ ହେଲେ ମଶ୍ଚରାଇଜର ଏବଂ ଲୋଶନ ଅଧିକ ସମୟ ପର୍ଯ୍ୟନ୍ତ ରହି ନ ଥାଏ। ଏଥିପାଇଁ ଘରୋଇ ଉପଚାର ଆପଣାନ୍ତୁ, ଯାହା ଆପଣଙ୍କୁ ଡ୍ରାଏ ସ୍କିନ୍‌ରୁ ମୁକ୍ତି ଦେବ। ତେବେ ଆସନ୍ତୁ ଜାଣିବା ଘରୋଇ ଉପଚାର ସମ୍ପର୍କରେ...

**ଅଲିଭ୍ ଅଏଲ:** ତୁଳା ସାହାଯ୍ୟରେ ନିଜ ଡ୍ରାଏ ସ୍କିନ୍‌ରେ ଅଲିଭ୍ ଅଏଲ ଲଗାନ୍ତୁ। ପୁଣି ହାଲ୍‌କା ହାତରେ ମସାଜ୍ କରନ୍ତୁ। ପ୍ରତିଦିନ ଏପରି କଲେ ତ୍ୱଚା ନମନୀୟ ରହିଥାଏ।

**ନଡ଼ିଆ ତେଲ:** କଟନ ବଲ୍‌ବ ସାହାଯ୍ୟରେ ନଡ଼ିଆ ତେଲକୁ ନିଜ ଡ୍ରାଏ ସ୍କିନ୍‌ରେ ଲଗାନ୍ତୁ। ଏହାଦ୍ୱାରା ସ୍କିନ୍ ଉପରେ ଜମା ହୋଇଥିବା ତେଲର ବାଲାନ୍ସ ରହିବ, ଯାହା ସ୍କିନ୍‌କୁ ପ୍ରାକୃତିକ ଉପାୟରେ ହାଇଡ୍ରେଟ୍ କରିବ।

**ମହୁ ଓ କ୍ଷୀର:** ମହୁ ଓ କ୍ଷୀରକୁ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ପୁଣି ୧୦ ମିନିଟ୍ ପର୍ଯ୍ୟନ୍ତ ଏହି ମାସ୍କକୁ ଡ୍ରାଏ ସ୍କିନ୍‌ରେ ଲଗାଇବେ। ଏହାକୁ ଆପଣ ମୁହଁ ଏବଂ ହାତରେ ମଧ୍ୟ ଲଗାଇ ପାରିବେ। ଲଗାଇବାର ୧୦ ମିନିଟ୍ ପରେ ଏହାକୁ ଥଣ୍ଡାପାଣିରେ ଧୋଇଦିଅନ୍ତୁ। କିନ୍ତୁ ଭଲ ହେବ ଏହି ମାସ୍କକୁ ଆପଣ ଗାଧୋଇବା ପରେ ଉପଯୋଗ କରିବା।

**ଆଲୋଭେରା ଜେଲ୍:** ଫ୍ରେଶ୍ ଆଲୋଭେରା ଜେଲ ଡ୍ରାଏ ସ୍କିନ୍‌କୁ ହାଇଡ୍ରେଟ୍ କରିବାରେ ସହାୟକ ହେବ। ଏହାକୁ ପ୍ରତିଦିନ ଲଗାଇବା ଦ୍ୱାରା ଡ୍ରାଏନେସ୍ ଦୂର ହୋଇଯିବ। ଏହି ଜେଲ୍ ଆପଣଙ୍କୁ ଯେକୌଣସି କସ୍‌ମେଟିକ୍ ଶପ୍‌ରେ ମଧ୍ୟ ଖୁବ୍ ସହଜରେ ମିଳିଯିବ।




**-ପୀତାମ୍ବର କର**
*ମୁକୁନ୍ଦ ମିଶ୍ର ନଗର*
*ଗୋପୀନାଥପୁର, ପୁରୀ*

# ଗୃହିଣୀଙ୍କ ପାଇଁ

- ❖ରୋଷେଇ କରିବା ସମୟରେ ଯଦି ତରକାରୀ ପୋଡିଯାଇଛି ତେବେ ସେଥିରେ ଅଳ୍ପ ମାତ୍ରାରେ ଦହି ମିଶାଇ ଦିଅନ୍ତୁ। ଏହାଦ୍ୱାରା ପୋଡା ଗନ୍ଧ ଦୂର ହୋଇଯିବ।
- ❖ଗ୍ରେଭିକୁ ସ୍ୱାଦିଷ୍ଟ କରିବାକୁ ହେଲେ ପିଆଜ,ରସୁଣ,ଅଦା ଓ ଦୁଇରୁ -ଚାରିଟି ଭିଜା ପେସ୍ତା ବାଦାମକୁ ଗ୍ରାଇଣ୍ଡ କରି ଦିଅନ୍ତୁ । ଏପରି କରିବା ଦ୍ୱାରା ତରକାରୀ ଟେଷ୍ଟି ହେବ।
- ❖କୌଣସି ବି ଜିନିଷକୁ ଘିଅ କିମ୍ବା ତେଲରେ ଭାଜିବା ପୂର୍ବରୁ ସେଥିରେ କେଇ ବୁନ୍ଦା ସିର୍‌କା ପକାଇ ଦିଅନ୍ତୁ। ଦେଖିବେ ଡିଶ୍‌ର ସ୍ୱାଦ ବଢ଼ିବା ସହ ରଙ୍ଗ ବି ଭଲ ଆସିବ।
- ❖ରାଇତା ବାଢ଼ିବା ପୂର୍ବରୁ ସେଥିରେ ଅଳ୍ପ ଲୁଣ ମିଶାଇ ଦିଅନ୍ତୁ। ଏପରି କରିବା ଦ୍ୱାରା ରାଇତା ଖଟା ହେବନି।
- ❖ପନିପରିବା ଶିଝାଇବା ସମୟରେ ଅଳ୍ପ ପରିମାଣରେ ଲୁଣ ମିଶାନ୍ତୁ ଦେଖିବେ ଖାଦ୍ୟର ସ୍ୱାଦ ବଢ଼ି ଯାଇଥାଏ।
- ❖ଯଦି ଲେମ୍ବୁ ଆଚାର ଖରାପ୍ ହେବାକୁ ଯାଉଛି ସେଥିରେ ସିର୍‌କା ପକାଇ ଦିଅନ୍ତୁ। ଆଚାର ଫ୍ରେଶ ଲାଗିବ।
- ❖ଦହି ବରା ପ୍ରସ୍ତୁତ କରିବା ସମୟରେ ଆଣରେ ଅଳ୍ପ ଦହି ମିଶାଇ ତାକୁ ଭଲଭାବେ ଫେଣ୍ଟି ଦିଅନ୍ତୁ। ଏହି ଆଣରେ ପ୍ରସ୍ତୁତ ବରା ସ୍ୱାଦିଷ୍ଟ ହେବା ସହ ନରମ ମଧ୍ୟ ହୋଇଥାଏ।



# ଛୋଟପିଲାଙ୍କ ଡ୍ରେସ୍ କିଣିବା ସମୟରେ...

**ଛୋଟ ପିଲାଙ୍କ ଡ୍ରେସ କିଣିବା ସମୟରେ ନିମ୍ନଲିଖିତ ଟିପ୍ସ ଆପଣେଇ ପାରନ୍ତି।**

-ପିଲାଙ୍କ ଡ୍ରେସ ଯେବେ ବି କିଣୁଛନ୍ତି ସେତେବେଳେ ଟିକେ ବଡ ସାଇଜ୍‌ର କିଣନ୍ତୁ। କାହିଁକି ନା ପିଲା ଜଲ୍‌ଦି ବଢ଼ିଥାନ୍ତି। ଆପଣ ଆଣିଥିବା ଅତିକମ୍‌ରେ ୬ ମାସ ପର୍ଯ୍ୟନ୍ତ ପିନ୍ଧିପାରିବ।

-ଯେତେବେଳେ ବି କୌଣସି ଫାବ୍ରିକ୍ ଚୟନ କରୁଛନ୍ତି ତାହା ଋତୁ ଅନୁଯାୟୀ ପରଫେକ୍ଟ ହେବା ଦରକାର। ସବୁବେଳେ ଋତୁକୁ ଧ୍ୟାନରେ ରଖି ତାହା ତା' ପାଇଁ ଅନୁକୂଳ ହେବା ଆବଶ୍ୟକ। ଖରାଦିନେ ପିଲାକୁ ସୂତା କପଡାର ଡ୍ରେସ ପିନ୍ଧାନ୍ତୁ। ଶୀତଦିନରେ କପଡା ଗରମ, ନରମ ଏବଂ ଆରାମଦାୟକ ହେବା ଆବଶ୍ୟକ।

-କେତେଥର ଭାଇ ଭଉଣୀ କପଡା କିଣିବା ସମୟରେ ଏକାଭଳି ଡ୍ରେସ କିଣିଥାନ୍ତି। ଏହା ଜରୁରୀ ନୁହେଁ ଯେ ସେମାନଙ୍କ ଚଏସ୍ ଏକାଭଳି ହୋଇଥିବ, ଯାହା ଦୁଇଜଣଙ୍କୁ ସୁନ୍ଦର ଦେଖାଯିବ।

-ଡେଲିୱେର ଡ୍ରେସ୍ ସବୁବେଳେ ହାଲ୍‌କା ହେବା ଆବଶ୍ୟକ। ଯଦି ଆପଣ ପାର୍ଟିୱେର ଡ୍ରେସ କିଣୁଛନ୍ତି ତେବେ ତାହା କିଛି ଘଣ୍ଟା ପାଇଁ ପିନ୍ଧିବେ। ଆପଣ ସେଇଠି ଭଲ ଡିଜାଇନ୍ ଏବଂ ପ୍ୟାଟର୍ନକୁ ସେତେବେଳେ ଗୁରୁତ୍ୱ ଦେବେ।

-ପିଲାକୁ କେବେ ହେଲେ ଟାଇଟ୍ ଫିଟିଂ ଡ୍ରେସ ପିନ୍ଧାନ୍ତୁନି। ହୋଇପାରେ ଏହି ଡ୍ରେସରେ ପିଲା ସୁନ୍ଦର ଦେଖାଯାଇପାରେ। କିନ୍ତୁ ପିଲା ଯଦି ପିନ୍ଧି ତାକୁ କମ୍ଫର୍ଟେବଲ ଲାଗିଲାନି ତେବେ ତାହା କେବେ ସୁନ୍ଦର ଲାଗିବନି।



# କାଜୁ ପନିର

ଖାଦ୍ୟରୁଚି



**ଆବଶ୍ୟକ ସାମଗ୍ରୀ:**ପନିର ୨୦୦ଗ୍ରାମ୍, ଅଧା ଛୋଟ ଗିନା କାଜୁ ପେଷ୍ଟ, ଦୁଇଟି ପିଆଜ(ମୋଟା ଆକାରରେ କଟା ହୋଇଥିବ),ଏକ ଛୋଟ ଚାମଚ ଅଦା ଓ କଞ୍ଚାଲଙ୍କା ପେଷ୍ଟ, ଅଧା ଛୋଟ ଚାମଚ ରସୁଣ ପେଷ୍ଟ,ଏକ ବଡ଼ ଚାମଚ ଟମାଟୋ ପ୍ୟୁରି, ଏକ ଛୋଟ ଚାମଚ ହଳଦୀ,ଏକ ଛୋଟ ଚାମଚ ଧନିଆ ପାଉଡର, ଏକ ଛୋଟ କାଶ୍ମୀରୀ ମିର୍ଚ୍ଚ ପାଉଡର, ଏକ ବଡ଼ ଚାମଚ କ୍ରିମ୍,ଏକ ଛୋଟ ଚାମଚ ଜିରା, ଏକ ଛୋଟ ଚାମଚ ଗରମମସଲା, ଲୁଣ ସ୍ୱାଦ ଅନୁସାରେ,ଏକ ଛୋଟ ଚାମଚ ଧନିଆପତ୍ର, ଭଜା ହୋଇଥିବା କାଜୁ ୫-୬ଟି।

**ପ୍ରସ୍ତୁତି ପ୍ରଣାଳୀ**

କାଜୁ ପନିର କରିବାକୁ ହେଲେ ପ୍ରଥମେ ପନିରକୁ ଛୋଟ ଛୋଟ ଆକାରରେ କାଟିଦିଅନ୍ତୁ। ମିଡିୟମ୍ ଆଞ୍ଚରେ ତେଲ ଗରମ କରନ୍ତୁ। ତେଲ ଗରମ ହେଲା ପରେ କଟା ପିଆଜକୁ ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ଯେତେବେଳେ ପିଆଜ ଭାଜି ହୋଇଯିବ ତାକୁ ଏକ ପ୍ଲେଟ୍‌କୁ କାଢ଼ି ଥଣ୍ଡା ହେବାକୁ ଛାଡ଼ିଦିଅନ୍ତୁ। ପିଆଜ ଥଣ୍ଡା ହେଲା ପରେ ତାକୁ ଗ୍ରାଇଣ୍ଡିଂ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏବେ କରେଇରେ ଜିରା, ପିଆଜ ପେଷ୍ଟ, ଅଦା କଞ୍ଚାଲଙ୍କା ପେଷ୍ଟ ଓ ରସୁଣ ପେଷ୍ଟ ପକାଇ କଷନ୍ତୁ। ମସଲା କଷି ହୋଇଗଲା ପରେ ଟମାଟୋ ପ୍ୟୁରି ପକାନ୍ତୁ। ଟମାଟୋ ପ୍ୟୁରି ଭଲଭାବେ କଷି ହେଲା ପରେ ହଳଦୀ, ଧନିଆ ପାଉଡର, କାଶ୍ମୀରୀ ମିର୍ଚ୍ଚ ଗୁଣ୍ଡ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ମସଲା ଭଲଭାବେ କଷି ହୋଇଗଲା ପରେ ସେଥିରେ କ୍ରିମ୍, କାଜୁ ପେଷ୍ଟ, ଲୁଣ ପକାଇ ୨ରୁ ୩ ମିନିଟ୍ ପର୍ଯ୍ୟନ୍ତ ଘାଣ୍ଟନ୍ତୁ। ନିର୍ଦ୍ଦିଷ୍ଟ ସମୟ ପରେ ପାଣି ଦେଇ ତାକୁ କିଛି ସମୟ ଫୁଟିବାକୁ ଦିଅନ୍ତୁ। ଏହି ଗ୍ରେଭି ଫୁଟିବା ମାତ୍ରେ କଟା ପନିରକୁ ପକାଇ ୨ରୁ ୩ ମିନିଟ୍ ପର୍ଯ୍ୟନ୍ତ ଫୁଟାଇ ଚୁଲା ବନ୍ଦ କରିଦିଅନ୍ତୁ। ଆଞ୍ଚ ବନ୍ଦ କରିବା ମାତ୍ରେ ଗରମମସଲା ମିଶାନ୍ତୁ। ଏବେ ଆପଣଙ୍କ କାଜୁ ପନିର ପ୍ରସ୍ତୁତ ହୋଇଗଲା। ପରେ ସେଥିରେ କଟା ଧନିଆପତ୍ର ପକାଇ ତାକୁ ଗାର୍ନିସ କରିସାରିବା ପରେ ପରଷନ୍ତୁ।

## ସଂକ୍ଷେପରେ

### ଆସିବ ଇଣ୍ଡଷ୍ଟ୍ରିଆଲ ପାର୍କ ରେଟିଂ ସିଷ୍ଟମ

**ନୂଆଦିଲ୍ଲୀ,୧୯-୧୧:** ଦେଶରେ ସ୍ଥାପନ ହୋଇଥିବା ଇଣ୍ଡଷ୍ଟ୍ରିଆଲ ପାର୍କଗୁଡିକର ରେଟିଂ ବ୍ୟବସ୍ଥା କରାଯିବ। ପ୍ରତିଯୋଗିତାକୁ ପ୍ରୋତ୍ସାହିତ କରିବା ଏହାର ଉଦ୍ଦେଶ୍ୟ ବୋଲି ବାଣିଜ୍ୟ ମନ୍ତ୍ରୀ ସୁରେଶ ପ୍ରଭୁ ସୋମବାର କହିଛନ୍ତି। ୪ଟି ମୁଖ୍ୟ ବିନ୍ଦୁ ଯଥା ଆଭ୍ୟନ୍ତରୀଣ ଏବଂ ବାହ୍ୟ ଭିତ୍ତିଭୂମି, ଯୋଗାଯୋଗ, ପରିବେଶ, ସୁରକ୍ଷା ପରିଚାଳନା ଏବଂ ବ୍ୟବସାୟ ସହାୟତା ସେବା ଆଦିକୁ ବିଚାର କରି ରେଟିଂ ଦିଆଯିବ। ଏହାଦ୍ୱାରା ଭିତ୍ତିଭୂମି ନିର୍ମାଣରେ ବ୍ୟାପକ ଉନ୍ନତି ସମ୍ଭବ ହେବ ବୋଲି ସେ କହିଛନ୍ତି। ସୂଚନାଥାଉ କି, ଦେଶରେ ଏବେ ପ୍ରାୟ ୩୦୦୦ରୁ ଉର୍ଦ୍ଧ୍ୱ ଇଣ୍ଡଷ୍ଟ୍ରିଆଲ ପାର୍କ ରହିଛି। ନୂଆ ବ୍ୟବସ୍ଥାରେ ପ୍ରାୟ ୨୦୦ ଏଭଳି ପାର୍କରେ ଥିବା ଜଳ,ପରିମଳ ଓ ଟ୍ରିଟ୍‌ମେଣ୍ଟ ବ୍ୟବସ୍ଥା ସହ ବହୁବିଧ ବ୍ୟବସ୍ଥାର ଯାଞ୍ଚ କରାଯିବ। ଡିପାର୍ଟମେଣ୍ଟ ଅଫ ଇଣ୍ଡଷ୍ଟ୍ରିଆଲ ପଲିସି ଆଣ୍ଡ୍ ପ୍ରମୋଶନ(ଡିଆଇପିପି) ସଚିବ ରମେଶ ଅଭିଷେକ କହିଥିଲେ ଯେ, ଏଭଳି ବ୍ୟବସ୍ଥା ଦ୍ୱାରା ଦେଶରେ ଇଣ୍ଡଷ୍ଟ୍ରିଆଲ ପାର୍କ ସମ୍ପର୍କରେ ଏକ ଡାଟାବେସ୍ ତିଆରି ସମ୍ଭବ ହେବ।

### ୩୦୦୦ କିମି ପ୍ରାଚୀର ନିର୍ମାଣ କରିବ ରେଲୱେ




**ନୂଆଦିଲ୍ଲୀ,୧୯-୧୧:** ପଞ୍ଜାବର ଅମୃତସରରେ ଟ୍ରେନ ଦୁର୍ଘଟଣାରୁ ଶିକ୍ଷା ନେଇଛି ଭାରତୀୟ ରେଲୱେ। ଆବାସିକ ଅଞ୍ଚଳ ଦେଇ ଯାଇଥିବା ରେଳପଥରେ ପ୍ରାୟ ୩୦୦୦ କିମିର ପ୍ରାଚୀର ନିର୍ମାଣ କରାଯିବ ବୋଲି ରେଲୱେ ପକ୍ଷରୁ କୁହାଯାଇଛି। ଏଥିପାଇଁ ପ୍ରାୟ ୨୫୦୦ କୋଟି ଟଙ୍କା ବ୍ୟୟ ହେବ ବୋଲି ଆକଳନ କରାଯାଇଛି। ଆବାସିକ ଅଞ୍ଚଳ ଦେଇ ଯାଇଥିବା ରେଳଲାଇନ ସାଇଡ୍‌ରେ ୨.୭ ମିଟର ଉଚ୍ଚରେ ପ୍ରାଚୀର ନିର୍ମାଣ କରାଯିବ ବୋଲି ରେଲୱେ ବୋର୍ଡ ସଦସ୍ୟ(ଇଞ୍ଜିନିୟରିଂ) ବିଶ୍ୱେଷ ଚୌବେ କହିଛନ୍ତି। ଏହାଦ୍ୱାରା ଆବାସିକ ଅଞ୍ଚଳରେ ରେଳଧାରଣାରେ ଯାତାୟାତକୁ ରୋକାଯାଇପାରିବ। ଘଣ୍ଟାକୁ ୧୬୦କିମି ବେଗରେ ଟ୍ରେନ ଚଳାଚଳ ପାଇଁ ଅନୁମତି ଦେବା ପୂର୍ବରୁ ରେଲୱେ ସୁରକ୍ଷା କମିଶନ ରେଳଧାରଣାର ଉଭୟପଟେ ବାଡ ଦେବା ଅଥବା ପାଚେରି ନିର୍ମାଣ କରିବାକୁ କହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରେଳର ସ୍ପିଡ୍ ବଢ଼ାଇବାକୁ ଚାହୁଁଥିବାରୁ ବାଡ଼ ଦେବା ଅଥବା ପାଚେରି ନିର୍ମାଣ ଅବଶମ୍ଭାବୀ ହୋଇପଡିଛି।

### ଆର୍ଥିକ ଅନିୟମିତତା ଅଭିଯୋଗ
### ନିସାନ ମୋଟର୍ସ ଅଧ୍ୟକ୍ଷ ଗିରଫ



**ଟୋକିଓ,୧୯-୧୧:** ଆର୍ଥିକ ଅନିୟମିତତା ଅଭିଯୋଗରେ ନିସାନ ମୋଟର୍ସ କମ୍ପାନୀର ଅଧ୍ୟକ୍ଷ କାର୍ଲୋସ ଘୋଷନଙ୍କୁ ଏଠାରେ ଗିରଫ କରାଯାଇଛି ବୋଲି ସ୍ଥାନୀୟ ମିଡିଆରେ ରିପୋର୍ଟ ପ୍ରକାଶ ପାଇଛି। ୟୋମିୟୁରୀ ସମ୍ବାଦପତ୍ରର ରିପୋର୍ଟ ଅନୁଯାୟୀ ଘୋଷନ ନିସାନର ଅଧକ୍ଷ ହେବା ସହ ରେନୋ ଏସ୍‌ଏର ଚିଫ୍ ଏକ୍‌ଜିକ୍ୟୁଟିଭ ଅଫିସର ଦାୟିତ୍ୱରେ ରହିଛନ୍ତି। କମ୍ପାନୀ ପକ୍ଷରୁ ସୋମବାର ଏକ ବିବୃତି ଜାରି କରି କୁହାଯାଇଛି ଯେ, ଘୋଷନ ଏବଂ ଡାଇରେକ୍ଟର ଗ୍ରେଗ୍ କେଲିଙ୍କ ଦ୍ୱାରା ଆର୍ଥିକ ଅନିୟମିତତା ହୋଇଥିବା ନେଇ ଆଭ୍ୟନ୍ତରୀଣ ଯାଞ୍ଚ କରାଯାଉଛି। ଏଥିରୁ ଜଣାପଡିଛି ଯେ, ଉଭୟ ଘୋଷନ ଏବଂ କେଲି ମିଳୁଥିବା କ୍ଷତିପୂରଣ ସମ୍ପର୍କରେ ଷ୍ଟକ ଏକ୍ସଚେଞ୍ଜକୁ କମ୍ ଦର୍ଶାଉଥିଲେ। ଜାପାନ ସରକାରଙ୍କ ଆଇନ ମନ୍ତ୍ରଣାଳୟ ସହ ସହଯୋଗ କରାଯାଉଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ରେନୋ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇନି। ଏହି ସୂଚନା ପ୍ରକାଶ ପରେ ପ୍ୟାରିସ୍‌ରେ ନିସାନ କମ୍ପାନୀର ଶେୟାର ମୂଲ୍ୟ ୧୪% ହ୍ରାସ ପାଇଥିଲା।

> ବାଣିଜ୍ୟ କ୍ଷେତ୍ରରେ ବିଭିନ୍ନ ପ୍ରାସଙ୍ଗିକତାକୁ ଧ୍ୟାନରେ ରଖି ବିଶ୍ୱ ବାଣିଜ୍ୟ ସଙ୍ଗଠନ ଉଭୟ ନୂଆ ଏବଂ ପୁରୁଣା ପ୍ରସଙ୍ଗକୁ ଆଲୋଚନା ପରିସରଭୁକ୍ତ କରିବା ଆବଶ୍ୟକ।
> – ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ



> ଦେଶରେ ସ୍କୁଟରାଇଜେଶନ ଧାରାକୁ ଆଉପାଦେ ଆଗକୁ ନେବାରେ ହୋଣ୍ଡା ପରିବାର ଟାୟର ୨ଓ ୩ ସହରଗୁଡିକୁ ଅଗ୍ରାଧିକାର ଦେଉଛି।
> – ୟଦବିନ୍ଦର ସିଂ ଗୁଲେରିୟା, ହୋଣ୍ଡା ମୋଟର ସାଇକେଲ ଇଣ୍ଡିଆ, ବିକ୍ରି ଓ ମାର୍କେଟିଂ ଉପସଭାପତି



### ୯ ଘଣ୍ଟାର ମାରାଥନ ବୈଠକ
# ଶେଷରେ ନରମିଲା ରିଜର୍ଭ ବ୍ୟାଙ୍କ

**ନୂଆଦିଲ୍ଲୀ,୧୯-୧୧**

- ବଳକା ୯.୬୯ ଲକ୍ଷ କୋଟି ପ୍ରଦାନ ନେଇ ବିଶେଷଜ୍ଞ କମିଟି ଗଠନ ହେବ
- ଡିସେମ୍ବର ୧୪ରେ ପରବର୍ତ୍ତୀ ବୈଠକ
- ଆଲୋଚନା ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା




ଭାରତୀୟ ରିଜର୍ଭ ବ୍ୟାଙ୍କ ବୋର୍ଡର ବହୁ ପ୍ରତୀକ୍ଷିତ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ସକାଳ ୧୦ଟାରୁ ଆରମ୍ଭ ହୋଇଥିବା ଏହି ମାରାଥନ ବୈଠକ ଦୀର୍ଘ ୯ ଘଣ୍ଟା ଧରି ଚାଲିଥିଲା। ବ୍ୟାଙ୍କକୁ ପୁଞ୍ଜି ଉପଲବ୍ଧ କରାଇବା, ଏମ୍‌ଏସ୍‌ଏମ୍‌ଇଙ୍କ ଲାଗି ଋଣ ଯୋଗାଣ ନିୟମକୁ କୋହଳ କରିବା ଭଳି ଏକାଧିକ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ସହ ଥିବା ମତଭେଦକୁ କେନ୍ଦ୍ରୀୟ ବ୍ୟାଙ୍କ ଦୂର କରିଛନ୍ତି। ବସ୍ତୁତଃ ଆର୍‌ବିଆଇ ସରକାରଙ୍କ ଚାପ ଆଗରେ ମୁଣ୍ଡ ନୁଆଇ ଶେଷରେ ଆର୍‌ବିଆଇ ନରମ ମନୋଭାବ ପୋଷଣ କରିଛନ୍ତି।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ବୋର୍ଡ ବୈଠକରେ ପ୍ରାୟ ୫ ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଗଭର୍ନର ଉର୍ଜିତ ପଟେଲ ଓ ୪ ଜଣ ଡେପୁଟି ଗଭର୍ନର କେନ୍ଦ୍ର ସରକାରଙ୍କ ପ୍ରତିନିଧି ତଥା ଆର୍ଥିକ ବ୍ୟାପାର ସଚିବ ସୁଭାଷ ଚନ୍ଦ୍ର ଗର୍ଗ ଓ ଆର୍ଥିକ ସେବା ସଚିବ ରାଜୀବ କୁମାରଙ୍କ ସମେତ ସ୍ୱାଧୀନ ସଦସ୍ୟ ଏସ୍.ଗୁରୁମୂର୍ତ୍ତି ଓ ଅନ୍ୟମାନଙ୍କ ବିଭିନ୍ନ ଯୁକ୍ତିର ସମ୍ମୁଖୀନ ହୋଇଥିଲେ। ରିଜର୍ଭ ବ୍ୟାଙ୍କରେ ପଡି ରହିଥିବା ବଳକା ୯.୬୯ ଲକ୍ଷ କୋଟି ଟଙ୍କାକୁ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିବା ନେଇ ବିଶେଷଜ୍ଞ କମିଟି ଗଠନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସରକାରଙ୍କ ସହ କେନ୍ଦ୍ରୀୟ ବ୍ୟାଙ୍କର ମତଭେଦର ଏହା ମୁଖ୍ୟ କାରଣ ଥିଲା। ବ୍ୟାଙ୍କ ବୋର୍ଡର ପରବର୍ତ୍ତୀ ବୈଠକ ଡିସେମ୍ବର ୧୪ରେ ବସିବା ନେଇ ସ୍ଥିର ହୋଇଛି। ଆଲୋଚନା ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଭିତରେ ହୋଇଥିବା କୁହାଯାଉଛି। ବିଭିନ୍ନ ପ୍ରସଙ୍ଗରେ ଏକାଧିକ କମିଟି ଗଠନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ନଗଦ ସଙ୍କଟ ଦୂର କରିବା ନେଇ ଆର୍‌ବିଆଇ ପଦକ୍ଷେପ ନେବାକୁ ରାଜି ହୋଇଛି। ରିଜର୍ଭ ରେସିଓରେ ଥିବା ନିୟମକୁ କେନ୍ଦ୍ରୀୟ ବ୍ୟାଙ୍କ କୋହଳ କରିବ। କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡିକର ଋଣ ପୁନର୍ଗଠନକୁ ଆର୍‌ବିଆଇ ଅନୁମତି ଦେବ। ଏହାବାଦ୍ ପ୍ରମ୍ପଟ କରେକ୍ଟିଭ ଆକ୍ସନ(ପିସିଏ) ବା ତ୍ୱରିତ୍ ସୁଧାର ପଦକ୍ଷେପକୁ କୋହଳ କରାଯିବ। ଏହାଦ୍ୱାରା ୧୧ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏଥିରୁ ବାହାରି ଆସିପାରିବେ। ଏହାଦ୍ୱାରା ସେମାନଙ୍କୁ ଋଣ ପ୍ରଦାନ କରିବା ସହଜ ହେବ। ତେବେ ଏନବିଏଫ୍‌ସିଙ୍କ ପାଇଁ ସ୍ୱତନ୍ତ୍ର ଲିକ୍ୟୁଡିଟି ୱିଣ୍ଡୋ ଗଠନ କରାଯିବ ବୋଲି ଗଭର୍ନର ପ୍ରତିଶ୍ରୁତି ଦେଇଥିଲେ। ତେବେ ବ୍ୟାଙ୍କରେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପକୁ ନେଇ କେନ୍ଦ୍ରୀୟ ବ୍ୟାଙ୍କ ନିଜର ଅସନ୍ତୋଷ ଜାହିର କରିଥିଲେ। ଅନ୍ୟପକ୍ଷରେ ରିଜର୍ଭ ବ୍ୟାଙ୍କ ଗ୍ରହଣ କରୁଥିବା ଆର୍ଥିକ ନୀତି ସ୍ଥାୟୀ ନୁହେଁ ବୋଲି ଗଭର୍ନର ଉର୍ଜିତ ପଟେଲ ଓ ତାଙ୍କ ଟିମ୍ ବୈଠକରେ ସୂଚନା ଦେବା ପରେ ସରକାର ସମର୍ଥିତ ପକ୍ଷ ନରମ ପଡିଥିଲେ।

## 'ରାଡୋ' ଆଣିଲା ନୂଆ କଲେକ୍ସନ





**ଭୁବନେଶ୍ୱର,୧୯-୧୧**

ସ୍ୱିସ ୱାଚ୍ ବ୍ରାଣ୍ଡ 'ରାଡୋ' ବଜାରକୁ ନୂଆ ୨୦୧୮ ୱେଡିଂ କଲେକ୍ସନ ଆଣିଛି। ସ୍ଥାନୀୟ ଏସ୍‌ପ୍ଲାନେଡ୍ ୱାନ୍ ମଲ୍‌ସ୍ଥିତ କମଲ୍ ୱାଚ ଷ୍ଟୋରରେ ରାଡୋର ବ୍ରାଣ୍ଡ ଆମ୍ବାସାଡର ତଥା ଅଭିନେତ୍ରୀ ଲିସା ରାଏ ଏହାର ଉନ୍ମୋଚନ କରିଥିଲେ। ନୂଆ କଲେକ୍ସନରେ ରାଡୋର ପ୍ରମୁଖ ହାଇପର କ୍ରୋମ, ଡାଇ ମାଷ୍ଟର, ଟ୍ରୁ ଥିନଲାଇନ୍ ଭଳି ପ୍ରମୁଖ ବୈଶିଷ୍ଟ୍ୟ ରହିଛି। ଏହା ଲାଇଟ ଏବଂ ଡ୍ୟୁରେବଲ ସୁବିଧା ସହ ଆସୁଛି। ସେହିଭଳି ଆକର୍ଷଣୀୟ ଡିଜାଇନ ଗ୍ରାହକ ଏଥିରେ ଲାଭ କରିପାରିବେ। ନୂଆ କଲେକ୍ସନ ହାଇଟେକ୍ ସେରାମିକ ବେଲ୍ଟ ସହ ଆସୁଛି ଯାହା ସମ୍ପୂର୍ଣ୍ଣ ପ୍ୟାକେଜ୍ ଏବଂ ଆରାମର ପ୍ରତିଶ୍ରୁତି ପ୍ରଦାନ କରୁଛି। ନୂଆ କଲେକ୍ସନ ବଜାର ପ୍ରବେଶ କରାଇ ଖୁସି ବୋଲି ଲିସା କହିଛନ୍ତି। ଏହା ବିବାହ ସମେତ ବିଭିନ୍ନ ପର୍ବପର୍ବାଣିରେ ଷ୍ଟାଇଲର ଏକ ସ୍ୱରୂପ କାର୍ଯ୍ୟ କରିବ ବୋଲି ସେ କହିଛନ୍ତି। ନୂଆ କଲେକ୍ସନ ଶୁଭାରମ୍ଭ ଅବସରରେ କଲମୱାଚ୍ ପ୍ରାଇଭେଟ ଲିମିଟେଡର ସ୍ୱତ୍ୱାଧିକାରୀ ନୀରଜ ତୋଲତା ଉପସ୍ଥିତ ଥିଲେ।

### ଶିଳ୍ପ ଜଗତକୁ ଜେଟ୍‌ଲୀଙ୍କ ଭରସା
# ନିର୍ବାଚନ ଯୋଗୁ ଅଟକିବନି ଆର୍ଥିକ ନିଷ୍ପତ୍ତି

**ମୁମ୍ବାଇ,୧୯-୧୧**



ନିର୍ବାଚନ ବର୍ଷରେ ଦେଶରେ ଆର୍ଥିକ ନିଷ୍ପତ୍ତି ନିଆଯାଏ ନାହିଁ। ଚଳିତ ଥର ଏହା ହେବ ନାହିଁ। କେନ୍ଦ୍ର ସରକାର ଲୋକ ସଭା ନିର୍ବାଚନ ବର୍ଷରେ ସମସ୍ତ ପ୍ରକାର ଆର୍ଥିକ ନିଷ୍ପତ୍ତି ନେବା ଜାରି ରଖିବେ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ସ୍ପଷ୍ଟ କରିଛନ୍ତି। ଏଭଳି ମନ୍ତବ୍ୟ ଦେଇ ସେ ଉଦ୍ୟୋଗ ଜଗତ ସମେତ ସମସ୍ତ ମନ୍ତ୍ରଣାଳୟକୁ ଚେତାଇ ଦେବାକୁ ଚେଷ୍ଟା କରିଛନ୍ତି।

ଇକୋନୋମିକ ଟାଇମ୍ସ ଆୱାର୍ଡ୍ସ ଫର୍ କର୍ପୋରେଟ ଏକ୍ସିଲେନ୍ସ କାର୍ଯ୍ୟକ୍ରମରେ ଯୋଗ ଦେଇ ଜେଟ୍‌ଲୀ କହିଛନ୍ତି ଯେ, ନିଷ୍ପତ୍ତି ନେବାର କଳା ଜାଣିଥିବା ବ୍ୟକ୍ତିଙ୍କୁ ହିଁ ନେତା କୁହାଯାଏ। ନେତୃତ୍ୱ ନେବା ଏକ କଳା। ସହମତ ନ ହେଲେ ନିଷ୍ପତ୍ତି ସ୍ଥଗିତ ରଖାଯାଏ ନାହିଁ। ବିରୋଧାଭାସ ମଧ୍ୟରେ ଅର୍ଥନୀତି କିପରି ଆଗେଇ ଚାଲିଛି ତା'ର ଶକ୍ତି ପରୀକ୍ଷା କରାଯାଏ। ୨୦୧୯ରେ ରାଜନୈତିକ ଦଳଗୁଡିକ ନିର୍ବାଚନରେ ପଦାର୍ପଣ କରିବାକୁ ଯାଉଥିବା ବେଳେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ପାଇଁ ବିକାଶ ହିଁ ଏକମାତ୍ର ସ୍ଲୋଗାନ ହେବ ବୋଲି କହିଛନ୍ତି।

### ଜିଏସ୍‌ଟି ଟିକସ ଫାଙ୍କି
# ଇ-ୱେ ବିଲ୍‌କୁ ଫାଷ୍ଟଟାଗ୍ ସହ ଯୋଡାଯିବ

**ନୂଆଦିଲ୍ଲୀ,୧୯-୧୧**

କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଅଧୀନସ୍ଥ ରାଜସ୍ୱ ବିଭାଗ ପକ୍ଷରୁ ଇ-ୱେ ବିଲ୍‌କୁ ଭାରତୀୟ ରାଜପଥ ପ୍ରାଧିକରଣର ଫାଷ୍ଟଟାଗ ପ୍ରଣାଳୀ ଓ ଡିଏମ୍‌ଆଇସିଡିସିର ଲଜିଷ୍ଟିକ୍ସ ଡାଟା ବ୍ୟାଙ୍କ (ଏଲ୍‌ଡିବି) ସର୍ଭିସେସ୍ ସହ ଯୋଡିବାକୁ ଏକ ଯୋଜନା ପ୍ରସ୍ତୁତ କରାଯାଇଛି। ଏହାଦ୍ୱାରା ଜିଏସ୍‌ଟି ଫାଙ୍କିକୁ ରୋକିବା ସହିତ ମାଲ୍ ପରିବହନକୁ ଆହୁରି ସୁବିଧାଜନକ କରାଯିବ। ଅଧିକାରୀଙ୍କ କହିବାନୁଯାୟୀ ଏହି ଯୋଜନାକୁ ସାରା ଦେଶରେ ଲାଗୁ କରାଯାଇ ମାଲ୍ ପରିବହନକୁ ଦ୍ରୁତତର କରାଯିବ। ଏହାଦ୍ୱାରା ଏହି କ୍ଷେତ୍ରରେ ବ୍ୟବସାୟ ବୃଦ୍ଧି ପାଇବ। ବର୍ତ୍ତମାନ ଏହାକୁ ସ୍ୱତନ୍ତ୍ର ଏଜେନ୍ସିଦ୍ୱାରା କରାଯାଉଛି। ଏମାନଙ୍କ ମଧ୍ୟରେ ତାଳମେଳର ଅଭାବ ଯୋଗୁ ବ୍ୟବସାୟୀ ଟିକସ ଫାଙ୍କିବାକୁ ସୁବିଧା ପାଉଛନ୍ତି। ଏହାଦ୍ୱାରା ବ୍ୟବସାୟ ସୁଗମତା ପ୍ରଭାବିତ ହେଉଛି। ଫଳରେ କମ୍ପାନୀଙ୍କ ଲଜିଷ୍ଟିକ୍ ବାବଦ ଖର୍ଚ୍ଚ ବଢୁଛି। ଏହି ଯୋଜନା ପ୍ରସ୍ତୁତ ହୋଇସାରିଛି। ଏହା ଲାଗୁ ହେବା ପରେ ଜିଏସ୍‌ଟି ଫାଙ୍କିକୁ ଅନେକାଂଶରେ ରୋକାଯାଇପାରିବ। ସୂଚନାଥାଉ କି, ଚଳିତ ବର୍ଷ ଏପ୍ରିଲରୁ ଇ-ୱେ ବିଲ୍‌କୁ ସାରା ଦେଶରେ ପର୍ଯ୍ୟାୟକ୍ରମେ ଲାଗୁ କରାଯାଇଛି।

# ହିରୋ ମୋଟୋକର୍ପ ଅଧ୍ୟକ୍ଷଙ୍କୁ ଡକ୍ଟରେଟ୍




**ଭୁବନେଶ୍ୱର,୧୯-୧୧**

ହିରୋ ମୋଟୋକର୍ପ ଲିମିଟେଡର ଅଧ୍ୟକ୍ଷ,ଏମ୍‌ଡି ତଥା ସିଇଓ ପୱନ ମୁଞ୍ଜାଲଙ୍କୁ କୁରୁକ୍ଷେତ୍ର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ୧୬ତମ ସମାବର୍ତ୍ତନ ଉତ୍ସବରେ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କୁରୁକ୍ଷେତ୍ର ଏନ୍‌ଆଇଟିର ବୋର୍ଡ ଅଫ୍ ଗଭର୍ନର ଚେୟାରପର୍ସନ ଜଗଦା ଖଟ୍ଟାର ଏବଂ ନିର୍ଦ୍ଦେଶକ ସତୀଶ କୁମାର ଉକ୍ତ ମୁଞ୍ଜାଲଙ୍କୁ ସମ୍ମାନିତ କରିଥିଲେ। ସୂଚନାଯୋଗ୍ୟ, ଏନ୍‌ଆଇଟି କୁରୁକ୍ଷେତ୍ରରୁ ପୱନ ମୁଞ୍ଜାଲ ମେକାନିକାଲ ଇଞ୍ଜିନିୟରିଂରେ ୧୯୭୬ରେ ଡିଗ୍ରୀ ହାସଲ କରିଥିଲେ। ଆଧୁନିକ ଜ୍ଞାନ କୌଶଳ ସହାୟତାରେ ଏକ ନୂଆ ପୃଥିବୀ ନିର୍ମାଣ କରାଯାଇ ପାରିବ ବୋଲି ମୁଞ୍ଜାଲ ଏହି ଅବସରରେ ସୂଚନା ଦେଇଛନ୍ତି। ସେହିଭଳି ସାମାଜିକ ତଥା ଆର୍ଥିକ କ୍ଷେତ୍ରରେ ବିଶେଷ ଅବଦାନ ଲାଗି ମୁଞ୍ଜାଲ ବୈଷ୍ଣୋଦେବୀ ବିଶ୍ୱ ବିଦ୍ୟାଳୟରୁ ଡକ୍ଟର ଅଫ ସାଇନ୍ସ ସମ୍ମାନ ଲାଭ କରିଛନ୍ତି।

# ଜାମ୍‌ନଗର ପ୍ଲାଣ୍ଟର ସମ୍ପ୍ରସାରଣ କରିବ ରିଲାଏନ୍ସ

**ନୂଆଦିଲ୍ଲୀ,୧୯-୧୧**

ଦେଶର ସର୍ବବୃହତ ତୈଳ ରିଫାଇନେରୀ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ ଏହାର ଜାମନଗର ପ୍ଲାଣ୍ଟର ସମ୍ପ୍ରସାରଣ କରିବାକୁ ଯାଉଛି। ନିର୍ମାଣ ଶେଷ ପରେ ଏହି ପ୍ଲାଣ୍ଟର ବାର୍ଷିକ ରିଫାଇନିଂ କ୍ଷମତା ୩ କୋଟି ଟନ ହୋଇଯିବ। କମ୍ପାନୀ ତେଲ ଉପଭୋକ୍ତା ଦେଶଗୁଡିକ ମଧ୍ୟରେ ନିଜର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିବାକୁ ଚାହୁଁଛି। ଅନ୍ତଃରାଷ୍ଟ୍ରୀୟ ଶକ୍ତି ଏଜେନ୍ସିର ଆକଳନ ଅନୁଯାୟୀ ୨୦୪୦ ସୁଦ୍ଧା ଭାରତର ଇନ୍ଧନ ଚାହିଦା ଦୁଇଗୁଣାରୁ ଅଧିକ ହୋଇଯିବ। ରିଲାଏନ୍ସ ଏହି ପ୍ରକଳ୍ପରେ ପ୍ରାୟ ୧୦ ବିଲିୟନ ଡଲାର ଖର୍ଚ୍ଚ କରିବ। ୨୦୨୦ ସୁଦ୍ଧା ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯିବ। ଖୁବଶୀଘ୍ର ଏ ସମ୍ପର୍କରେ କମ୍ପାନୀ ନିଷ୍ପତ୍ତି ନେବ।

No. 55-N

ଓଡ଼ିଶା ସରକାର
ଉଚ୍ଚଶିକ୍ଷା ବିଭାଗ

ବ୍ୟାସକବି ଫକୀର ମୋହନ ଭାଷାବୃତ୍ତି ୨୦୧୮-୧୯ ପାଇଁ ଆବେଦନ ଓ ବୈଧିକରଣ ନିମନ୍ତେ ସମୟ ବୃଦ୍ଧି

ଏତଦ୍ୱାରା ରାଜ୍ୟର ସମସ୍ତ +୩ କଳା ଓଡ଼ିଆ (ସମ୍ମାନ) ଏବଂ ସ୍ନାତକୋତ୍ତର (ଓଡ଼ିଆ) ଛାତ୍ରଛାତ୍ରୀମାନଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଛି କି, 'ବ୍ୟାସକବି ଫକୀର ମୋହନ ଭାଷାବୃତ୍ତି' ପାଇଁ ଅନ୍‌ଲାଇନ ମାଧ୍ୟମରେ ସାନି ଦରଖାସ୍ତ କରିବାର ଶେଷ ସମୟ ସୀମା ତା୧୫।୧୨।୨୦୧୮ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ସମୟସୀମା ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ।

ତେଣୁ ଉପରୋକ୍ତ ସମୟ ସୀମା ମଧ୍ୟରେ ଇଚ୍ଛୁକ ଛାତ୍ରଛାତ୍ରୀ ଆବେଦନ କରିବା ସହ ଏହାର ସୁଯୋଗ ନେବାକୁ ଅନୁରୋଧ।

ସେହିପରି ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ମୁଖ୍ୟ / ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଜଣାଇ ଦିଆଯାଇଛି କି, ଏହି ବୃତ୍ତି ପାଇଁ ଛାତ୍ରଛାତ୍ରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନପତ୍ର ଓ ଦରକାରୀ ପ୍ରମାଣପତ୍ର ଯଥା: ମାର୍କସିଟ୍‌ର ନକଲ ଏବଂ ସଞ୍ଚୟ ବ୍ୟାଙ୍କ ଖାତା ସମ୍ବନ୍ଧୀୟ ସମସ୍ତ ତଥ୍ୟର ସଠିକତାକୁ ଯାଞ୍ଚ କରି ବୈଧିକରଣ କରିବେ।

ସମ୍ପୃକ୍ତ ଅନୁଷ୍ଠାନର ଅଧ୍ୟକ୍ଷ e-Spaceରେ ନିଜର User ID & Password ବ୍ୟବହାର କରି ଛାତ୍ରଛାତ୍ରୀଙ୍କ ତଥ୍ୟ ତା୩୧।୧୨।୨୦୧୮ରିଖ ସୁଦ୍ଧା ବୈଧିକରଣ କରିପାରିବେ।

**ବି.ଦ୍ର.:** ଅନ୍‌ଲାଇନ୍ ଦରଖାସ୍ତ ପୂରଣ କରିବାର ସବିଶେଷ ବିବରଣୀ / ନିୟମାବଳୀ www.dheodisha.gov.in/emedha/indexvkfm.aspxରେ ଛାତ୍ର ଏବଂ ଅନୁଷ୍ଠାନଙ୍କ ଅବଗତି ନିମନ୍ତେ ପ୍ରଦାନ କରାଯାଇଛି।

ସ୍ୱା./-
ଅତିରିକ୍ତ ଶାସନ ସଚିବ

11001/11/0046/1819

> ପ୍ରୋ ଭଲିବଲ ଲିଗ୍ ଆରମ୍ଭ ହେଲେ ଘରୋଇ ଖେଳାଳିମାନେ ବିଦେଶୀ ଖେଳାଳିଙ୍କ ସହ ଖେଳିବାର ସୁଯୋଗ ପାଇବେ ।
> –ମୋହନ ଉକ୍ରାପାଣ୍ଡିଆନ
> ଭାରତୀୟ ଭଲିବଲ୍ ଅଧିନାୟକ



> ଭାରତରେ ଫର୍ମୁଲା ୱାନ ଭଳି ବଡ଼ ମୋଟର ସ୍ପୋର୍ଟ୍ସ ଇଭେଣ୍ଟ ଆୟୋଜନ କରିବାର ସମୟ ଉପନୀତ ହୋଇଛି ।
> –ରଘୁପତି ସିଂଘାଣିଆ
> ଜେକେ ଟାୟାର ପରିଚାଳନା ନିର୍ଦ୍ଦେଶକ



## ସଂକ୍ଷେପରେ

### ବିଜୟ୍ ମର୍ଚ୍ଚାଣ୍ଟ ଟ୍ରଫି: ବିଜୟ୍ ଲକ୍ଷ୍ୟରେ ଓଡ଼ିଶା

**କଟକ ଅଫିସ,୧୯।୧୧:** ଅଗରତାଲାର ପୋଲିସ ଟ୍ରେନିଂ ଏକାଡେମୀ ଗ୍ରାଉଣ୍ଡରେ ଚାଲିଥିବା ୧୬ବର୍ଷରୁ କମ୍ ବିଜୟ୍ ମର୍ଚ୍ଚାଣ୍ଟ ଟ୍ରଫି ଓଡ଼ିଶା-ତ୍ରିପୁରା ମ୍ୟାଚର ଦ୍ୱିତୀୟ ଦିବସ ଖେଳ ଶେଷ ହୋଇଛି । ମ୍ୟାଚ୍‌ରେ ଓଡ଼ିଶା ପ୍ରଥମ ଇନିଂସ୍‌ରେ ଅଗ୍ରଣୀ ହାସଲ କରିବା ସହ ମଙ୍ଗଳବାର ତଥା ଅନ୍ତିମ ଦିବସରେ ବିଜୟୀ ହେବାର ଆଶା ରହିଛି । ତ୍ରିପୁରାର ପ୍ରଥମ ଇନିଂସ୍ ୧୨୮ରନ୍ ଜବାବରେ ଓଡ଼ିଶା ପ୍ରଥମ ଇନିଂସ୍‌ରେ ସମସ୍ତ ଉଇକେଟ ହରାଇ ୨୩୦ରନ୍ ସଂଗ୍ରହ କରିଛି । ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଓଡ଼ିଶା ୩ ଉଇକେଟ ହରାଇ ୯୧ରନ୍ କରିଥିଲା । ତେବେ ରବିବାର ୮ରନ୍‌ରେ ଅପରାଜିତ ଥିବା ବିଭାଂଶୁ ଦ୍ୱିତୀୟ ଦିବସରେ ୧୧୧ରନ୍‌ର ଶତକୀୟ ଇନିଂସ୍ ଖେଳି ଦଳକୁ ୨୦୦ରନ୍ ଅତିକ୍ରମ କରାଇଥିଲେ । ତ୍ରିପୁରା ପକ୍ଷରୁ ରାହୁଲ ଘୋଷ ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିଲେ । ଅନ୍ୟପକ୍ଷରେ ତ୍ରିପୁରା ଦ୍ୱିତୀୟ ଇନିଂସ୍ ବ୍ୟାଟିଂ ଆରମ୍ଭ କରି ୫ ଉଇକେଟ ବିନିମୟରେ ୬୧ରନ କରିଛି । ତ୍ରିପୁରା ୪୧ରନ୍‌ରେ ପଛୁଆ ରହିଛି । ଓଡ଼ିଶା ପକ୍ଷରୁ ସୂର୍ଯ୍ୟ ମହାପାତ୍ର, ରମେଶ ମେଲକା ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି । ମଙ୍ଗଳବାର ତ୍ରିପୁରାର ବଳକା ୫ ଉଇକେଟ ଖୁବଶୀଘ୍ର ଦଖଲ କରି ଓଡ଼ିଶା ବିଜୟ୍ ପଏଣ୍ଟ ହାତେଇବାକୁ ଚେଷ୍ଟା କରିବ ।

### ଧୋନୀଙ୍କ ସହ ମିଶି ସାକ୍ଷୀଙ୍କ ଜନ୍ମଦିନ ପାଳିଲେ ପାଣ୍ଡ୍ୟା



**ମୁମ୍ବାଇ, ୧୯।୧୧:** ଭାରତୀୟ୍ କ୍ରିକେଟ ଦଳର ବରିଷ୍ଠ ଖେଳାଳି ମହେନ୍ଦ୍ର ସିଂ ଧୋନୀ ଝିଅ ଜିଭା ସହ ମିଶି ସ୍ତ୍ରୀ ସାକ୍ଷୀଙ୍କ ୨୯ତମ ଜନ୍ମଦିନକୁ ରବିବାର ରାତିରେ ସ୍ଥାନୀୟ୍ ଏକ ହୋଟେଲରେ ଧୁମ୍‌ଧାମରେ ପାଳନ କରିଛନ୍ତି। ସାକ୍ଷୀଙ୍କ ଏହି ଜନ୍ମଦିନ ପାର୍ଟିରେ ଭାରତୀୟ୍ କ୍ରିକେଟ ଦଳର ଏକମାତ୍ର ସଦସ୍ୟଭାବେ ଷ୍ଟାର୍ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଯୋଗ ଦେଇଥିଲେ। ଭାରତୀୟ୍ ଦଳ ବର୍ତ୍ତମାନ ପୂର୍ଣ୍ଣକାଳୀନ ଦ୍ୱିପାକ୍ଷିକ ସିରିଜ ଖେଳିବା ଲାଗି ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବାବେଳେ ଧୋନୀ ଓ ପାଣ୍ଡ୍ୟା କିନ୍ତୁ ଏଠାରେ ବେଶ୍ ମସ୍ତି କରୁଥିବାରୁ ଦେଖିବାକୁ ମିଳିଛି। ଆହତ ଲାଗି ପାଣ୍ଡ୍ୟା ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜରୁ ବାଦ୍ ପଡ଼ିଥିବାବେଳେ ଧୋନୀଙ୍କୁ ଏହି ସିରିଜ ଲାଗି ଚୟନ କରାଯାଇନାହିଁ। ତେଣୁ ଜାତୀୟ୍ ଡ୍ୟୁଟିରୁ ବ୍ରେକ୍ ପାଇଥିବା ଉଭୟ୍ ପାଣ୍ଡ୍ୟା ଓ ଧୋନୀ ଏକାଠି ମଉଜ କରୁଥିବାର ଅନେକ ଫଟୋ ଏବେ ସୋସିଆଲ ମିଡିଆରେ ଘୂରିବୁଲୁଛି। ଧୋନୀଙ୍କ ଝିଅ ଜିଭା ଏହି ପାର୍ଟିରେ ଆକର୍ଷଣର କେନ୍ଦ୍ର ବିନ୍ଦୁ ରହିଥିଲେ। ପ୍ଲେବ୍ୟାକ୍ ସିଙ୍ଗର୍ ରାହୁଲ ବିଦ୍ୟା ବଲିଉଡ୍‌ର କିଛି ହିଟ୍ ଗୀତ ଗାଇ ଉପସ୍ଥିତ ଅତିଥିଙ୍କ ମନୋରଞ୍ଜନ କରିଥିଲେ।

### କୁଚ୍ ବିହାର ଟ୍ରଫି: ଓଡ଼ିଶା ୨୯୦/୫

**କଟକ ଅଫିସ,୧୯।୧୧:** ଗୋଆର ମାରଗାଓ କ୍ରିକେଟ କ୍ଲବ ଗ୍ରାଉଣ୍ଡରେ ୧୯ବର୍ଷରୁ କମ୍ କୁଚବିହାର ଟ୍ରଫି ଓଡ଼ିଶା-ଗୋଆ ମ୍ୟାଚ୍ ସୋମବାରଠାରୁ ଆରମ୍ଭ ହୋଇଛି । ଟସ୍ ଜିତି ଗୋଆ ଫିଲ୍ଡିଂ ନିଷ୍ପତ୍ତି ନେଇଥିବା ବେଳେ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଓଡ଼ିଶା ୫ ଉଇକେଟ ବିନିମୟ୍‌ରେ ୨୯୦ରନ୍ କରିଛି । ଅନିଲ ପରିଡ଼ା ୭୪ରନ୍‌ରେ ଅପରାଜିତ ଅଛନ୍ତି । ତେବେ ମଙ୍ଗଳବାର ପ୍ରଥମ ଇନିଂସ୍‌ରେ ଓଡ଼ିଶା ବୃହତରନ୍ ସଂଗ୍ରହ କରିବାକୁ ଚେଷ୍ଟା କରିବ । ଓଡ଼ିଶା ପକ୍ଷରୁ ସ୍ୱସ୍ତିକ ସାମଲ ୫୫ରନ୍, ଅଧିନାୟକ ରଘୁନାଥ ମଲ୍ଲ ୭୩ରନ୍‌ର ଅର୍ଦ୍ଧଶତକୀୟ ଇନିଂସ୍ ମଧ ଖେଳିଥିଲେ । ଶୁଭମ ଶତ୍ରୁଜିତ ୨୬ରନ୍, ଆୟୁଷ ନାୟକ ୨୨ରନ୍, ଶଶାଙ୍କ ରୁଙ୍ଗତା ୨୪ରନ କରିଛନ୍ତି । ଗୋଆ ପକ୍ଷରୁ ରୁତୁଭିକ୍ ନାୟକ ଓ ଏସ୍.ଏ ମିଶ୍ର ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ ।



ସର୍ବଭାରତୀୟ ପୋଲିସ ଜୁଡ଼ୋ କ୍ଲଷ୍ଟର ପ୍ରତିଯୋଗିତାର ୪ଟି ବିଭାଗରେ ଟାଇଟଲ୍ ଜିତିଥିବା ସଶସ୍ତ୍ର ସୀମା ବଳ ଦଳର ଖେଳାଳିମାନେ ଅତିଥିଙ୍କ ସହ।

### ସର୍ବଭାରତୀୟ୍ ପୋଲିସ ଜୁଡ଼ୋ କ୍ଲଷ୍ଟର ଉଦ୍‌ଯାପିତ

# ୪ ବର୍ଗରେ ଏସ୍‌ଏସ୍‌ବିକୁ ଟାଇଟଲ୍

**କଟକ ଅଫିସ, ୧୯।୧୧**

ଓଡ଼ିଶା ପୋଲିସ ଆନୁକୂଲ୍ୟରେ ଅନୁଷ୍ଠିତ ୩ୟ ସର୍ବଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର ଚାମ୍ପିୟନଶିପ ସ୍ଥାନୀୟ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ସୋମବାର ଉଦ୍‌ଯାପିତ ହୋଇଛି । ପ୍ରତିଯୋଗିତାରେ ସଶସ୍ତ୍ର ସୀମା ବଳ (ଏସ୍‌ଏସ୍‌ବି) ଦଳଗତ ଭାବେ ସର୍ବାଧିକ ୪ଟି ଟାଇଟଲ ହାସଲ କରିଛି । ଉଷୁ ଓ ଟାଏକୋଣ୍ଡୋର ଉଭୟ ପୁରୁଷ, ମହିଳା ବର୍ଗରେ ଏସ୍‌ଏସ୍‌ବି ଦଳ ଚାମ୍ପିୟନ ହୋଇ ଏହି ରେକର୍ଡ ସୃଷ୍ଟି କରିଛି । ଅନ୍ୟପକ୍ଷରେ ଚାମ୍ପିୟନଶିପ୍‌ରେ ଆୟୋଜକ ଓଡ଼ିଶା ଦଳକୁ ମୋଟ୍ ୫ଟି ପଦକ ମିଳିଛି । ଜିମ୍ନାଷ୍ଟିକ୍‌ରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ସମେତ, ଉଷୁରେ ୨ଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ଓଡ଼ିଶା ପୋଲିସ ଖେଳାଳି ଜିତିଛନ୍ତି । ଉଷୁ ପୁରୁଷ ବର୍ଗରେ ଏସ୍‌ଏସ୍‌ବି ଚାମ୍ପିୟନ ହୋଇଥିବା ବେଳେ ସିଆର୍‌ପିଏଫ୍ ରନର୍ସଅପ, ଉଷୁ ମହିଳା ବର୍ଗରେ ଏସ୍‌ଏସ୍‌ବି ଚାମ୍ପିୟନ, ରାଜସ୍ଥାନ ରନର୍ସଅପ ହୋଇଛି । ଟାଏକୋଣ୍ଡୋ ଇଭେଣ୍ଟର ଉଭୟ ପୁରୁଷ ଓ ମହିଳା ବର୍ଗର ଚାମ୍ପିୟନ ଟାଇଟଲ ଏସ୍‌ଏସ୍‌ବି ହାସଲ କରିଥିବା ବେଳେ ଉଭୟ ବର୍ଗର ରନର୍ସଅପ ହୋଇଛି ସିଆରପିଏଫ୍ । ଜୁଡ଼ୋ ପୁରୁଷ ବର୍ଗରେ ପଞ୍ଜାବ ଚାମ୍ପିୟନ, ଏସ୍‌ଏସବି ରନର୍ସଅପ, ଜୁଡ଼ୋ ମହିଳା ବର୍ଗରେ ସିଆରପିଏଫ୍ ଚାମ୍ପିୟନ, ଏସ୍‌ଏସ୍‌ବି ରନର୍ସଅପ ହୋଇଛି । ଜିମ୍ନାଷ୍ଟିକ୍ ପୁରୁଷ ବର୍ଗରେ ଚାମ୍ପିୟନ ହୋଇଛି ସିଆଇଏସ୍‌ଏଫ୍ । ଏହି ଇଭେଣ୍ଟରେ ପିଏସ୍‌ଏଫ୍ ଓ ପଞ୍ଜାବ ଯୁଗ୍ମ ରନର୍ସଅପ ହୋଇଥିବା ବେଳେ ଏସ୍‌ଏସ୍‌ବି ଓ ସିଆରପିଏଫ୍ ଯୁଗ୍ମ ୩ୟ ସ୍ଥାନରେ ରହିଛନ୍ତି । ସିଆଇଏସ୍‌ଏଫ୍‌ର ଅନୁଜ ରଥୀ ଶ୍ରେଷ୍ଠ ଜିମ୍ନାଷ୍ଟିକ ଭାବେ ପୁରସ୍କୃତ ହୋଇଥିଲେ । ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥାର ସ୍ୱତନ୍ତ୍ର ନିର୍ଦ୍ଦେଶକ ଅରବିନ୍ଦ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବର୍ଣ୍ଣାଢ଼୍ୟ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଓଡ଼ିଶାରେ କ୍ରୀଡ଼ାର ଭିତ୍ତିଭୂମି ସମ୍ପର୍କରେ ଅରବିନ୍ଦ ପ୍ରଶଂସା କରିବା ସହ ଆଗାମୀ ଦିନରେ ଭାରତରେ ବିଶ୍ୱ ପୋଲିସ ଫାୟାର ଗେମ୍ସ ହେବା ସମ୍ପର୍କରେ ସେ ମତ ଦେଇଥିଲେ । ତେବେ ସର୍ବଭାରତୀୟ ପୋଲିସ ଆଥ୍‌ଲେଟିକ ଚାମ୍ପିୟନଶିପ୍ ଆୟୋଜନ କରିବା ଦିଗରେ ଓଡ଼ିଶା ଆଗାମୀ ଦିନରେ ଏକ ଶକ୍ତିଶାଳୀ ଦାବିଦାର ହେବ ବୋଲି ଅରବିନ୍ଦ କହିଛନ୍ତି । ପୋଲିସ ଡିଜି ଡଃ ରାଜେନ୍ଦ୍ର ପ୍ରସାଦ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିରିକ୍ତ ଡିଜି ବିନୟତୋଷ ମିଶ୍ର ବିବରଣୀ ପାଠ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୃଥ୍ୱୀ, ବିଜୟ, ବିହାରୀଙ୍କ ଅର୍ଦ୍ଧଶତକ

### ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ଡ୍ର'

**ମାଉଣ୍ଟ ମାଉନଗାନୁଇ (ନ୍ୟୁଜିଲାଣ୍ଡ), ୧୯।୧୧**

ଭ୍ରମଣକାରୀ ଭାରତ-ଏ ଓ ନ୍ୟୁଜିଲାଣ୍ଡ-ଏ ମଧ୍ୟରେ ଏଠାରେ ଅନୁଷ୍ଠିତ ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଡ୍ର'ରେ ଶେଷ ହୋଇଛି। ଅନ୍ତିମ ତଥା ୪ର୍ଥ ଦିବସରରେ ସୋମବାର ଭାରତ-ଏ ଦ୍ୱିତୀୟ ଇନିଂସରେ ୩ ଉଇକେଟ୍ ହରାଇ ୨୪୭ ରନ କରିଥିବାବେଳେ ମ୍ୟାଚ୍‌କୁ ଡ୍ର' ରଖିବା ପାଇଁ ଉଭୟ ଅଧିନାୟକ ରାଜି ହୋଇଥିଲେ। ଏହି ଇନିଂସରେ ଭାରତ ପକ୍ଷରୁ ୩ ଜଣ ବ୍ୟାଟ୍ସମ୍ୟାନ ପୃଥ୍ୱୀ ଶ', ମୁରଲୀ ବିଜୟ ଓ ହନୁମା ବିହାରୀ ଅର୍ଦ୍ଧଶତକ ହାସଲ କରି ଆଗାମୀ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ ପୂର୍ବରୁ ଫର୍ମର ସୂଚନା ଦେଇଛନ୍ତି। ଦୁଇ ଓପନର୍ ପୃଥ୍ୱୀ ଓ ବିଜୟ ଅର୍ଦ୍ଧଶତକୀୟ ଇନିଂସ ଖେଳି ଦମ୍‌ଦାର ଇନିଂସ ଆରମ୍ଭ କରିଥିଲେ। ଶ'୫୩ ବଲରୁ ୮ ଚୌକା ଓ ଗୋଟିଏ ଛକା ସହାୟତାରେ ୫୦ରନ କରିଥିବାବେଳେ ଡଗ୍ ବ୍ରାସୱେଲଙ୍କ ବଲରେ ଆଉଟ୍ ହୋଇଥିଲେ। ମ୍ୟାଚ୍‌ରେ ୧୯ ବର୍ଷୀୟ ଶ'ଙ୍କ ଏହା ୨ୟ ଅର୍ଦ୍ଧଶତକ। ପୂର୍ବରୁ ପ୍ରଥମ ଇନିଂସରେ ସେ ୬୨ ରନ କରିଥିଲେ। ସେହିଭଳି ବିଜୟ ୬୦ ରନ କରିଥିବାବେଳେ ବିହାରୀ ୫୧ ରନ କରି ଅପରାଜିତ ରହିଥିଲେ। ବିହାରୀ ମଧ୍ୟ ପ୍ରଥମ ଇନିଂସରେ ୮୬ ରନ କରିଥିଲେ। ଅଧିନାୟକ ଅଜିଙ୍କ୍ୟ ରାହାନେ (୪୧*) ଓ ମୟଙ୍କ ଅଗ୍ରୱାଲ (୪୨) ଉପଯୋଗୀ ଇନିଂସ ଖେଳିଥିଲେ। ପୂର୍ବରୁ ଭାରତ-ଏ ପ୍ରଥମ ଇନିଂସରେ ୮ ଉଇକେଟ୍‌ରେ ୪୬୭ ରନ କରିଥିଲା। ସେହିଭଳି ହାମିଶ ରଦରଫୋର୍ଡ (୧୧୪)ଙ୍କ ଶତକ ବଳରେ ନ୍ୟୁଜିଲାଣ୍ଡ-ଏ ପ୍ରଥମ ଇନିଂସରେ ୯ ଉଇକେଟ୍‌ରେ ୪୫୮ ରନ କରି ଇନିଂସ ଘୋଷଣା କରିଥିଲା। ତିନି ମ୍ୟାଚ୍‌ବିଶିଷ୍ଟ ସିରିଜର ୨ୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ନଭେମ୍ବର ୨୩ରୁ ହାମିଲଟନରେ ଆରମ୍ଭ ହେବ।




# ଓଡ଼ିଶା-ଆସାମ ମ୍ୟାଚ ଆଜିଠାରୁ

### ରଣଜୀ ଟ୍ରଫି

**ଭୁବନେଶ୍ୱର, ୧୯।୧୧(କ୍ରୀଡ଼ା ପ୍ରତିନିଧି)**

ଗୁଆହାଟୀର ବର୍ଷାପରା କ୍ରିକେଟ ଷ୍ଟାଡିୟମରେ ମଙ୍ଗଳବାରଠାରୁ ଓଡ଼ିଶା-ଆସାମ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। ଚଳିତ ସିଜନରେ ଉଭୟ ଦଳର ଏହା ହେବ ତୃତୀୟ ମ୍ୟାଚ। ପ୍ରଥମ ୨ଟି ମ୍ୟାଚରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିବାରୁ ଓଡ଼ିଶା ପାଇଁ ଏହି ମ୍ୟାଚ ପରୀକ୍ଷା ସଦୃଶ ହୋଇଛି। କିଟ୍ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ହରିୟାଣା ଓ ଉତ୍ତର ପ୍ରଦେଶ ବିପକ୍ଷ ମ୍ୟାଚ ପାଇଁ ଦଳରେ ସ୍ଥାନ ପାଇ ନ ଥିବା ଓପନର ରାଜେଶ ଧୁପର ଓ ଅଭିଜ୍ଞ ସ୍ପିନର ଧୀରଜ ସିଂଙ୍କଠାରୁ ଅନେକ କିଛି ଆଶା ରଖିଛନ୍ତି ଅଧିନାୟକ ବିପ୍ଳବ। ଚଳିତ ସିଜନରେ ପ୍ରଥମ ବିଜୟ ଅପେକ୍ଷାରେ ରହିଛି ଓଡ଼ିଶା। ପ୍ରକାଶ ଯୋଗ୍ୟ ଯେ, ହରିୟାଣା ବିପକ୍ଷରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚକୁ ଡ୍ର ରଖିଥିଲା। ପ୍ରଥମ ଇନିଂସ ପଛୁଆ ରହିଥିବାରୁ ଦଳକୁ ୧ ପଏଣ୍ଟରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଅନୁରାଗ ଷଡ଼ଙ୍ଗୀ ଓ ବିପ୍ଳବ ଶତକ ହାସଲ କରିବା ଦଳପାଇଁ ସାନ୍ତ୍ୱନା ଥିଲା। ଓଡ଼ିଶା ଏହାର ଦ୍ୱିତୀୟ ମ୍ୟାଚ ଉତ୍ତର ପ୍ରଦେଶ ବିପକ୍ଷରେ ଖେଳିଥିଲା। ମାତ୍ର ଖରାପ ବ୍ୟାଟିଂ ଯୋଗୁ ଦଳ ୧୦ ଉଇକେଟରେ ପରାଜୟ ଲଭିଥିଲା। ଏହି ମ୍ୟାଚରେ ଅଭିଜ୍ଞ ଦ୍ରୁତ ବୋଲର ବସନ୍ତ ମହାନ୍ତି ପ୍ରଥମ ଇନିଂସରେ ୬ ଉଇକେଟ ସଫଳତା ପାଇଥିଲେ। ଆସାମ ଏହାର ପ୍ରଥମ ମ୍ୟାଚ ଝାଡ଼ଖଣ୍ଡ ସହିତ ଖେଳିଥିଲା। ମ୍ୟାଚ ଡ୍ର ରହିଥିବାବେଳେ ପ୍ରଥମ ଇନିଂସ ପଛୁଆ ଭିତ୍ତିରେ ଆସାମ ୧ ପଏଣ୍ଟ ପାଇଥିଲା। ଦ୍ୱିତୀୟ ମ୍ୟାଚରେ ଆସାମ ୨୧୧ ରନରେ ତ୍ରିପୁରାକୁ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ଦଳର ମିଡିୟମ ପେସର ମୁକ୍ତାର ହୋସେନ ୨ଟି ଯାକ ମ୍ୟାଚରେ ୫ ଉଇକେଟ ସଫଳତା ପାଇଛନ୍ତି। ଅନ୍ୟତମ ଦ୍ରୁତ ବୋଲର ଅରୁପ ଦାସ ମଧ୍ୟ ଥରେ ୫ ଉଇକେଟ ନେବାରେ ସକ୍ଷମ ହୋଇଛନ୍ତି। ତେଣୁ ସ୍ୱାଭାବିକଭାବେ ଏହି ଦୁ ଇ ବୋଲରଙ୍କ ଉପରେ ଓଡ଼ିଶାର ନଜର ରହିବ। ଗତ ୪ଟି ରଣଜୀ ମ୍ୟାଚର ରେକର୍ଡ଼କୁ ଦେଖିଲେ ଆସାମ ବିପକ୍ଷରେ ଓଡ଼ିଶାର ପଲା ଭାରି ରହିଛି। ଓଡ଼ିଶା ୨ଟି ମ୍ୟାଚରେ ବିଜୟୀ ହୋଇଥିବାବେଳେ ଅନ୍ୟ ୨ଟି ମ୍ୟାଚ ଡ୍ର ରହିଛି। ୨୦୦୨ ନଭେମ୍ବର ୯ରୁ ୧୨ ପର୍ଯ୍ୟନ୍ତ ଗୁଆହାଟୀରେ ଅନୁଷ୍ଠିତ ମ୍ୟାଚଟି ଡ୍ର ରହିଥିଲା। ପ୍ରଥମ ଇନିଂସରେ ଅଗ୍ରଣୀ ରହି ଆସାମ ୧ ପଏଣ୍ଟ ପାଇଥିଲା। ୨୦୦୭ ଜାନୁୟାରୀ ୧୦ରୁ ୧୩ ପର୍ଯ୍ୟନ୍ତ କଟକର ବାରବାଟୀ ଷ୍ଟାଡିୟମରେ ହୋଇଥିବା ମ୍ୟାଚରେ ଓଡ଼ିଶା ୭ ଉଇକେଟରେ ବିଜୟୀ ହୋଇଥିଲା। ୨୦୧୫ ଅକ୍ଟୋବର ୧୫ରୁ ୧୭ ପର୍ଯ୍ୟନ୍ତ ଅନୁଷ୍ଠିତ ମ୍ୟାଚରେ ମଧ ଓଡ଼ିଶା ୮ ଉଇକେଟରେ ବିଜୟୀ ହୋଇଥିଲା। ୨୦୧୬ ନଭେମ୍ବର ୧୩ରୁ ୧୬ ପର୍ଯ୍ୟନ୍ତ ହାଇଦ୍ରାବାଦରେ ଅନୁଷ୍ଠିତ ମ୍ୟାଚଟି ଡ୍ର ରଖିବାରେ ସକ୍ଷମ ହୋଇଥିଲା ଆସାମ। ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଓଡ଼ିଶା ୩ ପଏଣ୍ଟ ପାଇଥିଲା।

**ଓଡ଼ିଶା ଦଳ:** ବିପ୍ଳବ ସାମନ୍ତରାୟ (ଅଧିନାୟକ), ଅନୁରାଗ ଷଡ଼ଙ୍ଗୀ, ରଣଜିତ ସିଂ, ରାଜେଶ ଧୁପର, ଗୋବିନ୍ଦ ପୋଦ୍ଦାର, ଶୁଭ୍ରାଂଶୁ ଶେଖର ସେନାପତି, ଶାନ୍ତନୁ ମିଶ୍ର, ସୁଜିତ ଲେଙ୍କା(ଉଇକେଟ କିପର), ଧୀରଜ ସିଂ, ପପୁ ରାୟ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ଅଭିଷେକ ରାଉତ।


**ଆସାମ ଦଳ:** ଅମିତ ସିହ୍ନା(ଅଧିନାୟକ), ରଞ୍ଜିତ ମାଲି, ଅରୁପ ଦାସ, ପଲ୍ଲବ କୁମାର ଦାସ, ରିଷଭ ଦାସ, ମୃଣ୍ମୟ ଦତ୍ତ, ଜିତୁମୋନି କାଲିତା, ମୁକ୍ତାର ହୋସେନ, ରିୟାନ ପରାଗ, ରାହୁଲ ସିଂ, ଶିବଶଙ୍କର ରୟ, କୁନାଲ ସାଇକିଆ, ଗୋକୁଳ ଶର୍ମା, ରୋମାରିଓ ଶର୍ମା, ୱାସିକୁର ରହମାନ।

# ଏଟିପି ଫାଇନାଲ୍ସ ଟାଇଟଲ୍ ଜିତିଲେ ଜେଭରେଭ

**ଲଣ୍ଡନ, ୧୯।୧୧(ଏଏଫ୍‌ପି)**

ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା ତଥା ଅଭିଜ୍ଞ ଟେନିସ ଖେଳାଳି ନୋଭାକ ଜୋକୋଭିଚ୍‌ଙ୍କୁ ଚକ୍‌ମା ଦେଖାଇ ଜର୍ମାନୀର ଯୁବ ତାରକା ଆଲେକ୍ସଜାଣ୍ଡର ଜେଭରେଭ ଏଟିପି ଫାଇନାଲ୍ସ ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି। ରବିବାର ରାତିରେ ଖେଳାଯାଇଥିବା ସିଜନର ଏହି ଅନ୍ତିମ ପ୍ରତିଯୋଗିତାର ଫାଇନାଲରେ ୩୧ ବର୍ଷୀୟ ଜୋକୋଭିଚ୍‌ଙ୍କୁ ଫେଭରିଟ୍ ବିବେଚନା କରାଯାଉଥିଲା। ଜୋକୋଭିଚ୍ ଏକପାଖିଆ ବିଜୟ ହାସଲ କରିବେ ବୋଲି ଆଶା କରାଯାଉଥିଲା। କିନ୍ତୁ ୨୧ ବର୍ଷୀୟ ଜେଭରେଭ ଦମ୍‌ଦାର ପ୍ରଦର୍ଶନ କରି ୬-୪, ୬-୩ ସିଧାସଳଖ ସେଟ୍‌ରେ ଜୋକୋଭିଚଙ୍କୁ ମାତ୍ ଦେଇ ଏହି ସମ୍ମାନଜନକ ଟ୍ରଫି ଜିତିବାରେ ସକ୍ଷମ ହୋଇଛନ୍ତି। ଜେଭରେଭଙ୍କ କ୍ୟାରିୟରର ଏହା ଶ୍ରେଷ୍ଠ ବିଜୟ। ବିଶ୍ୱର ଶ୍ରେଷ୍ଠ-୮ ପୁରୁଷ ସିଙ୍ଗଲ୍ସ ଟେନିସ ଖେଳାଳିଙ୍କୁ ନେଇ ବର୍ଷ ଶେଷରେ ଏଟିପି ଫାଇନାଲ୍ସ ପ୍ରତିଯୋଗିତା ଖେଳାଯାଇଥାଏ। ଜେଭରେଭ କ୍ୟାରିୟରର ୨ୟଥର ପାଇଁ ଏହି ପ୍ରତିଯୋଗିତା ଖେଳିଛନ୍ତି। ଏଥିପୂର୍ବରୁ ସେ ସେମିଫାଇନାଲରେ ଅନ୍ୟତମ କିମ୍ବଦନ୍ତୀ ଖେଳାଳି ରୋଜର ଫେଡେରରଙ୍କୁ ହରାଇ ସମସ୍ତଙ୍କୁ ବିସ୍ମିତ କରାଇଥିଲେ। ରାଉଣ୍ଡ ରବିନ୍ ମ୍ୟାଚ୍‌ରେ ଜୋକୋଭିଚ୍ ୬-୪, ୬-୧ ସେଟ୍‌ରେ ଜେଭରେଭଙ୍କୁ ହରାଇଥିଲେ ମଧ୍ୟ ଫାଇନାଲରେ ଏହା ଦୋହରାଇ ପାରି ନ ଥିଲେ।

### ଜୋକୋଭିଚ୍ ନିରାଶ




ଆଲେକ୍ସଜାଣ୍ଡର ଜେଭରେଭ

# ସେମିରେ ଇଂଲଣ୍ଡକୁ ଭେଟିବ ଭାରତ

### ଆଇସିସି ମହିଳା ଟି୨୦ ବିଶ୍ୱକପ୍

**ଗ୍ରସ୍‌ଆଇସଲେଟ୍(ସେଣ୍ଟ ଲୁସିଆ), ୧୯।୧୧(ପି.ଟି.):** ୱେଷ୍ଟଇଣ୍ଡିଜରେ ଚାଲିଥିବା ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ର ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। ଆୟୋଜକ ୱେଷ୍ଟଇଣ୍ଡିଜ ସମେତ ଭାରତ, ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ଅନ୍ତିମ-୪ରେ ସ୍ଥାନ ପକ୍କା କରିଛନ୍ତି। ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ ପ୍ରଥମ ସେମିଫାଇନାଲରେ ପରସ୍ପରକୁ ଭେଟିବେ। ସେହିଭଳି ହରମନ୍‌ପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତ ୨ୟ ସେମିଫାଇନାଲରେ ୨୦୦୯ ଚାମ୍ପିୟନ ଇଂଲଣ୍ଡକୁ ଭେଟିବା ନିଶ୍ଚିତ ହୋଇଛି। ଏହି ମ୍ୟାଚ୍ ଆଣ୍ଟିଗୁଆର ସାର୍ ଭିଭିଆନ ରିଚାର୍ଡ୍ସ ଷ୍ଟାଡିୟମରେ ଶୁକ୍ରବାର ଖେଳାଯିବ। ଭାରତୀୟ ଦଳ ଟୁର୍ନାମେଣ୍ଟର ତା'ର ସମସ୍ତ ୪ଟି ଯାକ ଲିଗ୍ ମ୍ୟାଚ୍ ଜିତି ୮ ପଏଣ୍ଟ ସହ ଗ୍ରୁପ୍-ବି'ର ଶୀର୍ଷ ସ୍ଥାନରେ ରହିଛି। ଅପରପକ୍ଷରେ ଇଂଲଣ୍ଡ ୪ରୁ ୨ଟି ମ୍ୟାଚ୍ ଜିତି ଗ୍ରୁପ୍-ଏ'ରେ ୱେଷ୍ଟଇଣ୍ଡିଜ (୮) ତଳକୁ ୫ ପଏଣ୍ଟ ପାଇ ୨ୟ ସ୍ଥାନରେ ରହିଛି। ତେଣୁ ଦମ୍‌ଦାର ଫର୍ମରେ ଥିବା ଭାରତ ଏହି ମ୍ୟାଚ୍ ଜିତି ଇଂଲଣ୍ଡ ବିରୋଧରେ ମଧୁର ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିଛି। ଗତବର୍ଷ ଆଇସିସି ଦିନିକିଆ ବିଶ୍ୱକପ୍‌ରେ ଇଂଲଣ୍ଡ ନିକଟରୁ ଭାରତ ପରାସ୍ତ ହୋଇଥିଲା। ସେମିଫାଇନାଲ ପଥରେ ଭାରତ ୩ଥର ଚାମ୍ପିୟନ ଅଷ୍ଟ୍ରେଲିଆ ସମେତ ନ୍ୟୁଜିଲାଣ୍ଡ, ଆୟର୍ଲାଣ୍ଡ ଓ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରିଥିଲା। ବିଶ୍ୱକପ୍‌ର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ୱେଷ୍ଟଇଣ୍ଡିଜ ୪ ଉଇକେଟ୍‌ରେ ଇଂଲଣ୍ଡକୁ ପରାସ୍ତ କରିଥିଲା।

### ସର୍ବଭାରତୀୟ ମଳୟ ମୁର୍ମୁ ଦିବାରାତ୍ର ଟି-୨୦

# ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲୱେ ଚାମ୍ପିୟନ

**ବାଲେଶ୍ୱର ଅଫିସ, ୧୯।୧୧**

ବାଲେଶ୍ୱର ପରମିଟ୍ ପଡ଼ିଆରେ କ୍ଲବ 'ୟୁ ଆଣ୍ଡ ମି' ପକ୍ଷରୁ ଗତ ୯ରୁ ୧୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ସର୍ବଭାରତୀୟ ଦିବାରାତ୍ର ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ୍ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲୱେ ଚାମ୍ପିୟନ ହୋଇଥିବା ବେଳେ ସୁବିତ ବିଶ୍ୱାଳ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ତାମିଲନାଡୁ ଏକାଡ଼େମୀର ରାଜକୁମାର ମ୍ୟାନ୍ ଅଫ୍ ଦି ସିରିଜ୍ ହୋଇଛନ୍ତି। ଫାଇନାଲ୍ ମ୍ୟାଚ୍‌କୁ ଭାରତର ଗୌରବ ଅଲିମ୍ପିକ୍ ବିଜେତା ଦୂତି ଚାନ୍ଦ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଉଚ୍ଚଶିକ୍ଷା ତଥା ଶିଳ୍ପମନ୍ତ୍ରୀ ଅନନ୍ତ ଦାସ ଯୋଗଦେଇ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ।

ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲୱେ ଏବଂ ତାମିଲନାଡୁ ଫ୍ୟୁଚର୍ ଇଣ୍ଡିଆ କ୍ରିକେଟ୍ ଏକାଡ଼େମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଇଷ୍ଟକୋଷ୍ଟ ରେଲୱେ ଟସ୍ ଜିତି ତାମିଲନାଡୁ ଏକାଡ଼େମୀକୁ ବ୍ୟାଟିଂ ପାଇଁ ନିମନ୍ତ୍ରଣ କରିଥିଲା। ତାମିଲନାଡୁ ଏକାଡ଼େମୀ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ୍ ହରାଇ ୧୪୪ ରନ୍ କରିଥିଲା। ଜବାବରେ ଇଷ୍ଟକୋଷ୍ଟ ରେଲୱେ ୧୬.୧ ଓଭରରେ ୪ ଉଇକେଟ୍ ହରାଇ ନିଜର ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ତରଫରୁ ଅଧିନାୟକ ସୁବିତ ବିଶ୍ୱାଳ ଅପରାଜିତ ୫୦ ରନ୍ କରିଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ମ୍ୟାଚ୍‌ଗୁଡ଼ିକୁ ବିସିଆଇ ଲେଭଲ ୧ ଅମ୍ପାୟାର ଅସିତ ପଟ୍ଟନାୟକ, ସରତ ସାହୁ, ରଜେଶ ମହାପାତ୍ର ପରିଚାଳନା କରିଥିଲେ। ପରେ ଆସୋସିଏଶନ୍ ତରଫରୁ ୨୫ବର୍ଷ ପୂର୍ତ୍ତିରେ ଏକ ଭବ୍ୟ ଉଦ୍‌ଯାପନୀ ଉତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଉଚ୍ଚଶିକ୍ଷା ତଥା ଶିଳ୍ପମନ୍ତ୍ରୀ ଅନନ୍ତ ଦାସ, ସମ୍ମାନନୀୟ ଅତିଥି ଭାବେ ବାଲେଶ୍ୱର ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ଜିଲାପାଳ ରମେଶ ଚନ୍ଦ୍ର ରାଉତ, କ୍ଲବ ସଭାପତି ସତ୍ୟପଦ କର, ଖେମ୍‌କା ଅଟୋମୋବାଇଲର ମୁଖ୍ୟ ପ୍ରମୋଦ ଖେମ୍‌କା, ଭିଶାଖା ଆଗ୍ରୋ ତରଫରୁ ଅଭିମନ୍ୟୁ ଦିଣ୍ଡା, ଶକୁନ୍ତଳା ଏବଂ ସନସ୍ ତରଫରୁ ପ୍ରଦୀପ ଦାସ ତଥା କ୍ଲବର ସ୍ୱର୍ଗତ ଖେଳାଳି ମଳୟ ମୁର୍ମୁଙ୍କ ମା' ମୀତାରାଣୀ ମୁର୍ମୁ ଉପସ୍ଥିତ ରହି ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୬୦ହଜାର ଟଙ୍କା ଏବଂ ରନର୍ସଅପ୍ ଦଳକୁ ଟ୍ରଫି ସହ ୪୦ହଜାର ଟଙ୍କା ପ୍ରଦାନ କରିଥିଲେ।

ଟୁର୍ନାମେଣ୍ଟରେ ବେଷ୍ଟ ବୋଲର ଭାବେ ଇଷ୍ଟକୋଷ୍ଟ ରେଲୱେ ତରଫରୁ ଅଙ୍କିତ ଯାଦବ, ବେଷ୍ଟ ବ୍ୟାଟ୍ସମ୍ୟାନ୍ ଭାବେ ତାମିଲନାଡୁ ଏକାଡ଼େମୀର ସୁଦନ, ଇଷ୍ଟକୋଷ୍ଟ ରେଲୱେର ସୁବିତ ବିଶ୍ୱାଳଙ୍କୁ ମ୍ୟାନ୍ ଅଫ୍ ଦି ଫାଇନାଲ ଏବଂ ତାମିଲନାଡୁ ଏକାଡ଼େମୀର ରାଜକୁମାରଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ଘୋଷଣା କରାଯାଇଥିଲା। ଶେଷରେ କ୍ଲବର ସମ୍ପାଦକ ବିଶ୍ୱଜିତ୍ ଦାସ ଧନ୍ୟବାଦ ଦେଇଥିଲେ।

“ କୋହଲିଙ୍କ ବ୍ୟତୀତ ଭାରତୀୟ ଓପନର ରୋହିତ୍ ଶର୍ମା ଆମ ପ୍ରତି ବିପଦ ଥିବାରୁ ତାଙ୍କ ପାଇଁ ଆମେ ଯୋଜନା କରିଛୁ ।

–ନାଥାନ କୋଲ୍ଟର ନାଇଲ୍
ଅଷ୍ଟ୍ରେଲୀୟ ପେସ୍ ବୋଲର



“ ବିରାଟ କୋହଲି କେବଳ ଜଣେ ପ୍ରତିଭା ସମ୍ପନ୍ନ ଖେଳାଳି ନୁହନ୍ତି, ସେ ଖୁବ୍ ଶୃଙ୍ଖଳିତ ମଧ୍ୟ ।

–କପିଳ ଦେବ
ପୂର୍ବତନ ଭାରତୀୟ ଅଧିନାୟକ



# ଧମାକାଦାର ଆରମ୍ଭ ପାଇଁ ଭୁବନେଶ୍ୱର ପ୍ରସ୍ତୁତ

- ରହମନ, ଶାହରୁଖଙ୍କ ସମେତ ମାଧୁରୀ ହେବେ ମୁଖ୍ୟ ଆକର୍ଷଣ
- ଦର୍ଶକଙ୍କ ମନୋରଞ୍ଜନ କରିବେ ସବ୍ୟସାଚୀ, ଅର୍ଚ୍ଚିତା
- ୮୦୦ କଲେଜ ଛାତ୍ରୀଛାତ୍ରଙ୍କ ସହ ୧,୧୦୦ କଳାକାର ନୃତ୍ୟ ପରିବେଷଣ କରିବେ

ଭୁବନେଶ୍ୱର,୧୯।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ପୁରୁଷ ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ ଆରମ୍ଭ ହେବାକୁ ଆଉ ମାତ୍ର ଗୋଟିଏ ସପ୍ତାହ ସମୟ ରହିଛି। ଏହି ମେଗା ଇଭେଣ୍ଟ ଆରମ୍ଭ ପାଇଁ ରାଜଧାନୀ ପୂରା ପ୍ରସ୍ତୁତ ହୋଇସାରିଛି। ଦେଶରେ ତୃତୀୟ ଓ ରାଜ୍ୟରେ ପ୍ରଥମଥର ପାଇଁ ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଥିବାରୁ ସାରା ରାଜ୍ୟ ତଥା ଦେଶରେ ପ୍ରଶଂସକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ଆସନ୍ତା ୨୮ରୁ ଡିସେମ୍ବର ୧୬ ତାରିଖ ମଧ୍ୟରେ ବିଶ୍ୱକପ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ତେବେ ଟୁର୍ନାମେଣ୍ଟ ଆରମ୍ଭ ହେବାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ ୨୭ ତାରିଖରେ ଆୟୋଜନ ହେବ ଉଦ୍‌ଘାଟନୀ ଉତ୍ସବ। ଅବଶ୍ୟ ପ୍ରଥମଥର ପାଇଁ ହକି ବିଶ୍ୱକପ୍ ଇତିହାସରେ ଉଦ୍‌ଘାଟନୀ ଉତ୍ସବର ଆୟୋଜନ ହେବାକୁ ଯାଉଛି। ଏହି ଉତ୍ସବକୁ ଧମାକାଦାର ତଥା ଦୃଷ୍ଟାନ୍ତମୂଳକ କରିବା ପାଇଁ ସବୁପ୍ରକାର ପ୍ରସ୍ତୁତି ପର୍ବ ଏକ ପ୍ରକାର ଶେଷ ହୋଇଛି। ନଭେମ୍ବର ୨୭ ତାରିଖକୁ ଭୁବନେଶ୍ୱର ଆଗାମୀ କିଛି ବର୍ଷ ପାଇଁ ମନେ ରଖିବ।

ବଲିଉଡ ସଙ୍ଗୀତକାର ଏ.ଆର. ରହମନ ଓ ପ୍ରଖ୍ୟାତ ଗୀତିକାର ଗୁଲଜାରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ବିଶ୍ୱକପ୍‌ର ଅଫିସିଆଲ ସଙ୍ଗ୍ 'ଜୟ ହିନ୍ଦ, ଜୟ ଇଣ୍ଡିଆ'ର ଧ୍ୱନିରେ କଳିଙ୍ଗ ଷ୍ଟାଡିୟମ ପ୍ରକମ୍ପିତ ହେବ। କେବଳ ସେତିକି ନୁହେଁ ବଲିଉଡ୍‌ର କିଙ୍ଗ୍ ଖାନ୍ ଶାହାରୁଖ ଓ ବିଗତ ଦିନର ହିରୋଇନ୍ ତଥା ସୁପରଷ୍ଟାର ମାଧୁରୀ ଦୀକ୍ଷିତଙ୍କୁ ମଧ୍ୟ ନୃତ୍ୟ କରୁଥିବାର ଦେଖିବାକୁ ମିଳିବ।

ଏହି ଉଦ୍‌ଘାଟନୀ ଉତ୍ସବ ଭବିଷ୍ୟତରେ ଏହି ଭଳି ଇଭେଣ୍ଟ ପାଇଁ ଏକ ବେଞ୍ଚ୍ ମାର୍କ ସୃଷ୍ଟି କରିବ। କ୍ରୀଡ଼ା ଓ ମନୋରଞ୍ଜନର ଏକ ଜବରଦସ୍ତ ସନ୍ତୁଳନ ଦେଖିବାକୁ ମିଳିବ ଏହି ଉତ୍ସବରେ ଓ ସାରା ବିଶ୍ୱକୁ ଏହା ମନୋରଞ୍ଜନର ଖୋରାକ ଯୋଗାଇବ। 'ମାନବତାର ଏକତା' ଉପରେ ଏହି ଉତ୍ସବ ପର୍ଯ୍ୟବସିତ ହେବ। ବିଭିନ୍ନତାରେ ଏକତା ହେଉଛି ଭାରତୀୟ ସଂସ୍କୃତିର ମୂଳ ଆଧାର। ଦେଶ ଓ ବିଦେଶରୁ ଆସୁଥିବା ଲୋକେ ଅଲଗା ଅଲଗା ହୋଇଥିଲେ ମଧ୍ୟ ସମସ୍ତେ ଏକ ହୋଇ ଷ୍ଟାଡିୟମରେ ଏହି ଉତ୍ସବକୁ ଉପଭୋଗ କରିବେ ବୋଲି ବିଶ୍ୱକପ୍‌ର କମ୍ୟୁନିକେଶନ ଓ ଷ୍ଟ୍ରାଟେଜି କନସଲଟାଣ୍ଟ ନୁପୁର ମହାଜନ କହିଛନ୍ତି। ନୁପୁର ପାଖାପାଖି ୧ ଘଣ୍ଟା ୫୦ ମିନିଟ ବିଶିଷ୍ଟ ଏହି ଉଦ୍‌ଘାଟନୀ ଉତ୍ସବକୁ ଲେଖିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି।




ମାଧୁରୀଙ୍କୁ ନେଇ ଉଦ୍‌ଘାଟନୀ ଉତ୍ସବ ପର୍ଯ୍ୟବସିତ ହେବ। ଉତ୍ସବରେ ମୁଖ୍ୟ ସମାରୋହକୁ ଅର୍ଥ ସଙ୍ଗ୍ ବୋଲି କୁହାଯାଉଛି। ଏଥିରେ ବିଭିନ୍ନ ନୃତ୍ୟର ସମାହାର ଦେଖିବାକୁ ମିଳିବ। ବିଭିନ୍ନ ପିଢିର ନୃତ୍ୟ ଏଥିରେ ଦେଖିବାକୁ ମିଳିବ। ଶାସ୍ତ୍ରୀୟ ନୃତ୍ୟ, ଜାଜ ଓ ବାଲେଟ ସହ ଏହି ଉତ୍ସବରେ ଓଡ଼ିଶୀ ନୃତ୍ୟର ଝଲକ୍ ଦେଖିବାକୁ ମିଳିବ। ଏହି ନୃତ୍ୟ ଉତ୍ସବରେ ମାଧୁରୀ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିବେ। ସେ ମଦର ଅର୍ଥ ବା ଭୂ ଦେବୀ ଅର୍ଥାତ୍ ଧରତ୍ରୀ ମାତାଙ୍କ ଭୂମିକାରେ ଅବତୀର୍ଣ୍ଣ ହେବେ। ଏହା ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଶିଆମକ ଦବାର। ସେହିପରି ଏହି କାର୍ଯ୍ୟକ୍ରମର ଅରିଜିନାଲ ମ୍ୟୁଜିକ ଦେଇଛନ୍ତି ରଞ୍ଜିତ୍ ବାରୋଟ। ମାଧୁରୀଙ୍କ ସହ ପାଖାପାଖି ୧,୧୧୦ ଜଣ ସହକଳାକାର ମଧ୍ୟ ନୃତ୍ୟ ପରିବେଷଣ କରିବେ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରର ୮୦୦ କଲେଜ ଛାତ୍ରୀଛାତ୍ର ମଧ୍ୟ ସାମିଲ ହେବେ।

ତେବେ ଏହି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଶାହରୁଖଙ୍କ ଭୂମିକା ଭିନ୍ନ ହେବ। ସେ ଉତ୍ସବରେ 'ହାର୍ଟ ବିଟ୍ ଫର ହକି' ଅଭିଯାନର ମୁଖ୍ୟ କର୍ଣ୍ଣଧାର ହେବେ। ଭାରତର ଏକତା ତଥା ଏକ ମନ ଓ ଏକ ହୃଦୟ ଚିନ୍ତାଧାରାକୁ ସେ ଉପସ୍ଥାପନା କରିବାକୁ କାର୍ଯ୍ୟକ୍ରମରେ ପ୍ରୟାସ କରିବେ। ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାକୁ ଯାଉଥିବା ୧୬ ଦେଶର ଅଧିନାୟକଙ୍କୁ ଶାହରୁଖ ଏ ନେଇ ଅବଗତ କରିବେ। ଏହାକୁ ବାଦ୍ ଦେଲେ ଓଡ଼ିଆ ଅଭିନେତା ଓ ଅଭିନେତ୍ରୀ ସବ୍ୟସାଚୀ ଓ ଅର୍ଚ୍ଚିତା ମଧ୍ୟ ଏହି ଅବସରରେ ଉପସ୍ଥିତ ରହି ଦର୍ଶକଙ୍କ ମନୋରଞ୍ଜନ କରିବେ। ଏହି ଅବସରରେ ହାର୍ଟ ବିଟ୍ ଅଭିଯାନ ନେଇ ଏକ ଶର୍ଟ ଫିଲ୍ମ ମଧ୍ୟ ପ୍ରଦର୍ଶିତ ହେବ। ଏହି ଉଦ୍‌ଘାଟନୀ ଉତ୍ସବ ରାଜ୍ୟର ସବୁ ସ୍ଥାନୀୟ ଚ୍ୟାନେଲ ସହ ଦୂରଦର୍ଶନ ନ୍ୟାଶନାଲ, ଡିଡି ସ୍ପୋର୍ଟ୍ସରେ ପ୍ରସାରଣ ହେବ। ଫେସ୍‌ବୁକ୍‌ରେ ମଧ୍ୟ ଏହାର ଷ୍ଟ୍ରିମ୍ ଲାଇଭ ହେବ। ବିଶ୍ୱକପ୍‌ର ଏହି ଉଦ୍‌ଘାଟନୀ ଉତ୍ସବ ସାରା ବିଶ୍ୱକୁ ବିମୋହିତ କରିବ ଓ ଐତିହାସିକ ହେବ ବୋଲି କୁହାଯାଉଛି।

## ମୁଖ୍ୟମନ୍ତ୍ରୀ କିଣିଲେ ପ୍ରଥମ ଟିକେଟ

ଭୁବନେଶ୍ୱର, ୧୯।୧୧(କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପର ଉଷ୍ମତା କ୍ରମେ ବଢ଼ିବାରେ ଲାଗିଛି। ଓଡ଼ିଶାରେ ପ୍ରଥମଥର ପାଇଁ ହେବାକୁ ଯାଉଥିବା ଏହି ମହାକୁମ୍ଭ ପାଇଁ ଅଭୁତପୂର୍ବ ଉତ୍ସାହ ଦେଖା ଦେଇଛି। ସମ୍ପୂର୍ଣ୍ଣ ନୂଆ ରୂପରେ କଳିଙ୍ଗ ଷ୍ଟାଡିୟମ ସଜେଇ ହୋଇଥିବାବେଳେ ବିଶ୍ୱବାସୀଙ୍କୁ ସ୍ମୃତି ମଧୁର ଉଦ୍‌ଘାଟନୀ ସମାରୋହ ଭେଟି ଦେବାପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ପୂର୍ବରୁ ମ୍ୟାଚ ପାଇଁ ଟିକେଟ ମିଳୁଥିବାବେଳେ ମଙ୍ଗଳବାରଠାରୁ ବହୁ ପ୍ରତୀକ୍ଷିତ ଉଦ୍‌ଘାଟନୀ ସମାରୋହ ପାଇଁ ଟିକେଟ ଅନ୍ ଲାଇନ୍(ticketgenie.in)ରେ ଉପଲବ୍ଧ ହେବ। ଉଦ୍‌ଘାଟନୀ ଉତ୍ସବର ପ୍ରଥମ ଟିକେଟ କିଣିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ହକି ଇଣ୍ଡିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲିନା ନର୍ମାନ ସୋମବାର ରାଜ୍ୟ ସଚିବାଳୟରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ୨୭ ତାରିଖରେ ହେବାକୁଥିବା ଉଦ୍‌ଘାଟନୀ ସମାରୋହ ଟିକେଟର ଏକ ଟୋକନ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏଥିପାଇଁ ୫୦୦ ଟଙ୍କା ପ୍ରଦାନ କରିଥିବା ତାଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

ଗ୍ରାଣ୍ଡ ଉଦ୍‌ଘାଟନୀ ସମାରୋହ ୨ ପର୍ଯ୍ୟାୟରେ ହେବ। ଏହା ୨୭ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଏବଂ ୨୮ରେ କଟକର ବାରବାଟୀ ଷ୍ଟାଡିୟମରେ ଆୟୋଜିତ ହେବ। ଏଥିପାଇଁ ଅନ୍‌ଲାଇନ୍ ଟିକେଟ ମଙ୍ଗଳବାର ଦିନ ୧୨ଟାରୁ ଉପଲବ୍ଧ ହେବ। "ଟିକେଟ କେବଳ ଅନ୍‌ଲାଇନ୍‌ରେ ହିଁ ମିଳିବ। କୌଣସି କମ୍ପ୍ଲିମେଣ୍ଟାରୀ ଟିକେଟ କିମ୍ବା ପାସ୍‌ର ବ୍ୟବସ୍ଥା ନାହିଁ। ଆଗ୍ରହୀ କ୍ରୀଡ଼ାପ୍ରେମୀ ଅନ୍‌ଲାଇନ୍‌ରେ ଟିକେଟ କିଣି ପାରିବେ" ବୋଲି ଏଲିନା ପ୍ରକାଶ କରିଛନ୍ତି। ଭୁବନେଶ୍ୱରରେ ହେବାକୁଥିବା ସମାରୋହ ପାଇଁ ୧୦,୫୦୦ ଓ କଟକ ପ୍ରୋଗ୍ରାମ ପାଇଁ ୩୦,୦୦୦ ଟିକେଟ ଉପଲବ୍ଧ ହେବ। ବିଶିଷ୍ଟ ସଙ୍ଗୀତକାର ଏ.ଆର.ରହମନ ଉଭୟ ସ୍ଥାନରେ କାର୍ଯ୍ୟକ୍ରମ ପରିବେଷଣ କରିବେ। ବଲିଉଡ୍ ଷ୍ଟାର ଶାହରୁଖ ଖାଁ କଳିଙ୍ଗ ଷ୍ଟାଡିୟମ କାର୍ଯ୍ୟକ୍ରମରେ ଆକର୍ଷଣର କେନ୍ଦ୍ରରେ ରହିବେ। ଅନ୍‌ଲାଇନ୍ ଟିକେଟ କ୍ରେତା ନଭେମ୍ବର ୨୨ ଅପରାହ୍ନ ୩ଟାଠାରୁ ପ୍ରମାଣପତ୍ର ଦେଖାଇ କଳିଙ୍ଗ ଷ୍ଟାଡିୟମ ଗେଟ୍ ନମ୍ବର ୪ ନିକଟରୁ ପ୍ରକୃତ ଟିକେଟ ସଂଗ୍ରହ କରି ପାରିବେ। ଏହା ବ୍ୟତୀତ ଟିକେଟ ବିକ୍ରି ଅଧିକାର ପାଇଥିବା ଭୁବନେଶ୍ୱରର ଅନ୍ୟ ଆଉଟଲେଟ୍ ଗୁଡ଼ିକରେ ମଧ୍ୟ ଏହା କରାଯାଇପାରିବ। କଟକରେ ଟିକେଟ ରିଡେମ୍ପଶନ ପାଇଁ କାଉଣ୍ଟର ଖୋଲାଯିବ। ଏହାର ତାରିଖ ପରେ ଜଣାଇ ଦିଆଯିବ ବୋଲି ହକି ଇଣ୍ଡିଆ ପକ୍ଷରୁ ପ୍ରକାଶ କରାଯାଇଛି।

ହକି ବିଶ୍ୱକପ ୧୪ତମ ସଂସ୍କରଣର ମ୍ୟାଚଗୁଡ଼ିକ ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିରେ ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଅଂଶଗ୍ରହଣ କରିବେ।




ହକି ଇଣ୍ଡିଆ ସିଇଓ ଏଲିନା ନର୍ମାନଙ୍କଠାରୁ ବିଶ୍ୱକପ୍ ଉଦ୍‌ଘାଟନୀ ଟିକେଟ ଗ୍ରହଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।



ବିଶ୍ୱ ମହିଳା ବକ୍ସିଂରେ ସୋମବାର ଭାରତର ସୋନିଆ ଚହଲ (ଡାହାଣ) ଓ ବୁଲଗେରିଆର ଷ୍ଟାନିମାରା ପେଟ୍ରୋଭା ମଧ୍ୟରେ ଲଢ଼େଇ।

## କ୍ୱାର୍ଟରରେ ୮ ଭାରତୀୟ

ବିଶ୍ୱ ମହିଳା ବକ୍ସିଂ

**ନୂଆଦିଲ୍ଲୀ,୧୯।୧୧(ପି.ଟି.):** ଏଠାରେ ଚାଲିଥିବା ଏଆଇବିଏ ବିଶ୍ୱ ମହିଳା ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତୀୟ ଖେଳାଳିଙ୍କ ଦମ୍‌ଦାର ପ୍ରଦର୍ଶନ ଜାରି ରହିଛି। ଜଜିଂରେ ଦେଖାଦେଇଥିବା ବିବାଦ ଭାରତୀୟ ମହିଳା ବକ୍ସରଙ୍କ ପ୍ରଦର୍ଶନକୁ ପ୍ରଭାବିତ କରି ପାରିନାହିଁ। ସୋମବାର ୮ଜଣ ଭାରତୀୟ ବକ୍ସର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ସୋନିଆ ଚହଲ (୫୭ କେ.ଜି.), ପିଙ୍କି ରାନୀ (୫୧ କେ.ଜି.) ଓ ସିମରନଜିତ୍ କୌର (୬୪ କେ.ଜି.) ସେମାନଙ୍କ ପ୍ରି- କ୍ୱାର୍ଟର ଫାଇନାଲ ବାଉଟ୍ ବିଜୟୀ ହୋଇ କ୍ୱାର୍ଟରକୁ ଉଠିଛନ୍ତି। ଅତିକମ୍‌ରେ ବ୍ରୋଞ୍ଜ୍ ପଦକଠାରୁ ଏହି ଖେଳାଳିମାନେ ଗୋଟିଏ ପାଦ ଦୂରରେ ରହିଛନ୍ତି। ତେବେ ଏକମାତ୍ର ଭାରତୀୟ ବକ୍ସର ଭାବେ ସାୱିଟି ବୁରା (୭୫ କେ.ଜି.) ପରାଜୟର ସମ୍ମୁଖୀନ ହୋଇ ପ୍ରତିଯୋଗିତାରୁ ବାଦ ପଡିଛନ୍ତି।

ସ୍ଥାନୀୟ କି.ଡି. ଯାଦବ ଷ୍ଟାଡିୟମରେ ଚାଲିଥିବା ଏହି ମେଗା ଇଭେଣ୍ଟରେ ରବିବାର ଅଲିମ୍ପିକ୍ସ ପଦକ ବିଜୟିନୀ ଏମ୍.ସି. ମେରି କମ୍ (୪୮ କେ.ଜି.), ମନିଷା ମୌନ (୫୪ କେ.ଜି.), ଲୋଭଲିନା ବୋରଗୋହେନ (୬୯ କେ.ଜି.) ଓ କଚାରି ଭାଗ୍ୟବତୀ (୮୧ କେ.ଜି.) ନିଜର ପ୍ରି- କ୍ୱାର୍ଟର ଫାଇନାଲ ବାଉଟ୍ ଜିତି କ୍ୱାର୍ଟରକୁ ଉଠିଛନ୍ତି। ସିମା ପୁନିଆ ମଙ୍ଗଳବାର ଚାଇନାର ଜିଆଓଲି ୟାଙ୍ଗ୍ ବିପକ୍ଷରୁ କ୍ୱାର୍ଟର ଫାଇନାଲ ଅଭିଯାନ କରିବେ।

ପୂର୍ବତନ ଚାମ୍ପିୟନ୍ ଏଲ. ସରିତା ଦେବୀ (୬୦ କେ.ଜି.) ଦ୍ୱିତୀୟ ଭାରତୀୟ ଭାବେ ଏହି ଟୁର୍ନାମେଣ୍ଟର ପ୍ରି- କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛନ୍ତି। ସେ ୨୦୧୬ ବିଶ୍ୱଚାମ୍ପିୟନଶିପ୍ ରୌପ୍ୟ ପଦକ ବିଜୟିନୀ ଆୟର୍ଲାଣ୍ଡର କେଲି ହାରିଙ୍ଗଟନ୍‌ଠାରୁ ୩-୨ରେ ପରାସ୍ତ ହୋଇ ରବିବାର ବିଦାୟ ନେଇଛନ୍ତି।

୨୦୦୬ ସଂସ୍କରଣରେ ଭାରତୀୟ ବକ୍ସରମାନେ ଘରୋଇ ପରିବେଶରେ ଦମ୍‌ଦାର ପ୍ରଦର୍ଶନ କରି ୮ ପଦକ ହାସଲ କରିବା ସହ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ତେବେ ଗତ ଦୁଇଟି ସଂସ୍କରଣରେ ଭାରତ ଦୁଇ ଓ ଗୋଟିଏ ପଦକ ହାସଲ କରିଥିଲା।

ଟୁର୍ନାମେଣ୍ଟର ପଞ୍ଚମ ଦିନରେ ଜଜିଂ ନେଇ ବିବାଦ ଦେଖା ଦେଇଥିଲା। ୨୦୧୪ ସ୍ୱର୍ଣ୍ଣ ପଦକ ବିଜୟିନୀ ବୁଲଗେରିଆର ଷ୍ଟାନିମାରା ପେଟ୍ରୋଭା (୫୭ କେ.ଜି.) ଜଜ୍‌ଙ୍କୁ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣି ବିବାଦ ଛିଡ଼ା କରିଥିଲେ। ପ୍ରି- କ୍ୱାର୍ଟର ଫାଇନାଲରେ ଭାରତର ସୋନିଆ ଚହଲଠାରୁ ପରାସ୍ତ ହେବା ପରେ ସେ ଏହି ଅଭିଯୋଗ ଆଣିଥିଲେ। ସୋନିଆଙ୍କୁ ବିଜୟୀ ଘୋଷଣା କରାଯାଉଥିବା ବେଳେ ପେଟ୍ରୋଭା ହସୁଥିବାର ଓ ମଝି ଅଙ୍ଗୁଳି ଦେଖାଉଥିବାର ଲକ୍ଷ୍ୟ କରାଯାଇଥିଲା। ତାଙ୍କ କୋଚ୍ ପିଟର ୟୋସିଫୋଭ ଲିସୋଭ ଅସନ୍ତୁଷ୍ଟ ହୋଇ ବକ୍ସିଂ ରିଙ୍ଗ ଭିତରକୁ ପାଣି ବୋତଲ ଫୋପାଡିଥିଲେ। ଫଳରେ ଏଆଇବିଏ ତାଙ୍କ ଆକ୍ରିଡେଶନ ପ୍ରତ୍ୟାହାର କରିଥିଲା ଓ ତାଙ୍କୁ ରିଙ୍ଗ୍ ପାଖକୁ ଯିବାକୁ ବାରଣ କରିଥିଲା।

## ଗୁରୁ ରହିଛନ୍ତି ଅଲୋଡ଼ା

ରାଉରକେଲା ଅଫିସ,୧୯।୧୧

**୨୮ରୁ ହକି ବିଶ୍ୱକପ୍**
- କୋଚ୍ ତଥା ପ୍ରଶିକ୍ଷକଙ୍କୁ ନିମନ୍ତ୍ରଣ ନାହିଁ
- ଅନ୍ତୁଡିଶାଳକୁ ଅବହେଳା ଅଭିଯୋଗ
- ଏ ଯାଏ ମିଳିନି ପାସ୍ ଖଣ୍ଡେ
- ଶିଷ୍ୟଙ୍କୁ ନେହୁରା ହେଉଛନ୍ତି ଗୁରୁ

ଆସନ୍ତା ୨୮ରୁ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ସବୁଠି ଚାଲିଛି ସାଜସଜା। ମେଶିନ ସହାୟତାରେ ରାସ୍ତାରୁ ଧୂଳି ବି ସଫା କରାଯାଉଛି। ରାସ୍ତାକଡ କାନ୍ଥ, ପାଚେରି ଆଉ ଓଭରବ୍ରିଜକୁ ଚିତ୍ର ବିଚିତ୍ର କରାଯାଉଛି। ସହରର ବିଭିନ୍ନ ସ୍ଥାନରେ ଉଜ୍ଜ୍ୱଳ ଆଲୋକ, ସିସିଟିଭି କ୍ୟାମେରା ଖଞ୍ଜା ଗଲାଣି। ଖାଲଖମା ରାସ୍ତାକୁ ପିଚୁ ଢାଳି ଚକାଚକ୍ କରାଯାଉଛି। ଦେଶ ବିଦେଶରୁ ଖେଳାଳି, ଦର୍ଶକ, ଅତିଥିମାନେ ଆସୁଥିବାରୁ ସରକାର ବେଶ୍ ତତ୍ପର। ରାଜ୍ୟ ସମ୍ମାନରେ ଯେପରି ଆଞ୍ଚ ନ ଆସେ ସେଥିପ୍ରତି ଅଫିସରମାନଙ୍କୁ ସରକାରଙ୍କ ତାଗିଦ। ଏଣୁ ବିଏମ୍‌ସି ହେଉ କି ରାଜ୍ୟ ସରକାରଙ୍କ ବିଭିନ୍ନ ପଦାଧିକାରୀ ଓ କର୍ମଚାରୀଙ୍କ ନିଦ ହଜି ଯାଇଛି। ଏଥର ହକି ବିଶ୍ୱ କପ୍ ନିଶ୍ଚୟ ଓଡ଼ିଶାକୁ ସମ୍ମାନ ଦେବାରେ ଆଉ ଏକ ସ୍ୱତନ୍ତ୍ର ପୃଷ୍ଠା ଯୋଡ଼ିବ ବୋଲି ରାଜ୍ୟ ସରକାର ନିଶ୍ଚିତ। ହେଲେ ହକିର ଅନ୍ତୁଡିଶାଳ କୁହାଯାଉଥିବା ସୁନ୍ଦରଗଡ଼, ରାଉରକେଲାର ହକି ଗୁରୁ, କୋଚ୍ ଅବା ପ୍ରଶିକ୍ଷକଙ୍କୁ କ୍ରୀଡ଼ା ବିଭାଗ ଅଲୋଡା କରିଦେଇଛି। କଳିଙ୍ଗ ଷ୍ଟାଡିୟମ ଦର୍ଶକ ଗ୍ୟାଲେରିରେ ବସିବାକୁ ଏମାନଙ୍କୁ ଏ ଯାଏ ନିମନ୍ତ୍ରଣ ବି କରାଯାଇନି। ପ୍ରଶ୍ନ ଉଠିଛି ଜାଣିଶୁଣି ଏମାନଙ୍କୁ କୋଣଠେସା କରାଯାଇଛି ନା କ୍ରୀଡ଼ା ବିଭାଗର ସେମାନଙ୍କ କଥା ମନେ ନାହିଁ। ଯଦି ଜାଣିଶୁଣି ଏହି ଗୁରୁମାନଙ୍କୁ ଦୂରେଇ ରଖାଯିବ ତେବେ ଉନ୍ନତି ନୁହେଁ ବରଂ ଅବନତି ହେବ। ବିକାଶ ହେବନି ବରଂ ବିନାଶ ହେବ। ଏଣୁ ଏବେ ବି ସମୟ ଅଛି ରାଜ୍ୟ କ୍ରୀଡ଼ା ବିଭାଗ ଏହି ବଦ୍‌ନାମରୁ ମୁକୁଳିବା ପାଇଁ ଚାହିଁଲେ ବାଟ ବାହାର କରିପାରିବ।

ହକି ବିଶ୍ୱକପ୍ ପାଇଁ ଏବେ ଟିକେଟ ବିକ୍ରି ପ୍ରକ୍ରିୟା ଜାରି ରହିଛି। ଏଥିରେ ପାକିସ୍ତାନ ସମେତ ୧୬ଟି ଦେଶର ହକି ଦଳ ଭାଗ ନେବେ। ଖେଳରେ ବଲ ବୟ ଓ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରିବାକୁ ରାଉରକେଲା ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲ ଛାତ୍ରାବାସ ଅନ୍ତେବାସୀଙ୍କ ମଧ୍ୟରୁ ୫୦ଜଣ ପିଲା ଇତିମଧ୍ୟରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଗତ ୨୦୧୭ ଜୁଲାଇରେ ଅନୁଷ୍ଠିତ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପରେ ରାଜ୍ୟ କ୍ରୀଡ଼ା ବିଭାଗ ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳିଙ୍କୁ ଆମନ୍ତ୍ରଣ କରିଥିବା ବେଳେ ହକି ବିଶ୍ୱକପ୍ ଲାଗି କାହାରିକୁ ଡାକିନାହାନ୍ତି। ହକି ପାଇଁ ସମର୍ପିତ ସୁନ୍ଦରଗଡ଼ ଜିଲାର ଅନେକ ପ୍ରଶିକ୍ଷକ, ଖେଳାଳି ଓ ହଷ୍ଟେଲର ମହିଳା ଅନ୍ତେବାସୀ ପାସ୍ ପାଇବା ତ ଦୂର କଥା ଟିକେଟ ପାଇବା ନେଇ ବ୍ୟସ୍ତ ହୋଇ ପଡିଛନ୍ତି। ହକି ବିଶ୍ୱକପ୍ ଦେଖିବାକୁ ଆଜି ଅନେକ ଜାତୀୟ ଓ ଆନ୍ତର୍ଜାତୀୟ ହକି ଖେଳାଳିଙ୍କୁ ପର ପାଖରେ ନେହୁରା ହେବାକୁ ପଡୁଛି। ଏପରି ଅବସ୍ଥାରେ ସମାନ ଅବସ୍ଥାରେ ପଡିଛନ୍ତି ପ୍ରଶିକ୍ଷକ। ନିଜେ ପାସ୍ ସଂଗ୍ରହ କରି ନ ପାରିଲେ ଖେଳ ଦେଖିବା ମନା। ହକିର ଅନ୍ତୁଡିଶାଳ କୁହାଯାଉଥିବା ସୁନ୍ଦରଗଡ଼ ରାଉରକେଲାର ବରିଷ୍ଠ ହକି ଖେଳାଳି ଓ କୋଚ ଖେଳ ଦେଖିବାରୁ ବଞ୍ଚିତ ହେବା ଅନେକ ହକି ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ପ୍ରତିଯୋଗିତାକୁ ଆଉ ୮ ଦିନ ବାକି ରହିଛି। ଆଜିଯାଏ ପାନପୋଷ ସମେତ ଅନ୍ୟ କୌଣସି କ୍ରୀଡ଼ା ଛାତ୍ରାବାସକୁ ଏଥିରେ ଯୋଗ ଦେବାକୁ ଆମନ୍ତ୍ରଣ କରାଯାଇନି। ଯେଉଁ ହକି ପ୍ରଶିକ୍ଷକ ଦିନେ ହକି ପାଇଁ ପଦ୍ମଭୂଷଣ, ଅର୍ଜୁନ ଓ ଏକଲବ୍ୟ ଭଳି ଜାତୀୟ ପୁରସ୍କାର ଆଣିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ ସେମାନଙ୍କ ପ୍ରତି ରାଜ୍ୟ କ୍ରୀଡା ବିଭାଗର ଅଣଦେଖା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ହକି ତାରକା ଲାଜରୁସ ବାର୍ଲା, ଇଗ୍ନେସ ତିର୍କୀ, ଜ୍ୟୋତିସୁନୀତା କୁଲୁ ଓ ଦୀପସାନ ତିର୍କୀଙ୍କ ଭଳି ବିଶ୍ୱସ୍ତରୀୟ ହକି ତାରାକା ଏହାକୁ କେଉଁ ଦୃଷ୍ଟିରେ ଦେଖୁଥିବେ ତାହା ସହଜରେ ଅନୁମାନ କରାଯାଇ ପାରେ। ରାଜ୍ୟ କ୍ରୀଡା ବିଭାଗ ସୌଜନ୍ୟତା ଦୃଷ୍ଟିରୁ ହାତ ଗଣତି କେଇଜଣ ପ୍ରଶିକ୍ଷକଙ୍କୁ ଖେଳ ଦେଖିବା ନେଇ ଆମନ୍ତ୍ରଣ କରିବାରେ କିଛି ଅସୁବିଧା ନ ଥିଲା, ଯାହା କରାଯାଇ ନାହିଁ। ପ୍ରତିଯୋଗିତାରେ ଏମାନଙ୍କ ହାତ ଗଢା ଖେଳାଳି ଭାଗ ନେବେ ଓ ଟିକେଟ ହାସଲ କରିପାରିଥିବା ଖେଳାଳି ଖେଳ ଉପଭୋଗ କରି ପାରିବେ। କିନ୍ତୁ ଗୁରୁ ରହିଯିବେ ଆଲୋଡା ହୋଇ। ସୁନ୍ଦରଗଡ ଜିଲା ହେଉଛି ରାଜ୍ୟ ହକିର ମୂଳ ଭିତ୍ତି। ଏଇଠୁ ସର୍ଜନା ତଥା ସୃଷ୍ଟି। ଟିକେଟ ଖଣ୍ଡେ ପାଇଁ ଚାତକ ପରି ଚାହିଁ ବସିଥିବା ପ୍ରଶିକ୍ଷକ (ଗୁରୁ)ଙ୍କ ଛାତ୍ରମାନଙ୍କ ମଧ୍ୟରୁ ଆଜି ଅନେକ ବିଭିନ୍ନ ସ୍ତରରେ ପ୍ରତିଷ୍ଠିତ। ଯାହାଙ୍କ ହାତ ସ୍ପର୍ଶ ପାଇ ବିଶ୍ୱକପ୍‌ଠୁ ନେଇ ଅଲିମ୍ପିକ ଯାଏ ହକିରେ କମାଲ ଦେଖାଇଛି ସୁନ୍ଦରଗଡ। ଖାସ ସେଇଥି ପାଇଁ ଏଠି ଗ୍ରାମାଞ୍ଚଳ ହକିଠୁ ନେଇ ପ୍ରଦର୍ଶନୀ ହକି ମ୍ୟାଚ ଆୟୋଜନ କରାଗଲା। ମୁଖ୍ୟମନ୍ତ୍ରୀ ଓ କ୍ରୀଡ଼ା ମନ୍ତ୍ରୀ ଆସି ଖେଳ ଓ ଖେଳାଳିଙ୍କୁ ଉତ୍ସାହିତ କଲେ। ହକିକୁ ଜାତୀୟ ଖେଳ ମାନ୍ୟତା ଦେବା ନେଇ ଉଦ୍ୟମ ଅବ୍ୟାହତ ରହିବ ବୋଲି ମୁଖ୍ୟମନ୍ତ୍ରୀ କଥା ଦେଇଗଲେ। ଏପରି ଅବସ୍ଥାରେ ସରକାର ଓ କ୍ରୀଡା ବିଭାଗ ଦ୍ୱାରା ନିଯୁକ୍ତି ପ୍ରାପ୍ତ ପ୍ରଶିକ୍ଷକଙ୍କ ମଧ୍ୟରୁ କେଇ ଜଣ ଏହି ଟିକେଟ ଖଣ୍ଡେ ପାଇବାକୁ ନିଜ ଛାତ୍ର ପାଖରେ ନେହୁରା ହେବା ବିଡ଼ମ୍ବନା। ବରିଷ୍ଠ ହକି ପ୍ରଶିକ୍ଷକ ସିଲ୍‌ଭେଷ୍ଟର ଟପୋ, ପିଟର ତିର୍କୀ, ହରମନ ଲାକ୍ରା, ରାଜୁକାନ୍ତ ସଇନି ପ୍ରମୁଖ କହିଛନ୍ତି ଯେ, ସେମାନଙ୍କୁ ଏ ଯାଏ ପାସ୍ ଖଣ୍ଡେ ମିଳିନି। ରାଉରକେଲାରୁ ଯାଇ ଭୁବନେଶ୍ୱରରେ ଟିକେଟ ସଂଗ୍ରହ କରି ଖେଳ ଦେଖିବା ସମ୍ଭବ ହେଲା ପରି ଲାଗୁନି।

ଏ ନେଇ ଜିଲା କ୍ରୀଡା ଅଧିକାରୀ ତେଜକୁମାର ଖେସଙ୍କୁ ପଚରାଯିବାରୁ ସେ କହିଥିଲେ ଯେ ତାଙ୍କୁ ଏ ନେଇ କେହି ଯୋଗାଯୋଗ କରି ନାହାନ୍ତି। ସେହିଭଳି ବରିଷ୍ଠ ହକି ପ୍ରଶିକ୍ଷକ ସିଲଭେଷ୍ଟର ଟପୋ କହିଛନ୍ତି ଯେ, ଖେଳ ୮ ଦିନ ବାକି ରହିଥିବା ବେଳେ ପାସ କିମ୍ବା ଟିକେଟ ପାଇବା ଆମ ପାଇଁ ସ୍ୱପ୍ନ ପାଲଟିଛି। ମୋତେ ଲାଗୁନି କି କେହି ବରିଷ୍ଠ କୋଚ କିମ୍ବା ଖେଳାଳି ପାସ ପାଇ ଖେଳ ଦେଖିବେ ବୋଲି। ଅନ୍ୟତମ ସିନିୟର କୋଚ ପିଟର ତିର୍କୀ, ହରମନ ଲାକ୍ରା, ରାଜୁକାନ୍ତ ସାଇନି ପ୍ରମୁଖ ମଧ୍ୟ ପାସ୍ ପାଇବା ନେଇ ନିରାଶା ବ୍ୟକ୍ତ କରିଛନ୍ତି। ଭାରାକ୍ରାନ୍ତ ମନରେ କହିଛନ୍ତି ଯେ ଆମକୁ ଆଜ୍ଞା କେହି ଖୋଜୁ ନାହାନ୍ତି। ରାଉରକେଲାରୁ ଯାଇ ଭୁବନେଶ୍ୱରରେ ଟିକେଟ ସଂଗ୍ରହ କରି ଖେଳ ଦେଖିବା ଆମ ପକ୍ଷେ ସମ୍ଭବ ହେଲାପରି ଲାଗୁନି। ସେହିଭଳି ପାନପୋଷ କ୍ରୀଡ଼ା ସଂଗଠନର କାର୍ଯ୍ୟକାରୀ ସମ୍ପାଦକ ରୂପନାରାୟଣ ସିଂ କହିଛନ୍ତି ଯେ, ସରକାର ବିଶ୍ୱସ୍ତରୀୟ ହକି ଆୟୋଜନ କରିବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ବରିଷ୍ଠ ଖେଳାଳିଙ୍କ ପାଇଁ ପାସ୍ ଖଣ୍ଡେ ବ୍ୟବସ୍ଥା ନ କରିବା ଅତି ଦୁଃଖଦାୟକ। ବରିଷ୍ଠ ମହିଳା ହକି ଖେଳାଳି ତଥା କୋଚ ମେରି ପୂର୍ତ୍ତିଙ୍କୁ ଏନେଇ ପଚାରାଯିବାରୁ ସେ କହଛନ୍ତି ଯେ, ବରିଷ୍ଠ ଖେଳାଳିଙ୍କ ପ୍ରତି ରାଜ୍ୟ ସରକାରଙ୍କ ଏଭଳି ଆଚରଣ ଅତ୍ୟନ୍ତ ନିନ୍ଦନୀୟ। ବରିଷ୍ଠ ଖେଳାଳିଙ୍କୁ ଆମନ୍ତ୍ରଣ କରାଯାଉନି ଶୁଣିବା ପରେ ଖୁବ ବାଧିଛି। ସେହିଭଳି ଆଉ ଜଣେ ବରିଷ୍ଠ ହକି ଖେଳାଳି ବାର୍ଥଲୋମି କେର୍କେଟା ଏହାକୁ ଦୁର୍ଭାଗ୍ୟଜନକ ଏବଂ ସରକାର ଏଥିପ୍ରତି ବିଶେଷ ଦୃଷ୍ଟି ଦେବେ ବୋଲି କହିଛନ୍ତି।

–ବସନ୍ତ ଧଳ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ମଙ୍ଗଳବାର, ନଭେମ୍ବର ୨୦/୨୦୧୮ Rayagada, Tuesday, November 20/ 2018

## ସଂକ୍ଷେପରେ

### ହାତୀ ମୃତ୍ୟୁ ନେଇ ଫରେଷ୍ଟର, ଫରେଷ୍ଟ ଗାର୍ଡଙ୍କୁ ନିଲମ୍ବିତ ଘଟଣା
### ଆନ୍ଦୋଳନ କରିବ ଅଣ ଗେଜେଟେଡ୍ ସେବା ସଂଘ



ମାଲକାନଗିରି,୧୯।୧୧(ଡି.ଏନ.ଏ.)- ଢେଙ୍କାନାଳ ଜିଲା ବନଖଣ୍ଡରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି କିଛି ଦିନତଳେ ୭ଟି ହାତୀ ମୃତ୍ୟୁକୁ ନେଇ ରାଜ୍ୟ ସରକାର ୨ ଜଣ ଫରେଷ୍ଟର ଓ ଜଣେ ବନରକ୍ଷୀଙ୍କୁ ନିଲମ୍ବନ ଓ ଗିରଫ କରାଯିବା ଘଟଣାକୁ ନେଇ ରାଜ୍ୟ ଅଣ ଗେଜେଟେଡ୍ ବନସେବା ସଂଘ ନିନ୍ଦା କରିଛି। ତୁରନ୍ତ ସେମାନଙ୍କ ଉପରୁ ନିଲମ୍ବନ ଉଠାଇବା ସହ ହୋଇଥିବା ମାମଲା ପ୍ରତ୍ୟାହାର କରିବାକୁ ସଂଘ ଦାବି କରିଛି। ଏହା ନ ହେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ । ଏଥିରେ ମାଲକାନଗିରି ଜିଲାର ସମସ୍ତ ଅଣଗେଜେଟେଡ୍ ବନସେବା ସଂଘର ଡେପୁଟି ରେଞ୍ଜର, ଫରେଷ୍ଟର ଏବଂ ପରେଷ୍ଟଗାର୍ଡମାନେ ସାମିଲ ହେବେ । ଜିଲା ସଦର ମହକୁମା ବନ ବିଶ୍ରାମଗାର ପରିସରରେ ସୋମବାର ଜିଲା ସଭାପତି ସମରା ଖରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ବୈଠକରେ ସମ୍ପାଦକ ସୁରେଶ ଚନ୍ଦ୍ର ସ୍ୱାଇଁ , ପୂର୍ବତନ ସଭାପତି ଦିବାକର ଜେନା , ଜଲା କାର୍ଯ୍ୟକାରୀ କମିଟିର ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ ।

## ▪ ବିଶ୍ୱ ପାଇଖାନା ଦିବସ ପାଳିତ
# ବ୍ୟବହାର ସମ୍ପର୍କରେ ବୁଝିଲେ, ଶପଥ ନେଲେ ଗ୍ରାମବାସୀ

ପଡିଆ/ମାଥିଲି, ୧୯।୧୧(ଡି.ଏନ.ଏ.)

ମାଲକାନଗିରି ଜିଲାର ପଡ଼ିଆ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ସୋମବାର ବିଶ୍ୱ ପାଇଖାନା ଦିବସ ପାଳିତ ହୋଇଯାଇଛି। ଗ୍ରାମ୍ୟ ଜଳ ଓ ପରିମଳ ମିଶନର କନିଷ୍ଠ ଯନ୍ତ୍ରୀ ସୌମ୍ୟ ମାରାଣ୍ଡିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଡିଓ ଧରଣୀଧର ନାୟକ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ବସନ୍ତ ବେହେରା, ସହକାରୀ ଯନ୍ତ୍ରୀ ଭାଗୀରଥି ମହାପାତ୍ର, କନିଷ୍ଠ ଯନ୍ତ୍ରୀ କୃତିବାସ ନାୟକ ପ୍ରମୁଖ ଯୋଗଦେଇ ଆଜିର ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଥମେ ନିଜ ବାସଗୃହ ଚତୁଃପାର୍ଶ୍ୱ ପରିଷ୍କାର ପରିଚ୍ଛନ୍ନ ରଖିଲେ ନିଜ ଗ୍ରାମ, ସହର ଓ ଜିଲା ସୁସ୍ଥ ରହିବ । ମହାତ୍ମା ଗାନ୍ଧୀଙ୍କ ସ୍ୱଚ୍ଛତା ସମ୍ପର୍କିତ ବାଣୀକୁ ମନେ ପକାଇ ଦେଶକୁ ସ୍ୱଚ୍ଛତା ରଖିବାକୁ ସେ ଯେଉଁ ସ୍ୱପ୍ନ ଦେଖିଥିଲେ ତାକୁ ସାକାର କରିବାକୁ ସମସ୍ତଙ୍କର ସହଯୋଗ ଆବଶ୍ୟକ ବୋଲି ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ।






ବିଶ୍ୱ ପାଇଖାନା ଦିବସ ଅବସରରେ ପଡିଆ ଓ ମାଥିଲିରେ ଶୋଭାଯାତ୍ରା ବିଭିନ୍ନ ଗ୍ରାମ ପରିକ୍ରମା କରୁଛି ।

ଏଥିସହ ସରକାରଙ୍କ ପକ୍ଷରୁ ମିଳୁଥିବା ପାଇଖାନାକୁ ବ୍ୟବହାର କରିବା ସହ ବାହାରେ ମଳ ତ୍ୟାଗ ନ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଏକ ସଚେତନତା ଶୋଭାଯାତ୍ରା ଖ୍ରୀଷ୍ଟିଆନ ସାହିରୁ ବାହାରି ସହର ପରିକ୍ରମା କରିଥିଲା। ପରେ କାଳଦାପାଲି ଓ ଏମ.ଭି-୫୯ ଗ୍ରାମରେ ଶୋଭାଯାତ୍ରା କରାଯାଇ ଗ୍ରାମ ସଫେଇ କାର୍ଯ୍ୟ ହୋଇଥିଲା। ଏଥିରେ ଗ୍ରାମର ଶତାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ।

ମାଥିଲି ବ୍ଲକ ସଦରରେ ସୋମବାର ଜଳ ଓ ପରିମଳ ବିଭାଗ ତରଫରୁ ବିଶ୍ୱ ପାଇଖାନା ଦିବସ ପାଳିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା। ସମସ୍ତ ଛାତ୍ରୀଛାତ୍ର ବ୍ୟାନର, ପ୍ଲାକାର୍ଡ ଧରି ମାଥିଲି ସଦର ପରିକ୍ରମା କରିଥିଲେ। ପାଇଖାନା ବ୍ୟବହାର କରି ପରିବେଶକୁ ସୁନ୍ଦର କରିବା, ଚପଲ ପିନ୍ଧି ପାଇଖାନା ଯିବା, ପୋଖରୀକୁ ଶୌଚ ପାଇଁ ନ ଯିବା ଆଦି ସମ୍ପର୍କରେ ଲୋକଙ୍କୁ ଛାତ୍ରୀଛାତ୍ରମାନେ ସଚେତନ କରିଥିଲେ। ପରେ ସେଠାରୁ ଗ୍ରାମକୁ ଆସି ଗ୍ରାମବାସୀଙ୍କୁ ପାଇଖାନା ବ୍ୟବହାର ସମ୍ପର୍କରେ ବୁଝାଇଥିଲେ । ପରେ ବିଦ୍ୟାଳୟ ପରିସରରେ ଏକ ସଭା ହୋଇଥିଲା । ଏଥିରେ ବିଭାଗୀୟ କନିଷ୍ଠଯନ୍ତ୍ରୀ ନୁନାରାମ ବାସ୍କି, ଡବ୍ଲ୍ୟୁଇଓ ଶଶିକାନ୍ତ ସାମନ୍ତରାୟ, ଏପିଓ ଉଦ୍ଧବ ଗିରି ପ୍ରମୁଖ ଯୋଗଦେଇ ପାଇଖାନା ଦିବସ ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମନୋଜ କୁମାର ବିଶ୍ୱାସ, ପି. ସୂରଜ କୁମାର, ଗୋପାଳ ପଟ୍ଟନାୟକ, ବିଜୁ ଯୁବ ବାହିନୀର ଗୋପୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ବ୍ଲକ ଅନ୍ତର୍ଗତ ଉଦୁଲିବେଡା ପଞ୍ଚାୟତ ସଦରରେ ମଧ୍ୟ ଅନୁରୂପ ଭାବେ ପାଇଖାନା ଦିବସ ପାଳିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀମାନେ ସାମିଲ ହୋଇଥିଲେ । ପିଇଓ ଅଶୋକ ମହାରଣା, ସରପଞ୍ଚ ହସମତୀ ଦାସା, ନାଏବ ସରପଞ୍ଚ ସନ୍ୟା ଭୂମିଆ, ପୂର୍ବତନ ସମିତିସଭ୍ୟ ରାମେଶ୍ୱର ରାଓ, ସ୍ୱାସ୍ଥ୍ୟକର୍ମୀ ମଞ୍ଜୁଲତା ଆଚାର୍ଯ୍ୟ, ପ୍ରସନ୍ନ ନାୟକ, କନିଷ୍ଠଯନ୍ତ୍ରୀ ନୀହାର ରଞ୍ଜନ ସରକାର ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରାମବାସୀ ଓ ଛାତ୍ରୀଛାତ୍ରମାନେ ମାଳିଗୁଡାଠାରେ ସଫେଇ କରିଥିଲେ । ଗାଁ ପରିବେଶକୁ ସଫା ରଖିବା ଓ ପାଇଖାନା ବ୍ୟବହାର କରିବାକୁ ନେଇ ସମସ୍ତେ ଶପଥ ନେଇଥିଲେ ।

## ସ୍ୱାଭିମାନ ଅଞ୍ଚଳର ବିକାଶ କାର୍ଯ୍ୟ ତରାନ୍ୱିତ

ଚିତ୍ରକୋଣ୍ଡା,୧୯।୧୧-

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଗୁରୁପ୍ରିୟା ସେତୁ ଉଦ୍‌ଘାଟନ ସମୟରେ ସ୍ୱାଭିମାନ ଅଞ୍ଚଳ ରୂପେ ଏହାକୁ ନାମକରଣ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉକ୍ତ ଅଞ୍ଚଳର ବିକାଶ ଲାଗି ଶହେ କୋଟି ମଞ୍ଜୁର କରି ଥିଲେ। ଏହି ଅର୍ଥରେ ଚିତ୍ରକୋଣ୍ଡା ପଞ୍ଚାୟତ ସମିତିର ୧୮ଟି ପଞ୍ଚାୟତର ବିକାଶ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ୨୦ କୋଟି ଟଙ୍କା ମାଛଚାଷ ପାଇଁ ବ୍ୟୟବରାଦ ହୋଇଛି। ଏଥିରେ ୨ହଜାର ପରିବାର ଜୀବିକା ନିର୍ବାହ କରିପାରିବେ। ୭ଟି ପ୍ରାଥମିକ ମତ୍ସ୍ୟ ସମବାୟ ସମିତି ଗଠନ କରି ସେମାନଙ୍କୁ ତାଲିମ ପ୍ରଦାନ ପାଇଁ ୧୪ ଲକ୍ଷ ଟଙ୍କା ବ୍ୟବସ୍ଥା ରହିଛି । ଇତି ମଧ୍ୟରେ ଟନେଲ କ୍ୟାମ୍ପ ଓ ଡାଇକ-୧ରେ ମତ୍ସ୍ୟ ସମବାୟ ସମିତି ଗଠନ କରାଯାଇଛି। ଏଠାରୁ ୨ ଜଣଙ୍କୁ ତାଲିମ ପାଇଁ ଭୁବନେଶ୍ୱର ପଠାଯାଇଛି। ସମିତି ଗଠନ ପାଇଁ ୨୬୭ ମତ୍ସ୍ୟଚାଷୀ ପଞ୍ଜୀକୃତ ହୋଇଛନ୍ତି। ଆଉ ୫ଟି ସମିତି ଗଠନ ଲାଗି ଉଦ୍ୟମ ଜାରି ରହିଛି ବୋଲି ବିଭାଗୀୟ ନିରୀକ୍ଷକ ସଂଗ୍ରାମ ବିଶାଳ ଓ କୈଳାସ ପାତ୍ର କହିଛନ୍ତି ।



ରାଜ୍ୟସ୍ତରୀୟ ସୁରଭିରେ ପୁରସ୍କୃତ ହୋଇଥିବା ବାଲିମେଳାର ଛାତ୍ରୀଛାତ୍ର ।

# ରାଜ୍ୟସ୍ତରୀୟ ସୁରଭିରୁ ଜିଲା ପାଇଁ ଗୌରବ ଆଣିଲେ କ୍ଷୀରାବ୍ଧି, ସୁଜୟ

ବାଲିମେଳା, ୧୯।୧୧ (ଡି.ଏନ୍.ଏ.)

ମାଲକାନଗିରି ଜିଲା କୋରକୋଣ୍ଡା ବ୍ଲକର ୨ଜଣ ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ସୁରଭିରେ କୃତକାର୍ଯ୍ୟ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି। ସେମାନେ ହେଲେ ଛାତ୍ରୀ କ୍ଷୀରାବ୍ଧି ତନାରା ଆଚାର୍ଯ୍ୟ ଏବଂ ଛାତ୍ର ସୁଜୟ ସରକାର। କ୍ଷୀରାବ୍ଧି ଚଳିତବର୍ଷ ରାଜ୍ୟ ସୁରଭି ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କୋରକୋଣ୍ଡା ବ୍ଲକ ପୁରୁଣା ଚିତାପାରୀ ସରକାରୀ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ର ସୁଜୟ ରାଜ୍ୟସ୍ତରୀୟ 'ସୁରଭି'ର କୁଇଜ୍ ପ୍ରତିଯୋଗିତାର କନିଷ୍ଠ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ରବିବାର ବାଲିମେଳା ବସଷ୍ଟାଣ୍ଡଠାରେ ସୁଜୟ ପହଞ୍ଚିବା ପରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋରକୋଣ୍ଡା ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଗାୟତ୍ରୀ ଦେବୀଙ୍କ ସହ ପ୍ରଧାନଶିକ୍ଷକ ବିଜୟ କୁମାର ପାଢ଼ୀ ସୁଜୟଙ୍କୁ ବସଷ୍ଟାଣ୍ଡଠାରୁ ଏକ ଶୋଭାଯାତ୍ରାରେ ବିଦ୍ୟାଳୟକୁ ନେଇଥିଲେ। ପରେ ଏହି ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଆୟୋଜିତ ସଭାରେ କୋରକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ପତିତପାବନ ଦାଶ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଜୟଙ୍କ ବାପା ସୁକୁମାର ସରକାର ଓ ମା' ପୁଷ୍ପା ସରକାର, ଅବସରପ୍ରାପ୍ତ ଶିକ୍ଷକ ରାଧାନାଥ ଆଚାର୍ଯ୍ୟ, ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରଞ୍ଜିତ ନାୟକ, ତାର୍ଲାକୋଟା ବିଦ୍ୟାଳୟ ପ୍ରଧାନଶିକ୍ଷକ କରୁଣାକର ମଲିକ, ଓର୍କେଲ ୟୁଜିଏମ୍ଇ ସ୍କୁଲ ପ୍ରଧାନଶିକ୍ଷକ ରାଜକିଶୋର ମହାନ୍ତି, ପ୍ରାଥମିକ ଶିକ୍ଷକ ସଂଘର ସହସମ୍ପାଦକ ରମେଶ ଚନ୍ଦ୍ର ସ୍ୱାଇଁ, ପ୍ରଧାନଶିକ୍ଷକ ଗଜେନ୍ଦ୍ର ମଲିକ, ପରିଚାଳନା ସମିତିର ସଭାପତି ଦେବା ପଢ଼ିଆରୀ, ସମ୍ପାଦକ ପ୍ରଭାତ କୁମାର ପରିଡା, ସିଆରସିସି ଚିତ୍ତରଞ୍ଜନ ନାୟକ ଉପସ୍ଥିତ ଥିଲେ।




Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057,India. CIN: L35911DL1984PLC017354. Phone No.: 011 - 46044100. For further information, contact nearest Hero MotoCorp authorised outlet or call our toll free no.: 1800 - 266 - 0018 or visit us on www.HeroMotoCorp.com. Accessories and features shown may not be part of standard fitment. Always wear a helmet while riding a two wheeler. *Terms & conditions apply. #Finance at the sole discretion of financiers. Customers have to provide all relevant documents desired by financiers to avail the loan. *Offer Applicable only on 125cc Motorcycles.

HeroMotoCorpIndia HeroMotoCorpLimited heromotocorp.com @HeroMotoCorp TheHeroMotoCorp

For Institutional and Bulk Sales please write to Kolkata@heromotocorp.com

ଅଥରାଇଜ୍ଡ ଡିଲର: ବ୍ରହ୍ମପୁର: ଲକ୍ଷ୍ମୀ ହୀରୋ - 7799766350. ଶ୍ରୀ କାଲେଶ୍ୱର ହୀରୋ - 7799766372. ଜୟପୁର: ସୁପ୍ରିମ ହୀରୋ - 7799766340. ଫୁଲବାଣୀ: ନାରାୟଣୀ ହୀରୋ - 7799766373. ରାୟଗଡ଼ା: ଅଜୀତ ହୀରୋ - 7799766358. ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ଆସିକା: ଅଶୋକ ମୋଟର୍ସ - 273226. ପାରଳାଖେମୁଣ୍ଡି: ପ୍ରୀତମ ଏଣ୍ଟରପ୍ରାଇଜ - 224656. ମାଲକାନଗିରି: କନିଷ୍କ ଅଟୋମୋବାଇଲ୍ସ - 9437181980, 230514. ନବରଙ୍ଗପୁର: ଅରୁଣ ସେଲ୍ସ ଆଣ୍ଡ ସର୍ଭିସ - 223970. ସିମିଳିଗୁଡା: କେ.ପି.ଏଣ୍ଟରପ୍ରାଇଜ - 225222. ଦେବଗଡ଼ : ଜିନ୍ଦଲ ମୋଟର୍ସ : 9337774624.



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ -ତଥାଗତ ସତପଥୀ

## ସଂକ୍ଷେପରେ

### ଜିଲା ଟାଏକୋଣ୍ଡୋ ଦଳକୁ ୮ ପଦକ



ପାରଳାଖେମୁଣ୍ଡି, ୧୯।୧୧ (ସ୍ୱ.ପ୍ର.) ବ୍ରହ୍ମପୁର ରେଲବାଇ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଗଜପତି ଜିଲାକୁ ସଫଳତା ମିଳିଛି। ଗଜପତି ଜିଲା ଟାଏକୋଣ୍ଡୋ ସଂଘ ପକ୍ଷରୁ ୧୮ଜଣ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଭାଗନେଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କୁ ସ୍ୱର୍ଣ୍ଣ, ୩ଜଣ ରୌପ୍ୟ ଏବଂ ୪ ଜଣଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ଏହି ୧୮ଜଣିଆ ଦଳ ସହ କୋଚ ନାଗେଶ୍ୱର ମହାପାତ୍ର, ସଂଘ ସମ୍ପାଦକ କାର୍ତ୍ତିକ ମହାପାତ୍ର, ଗଣେଶ ଚନ୍ଦ୍ର ମହାପାତ୍ର, ରାଜୁପାତାଲ ପ୍ରମୁଖ ବ୍ରହ୍ମପୁର ଗସ୍ତ କରିଥିଲେ।

### ନଗର କଂଗ୍ରେସ ପକ୍ଷରୁ ଇନ୍ଦିରା ଜୟନ୍ତୀ

ପାରଳାଖେମୁଣ୍ଡି, ୧୯।୧୧ (ସ୍ୱ.ପ୍ର.) ପାରଳାଖେମୁଣ୍ଡିସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ନଗର କଂଗ୍ରେସ ପକ୍ଷରୁ ଇନ୍ଦିରା ଗାନ୍ଧୀଙ୍କ ୧୦୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ବିଭୂତି ଭୂଷଣ ପାତ୍ର ସ୍ୱର୍ଗୀୟ ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ନଗର କଂଗ୍ରେସ ସଭାପତି ବସନ୍ତ କୁମାର ପଣ୍ଡା ସ୍ୱର୍ଗତ ଗାନ୍ଧୀଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଏବଂ ତାଙ୍କ ସମୟରେ ଓଡିଶା କିପରି ବିଭିନ୍ନ ଦିଗରେ ପ୍ରଗତି କରିଥିଲା ସେ ବିଷୟରେ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା କୃଷ୍ଣ କୁମାର ବେହେରା, ସୂର୍ଯ୍ୟନାରାୟଣ ପାତ୍ର, ସୁଜିତ ଦାସ, ଈଶ୍ୱର ଚନ୍ଦ୍ର ମାଝୀ ପ୍ରମୁଖଙ୍କ ସହ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ।



## ■ ତିତ୍‌ଲି କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ ଦାବିକଲା ବସ୍ତି ସୁରକ୍ଷା ମଞ୍ଚ

# ତହସିଲ, ପୌର ପରିଷଦ ଅଫିସ ଆଗରେ ବିକ୍ଷୋଭ

ପାରଳାଖେମୁଣ୍ଡି, ୧୯।୧୧ (ସ୍ୱ.ପ୍ର.)

ପାରଳାଖେମୁଣ୍ଡି ବସ୍ତି ସୁରକ୍ଷା ମଞ୍ଚ ପକ୍ଷରୁ ତିତ୍‌ଲି ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ବସ୍ତି ବାସିନ୍ଦାଙ୍କୁ ସହାୟତା ରାଶି ପ୍ରଦାନ ପାଇଁ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ପୌରପରିଷଦ ନିକଟରୁ ମଞ୍ଚ ଆବାହକ ସୁଜିତ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ବସ୍ତି ବାସିନ୍ଦା ଏକ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ତହସିଲଦାରଙ୍କ କାର୍ଯ୍ୟାଳୟରେ ପହଞ୍ଚି ସେଠାରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତିତ୍‌ଲି ବାତ୍ୟାକୁ ଦୀର୍ଘ ଦିନ ବିତିଥିଲେ ମଧ୍ୟ ବସ୍ତି ଅଞ୍ଚଳରେ ଭାଙ୍ଗିପଡିଥିବା ବିଭିନ୍ନ ଘରଗୁଡିକର କ୍ଷୟକ୍ଷତି ଆକଳନ କରାଯାଇ ନାହିଁ କିମ୍ବା ଲୋକଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇନାହିଁ ବୋଲି ବସ୍ତିବାସିନ୍ଦା ଅଭିଯୋଗ କରିଥିଲେ। ତେବେ ସପ୍ତାହକ ମଧ୍ୟରେ ଭାଙ୍ଗିପଡିଥିବା ଘର ଗୁଡିକର କ୍ଷୟକ୍ଷତି ଆକଳନ କରି ସହାୟତା ରାଶି ପ୍ରଦାନ କରାଯାଉ ବୋଲି ମଞ୍ଚ ପକ୍ଷରୁ ଦାବି ହୋଇଛି। ଏଥିସହ ବସ୍ତିବାସିନ୍ଦାଙ୍କୁ ସ୍ଥାୟୀ ପଟ୍ଟା ଯୋଗାଇ ଦିଆଯାଉ ବୋଲି ମଧ୍ୟ ଦାବି ହୋଇଛି। ପଟ୍ଟା ନଥିଲେ ବାତ୍ୟା କ୍ଷତିପୂରଣ ଦିଆଯିବାକୁ ନିୟମ ନାହିଁ ବୋଲି ତହସିଲ ଅଫିସ ପକ୍ଷରୁ କୁହାଯାଇଛି। ବସ୍ତି ସୁରକ୍ଷା ମଞ୍ଚ ସେମାନଙ୍କ ଦାବିଗୁଡିକ ପ୍ରତି ଜିଲାପାଳଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିଲେ। ବସ୍ତି ସୁରକ୍ଷା ମଞ୍ଚର ଉଷାବତୀ ପ୍ରଧାନ, ସୁଲେଖା ପ୍ରଧାନ, ଜି.ସୁଜାତା, ଜି.ଦୁତିକା, ଆଦିଲକ୍ଷ୍ମୀ ମହାକୁଡ ପ୍ରମୁଖଙ୍କ ସହ ଶତାଧିକ ବସ୍ତିବାସିନ୍ଦା ଶୋଭାଯାତ୍ରା ଓ ବିକ୍ଷୋଭରେ ସାମିଲ ହୋଇଥିଲେ।



ବସ୍ତି ସୁରକ୍ଷା ମଞ୍ଚ ପକ୍ଷରୁ ବାହାରି ଥିବା ଶୋଭାଯାତ୍ରା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନ ପାଇ ପାଇଛି ଇଲିଶି**
**କଣ୍ଟା ମଣ୍ଟା କରି ଗିଳୁଛି**

ବେଳ ଅବେଳରେ ହଠାତ୍ କୋଉଠୁ କିଛି ମିଳିଗଲେ ଅନେକେ ଆଗପଛ ନ ବିଚାରି ବା ତାହାର ଭଲମନ୍ଦ ଦିଗ ପ୍ରତି ଦୃଷ୍ଟି ନ ଦେଇ ଗ୍ରହଣ କରିନେବାକୁ ଉତ୍ସୁକ ହୋଇପଡ଼ନ୍ତି। ଲାଳସା ଅନ୍ଧ। ଲାଳସାର ବଶବର୍ତ୍ତୀ ଲୋକ ଭୁଲ୍ ଠିକ୍‌ର ହିସାବ ରଖି ନ ଥାଏ। କଥାରେ ଅଛି ଅତି ଲୋଭରୁ ମୃତ୍ୟୁ। ତେଣୁ ଲୋଭ କରି ଅଧିକ ଜିନିଷ ପ୍ରତି ଆକୃଷ୍ଟ ହେଲେ ପରିଶେଷରେ ବିଷମ ଦଶା ଭୋଗିବାକୁ ପଡ଼ିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ନାକ ଟାଉଁ ଟାଉଁ କରୁଛି**
**ପରର ନିରିଖି ମରୁଛି।**

ଅନ୍ୟର ଭଲ ଦେଖିଲେ କେତେ ଲୋକଙ୍କ ମନ ହାଇଁ ପାଇଁ ହୋଇଯାଏ। ଏଭଳି ବ୍ୟକ୍ତି ଅନ୍ୟର ସୁଖ ଶିରୀକୁ ଆଦୌ ସହ୍ୟ କରି ପାରି ନ ଥାନ୍ତି। ଏହାକୁ ବରଦାସ୍ତ କରିବା ବା ସହଜରେ ଗ୍ରହଣ କରିବା ତାଙ୍କ ପକ୍ଷେ ଅତୀବ କଷ୍ଟକର ହୋଇଯାଇଥାଏ। ଅନ୍ୟର ଆଖିଦୃଶିଆ ଉନ୍ନତି ଦେଖି ଲାଳାୟିତ ହୋଇପଡୁଥିବା ବ୍ୟକ୍ତି ଏହାକୁ ସହି ନ ପାରି ରବେଇ ଖବେଇ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ରାଜ୍ୟସ୍ତରୀୟ ଯୁବ ମହୋତ୍ସବ

# ଜାତୀୟସ୍ତରକୁ ଜିଲାରୁ ୨ ପ୍ରତିଯୋଗୀ



ଜାତୀୟସ୍ତରକୁ ମନୋନୀତ ହୋଇଥିବା ପ୍ରତିଯୋଗୀ।

ପାରଳାଖେମୁଣ୍ଡି, ୧୯।୧୧ (ସ୍ୱ.ପ୍ର.)

ଗଜପତି ଜିଲା କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ରାଜ୍ୟ ଯୁବ ମହୋତ୍ସବରେ ଜିଲାରୁ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ୨ଜଣ ଜାତୀୟସ୍ତରକୁ ମନୋନିତ ହୋଇଛନ୍ତି। ଗତ ୧୫ରୁ ୧୮ ତାରିଖ ପର୍ଯ୍ୟନ୍ତ ଯାଜପୁରରେ ଏହି ରାଜ୍ୟସ୍ତରୀୟ ଯୁବ ମହୋତ୍ସବର ଅନୁଷ୍ଠିତ ହୋଇଥିଲା। ଏଥିରେ କୁଚୁପୁଡି ନୃତ୍ୟରେ ଉର୍ମିଳା ପଟ୍ଟନାୟକ ଓ କର୍ଣାଟକୀ ଶାସ୍ତ୍ରୀୟ ଭୋକାଲରେ ଏଲୋନ ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଜାତୀୟସ୍ତରକୁମନୋନୀତ ହୋଇଥିବା ନେଇ ଜିଲା କ୍ରୀଡ଼ାଧିକାରୀ ପ୍ରଭାକର ତ୍ରିପାଠୀ ସୂଚନା ଦେଇଛନ୍ତି। ଗଜପତି ଜିଲାରୁ ଆକାଶବାଣୀର ବରିଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ତଥା ସ୍ୱର ସଂଯୋଜକ ଗୁରୁ ରଘୁନାଥ ପାତ୍ର ରାଜ୍ୟସ୍ତରୀୟ ଯୁବ ମହୋତ୍ସବର ବିଚାରକ ମଣ୍ଡଳୀର ଜଣେ ସଦସ୍ୟ ଭାବେ ମନୋନୀତ ହୋଇ ସଫଳତାର ସହ କାର୍ଯ୍ୟ ତୁଲାଇଥିଲେ। ପ୍ରଥମଥର ପାଇଁ ଜିଲାରୁ କେହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବିଚାରକ ଦାୟିତ୍ୱ ତୁଲାଇଥିବାରୁ ଜିଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୁରୁ ରଘୁନାଥଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି।

### ମନ୍ଦିରରେ ବଡ଼ ଏକାଦଶୀ ପାଇଁ ଭିଡ

ପାରଳାଖେମୁଣ୍ଡି, ୧୯।୧୧ (ସ୍ୱ.ପ୍ର.) – କାର୍ତ୍ତିକ ଶେଷ ସୋମବାର ଓ ବଡ ଏକାଦଶୀ ଉପଲକ୍ଷେ ପାରଳାଖେମୁଣ୍ଡିର ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ସୋମବାର ସକାଳୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ସେହିପରି କାର୍ତ୍ତିକ ଶେଷ ସୋମବାର ପାଇଁ ସହରର ରାମଲିଙ୍ଗେଶ୍ୱର ମନ୍ଦିର, ମାଣ୍ଡୁଆ ମହାଦେବ ମନ୍ଦିର, ଚନ୍ଦ୍ରଶେଖର ମନ୍ଦିର, ନାଗାର୍ଜୁନ ମନ୍ଦିର, ଡେଙ୍ଗାଦେଉଳ, ଧବଳେଶ୍ୱର ମନ୍ଦିର ଆଦି ଶିବାଳୟରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା।

## ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା

ପାରଳାଖେମୁଣ୍ଡି, ୧୯।୧୧ (ସ୍ୱ.ପ୍ର.)

ମାଧ୍ୟମିକ ଶିକ୍ଷା ବୋର୍ଡ ଓଡିଶା ଆନୁକୂଲ୍ୟରେ ଗଜପତି ଜିଲାର ୭ ବ୍ଲକରେ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ୭ଟି ବ୍ଲକରୁ ପ୍ରଥମ ପର୍ଯ୍ୟାୟରେ ୬ଷ୍ଠ ଶ୍ରେଣୀରୁ ୩୦୬ଜଣ ଓ ଦ୍ୱିତୀୟ ପର୍ଯ୍ୟାୟରେ ୯ମ ଶ୍ରେଣୀର ୪୧୨ଜଣ ପରୀକ୍ଷା ଦେଇଥିଲେ। ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ ଓ ଜିଲା ବିଜ୍ଞାନ ନିରୀକ୍ଷକ ସାତ୍ତ୍ୱିକ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଶାନ୍ତି ଶୃଙ୍ଖଳାର ସହ ଏହି ପରୀକ୍ଷା ଅନୁଷ୍ଠିତ ହୋଇଛି।

## କାର୍ତ୍ତିକ ଏକାଦଶୀ ପାଳିତ



କାଶୀନଗର, ୧୯।୧୧(ଡି.ଏନ୍.ଏ.)

ସୋମବାର ପବିତ୍ର କାର୍ତ୍ତିକ ମାସ ଏକାଦଶୀ ଉପଲକ୍ଷେ କାଶୀନଗରର ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଟାଟା କଲୋନୀସ୍ଥିତ ଲକ୍ଷ୍ମୀ ନାରାୟଣ ଭଜନ ମଣ୍ଡଳୀ, ଜଗନ୍ନାଥ ମନ୍ଦିର, ଭେଙ୍କଟେଶ୍ୱର ମନ୍ଦିର ନିକଟରେ ଥିବା ଭଜନ ମନ୍ଦିରଠାରେ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଛି, ଯାହାକି ମଙ୍ଗଳବାର ପର୍ଯ୍ୟନ୍ତ ଚାଲିବ। ଏଥିରେ ବିଭିନ୍ନ ଗ୍ରାମରୁ ଭଜନମଣ୍ଡଳୀ ଆସି କାଶୀନଗରଠାରେ ଯୋଗ ଦେଇଛନ୍ତି। ସବୁଆଡେ ଆଧ୍ୟାତ୍ମିକ ପରିବେଶ ପରିଲକ୍ଷିତ ହୋଇଛି।

## ଅଗ୍ନିବିପନ୍ନଙ୍କୁ ଭେଟିଲେ ବିଜେଡ଼ି ନେତା

# ସହାୟତା ପାଇଁ ତହସିଲଦାରଙ୍କୁ ଦାବିପତ୍ର

କାଶୀନଗର, ୧୯।୧୧(ଡି.ଏନ୍.ଏ.)

ବିଜେଡି ନେତା ମରୁତି ପାଳ ସୋମବାର ଗଜପତି ଜିଲା କାଶୀନଗର ବ୍ଲକ ଅଧୀନ କିତାଙ୍ଗି ଗ୍ରାମର ଅଗ୍ନି ବିପନ୍ନଙ୍କୁ ଭେଟି ତାଙ୍କ ସହ ଆଲୋଚନା କରିଛନ୍ତି। ପରେ ବିପନ୍ନଙ୍କୁ ସାଙ୍ଗରେ ନେଇ କାଶୀନଗର ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ରଙ୍କୁ ଭେଟିବା ସହ ଏକ ଦାବିପତ୍ର ଦେଇଛନ୍ତି। ଅଗ୍ନି ବିପନ୍ନଙ୍କୁ ସହାୟତା ଯୋଗାଇ ଦେବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ପ୍ରଶାସନ ପକ୍ଷରୁ ପୂର୍ବରୁ ବିପନ୍ନଙ୍କୁ ସହାୟତା ଯୋଗାଇ ଦିଆଯାଇଥିବା ତହସିଲଦାର କହିଛନ୍ତି। ପ୍ରକାଶ ଯେ, ମରୁତି ପାଳ ପୂର୍ବରୁ ମଧ୍ୟ ଉକ୍ତ ଗାଁକୁ ଯାଇ ଅଗ୍ନି ବିପନ୍ନଙ୍କୁ ଭେଟି ସହାୟତା ଯୋଗାଇ ଦେଇଥିଲେ।



ତହସିଲଦାରଙ୍କୁ ଦାବିପତ୍ର ଦିଆଯାଉଛି।

# ଶୌଚାଳୟ ନିର୍ମାଣ, ବ୍ୟବହାର ଉପରେ ଗୁରୁତ୍ୱ

**ବିଶ୍ୱ ଶୌଚାଳୟ ଦିବସ**

ପାରଳାଖେମୁଣ୍ଡି, ୧୯।୧୧ (ସ୍ୱ.ପ୍ର.)

ଜିଲା ଜଳ ଓ ପରିମଳ ମିଶନ ଏବଂ ପାରଳାଖେମୁଣ୍ଡି ପୌରସଂସ୍ଥା ସହଯୋଗରେ 'ସ୍ୱଚ୍ଛ ଓଡିଶା, ସୁସ୍ଥ ଓଡିଶା' କାର୍ଯ୍ୟକ୍ରମ ଅଧୀନରେ ସୋମବାର ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଯାଇଛି। ଏହିଅବସରରେ ବାହାରିଥିବା ସଚେତନତା ଶୋଭାଯାତ୍ରାକୁ ଜିଲାପାଳ ଅନୁପମ ସାହା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଘରେ ଶୌଚାଳୟ ନିର୍ମାଣ ଓ ତା'ର ବ୍ୟବହାର ଜରୁରୀ ବୋଲି ସେ କହିଥିଲେ। ବାହ୍ୟ ମଳତ୍ୟାଗ ଦ୍ୱାରା ବିଭିନ୍ନ ସଂକ୍ରାମକ ରୋଗ କିପରି ବ୍ୟାପିଥାଏ, ସେ ବିଷୟରେ ଲୋକଙ୍କୁ ସଚେତନ କରାଯାଇଥିଲା। ଜିଲାକୁ ବାହ୍ୟ ମଳମୁକ୍ତ ଜିଲା ଭାବେ ଗଠନ କରିବାରେ ସମସ୍ତେ ସହଯୋଗ କରିବାକୁ ଆହ୍ୱାନ ଦିଆଯାଇଥିଲା। ଶୌଚାଳୟ ବ୍ୟବହାର କରି ପରିବେଶକୁ ସୁସ୍ଥ ରଖିବା ପାଇଁ ସଚେତନ ହେବା ଆବଶ୍ୟକ ବୋଲି ପୌରସଂସ୍ଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ କହିଥିଲେ। ଜନସାଧାରଣ କିପରି ଶୌଚାଳୟ ତିଆରି ପାଇଁ ସରକାରଙ୍କ ଠାରୁ ପ୍ରୋତ୍ସାହନ ରାଶି ପାଇପାରିବେ, ସେ ନେଇ ବିଭିନ୍ନ ସଚେତନତା ପତ୍ରିକା ବଣ୍ଟା ଯାଇଥିଲା। ଜିଲା ଜଳ ଓ ପରିମଳ ମିଶନ ନିର୍ବାହୀ ଯନ୍ତ୍ରୀ ସୁରେନ୍ଦ୍ର କୁମାର ବେହେରା ଏବଂ ଜିଲା ସ୍ୱଚ୍ଛ ଭାରତ ପ୍ରକଳ୍ପର ସଂଯୋଜକ ପ୍ରବୀଣ କୁମାର ଉପସ୍ଥିତ ଥିଲେ। ପରିମଳ ନିରୀକ୍ଷକ ପୁରୁଷୋତ୍ତମ ବେଣିଆ, ନୀଳକଣ୍ଠ ସୁନାଶଗଡ, ଏ.ଲକ୍ଷ୍ମଣ ଓ ବିଭାଗୀୟ ସହକାରୀ ଯନ୍ତ୍ରୀ ରମେଶ ଚନ୍ଦ୍ର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଜିଲାପାଳ ଅନୁପମ ଶାହା ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି।

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

!! ଋଣ ଋଣ ଋଣ !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000- 50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9625338716
9625390375
Add : - T-51, Gautampuri, Delhi

FINANCE
Mahalaxmi Credit Services
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ
25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

SMS JOB
SEND SMS, EARN MONEY
TELECOM - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
08013841721
08013848031

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odis77407)। ଖାଲି ଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ 70,000,00 ଭଡ଼ା 50,000 + ଏକ ବାଇକ୍ + 1 ଲାପଟପ୍ ଫ୍ରି + ମାସିକ 60,000ର ଅନ୍ୟାନ୍ୟ ସୁବିଧା। (ଇଚ୍ଛୁକ ବ୍ୟକ୍ତି ଫୋନ୍ କରନ୍ତୁ)
8670077673
310, Gram-Mohammadapur, Village-Mahammadpur, Tehsil- Gogawa, Dist- Khargone, MP - 451335

FINANCE
New India Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଯୋଗାଇ ଦେଉଛୁ।
Ground Floor, Plot No.- D97, Sect-IV, MVP Colony, Visakhapatnam AP-530017
7606062787
7606085833
Email Id- newindiacorp099@gmail.com

ଦୀପାବଳି ଧମାକା
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ଏହି ଅଫର୍ 30 ନଭେମ୍ବର ପର୍ଯ୍ୟନ୍ତ ଉପଲବ୍ଧ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ
ଋଣ କମ୍ ସୁଧରେ
ମାର୍କଶିଟ୍, ଆଧାରକାର୍ଡ ଇତ୍ୟାଦି ଋଣ
ମାତା/ଭଉଣୀଙ୍କୁ ବିଶେଷ ରିହାତି
2% ସୁଧ 50% ରିହାତି + ସବ୍‌ସିଡି
9625419406
8695337370
Add : - 41/14, Sec-1 Pushp Vihar, Delhi

ଭାରତର ନଂ.୧
MUDRA Finance Group
ପିଏମ୍ ଏବଂ ବିତ୍ତ ମନ୍ତ୍ରଣାଳୟ ଦ୍ୱାରା ଜନକଲ୍ୟାଣ ଆବାସ ଯୋଜନା ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ୍, ଆଧାରକାର୍ଡ, ଗୃହ, ମହିଳା ଗ୍ରୁପ୍ ଋଣ, ବ୍ୟବସାୟ,ଇଟାଭାଟି ଏବଂ ସବୁପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ପାଆନ୍ତୁ। 1% ସୁଧ 40% ସରକାରୀ ସବ୍‌ସିଡି।
Shaldoha, Mahushmuriya, East Singhbhum, Bharagora, Jharkhand - 832301
Helpline Numbers:
74090203163

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number
9897499698
Goudunipokhari, Pharsibandha, Bhadrak, Odisha - 756132

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra



ବିଶ୍ୱ ଶୌଚାଳୟ ଦିବସ ଅବସରରେ ମୁନିଗୁଡ଼ାରେ ବାହାରିଥିବା ଶୋଭାଯାତ୍ରା ।



ରାୟଗଡ଼ାରେ ମାନବ ଶୃଙ୍ଖଳ କରାଯାଉଛି ।



ଚନ୍ଦ୍ରପୁରରେ ଅତିଥିଙ୍କ ସହ ଅନ୍ୟମାନେ ଶୋଭାଯାତ୍ରାରେ ଯାଉଛନ୍ତି ।




ପଦ୍ମପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ଶୌଚାଳୟ ବ୍ୟବହାର ନେଇ ସଚେତନତା

**ରାୟଗଡା ଅଫିସ୍/ମୁନିଗୁଡ଼ା/ ଚନ୍ଦ୍ରପୁର/ କାଶୀପୁର/ ଜେକେପୁର/ ପଦ୍ମପୁର/ ରାମନାଗୁଡ଼ା , ୧୯।୧୧**

ରାୟଗଡା ବ୍ଲକ୍ ତରଫରୁ ବ୍ଲକ୍‌ସ୍ତରୀୟ ଶୌଚାଳୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରାୟଗଡା ବ୍ଲକ୍ ଖଲିଗୁଡା ଗ୍ରାମରୁ କଣ୍ଡାପେଟା ଗ୍ରାମ ପର୍ଯ୍ୟନ୍ତ ଏକ ମାନବ ଶୃଙ୍ଖଳର ଆୟୋଜନ ହୋଇଥିଲା । ଜିଲାପାଳ ଗୁହା ପୁନମ ତାପସ କୁମାର ଏହାକୁ ଉଦ୍‌ଘାଟନ କରିଥିଲେ । ଉପଜିଲାପାଳ ପ୍ରବୀର କୁମାର ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ମାଝି, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୃସିଂହଚରଣ ପଟ୍ଟନାୟକ, ପୁଷ୍ପାଞ୍ଜଳି ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଆୟୋଜିତ ବୈଠକରେ ଉପଜିଲାପାଳ ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶୌଚାଳୟ ବ୍ୟବହାର ନେଇ କହିଥିଲେ । ବିଡିଓ ମାଝି ରାୟଗଡା ବ୍ଲକ୍‌ର ମୋଟ ୨୬ହଜାର ୩୬୯ ପରିବାର ମଧ୍ୟରୁ ୨୩ହଜାର ଶୌଚାଳୟ ଅର୍ଥାତ୍ ୮୭ଶତକଡା ଶୌଚାଳୟ ନିର୍ମାଣ ସାରିଥିବା ବେଳେ ୩୩୬୩ଟି ପରିବାର ନିମନ୍ତେ ଶୌଚାଳୟ ବାକି ରହିଛି । ବର୍ତ୍ତମାନ ସୁଦ୍ଧା ୨୮ଟି ମଧ୍ୟରୁ ୭ଟି ପଞ୍ଚାୟତ ବାହ୍ୟ ମଳମୁକ୍ତ ଗ୍ରାମ ପଞ୍ଚାୟତ ଭାବେ ଘୋଷଣା ହୋଇଥିବା କହିଥିଲେ । ବୈଠକରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୃସିଂହଚରଣ ପଟ୍ଟନାୟକ, ରିତେଶ ସାହୁ, ଡାକ୍ତର ସୁନୀଲ ପ୍ରସାଦ ମହାପାତ୍ର, ବଳରାମ ହୁଇକା, ଜ୍ଞାନ ରଞ୍ଜନ ବାରିକ ଓ ଜିଲା ପରିଷଦ ସଭ୍ୟ ପି.ଗୌରୀ ଶଙ୍କର ମଞ୍ଚାସୀନ ଥିଲେ । ଏହି ଅବସରରେ ଏକ କ୍ଷୁଦ୍ର ନାଟକ ପଦର୍ଶିତ ହୋଇଥିଲା । ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ନିଳାଞ୍ଚଳ ମିଶ୍ର ପରିଚାଳନା କରିଥିଲେ । ସେହିପରି ମୁନିଗୁଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଥିଲା । ବିଡ଼ିଓ ଦିଲୀପ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଶ୍ରୀଧର କରଡ଼ା, ଚନ୍ଦ୍ରଶେଖର ହୋତା, ଜ୍ଞାନେନ୍ଦ୍ର ନାୟକ, ଏଇ ସନ୍ତୋଷ ପ୍ରଧାନ, ବିଜୟ କୁମାର ବେବର୍ତ୍ତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା । ସେଠାରେ ଅନୁଷ୍ଠିତ ସଭାରେ ବିଶ୍ୱ ଶୌଚାଳୟ ଦିବସର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ । ଏନେଇ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ନାଟକ ପରିବେଷିତ ହୋଇଥିଲା । ବିଜେଡ଼ି ବ୍ଲକ ସଭାପତି ରତନ ଲାଲ ଜୈନ, ପୂର୍ଣ୍ଣଚନ୍ଦ୍ର ଗୌଡ଼, ରଞ୍ଜିତା ବେହେରା, ମାନସୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଚନ୍ଦ୍ରପୁର ବ୍ଲକ ପରିସରରେ ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଛି । ଚନ୍ଦ୍ରପୁର ବ୍ଲକ ଅଧ୍ୟକ୍ଷା ସଙ୍ଗୀତା ପ୍ରଟିଙ୍ଗା, ଉପାଧ୍ୟକ୍ଷ ରେଣୁବାଳା ଭାଟ, ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗ, ସରପଞ୍ଚ ସୁଜିତ ବ୍ରେଡେକା, ଆଲୋକ କୁମାର ଦାସ, ବିନୟ କୁମାର ପାଣି, ଉଦ୍ଧବ ଶବର, ଟୁନା ଖଟେଇ, ଶ୍ରବଣ ସିଂ, ସଦାନନ୍ଦ ଷଡଙ୍ଗୀ, ସରପଞ୍ଚ କାଉମୁନି , ଧାନୁମାଝି କୁମୁରୁକା ପ୍ରମୁଖ ବ୍ଲକ ପରିସରରୁ ଏକ ସଚେତନତା ରାଲିରେ ବାହାରିଥିଲେ । ସେହିପରି କାଶୀପୁର ବ୍ଲକ ପଞ୍ଚାୟତସମିତି କାର୍ଯ୍ୟାଳୟରେ ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଛି । ଶୌଚାଳୟ ବ୍ୟବହାର ନେଇ ଏକ ଶୋଭାଯାତ୍ରା କାଶୀପୁର ବ୍ଲକ କାର୍ଯ୍ୟାଳୟରୁ ବାହାରି ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇ ଲୋକଙ୍କୁ ସଚେତନତା କରାଇଥିଲା । ସଚେତନତା ସଭାରେ ମୁଖ୍ୟଅତିଥି ଭାବେ ଜିଲାପାଳ ଗୁହା ପୁନମ ତାପସ କୁମାର ଯୋଗ ଦେଇଥିଲେ । କାଶୀପୁର ବିଡିଓ ବେଦବର ପ୍ରଧାନ, ଦୁର୍ଗାମାଧବ ପ୍ରଧାନ, ଜଗଦିସ ସିଂ, ନେତ୍ରାନନ୍ଦ ନାଏକ, ରୁଆଇ ମାଝି, ଶଙ୍କର୍ଷଣ ନାଏକ,ରତ୍ନମାଳା ପରିଛା ପ୍ରମୁଖ ମଞ୍ଚାସୀନ ଥିଲେ । ସେହିପରି କୋଲନରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଛି । ଏଥିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ଋତୁରାଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ସ୍ୱଚ୍ଛ ବିଦ୍ୟାଳୟ ପ୍ରତିଯୋଗିତାରେ ରାଜ୍ୟସ୍ତରରେ ପୁରସ୍କୃତ ହୋଇଥିବା ଝରଡି ସେବାଶ୍ରମର ପ୍ରଧାନ ଶିକ୍ଷକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ବ୍ଲକସ୍ତରୀୟ କବାଡି ପ୍ରତିଯୋଗିତାରେ ବିଜୟ ଲାଭ କରିଥିବା କେଲିଗୁଡା ପଂଚାୟତର କବାଡି ଦଳକୁ ପୁରସ୍କୃତ କରାଯାଇଥିଲା । ଗ୍ରାମଦେବୀ ମା' ମଝିଘରିଆଣୀ ମନ୍ଦିର ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୀର୍ଘ ୨କି.ମି.ଦୂର ମାନବ ଶୃଙ୍ଖଳ ଓ ଶୋଭାଯାତ୍ରା ମାଧ୍ୟମରେ ପାଇଖାନାର ଉପଯୋଗିତା ଉପରେ ବାର୍ତ୍ତା ଦିଆଯାଇଥିଲା । ସେହିପରି ପଦ୍ମପୁରସ୍ଥିତ ଗ୍ରାମ୍ୟ ଓ ଜଳ ପରିମଳ ଅଫିସ ସମ୍ମୁଖରେ ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଛି । ଏହି ଅବସରରେ ଏକ ସଚେତନତା ରାଲି ସୁନାରିଘାଇ ଛକଠାରୁ ବାହାରି ବିଭିନ୍ନ ଅଞ୍ଚଳ ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା । ଶୌଚାଳୟ ବ୍ୟବହାର ସହ ବାହ୍ୟ ମଳମୁକ୍ତ ଅଞ୍ଚଳ ଭାବେ ଗଢି ତୋଳିବାକୁ ଲୋକଙ୍କୁ ସଚେତନ କରାଯାଇଥିଲା । ଆୟୋଜିତ ସଭାରେ ଗୁଣପୁର ଉପଜିଲାପାଳ ବି.ଏନ. ବଳିରାମ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଗସ୍ତି ପ୍ରଧାନ, ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବି.ଜୟବାବୁ, ବ୍ଲକ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ନାୟକ, ଲୋକନାଥ ଯାଦବ, ଗୀତାଞ୍ଜଳି ହୁଇକା, ବ୍ଲକ ଅଧ୍ୟକ୍ଷ ରମାକାନ୍ତ ମାଝି ଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ରାମନାଗୁଡା ବ୍ଲକ ସଦର ମହକୁମା କଲ୍ୟାଣମଣ୍ଡପଠାରେ ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଥିଲା । ଏହି ଅବସରରେ ରାମନାଗୁଡା ବିଡିଓ ସୁଧାକର ରଇତ, ସିଡିପିଓ ଶାନ୍ତିଲତା ରଥ, ବିଇଓ ଜୟଶ୍ରୀ ବିଷୋୟୀ, ଜିପିଇଓ ପ୍ରଭାତ କୁମାର ଶତପଥୀ, ଜିଲା ସଂଯୋଜକ ସ୍ୱର୍ଣ୍ଣଲତା ବେହେରା ମଞ୍ଚାସୀନ ଥିଲେ । କନିଷ୍ଠ ଯନ୍ତ୍ରୀ ସଞ୍ଜୟ ମେହେର ଏବଂ ଦିପ୍ତିରାଣୀ ମୁନି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପାଇଖାନା ବ୍ୟବହାର କରିବା ନେଇ ଏକ ସଚେତନତା ଶୋଭାଯାତ୍ରା ବାହାରି ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା ।

## ସଂକ୍ଷେପରେ

### ମନ୍ଦିରକୁ ପଲିଥିନ ପ୍ରବେଶ ନିଷେଧ

**ମୁନିଗୁଡ଼ା,୧୯।୧୧(ଡ଼ି.ଏନ.ଏ):** ରାୟଗଡ଼ା ଜିଲା ମୁନିଗୁଡ଼ାଠାରେ ଥିବା ମନ୍ଦିର ସମନ୍ୱୟ ସମିତି ପରିଚାଳନା କମିଟି ତରଫରୁ ମନ୍ଦିରକୁ ପଲିଥିନ ମୁକ୍ତ କରିବା ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିସହ ମନ୍ଦିର ଭିତରକୁ ପଲିଥିନ ପ୍ରବେଶକୁ ମଧ୍ୟ ନିଷିଦ୍ଧ କରାଯାଇଛି । ଏହି ଅବସରରେ ସମିତି ସଭାପତି ୟୁ.ରାଜେନ୍ଦ୍ର ପାତ୍ର, କେ. ରମେଶ ରାଜୁ, ସମ୍ପାଦକ କେ. ସତ୍ୟନାରାୟଣ ରାଓ, ସୁଦାମ ପଣ୍ଡା, ଜ୍ୟୋତିରାମ ପାତ୍ର, ନରେଶ ପାତ୍ର, ବିଦ୍ୟାଧର ଦାସ, ଅଶ୍ୱିନୀ ପଣ୍ଡା , ଜଗନ୍ନାଥ ମନ୍ଦିର ମୁଖ୍ୟ ସେବକ ନରୋତ୍ତମ ଦାସ, ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ଓ ଅଗାଧୁ ସାହୁ ପ୍ରମୁଖ ଉପସ୍ଥିତ ରହି ମନ୍ଦିରକୁ ପଲିଥିନ ନ ଆଣିବା ପାଇଁ ସମସ୍ତ ଭକ୍ତଙ୍କୁ ସଚେତନ କରାଇଥିଲେ ।

### ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ନେଇ ପ୍ରସ୍ତୁତି

**ପଦ୍ମପୁର,୧୯।୧୧(ଡ଼ି.ଏନ.ଏ):** ପଦ୍ମପୁର ଗାୟତ୍ରୀ ଶକ୍ତିପୀଠ ଆନୁକୂଲ୍ୟରେ ପଦ୍ମପୁର ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ତରଫରୁ ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ନେଇ ବ୍ୟାପକ ପ୍ରସ୍ତୁତି ହୋଇଛି । ଏହା ୨୦ ତାରିଖରୁ ଆରମ୍ଭ ହୋଇ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ । ୧୦୮ କଳସ ଯାତ୍ରା, ସଂସ୍କାର କାର୍ଯ୍ୟକ୍ରମ,ସାମୂହିକ ଜପ, ପ୍ରଜ୍ଞାଯୋଗ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

### ଅଷ୍ଟପ୍ରହର ନାମଯଜ୍ଞ

**ଟିକିରି,୧୯।୧୧(ଡି.ଏନ୍.ଏ.):** ରାୟଗଡ଼ା ଜିଲା କାଶିପୁର ବ୍ଲକ ଟିକିରି ପଞ୍ଚାୟତ ସଦରସ୍ଥିତ ଗୋକୁଳ ମୁଣ୍ଡା ତ୍ରିନାଥ ମନ୍ଦିରରେ ସୋମବାର ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ରବିବାର ସନ୍ଧ୍ୟାରେ ଗ୍ରାମର ମହିଳାମାନେ ଜଗନ୍ନାଥ ମନ୍ଦିର ପାଖ ପୋଖରୀରୁ ପାଣି ଆଣି କଳସ ଶୋଭାଯାତ୍ରା ଓ ନାମ ସଂକୀର୍ତ୍ତନ ସହିତ ଅଷ୍ଟପ୍ରହର ମଣ୍ଡପରେ ସ୍ଥାପନ କରିଥିଲେ । ଏଥିରେ ପ୍ରାୟ ୨୦ଟି ସଂକୀର୍ତ୍ତନ ଦଳ ଭାଗ ନେଇଥିବା ସଭାପତି ବ୍ରଜକିଶୋର ସ୍ୱାଇଁ, ସମ୍ପାଦକ ଉପେନ୍ଦ୍ର ପାତ୍ର, ଉପସଭାପତି ଯଦୁରତ୍ନ ଚୌଧୁରୀ , କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ଅଙ୍କୁର ସାହୁ, ସୁରେନ୍ଦ୍ର ମାଝିଙ୍କ ସହିତ ଗ୍ରାମର ଅନ୍ୟମାନେ କହିଛନ୍ତି ।

### ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

ରାୟଗଡ଼ା ଅଫିସ,୧୯।୧୧-ରାୟଗଡ଼ାସ୍ଥିତ ଦାଗିଲିସାହିର ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି । ସେ ହେଲେ ଏସ.ସେରା(୨୧) । ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯିବ । ଉଭୟ ପରିବାର ଲୋକେ ଗତ ଶନିବାର ରାତିରେ ସ୍ଥାନୀୟ ଅଞ୍ଚଳରେ ହେଉଥିବା କାଳୀ ପୂଜା ଦେଖିବାକୁ ଯାଇଥିଲେ । ପୂଜାରେ ନାବାଳିକା ଜଣକ ଏକୁଟିଆ ବୁଲୁଥିବା ଏସ. ସରା ଦେଖି ତାଙ୍କୁ ନେଇ ବଳାତ୍କାର କରିଥିଲେ । ଏନେଇ ମହିଳାଙ୍କ ମାଆ ଥାନାରେ ଏତଲା ଦେଇଥିଲେ । ପୋଲିସ ଏକ ମାମଲା(ନଂ ୨୪୭/୧୮) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ପରେ ଡ଼ାକ୍ତରୀମାଇନା ପାଇଁ ପଠାଯାଇଛି ।

### ଦୁର୍ଘଟଣାରେ ଜଣେ ଗୁରୁତର

**ରାୟଗଡା ଅଫିସ, ୧୯।୧୧:** ରାୟଗଡା ଜିଲା ହାଲୁଆ ପଞ୍ଚାୟତ କଙ୍କିଗୁଡାରେ ସୋମବାର ସନ୍ଧ୍ୟାରେ ଘଟିଥିବା ଦୁର୍ଘଟଣାରେ ଜଣେ ଗୁରୁତର ହୋଇଛନ୍ତି । ସେ ହେଲେ କଙ୍କିଗୁଡା ଗ୍ରାମର ବଳି ଜାକକା(୧୯) । ବଳିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି । ପ୍ରକାଶ ଯେ, ବିଜୟୱାଡା-ରାଞ୍ଚି ରାଜପଥରେ ବଳି ଓ ତାଙ୍କ ୩ଜଣ ସାଥୀ ଚାଲିଚାଲି ଯାଉଥିବା ବେଳେ କୋରାପୁଟରୁ ରାୟଗଡା ଅଭିମୁଖେ ଆସୁଥିବା ଏକ ଟ୍ରକ(ଓଡି-୦୫ଏଚ୍-୫୩୭୨) ବଳିଙ୍କୁ ଧକ୍କା ଦେଇଥିଲା । ଏଥିରେ ବଳିଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ତାଙ୍କୁ ପ୍ରଥମେ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ।

## ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ ପାଳିତ



ଉତ୍ସବରେ ଜିଲାପାଳଙ୍କ ସହ ଅନ୍ୟମାନେ ।

**କାଶୀପୁର,୧୯।୧୧(ଡ଼ି.ଏନ.ଏ)**

କାଶୀପୁର ବ୍ଲକ ପ୍ରାଣୀ ଚିକିତ୍ସାଳୟ ପରିସରରେ ୬୭ତମ ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରାଣୀ ଚିକିତ୍ସାଳୟ ପରିସରରେ ଏକ ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ରାୟଗଡା ଜିଲାପାଳ ଗୁହା ପୁନମ ତାପସ କୁମାର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ରାୟଗଡା ଜିଲା ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଆନନ୍ଦ କୁମାର ସାହୁ, ରାୟଗଡା ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ପୋସାୟତ, ଜିଲା କୃଷି ଅଧିକାରୀ କୃଷ୍ଣ ଚନ୍ଦ୍ର ସିଂ,ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ତ୍ରିଲୋଚନ ଧଳ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଆଶିଷ କୁମାର ବିଶ୍ୱାଳ, ବିଡିଓ ବେଦବର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି କାର୍ଯ୍ୟକ୍ରମରେ ଉଦ୍ୟାନ ବିଭାଗ ଦ୍ୱାରା ୧୦ଜଣ ଚାଷୀଙ୍କୁ ଘର ପ୍ରଦାନ କରାଯାଇଥିଲା । ସେହିପରି ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ବିଲାମାଳ ଗ୍ରାମରେ ପନିପରିବା ଚାଷ କରି ସଫଳ ହୋଇଥିବା ୨୫ ଜଣଙ୍କୁ ୨୫ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା । ସେହିପରି ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ୯ଜଣଙ୍କୁ ପୁରସ୍କୃତ କରାଯାଇଥିଲା । ଚାଷ କ୍ଷେତ୍ରରେ ଥିବା ସମସ୍ତ ସହାୟତା ଚାଷୀଙ୍କୁ ତୁରନ୍ତ ଯୋଗାଇବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ କହିଥିଲେ । ଏହି କାର୍ଯ୍ୟକ୍ରମରେ କାଶୀପୁର ବ୍ଲକର ସମସ୍ତ ଚାଷୀଙ୍କ ସହ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

## ମାର୍ଚ୍ଚ ସୁଦ୍ଧା ସରିବ କୋରାପୁଟ-ରାୟଗଡ଼ା-ବ୍ରହ୍ମପୁର ରାସ୍ତା

**ଜୟପୁର,୧୯।୧୧(ନି.ପ୍ର.)**

କୋରାପୁଟରୁ ରାୟଗଡ଼ା ଦେଇ ରାଜଧାନୀ ଆସିବା ବାଟରେ ୨ଟି ରାସ୍ତା ବ୍ରହ୍ମପୁର-ତପ୍ତପାଣି-ରାୟଗଡ଼ା ଏବଂ କୋରାପୁଟ-ଲକ୍ଷ୍ମୀପୁର-ରାୟଗଡ଼ାର କିଛି ଅଂଶ ବିଜୟୱାଡ଼ା-ରାଞ୍ଚି ଜାତୀୟ ରାଜପଥର ଅଂଶବିଶେଷ ରହିଛି । ଏବେ ଏହାର ସଂପ୍ରସାରଣ ଓ ଉନ୍ନତିକରଣ କାର୍ଯ୍ୟ ଚାଲିଛି । କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟରୁ ୧୯୧.୦୮ କୋଟି ଟଙ୍କାର ପ୍ରଶାସନିକ ଓ ଆର୍ଥିକ ମଞ୍ଜୁରି ମିଳିଛି । କାର୍ଯ୍ୟ ସମ୍ପାଦନା ପାଇଁ ଏଏସ୍‌ଆଇପି-ଏସ୍‌ଆଇପିଏଲ୍ (ଜେଭି) ନାମକ ହାଇଦ୍ରାବାଦର ଏକ ଠିକାଦାରି ସଂସ୍ଥା ସହ ୧୪୪.୬୬ କୋଟି ଟଙ୍କାର ଚୁକ୍ତିନାମା ହୋଇଛି । ୨୦୧୯ ମାର୍ଚ୍ଚ ସୁଦ୍ଧା କାର୍ଯ୍ୟ ସାରିବା ପାଇଁ ଲକ୍ଷ୍ୟ ରହିଛି । ଜୟପୁର ବିଧାୟକ ତଥା ବିଧାନସଭାରେ କଂଗ୍ରେସ ଦଳର ମୁଖ୍ୟ ସଚେତକ ତାରା ପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତର ଦେଇ ନିର୍ମାଣ, ଇସ୍ପାତ ଓ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଏହି ସୂଚନା ଦେଇଛନ୍ତି ।

## ଗାଦିଆଖଳାରେ ଏକ ଲକ୍ଷ ଦୀପ ଦାନ

**ଗୁଣପୁର,୧୯।୧୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ଏବଂ ଏହାର ଆଖପାଖ ଅଞ୍ଚଳରେ କାର୍ତ୍ତିକ ମାସର ଶେଷ ସୋମବାର ବିଭିନ୍ନ ଶୈବ ପୀଠ ଚଳଚଞ୍ଚଳ ରହିଥିଲା । ଭୋରରୁ ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କ ଭିଡ ଦେଖିବାକୁ ମିଳିଥିଲା । ଜଗନ୍ନାଥ ମନ୍ଦିର, ଲକ୍ଷ୍ମୀନାରାୟଣ ମନ୍ଦିର, ରାଧାକୃଷ୍ଣ ମନ୍ଦିର, ତ୍ରିନାଥ ମନ୍ଦିର ସହ ଶୈବ ପୀଠ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ, ସେଫାଳି ପାହାଡସ୍ଥିତ ରାମେଶ୍ୱର, କଲେଜ ନିକଟ ବିଶ୍ୱନାଥ ଶିବଶମ୍ଭୁ, ଉମା ରାମଲିଙ୍ଗେଶ୍ୱର, ନୀଳକଣ୍ଠେଶ୍ୱର, ମହାମୃତ୍ୟୁଞ୍ଜୟ, ବିକ୍ରମପୁରର ମଲିକେଶ୍ୱର, ନଦୀ ଘାଟରେ ଥିବା ଭୂତେଶ୍ୱର ମନ୍ଦିର ଆଦି ଶୈବ ପୀଠଗୁଡିକରେ ଭକ୍ତଙ୍କ ଭିଡ ଜମିଥିଲା । ଗାଦିଆଖଳା ରାଧାକୃଷ୍ଣ ମନ୍ଦିରଠାରେ ଅଷ୍ଟ ପ୍ରହର ନାମ ଯଜ୍ଞ ହେବା ସହ ସନ୍ଧ୍ୟାରେ ଏକ ଲକ୍ଷ ଦୀପ ଦାନ କରାଯାଇଥିଲା ।



ଗାଦିଆଖଳାଠାରେ ଏକ ଲକ୍ଷ ଦୀପ ଦାନ ।

## ଏକଲ ବିଦ୍ୟାଳୟର ବୈଠକ

**ଗୁଣପୁର,୧୯।୧୧(ଡି.ଏନ.ଏ)**

ଗୁଣପୁରସରସ୍ୱତୀଶିଶୁବିଦ୍ୟାମନ୍ଦିରଠାରେ ରବିବାର ଏକଲ ବିଦ୍ୟାଳୟର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟା ମନ୍ଦିର ପରିଚାଳନା ସମିତି ଉପ ସଭାପତି ବି.ଲକ୍ଷ୍ମୀ ନାରାୟଣ ପାତ୍ର ଅଧ୍ୟକ୍ଷତା କରିଥିଲେ । ବୈଠକରେ ଡ.ପ୍ରକାଶ ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏକଲ ବିଦ୍ୟାଳୟର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ କହିଥିଲେ । ସମ୍ମାନିତ ଅତିଥି ଭାବେ ରାୟଗଡା ଜିଲା ଅଞ୍ଚଳ ସଭାପତି କୁମୁଦଚନ୍ଦ୍ର ସାମନ୍ତରାୟ ଏବଂ ଏକଲ ବିଦ୍ୟାଳୟର ଭାଗ ସଦସ୍ୟ ରାଜେନ୍ଦ୍ର ପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଘନଶ୍ୟାମ ଭାଜି ଅତିଥି ପରିଚୟ ପ୍ରଦାନ କରିଥିଲେ । ଗୁଣପୁର ବ୍ଲକରେ ୩୦ଟି ସ୍ଥାନରେ ଏକଲ ବିଦ୍ୟାଳୟ ଖୋଲିଥିବାବେଳେ ଏହାକୁ କିପରି ପରିଚାଳନା ଏବଂ କାର୍ଯ୍ୟକ୍ଷମ କରାଯିବ ସେନେଇ ଆଲୋଚନା ହୋଇଥିଲା । ଏହି ଅବସରରେ ବ୍ଲକସ୍ତରୀୟ କମିଟି ଗଠନ ହୋଇଥିଲା । ସଭାପତି ବିଜୟ କୁମାର ପାଢୀ, ଉପ ସଭାପତି ସୁମନ କୁମାର ବେହେରା, ସମ୍ପାଦକ ରମେଶଚନ୍ଦ୍ର ମିଶ୍ର, ଯୁଗ୍ମ ସମ୍ପାଦକ ମିନକେତନ ପଣ୍ଡା, କୋଷାଧ୍ୟକ୍ଷ ସଇତ ଶବର, ମହିଳା ପ୍ରମୁଖ ଭବାନୀ ସାହୁ, ବନ୍ଦିତା ପଣ୍ଡା ମନୋନୀତ ହୋଇଥିଲେ । ସଦସ୍ୟ ଭାବେ ନିତ୍ୟାନନ୍ଦ ମହାପାତ୍ର, ଆଶିସ କୁମାର ସାହୁ, ବିଜୟ ରାଜଗୁରୁ ମହାପାତ୍ର ଏବଂ ଜି.ଶଙ୍କର ରାଓ ପ୍ରମୁଖ ମନୋନୀତ ହୋଇଥିଲେ । ଶେଷରେ ପ୍ରଭାତ ମହାପାତ୍ର ଧନ୍ୟବାଦ ଦେଇଥିଲେ । ଆଗାମୀ ଦିନରେ ବୈଠକ କରାଯାଇ ଶିକ୍ଷାସମିତି, ଗ୍ରାମବିକାଶ ସମିତି, ସଂସ୍କାର ସମିତି, ମହିଳା ସମିତି ଏବଂ ଯୁବ ସମିତି କମିଟି ଗଠନ କରାଯିବା ନେଇ ଆଲୋଚନା ହୋଇଥିଲା ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ୧୦୦ ଛାତ୍ରୀଛାତ୍ର ଦେଲେ ମେଧାବୃତ୍ତି ପରୀକ୍ଷା



**ଗୁଡ଼ାରୀ,୧୯।୧୧(ଡି.ଏନ୍.ଏ.)**

ଗୁଡାରୀ ସରକାରୀ ହାଇସ୍କୁଲ ପରିସରରେ ସୋମବାର ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଗୁଡାରୀ ବ୍ଲକ ଓ ଏନ୍‌ଏସିର ମୋଟ ୧୦୦ ଜଣ ପରିକ୍ଷାର୍ଥୀ ଏହି ପରୀକ୍ଷା ଦେଇଛନ୍ତି । ସେମାନଙ୍କ ମଧ୍ୟରୁ ଷଷ୍ଠ ଶ୍ରେଣୀରେ ୫୪ ରୁ ୫୧ଜଣ ଏବଂ ନବମ ଶ୍ରେଣୀରେ ୬୧ରୁ ୪୯ ଜଣ ପରୀକ୍ଷା ଦେଇଥିବା ବେଳେ ୫ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ । ଶିକ୍ଷୟିତ୍ରୀ ଅନୀତା ଦାସ ପରୀକ୍ଷା ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଇ ଥିବା ବେଳେ ସ୍ଥାନୀୟ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କବିବର ପ୍ରଧାନ ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ଥିଲେ । ପରୀକ୍ଷା ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିବା ବେଳେ ପରୀକ୍ଷା ଦେବା ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଗ୍ରହ ଦେଖିବାକୁ ମିଳିଥିଲା ।

## ସେଞ୍ଚୁରିଆନ ୟୁନିଭରସିଟିର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ରାୟଗଡା ଅଫିସ୍, ୧୯।୧୧**

ରାୟଗଡା ଉପକଣ୍ଠସ୍ଥ ପିତାମହଲଠାରେ ଥିବା ସେଞ୍ଚୁରିଆନ୍ ୟୁନିଭର୍‌ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜ୍‌ମେଣ୍ଟର ଦୀର୍ଘ ୨ଦିନ ଧରି ଚାଲିଥିବା ଅଷ୍ଟମ ବାର୍ଷିକ କ୍ରୀଡା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମାଜିକ କ୍ରୀୟାକଳାପ(ସୋସିଆଲ ଆକ୍ଟିଭିଟିଷ୍ଟ)ର ଅବସରପ୍ରାପ୍ତ ପ୍ରଫେସର ଡା. ନରେନ୍ଦ୍ର ମିଶ୍ର ଯୋଗ ଦେଇଥିଲେ । ଏହି କ୍ରୀଡା ପ୍ରତିଯୋଗିତାରେ ପ୍ରାୟ ୫୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ନିର୍ଦ୍ଦେଶକ ରାଜେଶ କୁମାର ପାଢ଼ୀ କୃତୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷା ଚନ୍ଦନା ଅଧିକାରୀ, ଫାର୍ମାସି ଅଧ୍ୟକ୍ଷ ନିତ୍ୟାନନ୍ଦ ସାହୁ, ରାୟଗଡା ସେଞ୍ଚୁରିଆନ ପବ୍ଲିକ୍ ସ୍କୁଲ ଅଧ୍ୟକ୍ଷ ପ୍ରଭାତ କୁମାର ସାହୁ, ପିତାମହଲ ସେଞ୍ଚୁରିଆନ୍ ପବ୍ଲିକ୍ ସ୍କୁଲ ଅଧ୍ୟକ୍ଷା ବସୁନ୍ଧରା କର୍‌ମାକର୍ ଉପସ୍ଥିତ ଥିଲେ । ଏହି ଉତ୍ସବକୁ କ୍ରୀଡା ଶିକ୍ଷକ ଟି.କ୍ରିଷ୍ଣା, ବାବୁଲା ମେଲକା ଏବଂ କୁମାରୀ କୁନ୍‌ମୁନ୍ ଓଝା ପରିଚାଳନା କରିଥିଲେ । ଶେଷରେ ଡା. ମାଳବିକା ମିତ୍ରା ନୃତ୍ୟ ପ୍ରଦର୍ଶନ କରିଥିଲେ ।




କ୍ରୀଡ଼ା ପତାକା ସହ ଅତିଥି ଓ ଛାତ୍ରମାନେ ।